# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୦/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, February 20/2025 | Page 14 | ₹ 7.00

୫୧ଶ ଭାଗ ୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 88 | ମୂଲ୍ୟ ₹୭/-




**ଲାଇଭ କନ୍‌ସର୍ଟରେ ବାପାଙ୍କ ଭିଡିଓ କଲ୍**

ଚଣ୍ଡିଗଡ଼ରେ ଲାଇଭ କନ୍‌ସର୍ଟ ଚାଲିଥିବାବେଳେ ବାପାଙ୍କ ଭିଡିଓ କଲ୍ ରିସିଭ୍ କରି ସିଙ୍ଗର ଅରିଜିତ୍ ସିଂ ପ୍ରଶଂସିତ ହୋଇଛନ୍ତି।

୦୨

୧୪

**ଗୁରଜାନ୍ତଙ୍କ ଗୋଲରେ ଭାରତ ବିଜୟୀ**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ବୁଧବାର ମ୍ୟାଚରେ ଗୁରଜାନ୍ତ ସିଂଙ୍କ ଗୋଲ ବଳରେ ଭାରତ ୧-୦ ଗୋଲରେ ଜର୍ମାନୀକୁ ପରାସ୍ତ କରିଛି।





ଉତ୍ତରପ୍ରଦେଶ ପ୍ରୟାଗରାଜର ସଙ୍ଗମ ସ୍ଥଳ ନଦୀ ଜଳରେ ଜମି ରହିଥିବା ଫୁଲ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀର ବର୍ଜ୍ୟଗୁଡ଼ିକୁ ବୁଧବାର ବାହାର କରାଯାଉଛି।

# ସଙ୍ଗମ ଜଳ ପ୍ରଦୂଷଣ: କେନ୍ଦ୍ରୀୟ ସଂସ୍ଥା-ଯୋଗୀ ମୁହାଁମୁହିଁ

**ନୂଆଦିଲ୍ଲୀ/ଲକ୍ଷ୍ନୌ,୧୯।୨ (ପି.ଟି.)**

ଉତ୍ତରପ୍ରଦେଶ ପ୍ରୟାଗରାଜରେ ଜାନୁଆରୀ ୧୩ରୁ ଚାଲିଛି ମହାକୁମ୍ଭ। ଗଙ୍ଗା, ଯମୁନା ଏବଂ ଅଦୃଶ୍ୟ ସରସ୍ୱତୀ ନଦୀର ମିଳନସ୍ଥଳ ସଙ୍ଗମରେ ବୁଡ଼ ପକାଇ ପୁଣ୍ୟ ଅର୍ଜନ କରିବା ଆଶାରେ ସେଠାକୁ ଛୁଟିଛନ୍ତି ବହୁ କୋଟି ଲୋକ। ହେଲେ ସଙ୍ଗମ ଜଳ ସ୍ନାନ ପାଇଁ ସୁରକ୍ଷିତ ନୁହେଁ ବୋଲି ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ସଂସ୍ଥା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ କୁହାଯାଇଛି। କାରଣ ସଙ୍ଗମ ଜଳର ବାୟୋଲୋଜିକାଲ ଅକ୍ସିଜେନ ଡିମାଣ୍ଡ (ବିଓଡି) ଉଚ୍ଚସ୍ତରରେ ରହିଛି। ବିଓଡି ଦ୍ୱାରା ପାଣିର ମାନ ନିର୍ଦ୍ଧାରଣ କରାଯାଇଥାଏ। ବିଓଡି ଲିଟର ପିଛା ୩ ମିଲିଗ୍ରାମରୁ କମ୍ ରହିଲେ ତାହା ସ୍ନାନ ପାଇଁ ଉପଯୁକ୍ତ। ଏହା ପୂର୍ବରୁ ସିପିସିବି ପ୍ରୟାଗସ୍ଥିତ ନଦୀଜଳରେ ଅତ୍ୟଧିକ ପରିମାଣରେ ମଳ ବ୍ୟାକ୍ଟେରିଆ ଭରିରହିଥିବା ରିପୋର୍ଟ ପ୍ରକାଶ କରିଥିଲା। ଏହାକୁ ଉତ୍ତରପ୍ରଦେଶରେ କ୍ଷମତାସୀନ ଭାଜପା ସରକାର ଖଣ୍ଡନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର ବିଧାନସଭାରେ କହିଛନ୍ତି, ସଙ୍ଗମ ଜଳ ସମ୍ପୂର୍ଣ୍ଣ ସୁରକ୍ଷିତ। ତାହା କେବଳ ସ୍ନାନ ପାଇଁ ନୁହେଁ, ଆଚମନ (ପିଇବା) ନିମନ୍ତେ ମଧ୍ୟ ଉପଯୁକ୍ତ ବୋଲି ଯୋଗୀ କହିଛନ୍ତି। ବୁଡ଼ ପକାଉଥିବା ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସବୁଠୁ ଅଧିକ ଜରୁରୀ ହୋଇଥିବାବେଳେ ଏହାକୁ ନେଇ କେନ୍ଦ୍ର ଓ ରାଜ୍ୟ ☞ପୃଷ୍ଠା-୪

# ଟାରିଫ୍ ଉପରେ ମୋ ସହ କେହି ଯୁକ୍ତି କରିପାରିବେ ନାହିଁ: ଟ୍ରମ୍ପ

**ରେସିପ୍ରୋକାଲ ଟାରିଫ୍ (ପାଲଟା ଟିକସ) ଉପରେ ମୋ ସହ କେହି ଯୁକ୍ତି କରିପାରିବେ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ସଦ୍ୟ ସାକ୍ଷାତ୍‌କାରରେ କହିଛନ୍ତି। ଟ୍ରମ୍ପ ଭାରତର ଟାରିଫ୍ ନୀତିକୁ ନେଇ ପ୍ରଶ୍ନ ଉଠାଇବା ସହ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୱାଶିଂଟନ୍ ଗସ୍ତବେଳେ ତାଙ୍କ ସହିତ ହୋଇଥିବା ଆଲୋଚନା ସମ୍ପର୍କରେ ମଧ୍ୟ ଅବତାରଣା କରିଛନ୍ତି। ଆମେରିକା ଏବେ ରେସିପ୍ରୋକାଲ ଟାରିଫ୍ ଆପଣାଇବ ଏବଂ ଭାରତକୁ ଏଥିରୁ କୌଣସି ରିହାତି ମିଳିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ପରେ ଭାରତ ଓ ଆମେରିକାର ବାଣିଜ୍ୟିକ ସମ୍ପର୍କ ପ୍ରଭାବିତ ହେବା ଆଶଙ୍କା ବଢ଼ିଯାଇଛି।**



**ୱାଶିଂଟନ୍,୧୯।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୧୩ ତାରିଖରେ ୱାଶିଂଟନ୍ ଗସ୍ତବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହ୍ୱାଇଟ୍ ହାଉସ୍‌ରେ ଭେଟିଥିଲେ। ମୋଦିଙ୍କ ସହ ସାକ୍ଷାତର ଠିକ୍ ପୂର୍ବରୁ ଟ୍ରମ୍ପ ଏକ ନୂଆ ଟାରିଫ୍ ଅର୍ଡରରେ ସ୍ୱାକ୍ଷର କରିଥିଲେ। ତଦନୁଯାୟୀ ଯେଉଁ ଦେଶଗୁଡ଼ିକ ଆମେରିକାଠାରୁ ଆମଦାନୀ କରୁଥିବା ସାମଗ୍ରୀଗୁଡ଼ିକ ଉପରେ ଯେତେ ଟିକସ କଷୁଛନ୍ତି, ଆସନ୍ତା ଏପ୍ରିଲରୁ ସେହି ଦେଶରୁ ଆମେରିକାକୁ ରପ୍ତାନି ହେଉଥିବା ସାମଗ୍ରୀ ଉପରେ ମଧ୍ୟ ସମପରିମାଣର ଶୁଳ୍କ ଲାଗୁ ହେବ। ତେବେ ଯେଉଁ ରାଷ୍ଟ୍ର ଆମେରିକାରେ ଫ୍ୟାକ୍ଟ୍ରି, ପ୍ଲାଣ୍ଟ ଆଦି ପ୍ରତିଷ୍ଠା କରି ସାମଗ୍ରୀ ଉତ୍ପାଦନ କରିବେ, ସେମାନଙ୍କ ମେଡିକାଲ, କାର୍, ଚିପ୍ସ, ସେମିକଣ୍ଡକ୍ଟର ଆଦି ଉତ୍ପାଦିତ ସାମଗ୍ରୀ ଉପରେ ଟିକସ ଲାଗିବ ନାହିଁ। କାରଣ ଏହାଦ୍ୱାରା ଆମେରିକାରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଟ୍ରମ୍ପ ଉକ୍ତ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିବା ପରେ ସ୍ପଷ୍ଟ କରିଥିଲେ। ଉଲ୍ଲେଖଯୋଗ୍ୟ, ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରେ ଭାରତ ହାରାହାରି ୯.୫% ଟିକସ କଷିଥାଏ। ଅନ୍ୟପକ୍ଷେ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୩% ଟିକସ ଆଦାୟ କରିଥାଏ। ଆମେରିକା ପକ୍ଷରୁ 'ଯେସାକୁ ତେସା' ରୀତିରେ ଏଭଳି ପାଲଟା ବା ପ୍ରତିଶୋଧମୂଳକ ଟିକସ ଲାଗୁ ହେଲେ ଭାରତୀୟ ସାମଗ୍ରୀଗୁଡ଼ିକୁ ଆମେରିକୀୟ ବଜାରରେ ପ୍ରବେଶ ପାଇଁ କଷ୍ଟକର ହୋଇଯିବ। ଏଥିଯୋଗୁ ଭାରତୀୟ ବଜାର ବହୁଳ ଭାବେ କ୍ଷତିଗ୍ରସ୍ତ ହେବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି, ଯାହାକି ନୂଆ ଟାରିଫ୍ ଘୋଷଣା ପରଠାରୁ ପୁଞ୍ଜିବଜାରରେ ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ ଟ୍ରମ୍ପ ମୋଦିଙ୍କୁ ସାକ୍ଷାତ୍ ☞ପୃଷ୍ଠା-୪

# ସିଇସି, ଇସି ନିଯୁକ୍ତି ବିରୋଧୀ ଆବେଦନର ଶୁଣାଣି ସ୍ଥଗିତ

**ନୂଆଦିଲ୍ଲୀ,୧୯।୨(ପିଟି)**

ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନର (ଇସି)ଙ୍କୁ ନିଯୁକ୍ତି ସମ୍ପର୍କିତ ୨୦୨୩ର ଆଇନ ବିରୋଧରେ ଦାଖଲ ଏକାଧିକ ଆବେଦନର ଶୁଣାଣିକୁ ସୁପ୍ରିମକୋର୍ଟ ବୁଧବାର ସ୍ଥଗିତ ରଖିଛନ୍ତି। ହୋଲି ଛୁଟି ପରେ ଏନେଇ ଶୁଣାଣି କରାଯିବ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଲିକାଭୁକ୍ତ କରିଛନ୍ତି। ମାର୍ଚ୍ଚ ୧୯ରେ ଏହା ଉପରେ ବିଚାର କରାଯିବ ବୋଲି ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଉଲ୍ଲେଖ କରାଯାଇଛି। ଇତିମଧ୍ୟରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)

**୨୦୨୩ର ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ମହୁଆ**

ଏମ୍‌ପି ମହୁଆ ମୋଇତ୍ର ଏହି ଆଇନର ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ପ୍ରସଙ୍ଗର ଗମ୍ଭୀରତା ଦୃଷ୍ଟିରୁ ଏହାର ଜରୁରୀ ଶୁଣାଣି କରାଯାଉ ବୋଲି ☞ପୃଷ୍ଠା-୪

# ବିପର୍ଯ୍ୟୟ ମୁକାବିଲା: ଓଡ଼ିଶାକୁ ୨୫୫.୨୪ କୋଟିର କେନ୍ଦ୍ରୀୟ ସହାୟତା

**ଭୁବନେଶ୍ୱର,୧୯।୨(ବନ୍ଦନା ସେଠୀ)**

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି (ଏଚ୍‌ଏଲସି) ୨୦୨୪ ବର୍ଷରେ ବନ୍ୟା, ଆକସ୍ମିକ ବନ୍ୟା, ଭୂସ୍ଖଳନ ଏବଂ ସାମୁଦ୍ରିକ ଝଡ଼ ଦ୍ୱାରା ପ୍ରଭାବିତ ୫ ରାଜ୍ୟ ପାଇଁ ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏନଡିଆରଏଫ୍) ଅଧୀନରେ ୧୫୫୪.୯୯ କୋଟି ଟଙ୍କାର ଅତିରିକ୍ତ କେନ୍ଦ୍ରୀୟ ସହାୟତାକୁ ଅନୁମୋଦନ କରିଛି। ଏଥିରେ ଓଡ଼ିଶା ପାଇଁ ୨୫୫.୨୪ କୋଟି ଟଙ୍କା ରହିଛି। ଏହି ସହାୟତା ଚଳିତ ବର୍ଷ ପାଇଁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସ୍‌ଡିଆର୍‌ଏଫ୍)ରେ ଉପଲବ୍ଧ ପ୍ରାରମ୍ଭିକ ରାଶିର ୫୦% ଆଡଜଷ୍ଟମେଣ୍ଟ ☞ପୃଷ୍ଠା-୪

# ନେପାଳ ଛାତ୍ରୀଛାତ୍ରଙ୍କୁ ଫେରିବାକୁ ଅପିଲ୍ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୯।୨(ବନ୍ଦନା ସେଠୀ)**

କିଟ୍ ବିଶ୍ୱବିଦ୍ୟାଳୟରେ ବି.ଟେକ ପଢୁଥିବା ନେପାଳୀ ଛାତ୍ରୀ ପ୍ରକୃତି ଲାମ୍‌ସଲ (୧୯)ଙ୍କ ମୃତ୍ୟୁ ମାମଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ନେପାଳ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହିତ କଥା ହୋଇଛନ୍ତି। ନେପାଳ ବୈଦେଶିକ ବ୍ୟାପାର ବିଭାଗର କାଉନ୍‌ସିଲର ସଞ୍ଜୀବ ଦାସ ଶର୍ମାଙ୍କ ସହିତ ଆଲୋଚନାବେଳେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରାଯିବ

**ନିରପେକ୍ଷ ତଦନ୍ତ, ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତିଶ୍ରୁତି ଦେଲେ ଉଚ୍ଚଶିକ୍ଷା ମନ୍ତ୍ରୀ**

ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ କିଟ୍ ବିଶ୍ୱବିଦ୍ୟାଳୟ ଛାଡିଥିବା ନେପାଳୀ ଛାତ୍ରୀଛାତ୍ରଙ୍କୁ କ୍ୟାମ୍ପସକୁ ଫେରି ପାଠପଢା ଆରମ୍ଭ କରିବାକୁ ଅପିଲ କରିଛନ୍ତି। ବିଶ୍ୱବିଦ୍ୟାଳୟରେ ☞ପୃଷ୍ଠା-୪

(ଅଧିକ ରିପୋର୍ଟ: ପୃଷ୍ଠା-୩)

# ୪ ହେଲ୍ପଲାଇନ୍ ନମ୍ବର ଜାରିକଲା ଉଚ୍ଚଶିକ୍ଷା ବିଭାଗ

**ଭୁବନେଶ୍ୱର,୧୯।୨(ସୁଚିସ୍ମିତା ସାହୁ)**

କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଓ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ସହ ଘଟିଥିବା ଘଟଣାକୁ ଗୁରୁତ୍ୱର ସହ ନେଇ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ବୁଧବାର ଉଚ୍ଚସ୍ତରୀୟ କମିଟି ତଦନ୍ତ ଆରମ୍ଭ କରିଥିବାବେଳେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। କ୍ୟାମ୍ପସ ଛାଡ଼ି ଚାଲିଯାଇଥିବା ଛାତ୍ରୀଛାତ୍ରୀଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ଏବଂ କ୍ୟାମ୍ପସରେ ଥିବା ଛାତ୍ରୀଛାତ୍ରଙ୍କ ସହାୟତା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରାଯାଇଛି। ଏଥିପାଇଁ ୪ଟି ହେଲ୍ପଲାଇନ୍ ନମ୍ବର ୦୬୭୪-୨୩୯୬୫୫୦, ୦୬୭୪-୨୩୨୩୪୦୧, ୦୬୭୪-୨୩୨୩୪୦୨ ଓ ୦୬୭୪-୨୩୨୩୪୦୩ ସହିତ ହ୍ୱାଟ୍ସଆପ୍ ନଂ. ୯୧୨୪୬୨୦୬୦୫ ଜାରି ହୋଇଛି।

**କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା**

ଉଚ୍ଚଶିକ୍ଷା ବିଭାଗର ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କେବଳ ନେପାଳର ଛାତ୍ରୀଛାତ୍ରଙ୍କ ପାଇଁ ସାଇନ୍-ଏ- ଡାଏ ଘୋଷଣା ହେବା ଏବଂ ସେମାନଙ୍କୁ କ୍ୟାମ୍ପସରୁ ବଳପୂର୍ବକ ବହିଷ୍କାର କରିବା ଆଦି ବିଷୟରେ ତଦନ୍ତ କରାଯିବ। ସେମାନଙ୍କୁ ସୁରକ୍ଷିତ ଭାବରେ ବିଶ୍ୱବିଦ୍ୟାଳୟକୁ ଫେରାଇ ଅଣାଯିବା ସହିତ କ୍ୟାମ୍ପସରେ ଥିବା ଛାତ୍ରୀଛାତ୍ରଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ଉକ୍ତ କମିଟି ବିସ୍ତୃତ ଭାବେ ତଦାରଖ କରିବ। ସେହିପରି ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ ଫେରାଇ ଆଣିବା ପାଇଁ ବିଭାଗ ତରଫରୁ ଅଭିଜ୍ଞ ପରାମର୍ଶଦାତା ନିୟୋଜିତ କରାଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ସ୍କୁଲ ପାଚେରି ଭୁଶୁଡ଼ି ଛାତ୍ର ମୃତ

**କଣ୍ଠାପଡ଼ା,୧୯।୨(ସୁରନାରାୟଣ ସାହୁ)**

କଟକ ଜିଲା ଗୋବିନ୍ଦପୁର ଥାନା ଅଧୀନ ଡିମିରି ଗ୍ରାମପଞ୍ଚାୟତର ନୋଦା ନୋଡାଲ ପ୍ରାଥମିକ ବିଦ୍ୟାଳୟର ପାଚେରି ଭୁଶୁଡ଼ି ବୁଧବାର ଅପରାହ୍ନରେ ଜଣେ ୫ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଶିଶିର ଭୋଇଙ୍କ ଏକମାତ୍ର ପୁତ୍ର ସାଇସ୍ୱରୂପ ଭୋଇ(୧୧)। କ୍ଷତିପୂରଣ ଦାବିରେ ଉକ୍ତ ଛାତ୍ରଙ୍କ ପରିବାର ଓ ଉତ୍ତ୍ୟକ୍ତ ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖରେ ରାସ୍ତାରୋକୋ କରି ବସି ରହିଥିଲେ। ତେବେ ଖବର ଲେଖାହେବା



ସାଇସ୍ୱରୂପ ଭୋଇ

ବେଳକୁ ରାସ୍ତାରୋକୋ ଜାରି ରହିଛି।

ଖବର ମୁତାବକ, ବୁଧବାର ମଧ୍ୟାହ୍ନଭୋଜନ ଖାଇସାରିବା ପରେ ବିଦ୍ୟାଳୟ ଛାତ୍ରୀଛାତ୍ର ଖେଳାଖେଳି କରୁଥିଲେ। ଏହି ସମୟରେ ସାଇସ୍ୱରୂପ ଓ ତାଙ୍କ ସହପାଠୀମାନେ ଲୁଚକାଳି ଖେଳୁଥିଲେ। ସାଇସ୍ୱରୂପ ବିଦ୍ୟାଳୟ ପରିସରସ୍ଥ ଏକ ପାଚେରିର ବାହାରପଟେ ଲୁଚିଥିଲେ। ଏହି ସମୟରେ ଖେଳୁଥିବା ଅନ୍ୟ ଛାତ୍ରମାନେ ଉକ୍ତ ପାଚେରି ଉପରେ ଚଢ଼ିବାକୁ ଉଦ୍ୟମ କରୁଥିବାବେଳେ ତାହା ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ସାଇସ୍ୱରୂପ ପାଚେରି ତଳେ ଚାପି ହୋଇ ରହିଯାଇଥିଲେ। ବିଦ୍ୟାଳୟ ଶିକ୍ଷକ ଓ ସହପାଠୀମାନେ ସାଇସ୍ୱରୂପଙ୍କୁ ସେଠାରୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର ☞ପୃଷ୍ଠା-୪


SIKSHA 'O' ANUSANDHAN

Empowering students for a brighter future

EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Data Science)
- Computer Science and Engineering (Cyber Security)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through JEE-Main, Please visit: www.soa.ac.in


# ରେଖା ଗୁପ୍ତା ଦିଲ୍ଲୀ ମୁଖ୍ୟମନ୍ତ୍ରୀ

**ପରଭେଶ ବର୍ମା ଉପମୁଖ୍ୟମନ୍ତ୍ରୀ ହେବେ**

**ନୂଆଦିଲ୍ଲୀ,୧୯।୨(ପିଟି)**

ପ୍ରଥମ ଥର ବିଧାୟିକା ହୋଇଥିବା ରେଖା ଗୁପ୍ତାଙ୍କୁ ଭାଜପା ବୁଧବାର ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ଘୋଷଣା କରିଛି। ସେହିପରି ମୁଖ୍ୟମନ୍ତ୍ରୀ ପଦ ପାଇଁ ଅନ୍ୟତମ ଦାବିଦାର ଥିବା ପରଭେଶ ବର୍ମା ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ହେବେ। ଦିଲ୍ଲୀ ଭାଜପା ବିଧାୟକ ଦଳ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରେଖା ଓ ତାଙ୍କ ମନ୍ତ୍ରିମଣ୍ଡଳ ସଦସ୍ୟମାନେ ଗୁରୁବାର ରାମଲୀଳା ମଇଦାନରେ ଶପଥ ନେବେ।

ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ୧୦ ବର୍ଷ ଶାସନର



ରେଖା ଗୁପ୍ତା



ପରଭେଶ ବର୍ମା

ଅନ୍ତ ଘଟିଛି। ପ୍ରାୟ ୨୭ ବର୍ଷ ପରେ ଭାଜପା କ୍ଷମତାକୁ ଫେରିଛି। ମୁଖ୍ୟମନ୍ତ୍ରୀ କିଏ ହେବେ ସେନେଇ ଫେବୃଆରୀ ୫ରେ ଅନୁଷ୍ଠିତ ନିର୍ବାଚନ ପରଠୁ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଥିଲା। ଶେଷରେ ଶାଲିମାରବାଗ୍ ବିଧାୟିକା ରେଖା ଗୁପ୍ତାଙ୍କୁ ବିଧାୟକ ଦଳ ନେତ୍ରୀ ବଛାଯାଇଛି। ସୁଷମା ସ୍ୱରାଜ (ଭାଜପା), ଶୀଲା ଦୀକ୍ଷୀତ (କଂଗ୍ରେସ) ଏବଂ ଆତିଶୀ (ଆପ୍)ଙ୍କ ପରେ ରେଖା ଗୁପ୍ତା ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଏତିକି ନୁହେଁ, ବର୍ତ୍ତମାନ ଭାଜପା ଶାସିତ ରାଜ୍ୟଗୁଡ଼ିକରେ କୌଣସି ମହିଳା ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** କୁମ୍ଭ ପ୍ରଚ୍ଛଦର କାହାଣୀ

# ବଢ଼ିଲା ଆଦାନୀ ଅଡୁଆ

## ତଦନ୍ତରେ ଭାରତର ସହଯୋଗ ଲୋଡ଼ିଲା ଆମେରିକା ଏସ୍‌ଇସି

**ନ୍ୟୁୟର୍କ/ନୂଆଦିଲ୍ଲୀ, ୧୯।୨**

ଶିଳ୍ପପତି ଗୌତମ ଆଦାନୀ ଓ ତାଙ୍କ ପୁତୁରା ସାଗର ଆଦାନୀଙ୍କ ବିରୋଧରେ ୨୦୨୪ ନଭେମ୍ବରରେ ଆଗତ ୨୬୫ ନିୟୁତ ଡଲାର(ପ୍ରାୟ ୨,୩୦୦ କୋଟି ଟଙ୍କା) ଲାଞ୍ଚ ମାମଲାର ତଦନ୍ତ ପାଇଁ ଆମେରିକାର ସିକ୍ୟୁରିଟିଜ୍ ଆଣ୍ଡ୍ ଏକ୍ସଚେଞ୍ଜ କମିଶନ (ଏସ୍‌ଇସି) ଭାରତ ସରକାରଙ୍କ ସହଯୋଗ ଲୋଡ଼ିଛି। ଏସ୍‌ଇସି ପକ୍ଷରୁ ନ୍ୟୁୟର୍କ ଡିଷ୍ଟ୍ରିକ୍ଟ କୋର୍ଟରେ କରାଯାଇଥିବା ଏକ ଫାଇଲିଂରୁ ବୁଧବାର ଏହା ଜଣାପଡ଼ିଛି। ଗୌତମ ଓ ସାଗରଙ୍କ ନିକଟକୁ ନୋଟିସ ପଠାଇବା ପାଇଁ ଭାରତର ଆଇନ ମନ୍ତ୍ରଣାଳୟକୁ ସହଯୋଗ ଲାଗି ଅନୁରୋଧ କରାଯାଇଥିବା ଆମେରିକାର ମାର୍କେଟ ରେଗୁଲେଟର ଅଦାଲତଙ୍କୁ ଅବଗତ କରାଇଛି। ଏଥିରେ ଦର୍ଶାଯାଇଛି ଯେ, ଉଭୟଙ୍କ ମଧ୍ୟରୁ କେହି ବର୍ତ୍ତମାନ ଆମେରିକୀୟ ହାଜତରେ ନାହାନ୍ତି। ଉଭୟେ ଭାରତରେ ଥିବାରୁ ହେଗ୍ ସର୍ଭିସ୍ କନ୍‌ଭେନ୍‌ସନ ଅନୁଯାୟୀ ସହଯୋଗ କରିବାକୁ କୁହାଯାଇଛି।

ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୱାଶିଂଟନ୍ ଗସ୍ତବେଳେ ଏନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କୌଣସି ଆଲୋଚନା କରି ନ ଥିବା ଖବରଦାତାମାନଙ୍କୁ କହିଥିଲେ। ଅନ୍ୟପକ୍ଷେ କଂଗ୍ରେସ ଆଦାନୀଙ୍କ ଗିରଫଦାରି ଦାବି ସହ ମୋଦି ତାଙ୍କୁ ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ ଆଣିଛି।

ପ୍ରକାଶ ଯେ, ଗତବର୍ଷ ଆମେରିକାର ସଂଘୀୟ ପ୍ରୋସିକ୍ୟୁଟରମାନେ ଆଦାନୀଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲେ। ୬୨ ବର୍ଷୀୟ ବିଲିୟନେୟାର ଗୌତମ ଆଦାନୀ, ତାଙ୍କ ପୁତୁରା ସାଗର ଆଦାନୀ ଏବଂ କମ୍ପାନୀର ଏକ୍‌ଜିକ୍ୟୁଟିଭ୍‌ମାନେ ଆମେରିକାରେ ନିଜର ଏକ ଅକ୍ଷୟ ଶକ୍ତି କମ୍ପାନୀକୁ ସୌରଶକ୍ତି କଣ୍ଟ୍ରାକ୍ଟ କରାଇଦେବା ପାଇଁ ଭାରତୀୟ ଅଧିକାରୀମାନଙ୍କୁ ୨୬୫ ନିୟୁତ ଡଲାର ଲାଞ୍ଚ ଦେଇଥିବା ଦର୍ଶାଇଥିଲେ। ନ୍ୟୁୟର୍କରେ ଏନେଇ ଏକ ଆପରାଧିକ ମାମଲା ରୁଜୁହେବା ସହ ଆଦାନୀ ଓ ସାଗରଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇଛି। ଅନ୍ୟପକ୍ଷେ ଆଦାନୀ ଗ୍ରୁପ୍ ଏହାକୁ ଭିତ୍ତିହୀନ ଅଭିଯୋଗ କହି ଆଇନଗତ ବିକଳ୍ପ ସନ୍ଧାନରେ ଥିବା କହିଥିଲା। ସେହିପରି ଆମେରିକାରେ ଆଇନଗତ ସହାୟତା ଲାଗି ଏକ ସ୍ୱାଧୀନ ଲ' ଫାର୍ମକୁ ନିଯୁକ୍ତ କରାଯାଇଥିବା ବିଷୟ ଗତ ଜାନୁଆରୀରେ ଆଦାନୀ ଗ୍ରୁପ୍ କହିଥିଲା।

ଉଲ୍ଲେଖଯୋଗ୍ୟ, ୨୦୨୧ରେ ଆଦାନୀ ଗ୍ରୁପ୍ ସ୍ଥାନୀୟସ୍ତରରେ ସୋଲାର ସେଲ୍ ଏବଂ ମୋଡ୍ୟୁଲାର ପ୍ଲାଣ୍ଟଗୁଡ଼ିକୁ ବ୍ୟବହାର କରି ଉତ୍ପାଦିତ ୮,୦୦୦ ମେଗାୱାଟ୍ (୮ ଜିଡବ୍ଲ୍ୟୁ) ବିଦ୍ୟୁତ୍ ଶକ୍ତି ଯୋଗାଣ ପାଇଁ ଏକ ଠିକା ନିମନ୍ତେ ଆବେଦନ କରିଥିଲା। ତେବେ ରାଜ୍ୟ ସରକାରମାନେ ଯେତିକିରେ ବିଦ୍ୟୁତ୍ କିଣିବାକୁ ଚାହୁଁଥିଲେ, ତାହା ଆଦାନୀ ଗ୍ରୁପ୍ ପୂରଣ କରିପାରି ନ ଥିଲା। ଗୌତମ ଆଦାନୀ ୨୦୨୧ରେ ଆନ୍ଧ୍ରପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀଙ୍କୁ ଭେଟି ୭,୦୦୦ ମେଗାୱାଟ୍ ବିଦ୍ୟୁତ୍ କିଣିବା ପାଇଁ ରାଜି କରାଇଥିଲେ। ଆନ୍ଧ୍ର ଅଧିକାରୀମାନେ ମେଗାୱାଟ୍ ପିଛା ୨୫ ଲକ୍ଷ ଟଙ୍କା ହିସାବରେ ମୋଟ ୧,୭୫୦ କୋଟି ଟଙ୍କା ଲାଞ୍ଚ ନେଇଥିଲେ। ସେହିପରି ଓଡ଼ିଶା ମଧ୍ୟ ସମାନ ଉପାୟରେ ୫୦୦ ମେଗାୱାଟ୍ ବିଦ୍ୟୁତ୍ କିଣିଥିଲା ବୋଲି ଆମେରିକୀୟ ଅଭିଯୋଜନକାରୀଙ୍କ ପକ୍ଷରୁ ରୁଜୁ ମାମଲାରେ ଦର୍ଶାଯାଇଛି। ଆଦାନୀ ଉକ୍ତ ସୋଲାର ପାୱାର ଠିକା ହାସଲ କରିବା ଲାଗି ସେଥିରେ ଥିବା ସର୍ତ୍ତକୁ କୋହଳ କରାଇବା ନିମନ୍ତେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ତାମିଲନାଡୁ ଏବଂ ଜମ୍ମୁ-କଶ୍ମୀର ସରକାରଙ୍କ ଅଧିକାରୀମାନଙ୍କୁ ଲାଞ୍ଚ ଦେଇଥିଲେ। ଏହି ଠିକା ଯୋଗୁ ଆଦାନୀ ଗ୍ରୁପ୍‌କୁ ଆଗାମୀ ୨୦ ବର୍ଷରେ ୨୦୦ କୋଟି ଡଲାରରୁ ଅଧିକ ଲାଭ ହେବା ଅନୁମାନ କରାଯାଇଥିଲା।




> ଗୌତମ ଆଦାନୀ ଓ ତାଙ୍କର କେତେଜଣ ସହଯୋଗୀ ଆମେରିକୀୟ ଆଇନର ଉଲ୍ଲଂଘନ କରିବା ଅଭିଯୋଗରେ ସେଠାକାର ଏସ୍‌ଇସି ମୋଦି ସରକାରଙ୍କ ସହଯୋଗ ଲୋଡ଼ିଥିବା ନ୍ୟୁୟର୍କ ଡିଷ୍ଟ୍ରିକ୍ଟ କୋର୍ଟଙ୍କୁ କେବଳ ଅବଗତ କରାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୋଦାନୀ ପ୍ରସଙ୍ଗକୁ ଏକ ବ୍ୟକ୍ତିଗତ ବିଷୟ ବୋଲି 'ଘୋଷଣା' କରିସାରିଛନ୍ତି। ମୋଦି ଏସ୍‌ଇସି ପ୍ରତି କୃତଜ୍ଞ ରହିବେ କି?
> —ଜୟରାମ ରମେଶ, କଂଗ୍ରେସ ନେତା

▶▶ୟୁଏସ୍ ଏସ୍‌ଇସି ଆଦାନୀ ପରିବାରର ସିକ୍ୟୁରିଟି ଜାଲିଆତି ଏବଂ ୨,୩୦୦ କୋଟି ଟଙ୍କାର ଲାଞ୍ଚ ମାମଲା ତଦନ୍ତ ପାଇଁ ଭାରତୀୟ କର୍ତ୍ତୃପକ୍ଷଙ୍କ ସହଯୋଗ ଲୋଡ଼ିଥିବା ବିଷୟ ଜଣାପଡ଼ିବା ପରେ ଆଦାନୀ ଗ୍ରୁପ୍‌ର ଷ୍ଟକ୍ସ ମୂଲ୍ୟରେ ୪.୩% ହ୍ରାସ ଘଟିଛି।

▶▶ଆଦାନୀ ଗ୍ରୁପ୍ ପ୍ରତିଷ୍ଠାତା ଗୌତମ ଆଦାନୀ ଓ ତାଙ୍କ ପୁତୁରା ସାଗର ଆଦାନୀଙ୍କୁ ଆଇନଗତ ନୋଟିସ ଦେବା ପାଇଁ ଏସ୍‌ଇସି ଉଦ୍ୟମ ଚଳାଇଥିବାରୁ ଆଦାନୀ ଗ୍ରୁପ୍ ଷ୍ଟକ୍‌ଗୁଡ଼ିକରେ ଟଙ୍କା ଲଗାଇଥିବା ଭାରତୀୟ ନିବେଶକମାନେ ଆତଙ୍କିତ ହୋଇପଡ଼ିଛନ୍ତି।

## ଖବର ପ୍ରକାଶନ ପୂର୍ବରୁ ସାବଧାନ ରହୁ ଗଣମାଧ୍ୟମ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୯।୨**

ସୁପ୍ରିମକୋର୍ଟ ବୁଧବାର ଏକ ମାମଲାର ଶୁଣାଣିକରି ସମାଜରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଛନ୍ତି। ୨୦୧୪ ଜୁନ୍ ୨୭ରେ ଏକ ପେଣ୍ଟିଂ ନିଲାମକାରୀ ସଂସ୍ଥାକୁ ନେଇ ଜାତୀୟ ସ୍ତରୀୟ ଖବରକାଗଜ ଟାଇମ୍ସ ଇଣ୍ଡିଆର ସମ୍ପାଦକୀୟରେ ଅପମାନଜନକ ଲେଖା ପ୍ରକାଶିତ କରାଯାଇଥିବା ଅଭିଯୋଗକରି ଖବରକାଗଜର ସମ୍ପାଦକୀୟ ନିର୍ଦ୍ଦେଶକ ଜୟଦୀପ ବୋଷ ଏବଂ ଅନ୍ୟ ସାମ୍ବାଦିକଙ୍କ ବିରୋଧରେ ଆପରାଧିକ ମାନହାନି ମାମଲା ରୁଜୁ କରାଯାଇଥିଲା। ବୁଧବାର ସୁପ୍ରିମକୋର୍ଟ ଉକ୍ତ ମାନହାନି ମାମଲାକୁ ଖାରଜ କରିଦେଇଛନ୍ତି। ଶୁଣାଣି ବେଳେ ଷ୍ଟିସ୍ ଜେ.ବି. ପାର୍ଡିୱାଲା ଏବଂ ଜଷ୍ଟିସ୍ ଜେ.ବି. ଆର୍ ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି, ଜନତାଙ୍କର ମତକୁ ଆକାର ଦେବାରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ତେଣୁ ବେପରୁଆ ସାମ୍ବାଦିକତା ସମାଜ ପାଇଁ ଭୟାବହ ଏବଂ ଏହାର ଦୀର୍ଘକାଳୀନ ପାରିଣାମ ପଡ଼ିପାରେ। ଖବରଦାତାମାନଙ୍କୁ କୌଣସି ଖବର କିମ୍ବା ମନ୍ତବ୍ୟ ପ୍ରକାଶ କରିବା ପୂର୍ବରୁ ଏହାର ସତ୍ୟତା ଏବଂ ନିରପେକ୍ଷତାକୁ ସୁନିଶ୍ଚିତ କରିବା ଆବଶ୍ୟକ।



## 'ସର୍ବସାଧାରଣ ଭବନରେ ଶିଶୁ ଯତ୍ନ, ସ୍ତନ୍ୟପାନ କକ୍ଷ ନିଶ୍ଚିତ କର'

**ନୂଆଦିଲ୍ଲୀ, ୧୯।୨**

ବିଭିନ୍ନ ସର୍ବସାଧାରଣ ଭବନରେ ଶିଶୁ ଯତ୍ନ ଏବଂ ସେମାନଙ୍କର ସ୍ତନ୍ୟପାନ ପାଇଁ ସମର୍ପିତ କକ୍ଷର ଆବଶ୍ୟକତାକୁ ନେଇ ବୁଧବାର ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏହି ସୁବିଧା ଉପଲବ୍ଧ କରାଇବା ପାଇଁ ସମସ୍ତ ରାଜ୍ୟ ସରକାରଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ବି.ବି. ନାଗରତ୍ନା ଏବଂ ଜଷ୍ଟିସ୍ ପ୍ରସନ୍ନା ବି. ବରାଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ସର୍ବସାଧାରଣ ସ୍ଥାନମାନଙ୍କରେ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ବ୍ୟକ୍ତିଗତ ସ୍ଥାନ ସୃଷ୍ଟି କରାଇବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏପରି ସୁବିଧା ପ୍ରଦାନ କରାଯିବା ଦ୍ୱାରା ମା'ମାନଙ୍କର ଗୋପନୀୟତା ସୁନିଶ୍ଚିତ ହେବା ସହ ଶିଶୁମାନେ ମଧ୍ୟ ଉପକୃତ ହେଉଛନ୍ତି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସର୍ବସାଧାରଣ ସ୍ଥାନରେ ଶିଶୁ ଯତ୍ନ ଏବଂ ସ୍ତନ୍ୟପାନ କକ୍ଷ ପ୍ରତିଷ୍ଠା କରାଗଲେ ଉଭୟ ମା' ଏବଂ ଶିଶୁଙ୍କ ମୌଳିକ ଅଧିକାରର ସମ୍ମାନ ହୋଇପାରିବ। ତେଣୁ ଯେଉଁ ସର୍ବସାଧାରଣ ଭବନ ନିର୍ମାଣାଧୀନ ଅବସ୍ଥାରେ ରହିଛି, ସେଠାରେ ଶିଶୁ ଯତ୍ନ ଏବଂ ସେମାନଙ୍କର ସ୍ତନ୍ୟପାନ ନିମନ୍ତେ ସମର୍ପିତ କକ୍ଷ ପାଇଁ ସ୍ଥାନ ସଂରକ୍ଷିତ କରି ରଖିବାକୁ ସୁପ୍ରିମକୋର୍ଟ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

## ୪ ମାଓବାଦୀ ନିହତ

**ବାଲଘାଟ, ୧୯।୨:** ମଧ୍ୟପ୍ରଦେଶର ବାଲଘାଟ ଜିଲାରେ ପୋଲିସ ସହ ଗୁଳି ବିନିମୟ ବେଳେ ବୁଧବାର ୩ ମହିଳା ମାଓବାଦୀଙ୍କ ସମେତ ସମୁଦାୟ ୪ ମାଓବାଦୀ ନିହତ ହୋଇଛନ୍ତି। ଗୋଇନ୍ଦା ସୂଚନା ଆଧାରରେ ବାଲଘାଟ ଜିଲାର ଛତିଶଗଡ଼ ସୀମାବର୍ତ୍ତୀ ସୁପଖର ଫରେଷ୍ଟ ରେଞ୍ଜ, ରୋଣ୍ଡା ଜଙ୍ଗଲରେ ମାଓବାଦୀ ଲୁଚିଥିବା ଖବର ପାଇ ରାଜ୍ୟ ପୋଲିସର ମାଓବାଦୀ ବିରୋଧୀ ହକ୍ ଫୋର୍ସ ଏବଂ ସ୍ଥାନୀୟ ପୋଲିସ ଟିମ ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଇଥିଲା। ଏହି ସର୍ଚ୍ଚ ଅପରେଶନ ସମୟରେ ମାଓବାଦୀମାନେ ଗୁଳି ଚଳାଇଥିଲେ, ଯାହାର ଜବାବରେ ପୋଲିସ ପକ୍ଷରୁ ପାଲଟା ଗୁଳି ଚାଳନା କରାଯାଇଥିଲା। ମୃତ ମାଓବାଦୀଙ୍କ ନିକଟରୁ ପୋଲିସ ଗୋଟିଏ ଇନ୍‌ସାସ୍ ରାଇଫଲ, ଏକ ସେଲ୍ଫ ଲୋଡିଂ ରାଇଫଲ (ଏସ୍‌ଏଲ୍‌ଆର) ଏବଂ ଏକ .୩୦୩ ରାଇଫଲ ଜବତ କରିଛି।



ଦକ୍ଷିଣ ଲେବାନନ୍‌ର କଫର କିଲା ଗ୍ରାମରୁ ଇସ୍ରାଏଲୀ ସୈନ୍ୟଙ୍କ ପ୍ରତ୍ୟାବର୍ତ୍ତନ ପରେ ସେଠାକୁ ଫେରିଥିବା ଜଣେ ବାସିନ୍ଦା ଧ୍ୱସ୍ତବିଧ୍ୱସ୍ତ କୋଠାଗୁଡ଼ିକୁ ଦେଖୁଛନ୍ତି।

## ସିଦ୍ଧାରାମାୟାଙ୍କୁ ଲୋକାୟୁକ୍ତଙ୍କ କ୍ଲିନ୍‌ଚିଟ୍

### ଏମ୍‌ୟୁଡିଏ ଜମି ଦୁର୍ନୀତି

**ବେଙ୍ଗାଲୁରୁ, ୧୯।୨**

କର୍ଣ୍ଣାଟକର ମହୀଶୂର ଅର୍ବାନ ଡେଭଲପମେଣ୍ଟ ଅଥୋରିଟି (ଏମ୍‌ୟୁଡିଏ) ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କୁ ବୁଧବାର ଆଶ୍ୱସ୍ତି ମିଳିଛି। ଏହି ମାମଲାର ତଦନ୍ତ କରୁଥିବା ଲୋକାୟୁକ୍ତର ଯାଞ୍ଚ ଶେଷ ହୋଇଛି। ଲୋକାୟୁକ୍ତ ଏହାର ଯାଞ୍ଚ ରିପୋର୍ଟରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ତାଙ୍କ ସ୍ତ୍ରୀ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ କ୍ଲିନ୍‌ଚିଟ୍ ପ୍ରଦାନ କରିଛନ୍ତି। ଲୋକାୟୁକ୍ତ ପକ୍ଷରୁ ଅଭିଯୋଗକାରୀ ତଥା ସାମାଜିକ କର୍ମୀ ସ୍ନେହମୟୀ କ୍ରିଷ୍ଣାଙ୍କୁ ଏ ସମ୍ବନ୍ଧୀୟ ଏକ ନୋଟିସ ଜାରି କରାଯାଇଛି। ପ୍ରମାଣ ଅଭାବରୁ ଏହି ମାମଲା ତଦନ୍ତ ଯୋଗ୍ୟ ନୁହେଁ ବୋଲି ଲୋକାୟୁକ୍ତ ଏହି ନୋଟିସରେ କହିଛି। ସିଦ୍ଧାରାମାୟାଙ୍କୁ କ୍ଲିନ୍‌ଚିଟ୍ ମିଳିବା ପରେ କର୍ଣ୍ଣାଟକ ଉପ ମୁଖ୍ୟମନ୍ତ୍ରୀ ଶିବକୁମାର କହିଛନ୍ତି, ସିଦ୍ଧାରାମାୟା କୌଣସି ଭୁଲ୍ କରିନାହାନ୍ତି। ରାଜନୈତିକ ଉଦ୍ଦେଶ୍ୟ ପ୍ରୋଣୋଦିତ ଭାବେ ତାଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା। ଏହାସତ୍ତ୍ୱେ ମଧ୍ୟ ଆଇନକୁ ସମ୍ମାନ ଜଣାଇ ସେ ଜେରା ପାଇଁ ଲୋକାୟୁକ୍ତ ପୋଲିସ ସମ୍ମୁଖରେ ହାଜର ହୋଇଥିଲେ।



## ସୀମା ବାହାର ଟିକେଟ କାହିଁକି ବିକୁଥିଲ

### ନୂଆଦିଲ୍ଲୀ ଷ୍ଟେଶନ ଦଳାଚକଟା: ରେଲୱେକୁ ହାଇକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ, ୧୯।୨**

ନୂଆଦିଲ୍ଲୀ ରେଳଷ୍ଟେଶନରେ ଗତ ୧୫ ତାରିଖରେ ଦଳାଚକଟା ଯୋଗୁ ମହାକୁମ୍ଭକୁ ଯିବା ପାଇଁ ବାହାରିଥିବା ୧୮ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ବୁଧବାର ଦିଲ୍ଲୀ ହାଇକୋର୍ଟ ରେଲୱେକୁ ଭର୍ତ୍ସନା କରିଛନ୍ତି। ଏକ କୋଚ୍‌ର ଧାରଣ କ୍ଷମତାଠାରୁ ଅଧିକ ସଂଖ୍ୟକ ଟିକେଟ ଯାତ୍ରୀମାନଙ୍କୁ କାହିଁକି ବିକ୍ରି କରାଯାଇଥିଲା ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି।

ନୂଆଦିଲ୍ଲୀ ରେଳଷ୍ଟେଶନରେ ଦଳାଚକଟା ପରେ ଭବିଷ୍ୟତରେ ଦେଶର ରେଳଷ୍ଟେଶନଗୁଡ଼ିକରେ ଏଭଳି ଘଟଣା ଏଡ଼ାଇବା ପାଇଁ ସୁରକ୍ଷା ପଦକ୍ଷେପ ସମ୍ପର୍କିତ ଏକ ପିଟିଶନ ଦିଲ୍ଲୀ ହାଇକୋର୍ଟରେ ଦାଖଲ ହୋଇଛି। ଜଷ୍ଟିସ୍ ଡିକେ ଉପାଧ୍ୟାୟ ଏବଂ ତୁଷାର ରାଓ ଗେଡେଲାଙ୍କୁ ନେଇ ଖଣ୍ଡପୀଠ ଏହାର ଶୁଣାଣି କରି କହିଛନ୍ତି, ଏକ କୋଚ୍‌ରେ କେତେ ସଂଖ୍ୟକ ଯାତ୍ରୀଙ୍କୁ ବସାଯାଇପାରିବ ତାହା ରେଲୱେ ସ୍ଥିର କରିଥାଏ। ଏଭଳି ସ୍ଥଳେ ଅଧିକ ସଂଖ୍ୟକ ଟିକେଟ କାହିଁକି ବିକ୍ରି କରାଗଲା ବୋଲି ପ୍ରଶ୍ନ କରିବା ସହ ନିୟମିତ ଭାବେ ଯାତ୍ରୀଙ୍କ ସର୍ବାଧିକ ସଂଖ୍ୟା ଓ ପ୍ଲାଟ୍‌ଫର୍ମ ଟିକେଟ ବିକ୍ରି ଆଦିର ସମୀକ୍ଷା କରିବାକୁ ରେଲୱେକୁ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୧୬ରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ।

## 'ରାଜନୈତିକ କାରଣରୁ ସୁନୀତାଙ୍କୁ ମହାକାଶରେ ଛାଡ଼ିଥିଲେ ବାଇଡେନ୍'

**ୱାଶିଂଟନ, ୧୯।୨**

ନାସା ମହାକାଶଚାରୀ ସୁନୀତା ୟୁଲିୟମ୍ସ ଏବଂ ତାଙ୍କ ସାଥୀ ମହାକାଶଚାରୀ ବୁଚ୍ ୱିଲ୍‌ମୋର ଗତ ପ୍ରାୟ ୧୦ ମାସରୁ ଅଧିକ ସମୟ ଧରି ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ଫସି ରହିଛନ୍ତି। ସୁନୀତାଙ୍କୁ ବିଭିନ୍ନ ରାଜନୈତିକ କାରଣରୁ ବାଇଡେନ୍ ପ୍ରଶାସନ ମହାକାଶରେ ଛାଡ଼ି ଦେଇଥିବା ନେଇ ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ପରାମର୍ଶଦାତା ତଥା ସ୍ପେସ୍ ଏକ୍ସ' ପ୍ରତିଷ୍ଠାତା ଏଲନ ମସ୍କ ଏକ ଆମେରିକୀୟ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ କହିଛନ୍ତି। ଏହି ସାକ୍ଷାତ୍କାରରେ ଟ୍ରମ୍ପ କହିଛନ୍ତି, ବାଇଡେନ୍ ପ୍ରଶାସନ ସୁନୀତାଙ୍କୁ ମହାକାଶରେ ଫସାଇ ଦେଇଥିଲେ। ଟ୍ରମ୍ପଙ୍କୁ ମସ୍କ ସମର୍ଥନ ଜଣାଇ କହିଛନ୍ତି, ଆମେରିକାର ପୂର୍ବ ପ୍ରଶାସନ ସମୟରେ ସୁନୀତାଙ୍କୁ ମହାକାଶ ପଠାଯାଇଥିବା ବେଳେ ତାଙ୍କର ପ୍ରତ୍ୟାବର୍ତ୍ତନ ପାଇଁ କୌଣସି ବିଶେଷ ଉଦ୍ୟମ ହୋଇ ନ ଥିଲା। ସୁନୀତା ଏବଂ ବୁଚ୍‌ଙ୍କର ପୃଥିବୀ ପ୍ରତ୍ୟାବର୍ତ୍ତନ ନେଇ ପଚରାଯିବାରୁ ମସ୍କ କହିଛନ୍ତି, ପୂର୍ବରୁ ବହୁବାର ଆଇଏସ୍‌ଏସ୍‌ରୁ ମହାକାଶଯାତ୍ରୀଙ୍କୁ ସଫଳତାର ସହ ଫେରାଇ ଅଣାଯାଇଛି। ଏଥିରେ କିଛି ନୂତନତ୍ୱ ନାହିଁ। ଆଉ ୪ ସପ୍ତାହ ମଧ୍ୟରେ ଉଭୟ ସୁନୀତା ଏବଂ ବୁଚ୍‌ଙ୍କୁ ପୃଥିବୀ ଫେରାଇ ଅଣାଯିବାର ମିଶନ ସଫଳ ହେବ। ରାଷ୍ଟ୍ରପତି ଟ୍ରମ୍ପଙ୍କ ଅନୁରୋଧ କ୍ରମେ ସ୍ପେସ୍ ଏକ୍ସ' ଏବଂ ନାସା ପକ୍ଷରୁ ଉଭୟଙ୍କୁ ଫେରାଇ ଆଣିବା ପ୍ରକ୍ରିୟାକୁ ଗତିଶୀଳ କରାଯାଇଛି। ବାଇଡେନ୍ ପ୍ରଶାସନ ସୁନୀତାଙ୍କ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟାକୁ ହାସ୍ୟାସ୍ପଦ ଭାବେ ସ୍ଥଗିତ କରି ରଖିଥିଲେ ବୋଲି ମସ୍କ କହିଛନ୍ତି। ଏହା ସାକ୍ଷାତ୍କାରରେ ଟ୍ରମ୍ପ ଦାବି କରି କହିଛନ୍ତି, ସୁନୀତା ଏବଂ ବୁଚ୍‌ଙ୍କୁ ଫେରାଇ ଆଣିବା ପାଇଁ ବାଇଡେନ୍‌ଙ୍କ ପ୍ରଶାସନ ମସ୍କଙ୍କର କମ୍ପାନୀ ସ୍ପେସ୍ ଏକ୍ସ'କୁ ଗ୍ରୀନ୍ ସିଗନାଲ ଦେଇ ନ ଥିଲେ। ପ୍ରକାଶ ଯେ, ୨୦୨୪ ଜୁନ୍‌ରେ ଉଭୟ ସୁନୀତା ଏବଂ ବୁଚ୍ ଏକ ୮ ଦିନିଆ ମିଶନରେ ଆଇଏସ୍‌ଏସ୍ ଯାଇଥିବାବେଳେ ବୋଇଂ ଏୟାରଲାଇନ୍ସ କ୍ୟାପ୍‌ସୁଲରେ ଯାନ୍ତ୍ରିକ ତ୍ରୁଟି ଦେଖାଯିବା ଯୋଗୁ ସେମାନେ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲେ।



ଏଲନ ମସ୍କ

## ଫୁରସତ୍

## ଶାନ୍ତି ପ୍ରତିଷ୍ଠାରେ ସାମାଜିକ ନ୍ୟାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

### ବିଶ୍ୱ ସାମାଜିକ ନ୍ୟାୟ ଦିବସ



ପ୍ରତିବର୍ଷ ଫେବୃଆରୀ ୨୦ରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ କରାଯାଉଛି। ବିଶ୍ୱରୁ ଦାରିଦ୍ର୍ୟ, ଲିଙ୍ଗଗତ ଅସମାନତା, ବେକାରି,ମାନବାଧିକାର ତଥା ସାମାଜିକ ସୁରକ୍ଷା ସମ୍ପର୍କିତ ସମସ୍ୟା ଦୂର କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ମଣିଷ ମଣିଷ ଭିତରେ ଏପରି କି ଦେଶ ଦେଶ ମଧ୍ୟରେ ଶାନ୍ତି, ସହାବସ୍ଥାନ ପ୍ରତିଷ୍ଠା କରିବାରେ ସାମାଜିକ ନ୍ୟାୟର ଭୂମିକା ରହିଛି। ଲିଙ୍ଗଗତ, ବୟସ, ଜାତି, ଧର୍ମ, ସମ୍ପ୍ରଦାୟ ଓ ସଂସ୍କୃତି କ୍ଷେତ୍ରରେ ରହିଥିବା ସାମାଜିକ ବାଧାକୁ ହଟାଇ ଦେବା ଦ୍ୱାରା ଆମେ ସହଜରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିପାରିବା। ଏଥିପାଇଁ ୨୬ ନଭେମ୍ବର,୨୦୦୭ରେ ଜାତିସଂଘ ସାଧାରଣ ପରିଷଦ ୨୦ ଫେବୃଆରୀକୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିବାପରେ ୨୦୦୯ରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା। ଏକ ନିଷ୍ପକ୍ଷ ଜଗତୀକରଣ ପାଇଁ ସାମାଜିକ ନ୍ୟାୟ ଉପରେ କରାଯାଇଥିବା ଘୋଷଣାନାମାକୁ ଆନ୍ତର୍ଜାତିକ ଶ୍ରମ ସଂଘ( ଆଇଏଲଓ) ଗ୍ରହଣ କରିବା ଦ୍ୱାରା ସାମାଜିକ ନ୍ୟାୟ ପ୍ରତି ଜାତିସଂଘର ପ୍ରତିବଦ୍ଧତା ପ୍ରତିପାଦିତ ହୋଇଛି। ଏହି ଘୋଷଣାନାମା ୧୦ ଜୁନ,୨୦୦୮ରେ କରାଯାଇଥିଲା। ସମସ୍ତଙ୍କ ପାଇଁ ନିଯୁକ୍ତି, ସାମାଜିକ ସୁରକ୍ଷା, ସାମାଜିକ ବକ୍ତବ୍ୟ ଏବଂ ମୌଳିକ ନୀତି ଓ ଅଧିକାର ଉପରେ ଏହା ଗୁରୁତ୍ୱ ଦିଏ। ପୂର୍ବରୁ ଆଇଏଲଓ ଦ୍ୱାରା ୧୯୪୪ ଏବଂ ୧୯୯୮ରେ ଦୁଇଟି ଘୋଷଣା କରାଯାଇଥିଲେ ମଧ୍ୟ ୨୦୦୮ ଘୋଷଣାନାମା ଜଗତୀକରଣ ଯୁଗରେ ଏକ ନୂଆ ଦିଶା ଦେଖାଇଛି। ଏକ ଜଟିଳ ରାଜନୈତିକ ଅଭିଯାନ ଦ୍ୱାରା ଏହା ସମ୍ଭବ ହୋଇଥିଲା ଓ ଏଥିପାଇଁ ଏକ ବିସ୍ତୃତ ସହମତି ପ୍ରକାଶ ପାଇଥିଲା।

ବିଶ୍ୱରେ ୨୦୦୮ ପରେ ନିଯୁକ୍ତି ହାର ବାର୍ଷିକ ୦.୧ ପ୍ରତିଶତ ବୃଦ୍ଧି ପାଉଛି। ଏହା ୨୦୦୦ରୁ ୨୦୦୭ ମଧ୍ୟରେ ଥିଲା ୦.୯ ପ୍ରତିଶତ। ଏବେ ସୁଦ୍ଧା ୬୦ ପ୍ରତିଶତ ଶ୍ରମିକଙ୍କ ପାଖରେ କୌଣସି ପ୍ରକାର କାମ ଉପଲବ୍ଧ ହୋଇପାରିନି। ୪୫ ପ୍ରତିଶତରୁ ସାମାନ୍ୟ ଅଧିକ ଶ୍ରମିକ ସ୍ଥାୟୀ ଓ ପୂରା ଦରମା ପାଉଛନ୍ତି ଏବଂ ଏହା ମଧ୍ୟ ହ୍ରାସ ପାଇବାରେ ଲାଗିଛି। ନିଯୁକ୍ତି ପାଇବା ଯୋଗ୍ୟ ବୟସରେ ୨୦୧୮ରେ ୨୦୧ ମିଲିୟନ ଲୋକ କାମ ପାଇ ନ ଥିବାବେଳେ ୨୦୧୯ରେ ୨୧୨ ମିଲିୟନ ଲୋକ କାମ ନ ପାଇ ରହିଛନ୍ତି। ଏଣୁ ୨୦୩୦ ସୁଦ୍ଧା ୬୦୦ ମିଲିୟନ ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସାମାଜିକ ନ୍ୟାୟ ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିବ।

## ମଶା ଧରିଲେ ମିଳିବ ପୁରସ୍କାର

**ମାନିଲା, ୧୯।୨**

ଦକ୍ଷିଣ ପୂର୍ବ ଏସୀୟ ଦେଶ ଫିଲିପାଇନ୍ସର ରାଜଧାନୀ ମାନିଲା ଉପକଣ୍ଠ ମଣ୍ଡାଲୁୟୋଙ୍ଗ ଅଞ୍ଚଳ ଏଡିଶନ ହିଲ୍ସ ଗ୍ରାମରେ ସମ୍ପ୍ରତି ଡେଙ୍ଗୁ ରୋଗ ଆତଙ୍କ ମଚାଇବାରେ ଲାଗିଛି। ତେଣୁ ମଶା ପ୍ରକୋପକୁ କମାଇବା ପାଇଁ ଏଡିଶନ ହିଲ୍ସ ଗ୍ରାମରେ ଏକ ନିଆରା ପଦକ୍ଷେପ ଗ୍ରହଣ କରାଯାଇଛି। ଉକ୍ତ ପଦକ୍ଷେପ ଅନୁଯାୟୀ, ମଶାଗୁଡ଼ିକୁ ଜୀବିତ କିମ୍ବା ମୃତ ଅବସ୍ଥାରେ ନେଇ ପ୍ରଶାସନକୁ ଦେଲେ ଗ୍ରାମ ପକ୍ଷରୁ ନଗଦ ପୁରସ୍କାର ଦିଆଯିବ। ଚଳିତ ବର୍ଷ କେବଳ ଜାନୁଆରୀରେ ୨୮,୨୩୪ ଡେଙ୍ଗୁ ମାମଲା ସମ୍ପୂର୍ଣ୍ଣ ଫିଲିପାଇନ୍ସରେ ସାମ୍ନାକୁ ଆସିଥିବା ନେଇ ଦେଶର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେଥିମଧ୍ୟରୁ କେବଳ କ୍ୟୁଜୋନ ସହରରେ ୧,୭୫୦ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଏଡିଶନ ହିଲ୍ସ କ୍ୟୁଜୋନ ସହର ନିକଟବର୍ତ୍ତୀ ଗ୍ରାମ ହୋଇଥିବାବେଳେ ଏଠାକାର ଜନସଂଖ୍ୟା ୧ ଲକ୍ଷରୁ ଅଧିକ। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଏହି ଗ୍ରାମରେ ୪୨ଟି ଡେଙ୍ଗୁ ମାମଲା ଚିହ୍ନଟ ହୋଇଥିବାବେଳେ ୨ ଜଣ ଛାତ୍ରଙ୍କର ଡେଙ୍ଗୁରେ ମୃତ୍ୟୁ ହୋଇଯାଇଛି।



ତେଣୁ ଗ୍ରାମର ମୁଖ୍ୟ କାର୍ଲିଟୋ ସର୍ନାଲ ଏକ ନିଆରା ଉପାୟ ବାହାର କରି ପ୍ରତି ୫ ମଶାକୁ ଜୀବିତ ବା ମୃତ ଅବସ୍ଥାରେ ପ୍ରଶାସନକୁ ଦେଲେ ଗୋଟିଏ ଫିଲିପାଇନ୍ସ ପେସୋ (ପ୍ରାୟ ଦେଢ଼ ଟଙ୍କା) ପୁରସ୍କାର ଆକାରରେ ଦିଆଯିବ ବୋଲି ଘୋଷଣା କରିଛନ୍ତି। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏପରି ଘୋଷଣା ହାନିକାରକ ହୋଇପାରେ ବୋଲି ଆଶଙ୍କା ପ୍ରକଟ କରିଛନ୍ତି। ଏହି ଘୋଷଣା ପରେ କେତେଜଣ ଲୋକ ପୁରସ୍କାର ପାଇବା ଆଶାରେ ମଶା ପାଳନ କରିପାରନ୍ତି, ଯାହାଫଳରେ ଏହି ରଣନୀତି ସମ୍ପୂର୍ଣ୍ଣ ଓଲଟା ପଡ଼ିପାରେ ବୋଲି ସେମାନେ କହିଛନ୍ତି। ତେବେ କାର୍ଲିଟୋ ଏହି ତଥ୍ୟକୁ ଅସ୍ୱୀକାର କରିଛନ୍ତି। ଗ୍ରାମରେ ଡେଙ୍ଗୁ ମାମଲା ସଂଖ୍ୟାରେ ହ୍ରାସ ଘଟିଲେ ଏହି ଅଭିଯାନକୁ ବନ୍ଦ କରିଦିଆଯିବ ବୋଲି ସେ କହିଛନ୍ତି।

## ଲାଇଭ୍ କନ୍‌ସର୍ଟରେ ବାପାଙ୍କ ଭିଡିଓ କଲ୍

**ଚଣ୍ଡିଗଡ଼**

ବଲିଉଡ୍‌ର ଲୋକପ୍ରିୟ ଗାୟକ ଅରିଜିତ ସିଂଙ୍କର ଏକ ଭିଡିଓ ସମ୍ପ୍ରତି ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମଙ୍ଗଳବାର ଚଣ୍ଡିଗଡ଼ରେ ଆୟୋଜିତ ଏକ ଲାଇଭ୍ କନ୍‌ସର୍ଟରେ ଅରିଜିତ୍ ସଙ୍ଗୀତ ପରିବେଷଣ କରୁଥିବାବେଳେ ହଠାତ୍ ତାଙ୍କୁ ତାଙ୍କ ବାପାଙ୍କ ଭିଡିଓ କଲ୍ ଆସିଥିଲା। ତେବେ କନ୍‌ସର୍ଟ ମଝିରେ ଅରିଜିତ ବାପାଙ୍କ ଭିଡିଓ କଲ୍‌କୁ କାଟି ନ ଥିଲେ। ସେ କଲ୍ ରିସିଭ୍ କରି ବାପାଙ୍କୁ ଭିଡିଓ କଲ୍‌ରେ ରଖି ଗୀତ ଗାଇବା ଜାରି ରଖିଥିଲେ। କିଛି ସମୟ ପରେ ଅରିଜିତ ତାଙ୍କ ଫୋନ୍‌ର ସ୍କ୍ରିନ୍‌କୁ ଦର୍ଶକଙ୍କ ଆଡ଼କୁ ବୁଲାଇଥିଲେ ଏବଂ ଗୀତା ଗାଇବା ମଝିରେ ହିଁ ତାଙ୍କ ବାପାଙ୍କୁ କନ୍‌ସର୍ଟରେ ଉପସ୍ଥିତ ଦର୍ଶକଙ୍କୁ ଦେଖିବାକୁ କହିଥିଲେ। ସେହିପରି ଅରିଜିତ ଦର୍ଶକଙ୍କୁ କହିଥିଲେ, ତାଙ୍କ ବାପା ଭିଡିଓ କଲ୍‌ରେ ଅଛନ୍ତି। କନ୍‌ସର୍ଟରେ ବହୁସଂଖ୍ୟାରେ ଲୋକଙ୍କୁ ଦେଖି ତାଙ୍କ ବାପା ଖୁସି ହୋଇଯାଇଥିଲେ। ଅରିଜିତଙ୍କ ଏହି ଅନ୍ଦାଜକୁ ସୋସିଆଲ ମିଡିଆରେ ବହୁ ୟୁଜର୍ସ ପ୍ରଶଂସା କରିଛନ୍ତି।



ଅରିଜିତ ସିଂ







କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଓ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ ଘଟଣାକୁ ନେଇ ବୁଧବାର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ସିପିଆଇ(ଏମ୍‌ଏଲ୍) ଲିବରେଶନ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ଏବଂ ଏବିଭିପି ପକ୍ଷରୁ ଲୋୟର ପିଏମ୍‌ଜିଠାରେ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

**କିଟ୍‌ରେ ଛାତ୍ରୀ ମୃତ୍ୟୁ, ନିର୍ଯାତନା ଘଟଣା**

# ତଦନ୍ତ ଆରମ୍ଭକଲା ଉଚ୍ଚସ୍ତରୀୟ କମିଟି



କିଟ୍ ପରିସରରେ ତଦନ୍ତ ପାଇଁ ଆସିଥିବା ୩ ଜଣିଆ ଉଚ୍ଚସ୍ତରୀୟ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ସଦସ୍ୟ ଓ ଅନ୍ୟମାନେ।

ଭୁବନେଶ୍ୱର,୧୯।୨ (ସତ୍ୟଜିତ୍ ରାଉତ)

- କିଟ୍ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା ଜାରି
- ମହିଳା ହଷ୍ଟେଲ ଅଧିକାରୀଙ୍କୁ ନୋଟିସ

କିଟ୍ ବିଶ୍ୱ ବିଦ୍ୟାଳୟରେ ବି.ଟେକ୍ ଛାତ୍ରୀ ପ୍ରକ୍ରିତି ଲାମସଲ୍‌ଙ୍କ ଆତ୍ମହତ୍ୟା ଏବଂ ନେପାଳୀ ଛାତ୍ରୀଛାତ୍ରଙ୍କୁ ବଳପୂର୍ବକ କଲେଜରୁ ବିତାଡ଼ିତ କରି ନିର୍ଯାତନା ଘଟଣାରେ ବିବାଦ ଅଧିକ ଘନେଇବାରେ ଲାଗିଛି। କିଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ତେବେ ଏହି ଘଟଣାରେ ଗୁମର ଖୋଲିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଗଠନ ହୋଇଥିବା ୩ ଜଣିଆ ଉଚ୍ଚସ୍ତରୀୟ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ବୁଧବାର ତଦନ୍ତ ଆରମ୍ଭ କରିଛି। ଅପରାହ୍ଣରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା, ଉଚ୍ଚ ଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ କ୍ୟାମ୍ପସ୍‌ରେ ପହଞ୍ଚି ଛାତ୍ରୀଛାତ୍ର, ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖଙ୍କୁ ପଚରାଉଚରା କରିଛନ୍ତି। ଏଥିସହ ଘଟଣାସ୍ଥଳ ମଧ୍ୟ ପରିଦର୍ଶନ କରି ସ୍ଥିତି ପରଖିବା ସହ ଅଧିକ ଖୋଳତାଡ଼ କରିଛନ୍ତି। ଏହାକୁ ନେଇ ଗଣମାଧ୍ୟମରେ ସତ୍ୟବ୍ରତ କହିଛନ୍ତି, କଲେଜର ବିଭିନ୍ନ ଲୋକ ଓ ପ୍ରଭାବିତ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା ହୋଇଛି। ଆମେ କ'ଣ କରିବୁ, ସେଥିପାଇଁ ଘଟଣାସ୍ଥଳ ପରିଦର୍ଶନ କଲୁ। ଏହା ପ୍ରଥମ ପରିଦର୍ଶନ ହୋଇଥିବାବେଳେ ଆଗକୁ ତଦନ୍ତ ଆଗେଇବ। ତଦନ୍ତରୁ ଯେଉଁ ତଥ୍ୟ ସାମ୍ନାକୁ ଆସିବ, ତାକୁ ନେଇ ରାଜ୍ୟ ସରକାରଙ୍କୁ ଏକ ରିପୋର୍ଟ ପ୍ରସ୍ତୁତ କରି ଦିଆଯିବ ବୋଲି ସଚିବ ସାହୁ କହିଛନ୍ତି। ସେହିପରି ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଟ୍ୱିନ୍ ସିଟି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ମଧ୍ୟ କ୍ୟାମ୍ପସ୍‌ରେ ପହଞ୍ଚି ଅନୁସନ୍ଧାନ କରିଛନ୍ତି। ପୋଲିସ କମିଶନର ସିଂ କହିଛନ୍ତି, କିଟ୍ କ୍ୟାମ୍ପସ୍ ଏବେ ପୋଲିସ ଅନୁଧ୍ୟାନରେ ରହିଛି। ଜବତ ମୋବାଇଲ ଓ ଲାପ୍‌ଟପ୍‌କୁ ଷ୍ଟେଟ୍ ଫରେନ୍‌ସିକ ସାଇନ୍ସ ଲାବୋରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ପଠାଯାଇଛି। ସବୁ ଦିଗକୁ ନେଇ ତଦନ୍ତ ହେଉଛି ବୋଲି ସେ କହିଛନ୍ତି। ଅପରପକ୍ଷରେ କଲେଜ ମୁଖ୍ୟ ଫାଟକ ସାମ୍ନାରେ ବିଭିନ୍ନ ପ୍ଲାକାର୍ଡ ଧରି ଛାତ୍ରୀଛାତ୍ରମାନେ ଧାରଣା ଜାରି ରଖିଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ସରକାରଙ୍କ ତତ୍ତ୍ୱାବଧାନରେ ଏକ ଷ୍ଟୁଡେଣ୍ଟ କାଉନ୍‌ସିଲ୍ ଗଠନ କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି।

## ପୁରୁଷବନ୍ଧୁଙ୍କୁ ୩ ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ

ନେପାଳୀ ଛାତ୍ରୀ ପ୍ରକ୍ରିତିଙ୍କୁ ବ୍ଲାକ୍‌ମେଲ୍ କରି ତାଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ମାମଲାରେ ଗିରଫ ହୋଇ ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ଥିବା ଅଭିଯୁକ୍ତ ପୁରୁଷବନ୍ଧୁ ଆଦଭିକ୍ ଶ୍ରୀବାସ୍ତବ ପୋଲିସ ରିମାଣ୍ଡରେ ଆସିବେ। ତାଙ୍କୁ ୩ ଦିନିଆ ରିମାଣ୍ଡରେ ଆଣିବାକୁ ଇନ୍‌ଫୋସିଟି ଥାନା ପକ୍ଷରୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୨ କୋର୍ଟରେ ବୁଧବାର ଆବେଦନ ହୋଇଛି। କୋର୍ଟ ଏହାକୁ ଗ୍ରହଣ କରି ଅନୁମତି ଦେବା ପରେ ପୋଲିସ ଆଦଭିକ୍‌ଙ୍କୁ ଜେଲରୁ ଆଣି ପଚରାଉଚରା କରିବ। କେଉଁଦିନଠୁ ପ୍ରକ୍ରିତିଙ୍କୁ ସେ ପ୍ରେମ କରୁଥିଲେ, ସମ୍ପର୍କରେ ଫାଟ ସୃଷ୍ଟି ହେବାର କାରଣ, କାହିଁକି ନିର୍ଯାତନା ଦେଲେ, କିଭଳି ନିର୍ଯାତନା ଦେଉଥିଲେ ଆଦି ଦିଗକୁ ନେଇ ଆଦଭିକ୍‌ଙ୍କୁ ପଚରାଉଚରା କରିବାକୁ ପୋଲିସ ଯୋଜନା କରିଛି। ଏହି ମାମଲାରେ ପୋଲିସ ନିକଟରେ ଯେଉଁ ପ୍ରମାଣ ଅଛି ଅଭିଯୁକ୍ତ ଆଦ୍‌ଭିକଙ୍କୁ ପଚରାଉଚରା କରି ଉକ୍ତ ପ୍ରମାଣକୁ ଅଧିକ ଶକ୍ତିଶାଳୀ କରିବୁ ବୋଲି କମିଶନର କହିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରକ୍ରିତିଙ୍କ ମୃତ୍ୟୁ ପରେ ତାଙ୍କ ସାଙ୍ଗ ତଥା ସମ୍ପର୍କୀୟ ଭାଇ ସିଦ୍ଧାନ୍ତ ସିଗ୍‌ଦେଲ୍‌ଙ୍କ ଏତଲା ଆଧାରରେ ଇନ୍‌ଫୋସିଟି ଥାନା ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୧୦୮ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ମାମଲା (ନଂ.୫୪/୨୦୨୫) ରୁଜୁ କରିଛି। ଆଦଭିକ୍ ରାଜ୍ୟ ବାହାରକୁ ଖସି ପଳାଉଥିବା ବେଳେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ସୋମବାର ଗିରଫ ହୋଇଥିଲେ।

ସେହିପରି ନବନିର୍ମାଣ ଯୁବ ଛାତ୍ର ସଂଗଠନ(ଏନ୍‌ୱାଇସିଏସ୍) ଏବଂ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ ଫେଡେରେଶନ୍ (ଏଆଇଏସ୍‌ଏଫ୍) ପକ୍ଷରୁ ମଧ୍ୟ କଲେଜ ସାମ୍ନାରେ ଧାରଣା ଦିଆଯାଇଛି। କିଟ୍ ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ଅଚ୍ୟୁତ ସାମନ୍ତ ଆନ୍ଦୋଳନସ୍ଥଳରେ ପହଞ୍ଚି ଏନ୍‌ୱାଇସିଏସ୍ ରାଜ୍ୟ ସଂଯୋଜକ ଏମ୍.ଡି ମନୱର ଅଲ୍ଲୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ ତାଙ୍କୁ ଏକାଧିକ ପ୍ରଶ୍ନ ପଚରାଯାଇଥିଲା। ହେଲେ ସେ ଉତ୍ତର ନ ଦେଇ ସେଠାରୁ ପଳାଇଯାଇଥିଲେ ବୋଲି ଜଣାପଡ଼ିଛି। ଅପରପକ୍ଷରେ ନେପାଳୀ ଛାତ୍ରୀଙ୍କୁ ଦୁର୍ବ୍ୟବହାର ସହ ଧମକ ଦେଇ ହଷ୍ଟେଲରୁ ବିଦା କରିଥିବା ଦୁଇ ମହିଳା ଅଧିକାରୀଙ୍କୁ ପଚରାଉଚରା ପାଇଁ ପୋଲିସ ପକ୍ଷରୁ ନୋଟିସ ହୋଇଥିବା ଜଣାପଡ଼ିଛି।

# ଅଚ୍ୟୁତ ସାମନ୍ତଙ୍କ ଗିରଫ ଦାବିକଲା ଏବିଭିପି

ଭୁବନେଶ୍ୱର,୧୯।୨(ସୁଚିସ୍ମିତା ସାହୁ/ ବନ୍ଦନା ସେଠୀ)

**ଛାତ୍ରୀଛାତ୍ରଙ୍କୁ ମାଡ଼ମାରି ବାହାର କରିବା ନିନ୍ଦନୀୟ: ସିପିଆଇ (ଏମ୍‌ଏଲ୍)**

କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁକୁ ନେଇ କ୍ୟାମ୍ପସରେ ଛାତ୍ର ଅଶାନ୍ତି ଜାରି ରହିଥିବାବେଳେ ଲୋୟର ପିଏମ୍‌ଜିରେ ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ରୀଛାତ୍ରମାନେ ନାରାବାଜି ଦେବା ସହିତ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଏଥିସହ ଏବିଭିପି ପକ୍ଷରୁ ଅଚ୍ୟୁତଙ୍କ ଗିରଫ ଦାବି କରାଯାଇଛି।

ଅପରପକ୍ଷେ ନେପାଳୀ ଛାତ୍ରୀଛାତ୍ରଙ୍କୁ ମାଡ଼ମାରି ବାହାର କରାଯିବା ଘଟଣା ନିନ୍ଦନୀୟ ବୋଲି ସିପିଆଇ (ଏମ୍-ଏଲ୍) ଲିବରେସନ୍ ପକ୍ଷରୁ କୁହାଯାଇଛି। ଘଟଣାର ବିଚାର ବିଭାଗୀୟ ତଦନ୍ତ କରି ଏଥିପାଇଁ ଦାୟୀ ସମସ୍ତ ଦୋଷୀଙ୍କୁ କଠିନ ଦଣ୍ଡ ଦିଆଯିବା ସହ, ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି। ବୁଧବାର ମାଷ୍ଟରକ୍ୟାଣ୍ଟିନଠାରେ ସିପିଆଇ (ଏମ୍‌ଏଲ୍) ଲିବରେଶନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ରଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା। ବିକ୍ଷୋଭରେ ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡ଼ା ପ୍ରମୁଖ ଅଂଶଗ୍ରହଣ କରିଥିଲେ।




# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ନେଇ ପୋଷ୍ଟ କଲେ ନେପାଳ ବୈଦେଶିକ ମନ୍ତ୍ରୀ

ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)

କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ପ୍ରକ୍ରିତି ଲାମ୍‌ସଲ୍‌ଙ୍କ ମୃତ୍ୟୁ ଓ ଏହା ପରବର୍ତ୍ତୀ ଘଟଣାକୁ ନେଇ ବୁଧବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଅରଜୁ ରାଣା ଦେଉବାଙ୍କ ସହିତ ଭିଡିଓ କଲ୍‌ରେ କଥା ହୋଇଥିଲେ। ଏହି ଆଲୋଚନା ସଂକ୍ରାନ୍ତରେ ଡ. ଦେଉବା ନିଜ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରିବା ସହିତ ଓଡ଼ିଶା ସରକାର ମୃତକଙ୍କୁ ନ୍ୟାୟ ଦେବା ପାଇଁ କାର୍ଯ୍ୟ କରୁଥିବା ଉଲ୍ଲେଖ କରିଛନ୍ତି। ଆଲୋଚନା ସମୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ଘଟଣାର ନିରପେକ୍ଷ ତଦନ୍ତ କରାଯିବା ସହିତ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟରେ ପଢୁଥିବା ନେପାଳ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେମାନଙ୍କ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ହେଲ୍‌ପଲାଇନ୍ ଜାରି କରାଯାଇଥିବାବେଳେ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରିଥିବା କର୍ମଚାରୀ ଓ ଦୋଷୀ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ହୋଇଥିବା ଆଲୋଚନା ସମ୍ପର୍କରେ ଡ. ଦେଉବା ତାଙ୍କ ପୋଷ୍ଟରେ ଲେଖିଛନ୍ତି।

# ଛାତ୍ରୀ ମୃତ୍ୟୁର ପରବର୍ତ୍ତୀ ଘଟଣାକୁ କିଟ୍ କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣ ସମ୍ପୂର୍ଣ୍ଣ ଭୁଲ୍ ଥିଲା

**କିଟ୍ ଉପକୁଳପତି, ଛାତ୍ରୀଛାତ୍ରଙ୍କୁ ଭେଟିଲେ ରାଷ୍ଟ୍ରୀୟ ଅଭିଭାବକ ମହାସଂଘ କର୍ମକର୍ତ୍ତା**

ଭୁବନେଶ୍ୱର,୧୯।୨(ସୁଚିସ୍ମିତା ସାହୁ)

କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଓ ପରବର୍ତ୍ତୀ ଘଟଣା ସମ୍ବନ୍ଧରେ ପ୍ରକୃତ ତଥ୍ୟ ଜାଣିବା ନିମନ୍ତେ ବୁଧବାର ରାଷ୍ଟ୍ରୀୟ ଅଭିଭାବକ ମହାସଂଘ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଏବଂ ଜାତୀୟ ମାନବାଧିକାର ସାମ୍ମୁଖ୍ୟ ସଭାପତି ରମେଶ ଭାରତୀଙ୍କ ନେତୃତ୍ୱରେ ୬ ଜଣିଆ ଦଳ କିଟ୍ ବିଶ୍ୱବିଦ୍ୟାଳୟକୁ ଯାଇଥିଲେ। ସେମାନେ ଘଟଣା ସମ୍ପର୍କରେ ବିଶ୍ୱବିଦ୍ୟାଳୟ ଉପକୁଳପତି, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ସେମାନେ ଗଣମାଧ୍ୟମକୁ କହିଛନ୍ତି, ଛାତ୍ରୀ ମୃତ୍ୟୁର ପରବର୍ତ୍ତୀ ଘଟଣାକୁ କିଟ୍ କର୍ତ୍ତୃପକ୍ଷ ଯେଉଁଭଳି ଭାବରେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ତାହା ସମ୍ପୂର୍ଣ୍ଣ ଭୁଲ୍ ଥିଲା।

# ପୋଲିସକୁ ନ ଡାକି ରୁମ୍‌ରୁ ନେଇଯାଇଥିଲେ ମୃତଦେହ

ଭୁବନେଶ୍ୱର,୧୯।୨ (ସତ୍ୟଜିତ୍ ରାଉତ)

**ଭାଇରାଲ ହେଉଛି ଗୋଟେ ପରେ ଗୋଟେ ଭିଡିଓ**

କିଟ୍‌ରେ ନେପାଳୀ ଛାତ୍ରୀ ପ୍ରକ୍ରିତି ଆତ୍ମହତ୍ୟା ଘଟଣାରେ ଗୋଟେ ପରେ ଗୋଟେ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଛି। ୨ ମିନିଟ୍ ୪୧ ସେକେଣ୍ଡର ଏକ ଭିଡିଓରେ କିଟ୍ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ସ୍ପଷ୍ଟ ବାରି ହୋଇଯାଉଛି। କ୍ୟାମ୍ପସସ୍ଥିତ ହଷ୍ଟେଲ 'କ୍ୟୁସି୪'ର ରୁମ୍ ନଂ.୪ଏ-୧୨୫ରୁ ପ୍ରକ୍ରିତିଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଅନୁପସ୍ଥିତିରେ ତରବରିଆ ଭାବେ ଉଦ୍ଧାର କରାଯାଇଥିବା ଦେଖିବାକୁ ମିଳୁଛି। ପ୍ରମାଣ ଲୁଚାଇବା ଉଦ୍ଦେଶ୍ୟରେ ହଷ୍ଟେଲ କର୍ତ୍ତୃପକ୍ଷ ଏଭଳି କରିଛନ୍ତି ବୋଲି ସାଧାରଣରେ



କର୍ମଚାରୀଙ୍କ ଦ୍ୱାରା କୋଠରି କବାଟ କାଚ ଭଙ୍ଗାଯିବାର ଦୃଶ୍ୟ।

ଚର୍ଚ୍ଚା ହେଉଛି। ଭାଇରାଲ ଭିଡିଓରୁ ଦେଖିବାକୁ ମିଳିଛି, ପ୍ରକ୍ରିତି ଥିବା ବନ୍ଦ ରୁମର କବାଟକୁ ଭାଙ୍ଗିବାକୁ ଚେଷ୍ଟା ହେଉଛି। ହେଲେ କବାଟ ନ ଭାଙ୍ଗିବାରୁ ହଷ୍ଟେଲ କର୍ମଚାରୀ ଓ ସହପାଠୀମାନେ କବାଟ ଉପରେ ଥିବା ଏକ ସିଲିଂ କାଚକୁ ଭାଙ୍ଗିଥିଲେ। କାଚ ଭାଙ୍ଗି ଜଣେ କର୍ମଚାରୀ ଭିତରେ ପଶି ଭିତର ପଟୁ କବାଟ ଖୋଲିଥିଲେ। ଏହାପରେ ସହପାଠୀ ଓ ଅନ୍ୟ କର୍ମଚାରୀମାନେ ପ୍ରକ୍ରିତିଙ୍କ ଝୁଲନ୍ତା ମୃତଦେହକୁ ଫିଟାଇ ତଳକୁ ଆଣିଥିଲେ। ଏଭଳି ଘଟଣାରେ ମୃତଦେହକୁ ଉଦ୍ଧାର ନ କରି ପୋଲିସକୁ ଜଣାଇ ଅପେକ୍ଷା କରିବା କଥା। ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ଉକ୍ତ ମୃତଦେହକୁ ଜବତ କରି ସେଠାରୁ ବିଭିନ୍ନ ନମୁନା ସହ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିଥାନ୍ତେ। ହେଲେ ପ୍ରକ୍ରିତି ମୃତ୍ୟୁ ଘଟଣାରେ ହଷ୍ଟେଲ କର୍ମଚାରୀଙ୍କ ଏଭଳି ଦାୟିତ୍ୱହୀନତା ପାଇଁ ଘଟଣାସ୍ଥଳରୁ କ୍ରାଇମ୍ ସିନ୍ ବି ନଷ୍ଟ ହୋଇଯାଇଥିବା ଚର୍ଚ୍ଚା ହେଉଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଦୃଷ୍ଟିହୀନ ବ୍ୟକ୍ତିଙ୍କ ପାଇଁ ଏକ ଦିବସୀୟ ସମ୍ମିଳନୀ, ସ୍ଥାନ: ହୋଟେଲ ଲାଇଫ୍, ସମୟ: ସକାଳ ୯ଟା ୩୦।
- ଅଧ୍ୟାପିକା ଅଧ୍ୟାପକଙ୍କୁ ଦରମା ପ୍ରଦାନ ଦାବିରେ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା।
- ଅଚ୍ୟୁତ ସାମନ୍ତଙ୍କୁ ଗିରଫ କରିବା ଦାବିରେ ସିପିଆଇର ରାସ୍ତା ରୋକୋ ଓ ବିକ୍ଷୋଭ, ସ୍ଥାନ: ରାଜମହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ୍‌ର ମାସିକ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ଓଡ଼ିଶା ଲେଖକ ସମବାୟ ସମିତି ପରିସର, ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ଅପରାହ୍ନ ୪ଟା ୩୦।
- ବିଶ୍ୱ ମାତୃଭାଷା ଦିବସ ଅବସରରେ ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ, ସମୟ: ଅପରାହ୍ନ ୫ଟା ୩୦।
- ଶ୍ରୀ ଶ୍ରୀ କାନନେଶ୍ୱର ଦେବ ସଂସ୍ଥାନ ଦ୍ୱାରା ମହାଯଜ୍ଞ ଅବସରରେ ଆଶୀର୍ବଚନ, ସ୍ଥାନ: କାନନ ବିହାର, ପଟିଆ, ସମୟ: ସନ୍ଧ୍ୟା ୬ଟା।
- ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟ, ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ଭକ୍ତିକ ସନ୍ଧ୍ୟା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନର ୨୫ତମ ରୌପ୍ୟଜୟନ୍ତୀ, ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଝାରସୁଗୁଡ଼ାରେ ଗାନ୍ଧୀବାଦୀ କର୍ମୀଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଥିବା ଏଫ୍‌ଆଇଆର୍‌କୁ ବିରୋଧ କରି ଗାନ୍ଧୀବାଦୀ ଗଣ ସଂଗଠନ ସମୂହଙ୍କ ପକ୍ଷରୁ ସତ୍ୟାଗ୍ରହ ଓ ସ୍ମାରକପତ୍ର ପ୍ରଦାନ, ସ୍ଥାନ: କଟକସ୍ଥିତ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା କବାଡ଼ି ସଂଘ ଆନୁକୂଲ୍ୟରେ ତଥା ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଜାତୀୟ ସିନିୟର ପୁରୁଷ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ୍, ସମୟ : ଅପରାହ୍ନ ୫ଟା।
- ଜମାତ୍ ଅହମ୍ମଦିୟା ତରଫରୁ ହଜରତ ମୁସ୍‌ଲେ ମଓଦ ଦିବସ ପାଳନ, ସ୍ଥାନ: ଜାମା ମସ୍‌ଜିଦ, ଜମାତ ଅହମ୍ମଦିୟା, ପଙ୍କାଲ, ତିଗିରିଆ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଆଚାର୍ଯ୍ୟ ହରିହର ଶିଶୁ ଭବନର ୪୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ସ୍ମୃତି ସଭା, ସ୍ଥାନ: ଶିଶୁ ଭବନ ସଭାଗୃହ, ସାକ୍ଷୀଗୋପାଳ ମନ୍ଦିର ନିକଟ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କାଇପଦର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ମହୋତ୍ସବ, ପୁସ୍ତକ ମେଳା ଓ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟନ, ସ୍ଥାନ: ହାବେଳି ପଡ଼ିଆ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ବିଶାଳ ଗଣଧାରଣା, ସ୍ଥାନ: ଖାଉଟି ଅଦାଲତ ସମ୍ମୁଖ, କଚେରୀ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ ଶିବିରର ଚତୁର୍ଥ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଏଫ୍‌ଏମ୍‌ୟୁରେ ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୨ଟା ୩୦।

## ଭଦ୍ରକ

- ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରାଣ ପ୍ରତିଷ୍ଠା ଓ ଯଜ୍ଞ ଆରମ୍ଭ, ସ୍ଥାନ: ମୂଳଗାଁ, ଭଦ୍ରକ, ସମୟ: ଅପରାହ୍ନ ୧ଟା।
- ଚାରୁ ଚନ୍ଦ୍ର ମେମୋରିଆଲ ସର୍ବଭାରତୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଚାରୁ ଚନ୍ଦ୍ର ଇଂଲିଶ ମାଧ୍ୟମ ବିଦ୍ୟାଳୟ ପରିସର, ବନ୍ତ, ସମୟ: ଅପରାହ୍ନ ୪ଟା।
- ପାଲା ପରିବେଷଣ, ସ୍ଥାନ: ଭୈରବପୁର ଭବାନୀ ଶଙ୍କର ମହାଦେବ ମନ୍ଦିର ପରିସର, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ହନୁମାନଙ୍କ ନୂତନ ବିଗ୍ରହ ସ୍ଥାପନ ଓ କଳସ ଯାତ୍ରା ଗ୍ରାମ ପରିକ୍ରମା, ସ୍ଥାନ: ବିରିଡିହା, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ:ସାରସକ୍ଷେତ୍ର, ସାରସକଣା,ସମୟ:ପୂର୍ବାହ୍ନ ୧୧ଟା।
- ଭୀମ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଉଁଶିଆ ଭୀମ ମେଳା ପଡ଼ିଆ, ବଡ଼ସାହି,ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ରୟାଲ କଲେଜ ଅଫ ଫାର୍ମାସୀର ବାର୍ଷିକୋତ୍ସବ, ସ୍ଥାନ: କଲେଜ ପରିସର,ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ବ୍ଲକସ୍ତରୀୟ ନିପୁଣ ଓଡ଼ିଆ ମେଳା, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋପାଳପୁର, ସମୟ: ସକାଳ ୧୧ ଟା।

## ଢେଙ୍କାନାଳ

- କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀଙ୍କ ଗସ୍ତ, ସ୍ଥାନ: ସର୍କିଟ୍ ହାଉସ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୪୫।

## ଜଗତ୍‌ସିଂହପୁର

- ପୁରୀରେ ହେବାକୁ ଥିବା କଂଗ୍ରେସର ସଂକଳ୍ପ ଯାତ୍ରା ପାଇଁ ପାରାଦୀପରୁ ରାଲି ଆରମ୍ଭ, ସ୍ଥାନ: ନଗର କଂଗ୍ରେସ କାର୍ଯ୍ୟାଳୟ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା

- ଆଜାଦ କ୍ଲବ ପକ୍ଷରୁ ଫୁଟ୍‌ବଲ ଖେଳ, ସ୍ଥାନ: କେନ୍ଦ୍ରାପଡ଼ା ସରକାରୀ ହାଇସ୍କୁଲ ଖେଳପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ଶ୍ରୀବିଶ୍ୱେଶ୍ୱର ମହାଦେବ ନିକଟ, ଗରଦପୁର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ୧୩ତମ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ:ସକାଳ ୭ଟା।
- ମହିଳା ଆତ୍ମ ସୁରକ୍ଷା ଦକ୍ଷତା କର୍ମଶାଳାର ଉଦ୍‌ଯାପନ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଗୁଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ମିଲେଟ୍ସ ତିଆରି ସାମଗ୍ରୀ ପ୍ରଶିକ୍ଷଣ ଶିବିର, ସ୍ଥାନ: କାଶୀପୁର ବ୍ଲକ ଡୁଡୁକା ବାହାଲ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ନବରଙ୍ଗପୁର ଏମ୍‌ପିଙ୍କ ଉନ୍ନୟନ କାର୍ଯ୍ୟ ତଦାରଖ, ସ୍ଥାନ: ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ପ୍ରଶ୍ନପତ୍ର ଓ ଉତ୍ତର ଖାତା ଛପାଇବା, ଯୋଗାଇବା ନେଇ ଜିଲାସ୍ତରୀୟ ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ୩୦।

## କୋରାପୁଟ

- ଜଳବାୟୁ ବନ୍ଧୁତ୍ୱପୂର୍ଣ୍ଣ ଓ ସ୍ଥାୟୀ ଜୀବିକା କାର୍ଯ୍ୟକ୍ରମ, ସ୍ଥାନ: ଚଣାବାଡ଼ ପଞ୍ଚାୟତ କୃଷି କ୍ଷେତ୍ର, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସିବିଏସ୍‌ଇ ମାଟ୍ରିକ ପରୀକ୍ଷାର ଦ୍ୱିତୀୟ ଦିନ, ସ୍ଥାନ: କୋରାପୁଟ ପିଏମ୍ ଜବାହର ନବୋଦୟ ବିଦ୍ୟାଳୟ, ସମୟ :ପୂର୍ବାହ୍ନ ୧୦ ଟା ୩୦।

## ସମ୍ବଲପୁର

- ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜିତ ୧୩ତମ ଦିନବନ୍ଧୁ ଗୋସ୍ୱାମୀ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୮ଟା ୩୦।
- ବୈଷୟିକ ଓ ସାଂସ୍କୃତିକ ଉତ୍ସବ, ସ୍ଥାନ: ଭିସୁଟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଷିୟାନ କ୍ରୀଡ଼ା ସଂଘ ଆୟୋଜିତ ଦ୍ୱିତୀୟ ଆନ୍ତଃଜିଲା(ପଶ୍ଚିମ ଓଡ଼ିଶା ସ୍ତରୀୟ) ବିଜୟ ବାହାଦୂର ସିଂହ ଏବଂ ଭୀମସେନ ଛତର ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟରେ କୋରାପୁଟ ଏବଂ ସୁନ୍ଦରଗଡ ଜିଲା ମଧ୍ୟରେ ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ, ସମୟ : ଅପରାହ୍ନ ୩ଟା।

## ରାଉରକେଲା

- ଆଦର୍ଶ ପାଠାଗାର ପକ୍ଷରୁ ମାସିକ ସାହିତ୍ୟ ଆସର, ସ୍ଥାନ: ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା ୩୦।
- ଆମେ ଓଡ଼ିଆ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୩ ଖଡ୍ଗ ଭବନ, ସମୟ: ଅପରାହ୍ନ ୪ଟା

## ସୁନ୍ଦରଗଡ଼

- ବରଙ୍ଗାକଛାର ପଞ୍ଚାୟତର ପଟୁଆବେଡା ପ୍ରାଥମିକ ବିଦ୍ୟାଳୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ କ୍ୟାମ୍ପ, ସମୟ: ପୂର୍ବାହ୍ନ ୯ଟା।
- ବଡ଼ଗାଁ ନର୍ସିଂ କଲେଜର ବାର୍ଷିକ ଉତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ,ସମୟ: ଅପରାହ୍ନ ୪ଟା ୩୦।

## ବରଗଡ଼

- ଶ୍ରୀଦୁର୍ଗା ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଘେଁସ୍, ସୋହେଲା, ସମୟ: ସକାଳ ୮ଟା
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ତାଲଶ୍ରୀଗିଡ଼ା, ବରଗଡ଼, ସମୟ: ସକାଳ ୯ଟା।
- ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବିଜାଢ଼ୋଲ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଆନ୍ତଃ ରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମର ତୃତୀୟ ଦିବସ, ସ୍ଥାନ: ଭବାନୀପାଟଣା ଇଟିସି ପ୍ରଶିକ୍ଷଣ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ର ବଜେଟକୁ ବିରୋଧ କରି ବାମପନ୍ଥୀ ସଂଗଠନ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଚବିଶ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତୀ, ସ୍ଥାନ: ପୁରୁନ୍ଦୂଣ୍ଡା ଗ୍ରାମ, ବୌଦ୍ଧ, ସମୟ: ସକାଳ ୮ଟା।
- ଦ୍ୱିତୀୟ ସେବା ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ବାବା ଗୁପ୍ତେଶ୍ୱର ମନ୍ଦିର ପଡିଆ, ବୁରୁବୁଡା, ହରଭଙ୍ଗା, ସମୟ: ସକାଳ ୯ଟା।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ରାମଧୂନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଆଳତି, ସ୍ଥାନ: କୋମନା ବ୍ଲକ ପଲସିପାଣି ପଞ୍ଚାୟତ କାଶିପଲା ଗାଁ, ସମୟ: ପ୍ରାତଃ ୫ଟା ୩୦।

## ଝାରସୁଗୁଡ଼ା

- ଭାଗବତ ସପ୍ତାହ ପାଳନ, ସ୍ଥାନ: ବାଗଡିହି ଭାଗବତ ମନ୍ଦିର, ସମୟ: ସକାଳ ୮ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ଜଳ ବିଭାଜିକା ଯାତ୍ରା, ସ୍ଥାନ: ଜୁନିୟର ଖେଳ ପଡ଼ଆ, ଲଖନପୁର, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ପୁରାତନ ରୋଗପୀଡ଼ା, ପୂର୍ବ ଶତ୍ରୁତା, ପିଲାଙ୍କ ସମ୍ବନ୍ଧୀୟ ଥିବା ଦୁଶ୍ଚିନ୍ତା ସମ୍ପର୍କରେ ଚିନ୍ତିତ ରହିବେ। ଠିକ୍ ସମୟରେ କାମ ସମ୍ପନ୍ନ କଷ୍ଟକର ହୋଇପାରେ। ପରିବାର ହେଉ କିମ୍ବା କର୍ମକ୍ଷେତ୍ର, ପ୍ରତି ସମସ୍ୟାକୁ ସୁଧାରିନେବାରେ ଅସୁବିଧା ହେବନାହିଁ। ଦ୍ୱିଜା ନକ୍ଷତ୍ରର ବାଣିଜ୍ୟ, ନିର୍ମାଣ, ପରିବହନ, ବ୍ୟବସାୟିକସ୍ଥିତି ପ୍ରାୟତଃ ହାଲୁକା ରହିବ।

**ବୃଷ** – ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟାରମ୍ଭ, ଆଲୋଚନା, ବନ୍ଧୁମିଳନ ପାଇଁ ସୁନ୍ଦର ସୁଯୋଗ ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଅନୁକୂଳ ପରିବେଶ ସୃଷ୍ଟି ହେବ। କୃତ୍ତିକା ନକ୍ଷତ୍ରର କୌଣସି ଆଲୋଚନାରେ ତର୍କ ଓ ବିବାଦୀୟ କଥା, ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢ଼ିଯିବ। ପରିବହନରେ ସମସ୍ୟା, କର୍ମପରିସରରେ ଶତ୍ରୁତା ହେତୁ ଚିନ୍ତା କରିପାରନ୍ତି।

**ମିଥୁନ** – ଅନ୍ୟକୁ ଖୁଆଇ ପିଆଇ ଘରେ, ବାହାରେ ସବୁଠି ଆଦର, ସ୍ନେହ ଆପଣଙ୍କ ଲୋକପ୍ରିୟତାକୁ ବଢ଼ାଇ ଦେବ। ମୃଗଶିରାର ଫେରିଯାଇଥିବା ବନ୍ଧୁ ଲେଉଟି ଆସିବାରୁ ଆପଣ ଖୁସି ହେବେ ନାହିଁ। ବାକିଥିବା ଲୋକଟିକୁ ବକେୟା ମାଗିବାରୁ ପରିସ୍ଥିତି ଉତ୍ତେଜନାମୂଳକ ହେବ। ଅଜଣା ଲୋକ ସହ ବାକ୍‌ବିତଣ୍ଡା ସୃଷ୍ଟି ହେବ।

**କର୍କଟ** – ଉପକୃତ ହୋଇଥିବା ବ୍ୟକ୍ତିଙ୍କ ବେଖାତିର ମନୋଭାବ ହେତୁ ଟିକିଏ କଥାରେ ରାଗିପାରନ୍ତି। କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ପଡ଼ିବ। ଅଶ୍ଳେଷାର ପ୍ରତିଦ୍ୱନ୍ଦ୍ୱୀ, ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେଇ ପାରନ୍ତି। ପୁରୁଣା ସମସ୍ୟା ତୁଟି ଯାଇଥିଲେ ମଧ୍ୟ ନୂତନ ସମସ୍ୟା ଦେଖାଦେବ।

**ସିଂହ** – ସଚେତନତାର ଅଭାବ ସାଙ୍ଗକୁ ସ୍ୱାସ୍ଥ୍ୟ ପ୍ରତି ଜଗି ରଖି ନ ଚଳିଲେ ଅସୁବିଧାର ସମ୍ମୁଖୀନ ହେବେ। ପୂର୍ବାଫାଲଗୁନୀ ନକ୍ଷତ୍ର ବନ୍ଧୁଙ୍କଠାରୁ ନାସ୍ତି ବାକ୍ୟ ଶୁଣି ବିଷାଦଗ୍ରସ୍ତ ହେବେ। ହଜିଯାଇଥିବା ଜିନିଷ ଫେରି ପାଇବେ, ଅବଶ୍ୟ କିଛି ସମୟ ହଇରାଣ ହେବାକୁ ପଡିବ। ପରିବହନ, ସଂଗଠନ ଓ ରାଜନୀତି ପାଇଁ ଦିନଟି ମନ୍ଦ ନୁହେଁ।

**କନ୍ୟା** – କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ଉତ୍ତରାଫାଲଗୁନୀ ନକ୍ଷତ୍ର ସ୍ୱର୍ଶକାତର କଥାରେ ଚିହ୍ନାପଡିଲେ ସମସ୍ୟା ସୃଷ୍ଟି ହେବ। ଜରୁରୀ କାମରେ ବାହାରକୁ ଯିବାକୁ ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟ ହେବେ। ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମରେ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡିପାରେ।

**ତୁଳା** – ସ୍ୱାତୀନକ୍ଷତ୍ର କର୍ମକ୍ଷେତ୍ରରେ ସହକର୍ମୀଙ୍କୁ ଦିଗ୍‌ଦର୍ଶନ ଦେଇ ପ୍ରଶଂସିତ ହେବେ। ଆବଶ୍ୟକତା ପୂରଣ ଲାଗି ଅର୍ଥ ଯୋଗାଡ଼ରେ ହଇରାଣ ହୋଇପାରନ୍ତି। ନୂତନ ଗାଡି, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର, ପୋଷାକପତ୍ର କିଣିବା ପାଇଁ ମନ ବଳାଇ ପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ବନ୍ଧୁଟି ଦୂରେଇ ଯିବାରୁ ମନରେ ସରସତା ରହିବ ନାହିଁ।

**ବିଛା** – ଅନୁରାଧା ନକ୍ଷତ୍ରର ଅପୂରଣୀୟ ଅଭିଳାଷ ମାନସିକ ସ୍ତରକୁ ହଲ୍‌ଚଲ୍ କରିପାରେ। ଆଜି ନୂଆ କାମ ଆରମ୍ଭ ସାଙ୍ଗକୁ ଆନୁଷଙ୍ଗିକ ସହଯୋଗ ମଧ୍ୟ ପାଇଯିବେ। କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ବାଣିଜ୍ୟ, ସାମ୍ବାଦିକତା, ସାହିତ୍ୟଚର୍ଚ୍ଚା, ଆନୁଷ୍ଠାନିକ ଆଲୋଚନାକୁ ପୂରା କରିବେ।

**ଧନୁ** – ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ଆଜି ସଂଘର୍ଷମୟ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। ପାରିବାରିକ କ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। କର୍ମକ୍ଷେତ୍ରର ଟେନ୍‌ସନ୍ ଦୂର ହେବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଆଶା ପୂରଣ ମାନସରେ ଅନ୍ୟର ପ୍ରହେଳିକାପୂର୍ଣ୍ଣ କଥାରେ ପଡି ପଛରେ ଦୌଡିପାରନ୍ତି।

**ମକର** – ନୂତନ ବନ୍ଧୁତା ସ୍ଥାପନ ଦିଗରେ ଆଜି ଦିନଟି ସ୍ମରଣୀୟ ହୋଇରହିବ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ଅନ୍ୟମନସ୍କହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ଧନିଷ୍ଠା ନକ୍ଷତ୍ର କଳା, ସାହିତ୍ୟ, କ୍ରୀଡ଼ାଦି ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କୁମ୍ଭ** – ନିଜର ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ପାରିବାରିକ କ୍ଷେତ୍ରରେ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ପୂର୍ବଭାଦ୍ରପଦ ନକ୍ଷତ୍ର ପ୍ରଶାସନ, ଗବେଷଣା ଆଦିରେ ଆଶାନୁଯାୟୀ ଫଳ ପାଇବେ। ଈର୍ଷାପରାୟଣ ବ୍ୟକ୍ତି ପ୍ରତିଷ୍ଠାକୁ ସହି ନ ପାରି କଟୁ ମନ୍ତବ୍ୟ ଦେଇପାରନ୍ତି।

**ମୀନ** – ଆଜି କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ହୋଇପାରେ। ପୁନଶ୍ଚ କାର୍ଯ୍ୟବ୍ୟସ୍ତତା ଯୋଗୁ ଘରକଥା ବୁଝିବାକୁ ସମୟ ପାଇବେ ନାହିଁ। ଉତ୍ତରଭାଦ୍ରପଦ ନକ୍ଷତ୍ର ସକାଶେ ବାଣିଜ୍ୟ, ବ୍ୟବସାୟ, କଚେରି ମାମଲା ଓ ପରିବହନ କ୍ଷେତ୍ରରେ ଝଗଡ଼ା ଲାଗିପାରେ। ଆବଶ୍ୟକତା ପୂରଣ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

ଆଜି ଫେବୃଆରୀ ୨୦ ତାରିଖ, ବିଶ୍ୱ ସାମାଜିକ ନ୍ୟାୟ ଦିବସ, ଫାଲଗୁନ କୃଷ୍ଣପକ୍ଷ ସପ୍ତମୀ ଯୁକ୍ତ ଅଷ୍ଟମୀ ଗୁରୁବାର, ରାଶିନକ୍ଷତ୍ର-ଦିବା ଘ.୦୧.୨୯ ମି. ପର୍ଯ୍ୟନ୍ତ ବିଶାଖା/ବିଛା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ବିଦ୍ୟାରମ୍ଭ ଓ ପ୍ରତିଷ୍ଠାଦି ସକାଶେ ଶୁଭଦିନ। ସକାଳ ଘ.୦୬.୧୬ ଗତେ ଘ.୦୭.୪୮ ମଧ୍ୟେ, ଘ.୧୦.୫୧ ଗତେ ଘ.୦୧.୦୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧.୨୬ ଗତେ ଘ.୦୨.୫୨ ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଟାରିଫ୍ ଉପରେ...

କରିବାର ଦିନକ ପରେ ଫକ୍ସ ନ୍ୟୁଜ୍‌କୁ ସାକ୍ଷାତ୍‌କାର ବେଳେ ଭାରତ ସହିତ ଆମେରିକାର ନୂଆ ଟାରିଫ୍ ନୀତିକୁ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ବିଲିୟନେୟାର ବିଜ୍‌ନେସମ୍ୟାନ୍ ଏଲନ୍ ମସ୍କଙ୍କ ସହ ଏକ ଟିଭି ଚ୍ୟାନେଲକୁ ମିଳିତ ଭାବେ ସାକ୍ଷାତ୍‌କାର ଦେଇ ଟ୍ରମ୍ପ୍ କହିଛନ୍ତି, ଭାରତକୁ ଆମେରିକାର ପାରସ୍ପରିକ ଟିକସ ବ୍ୟବସ୍ଥାରୁ ଆଦୌ ରିହାତି ମିଳିବ ନାହିଁ। ସେ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅବଗତ କରାଇଥିବା ବିଷୟ ମଧ୍ୟ ଇଣ୍ଟରଭ୍ୟୁ ବେଳେ ସୂଚନା ଦେଇଛନ୍ତି। ଟ୍ରମ୍ପଙ୍କ କହିବା ହେଲା, ଆମେରିକା ଏବେ ଭାରତ ସମେତ ସବୁ ଦେଶ ସହ ସମାନ ବାଣିଜ୍ୟିକ ନୀତି ଆପଣାଇବ। ଭାରତରେ କେତେକ ଆମେରିକୀୟ ଉତ୍ପାଦ ଉପରେ ବିଶ୍ୱର ସବୁଠୁ ଅଧିକ ଟାରିଫ୍ ଲଗାଯାଉଛି। ବିଶେଷକରି ଅଟୋମୋବାଇଲ୍ ସେକ୍ଟରରେ ବିଦେଶୀ କାର୍‌ଗୁଡ଼ିକ ଉପରେ ଭାରତର ଟିକସ ୧୦୦% ରହିଛି।

ଭାରତ ଆମେରିକୀୟ ସାମଗ୍ରୀ ଉପରେ ଯେତିକି ଟିକସ ଲଗାଇବ ଆମେରିକା ମଧ୍ୟ ଅନୁରୂପ ଟିକସ ଲଗାଇବ ବୋଲି ମୋଦିଙ୍କୁ ଟ୍ରମ୍ପ୍ କହିଥିଲେ। ମୋଦି କହିଥିଲେ, ନା, ମୁଁ ଏହାକୁ ପସନ୍ଦ କରୁନାହିଁ। ଟ୍ରମ୍ପ୍ କହିଥିଲେ, ଆପଣ ଯେତିକି ଟିକସ କଷିବେ, ମୁଁ ମଧ୍ୟ ସେତିକି ଟିକସ କଷିବି। ଏହି ନୀତି ମୁଁ ସବୁ ଦେଶ ସହ ଲାଗୁ କରିବି। ଟ୍ରମ୍ପଙ୍କ ଏହି ମନ୍ତବ୍ୟକୁ ମସ୍କ ସମର୍ଥନ କରି କହିଥିଲେ, ହଁ, ଭାରତ ଅଟୋ ଆମଦାନୀ ଉପରେ ୧୦୦% ଟାରିଫ୍ ଲଗାଉଛି। ଟ୍ରମ୍ପ୍ ମଧ୍ୟ ଏହାକୁ ଅତ୍ୟଧିକ ବୋଲି ଦୋହରାଇଥିଲେ। ରାଷ୍ଟ୍ରପତି ଟ୍ରମ୍ପ୍ ପୁଣି ଦୋହରାଇଥିଲେ, ଏଭଳି ଟାରିଫ୍ ଯୋଗୁ ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ଭାରତରେ କାର୍ ବିକ୍ରି କରିବା ଅସମ୍ଭବ ହୋଇପଡ଼ିଛି। ଏହା ଆମେରିକୀୟ ଅର୍ଥନୀତି ପାଇଁ ଅନୁପଯୁକ୍ତ।

ଟ୍ରମ୍ପଙ୍କ ପ୍ରସ୍ତାବିତ ରେସିପ୍ରୋକାଲ ଟାରିଫ୍ ବ୍ୟବସ୍ଥାରେ ଆମେରିକା ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଭାରତ ଭଳି ଟିକସ ଲଗାଇବ। ଏହି ପ୍ରସଙ୍ଗରେ ତାଙ୍କ ସହ କେହି ଯୁକ୍ତି କରିପାରିବେ ନାହିଁ। 'ମୁଁ ଯଦି କହିବି ୨୫%, ତେବେ ସେମାନେ କହିବେ ଓ.. ତାହା ଭୟଙ୍କର। ତେଣୁ ମୁଁ କହୁଛି, ସେମାନେ ଯେତେ ଟିକସ ଲଗାଇବେ, ଆମେ ସେତେ ଟିକସ କଷିବୁ।' ଟ୍ରମ୍ପଙ୍କ ଏହି ଟିପ୍ପଣୀରୁ ବୈଶ୍ୱିକ ବାଣିଜ୍ୟରେ ଭାରତ ଓ ଆମେରିକା ମଧ୍ୟରେ ସମ୍ଭାବ୍ୟ ଲଢ଼େଇର ସଙ୍କେତ ମିଳିଛି।

ପ୍ରକାଶ ଯେ, ଭାରତୀୟ ଟାରିଫ୍‌କୁ ନେଇ ଏହା ଟ୍ରମ୍ପଙ୍କ ପ୍ରଥମ ନକାରାତ୍ମକ ମନ୍ତବ୍ୟ ନୁହେଁ। ଟ୍ରମ୍ପ୍ ନିଜ ପ୍ରଥମ କାର୍ଯ୍ୟକାଳରେ ମଧ୍ୟ (୨୦୧୯ ମେ'ରେ) ଭାରତର ଟିକସ ବ୍ୟବସ୍ଥାକୁ ସମାଲୋଚନା କରି ଭାରତକୁ 'ଟାରିଫ୍ କିଙ୍ଗ୍' ଆଖ୍ୟା ଦେଇଥିଲେ। ମୋଦିଙ୍କ ସଦ୍ୟ ଆମେରିକା ଗସ୍ତ ବେଳେ ଉଭୟ ଦେଶ ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦୩୦ ସୁଦ୍ଧା ଦ୍ୱିଗୁଣିତ କରି ୫୦୦ ନିୟୁତ ଡଲାରରେ ପହଞ୍ଚାଇବା ପାଇଁ ସହମତି ପ୍ରକାଶ କରିଛନ୍ତି। ଏଥିସହ ଚଳିତବର୍ଷ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) ପାଇଁ ମଧ୍ୟ ରାଜି ହୋଇଛନ୍ତି। ୨୦୨୪ରେ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୧୮.୨ ବିଲିୟନ୍ ଡଲାର ରହିଥିଲା। ଭାରତ ଆମେରିକାରୁ ୫,୬୪୯ ସାମଗ୍ରୀ ଆମଦାନୀ କରିଥିଲା, ଯାହାର ମୂଲ୍ୟ ୪୦.୭ ବିଲିୟନ୍ ଡଲାର ହେବ। ସେହିପରି ଆଲୋଚ୍ୟ ଆର୍ଥିକବର୍ଷରେ ଭାରତରୁ ଆମେରିକାକୁ ୭,୩୪୬ ସାମଗ୍ରୀ ରପ୍ତାନି କରାଯାଇଥିଲା, ଯାହାର ମୂଲ୍ୟ ୭୭.୫ ବିଲିୟନ୍ ଡଲାର ରହିଥିଲା।

## ସ୍କୁଲ ପାଚେରି...

କରି ଆମ୍ବୁଲାନ୍ସ ଯୋଗେ ଅଡ଼ଶପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଡାକ୍ତର ତାଙ୍କୁ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ କିଶୋର କୁମାର ରାଉତରାୟ ସ୍କୁଲରେ ଅନୁପସ୍ଥିତ ଥିଲାବେଳେ ଘଟଣା ବାବଦରେ ଖବର ପାଇ ସେଠାରେ ପହଞ୍ଚି ସାଇସ୍ୱରୂପଙ୍କୁ ନେଇ ଏସ୍‌ସିବି ମେଡିକାଲ ଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କଣ୍ଠାପଡ଼ା ଅତିରିକ୍ତ ତହସିଲଦାର ଆଦ୍ୟାଶା ପ୍ରିୟଦର୍ଶିନୀ ବଳ, କଣ୍ଠାପଡ଼ା ବିଡିଓ ସ୍ୱପ୍ନିତା ନାୟକ, କଟକ ସଦର ଉପଖଣ୍ଡ ଅଧିକାରୀ କିରଣ କୁମାର ହେମ୍ବ୍ରମ, ଗୋବିନ୍ଦପୁର ଥାନାଧିକାରୀ ସୋନାଲି ଆନନ୍ଦ ସଶସ୍ତ୍ର ପୋଲିସ ଫୋର୍ସ ସହ ବିଦ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସରକାରଙ୍କ ପକ୍ଷରୁ ଯାହା ସହାୟତା ଦିଆଯିବା କଥା ତାହା ପ୍ରଦାନ କରାଯିବ ବୋଲି ଅତିରିକ୍ତ ତହସିଲଦାର ବଳ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଉତ୍ୟକ୍ତ ଲୋକେ ରାସ୍ତାରୋକୋ ଜାରି ରଖିଥିଲେ। ସନ୍ଧ୍ୟାରେ ମୃତ ଛାତ୍ରଙ୍କ ବାପା ଶିଶିର ଭୋଇ ପାଚେରି ନିର୍ମାଣ କରିଥିବା ଠିକାଦାରଙ୍କ ଅବହେଳା ଯୋଗୁ ଏଭଳି ଘଟଣା ଘଟିଛି ବୋଲି ଗୋବିନ୍ଦପୁର ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଧାନ ଶିକ୍ଷକ ରାଉତରାୟ ଘଟଣା ବାବଦରେ କହିଛନ୍ତି, ଉକ୍ତ ପାଚେରି ୭ ବର୍ଷ ପୂର୍ବେ ନିର୍ମାଣ ହୋଇଥିବାବେଳେ ୨୦୨୧ ମସିହାରେ ତାହାର ମରାମତି ହୋଇଥିଲା। ବର୍ତ୍ତମାନ ବୋଧହୁଏ ତାହା ଦୁର୍ବଳ ହୋଇପଡ଼ିଥିଲା। ଫଳରେ ପାଚେରି ଭୁଷୁଡ଼ି ପଡ଼ି ଏପରି ଅଘଟଣ ଘଟିଥିବା ପ୍ରଧାନ ଶିକ୍ଷକ କହିଛନ୍ତି। ତେବେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ ସେ ସେଥିରେ ସହଯୋଗ କରିବେ ବୋଲି ସହମତି ଜଣାଇଛନ୍ତି।

## ସଙ୍ଗମ ଜଳ ପ୍ରଦୂଷଣ...

ସରକାର ଏକପ୍ରକାର ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି। କେନ୍ଦ୍ରୀୟ ଏଜେନ୍ସିର ରିପୋର୍ଟକୁ ୟୁପି ସରକାର ଖଣ୍ଡନ କରିବା ପରେ ଉଭୟଙ୍କ ଆଭିମୁଖ୍ୟର ବିରୋଧାଭାସ ବର୍ତ୍ତମାନ ସାମ୍ନାକୁ ଆସିଛି। ପ୍ରତିଦିନ କୋଟିଏରୁ ଊର୍ଦ୍ଧ୍ୱ ଲୋକ ପବିତ୍ର ବୁଡ଼ ପକାଉଥିବା ମହାକୁମ୍ଭର ତ୍ରିବେଣୀ ସଙ୍ଗମ ଏବେ ସ୍ନାନ ଉପଯୋଗୀ ହୋଇ ରହିନାହିଁ। କାରଣ ଜଳର ଗୁଣବତ୍ତା ସ୍ଥିର ପାଇଁ ମୁଖ୍ୟ ଉପାଦାନ ଭାବେ ଗ୍ରହଣ କରାଯାଉଥିବା ବାୟୋଲୋଜିକାଲ ଅକ୍ସିଜେନ୍ ଡିମାଣ୍ଡ (ବିଓଡି) ସ୍ତର ସେଠାରେ ନିର୍ଦ୍ଧାରିତ ସୀମାକୁ ଅତିକ୍ରମ କରିଯାଇଛି। ଏହା କୌଣସି ଘରୋଇ ସଂସ୍ଥା କିମ୍ବା ବିରୋଧୀ ଦଳର ଆକଳନ ନୁହେଁ, ବରଂ ଖୋଦ୍ ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ। ମହାକୁମ୍ଭ ମେଳା ସଙ୍ଗମସ୍ଥଳ ନଦୀଜଳରେ ଅତ୍ୟଧିକ ପରିମାଣରେ ମଳ ବ୍ୟାକ୍ଟେରିଆ ରହିଥିବାରୁ ଏହା ଗାଧୋଇବା ପାଇଁ ଉପଯୁକ୍ତ ନୁହେଁ ବୋଲି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ସୋମବାର ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ଙ୍କୁ ଜଣାଇଥିଲା। ଏହାର ଅନୁମତିଯୋଗ୍ୟ ସୀମା ୧୦୦ ମିଲିଲିଟର ପ୍ରତି ୨,୫୦୦ ୟୁନିଟ୍ ବୋଲି ସିପିସିବି ଦର୍ଶାଇଥିଲା। ଏହି ବ୍ୟାକ୍ଟେରିଆ ମଣିଷ ଓ ପ୍ରାଣୀମାନଙ୍କ ମଳରେ ଆସି ପାଣିରେ ମିଶିଥାଏ। ପ୍ରୟାଗରାଜର ବିଭିନ୍ନ ଭାଗରେ ଥିବା ନଦୀଜଳରେ ଅନୁମୋଦିତ ସୀମାଠାରୁ ବହୁତ ଅଧିକ ବ୍ୟାକ୍ଟେରିଆ ରହିଥିବାରୁ ଏହା ଗୁରୁତର ପ୍ରଦୂଷଣ, ଯାହାଦ୍ୱାରା ଜଳବାହିତ ରୋଗ ବ୍ୟାପିବା ଆଶଙ୍କା ରହିଛି। ଏହି ପାଣିରେ ଗାଧୋଇବା ଦ୍ୱାରା ଗାଷ୍ଟ୍ରୋଇଣ୍ଟେଷ୍ଟାଇନାଲ ସଂକ୍ରମଣ, ଚର୍ମ ଓ ଆଖିରେ ସଂକ୍ରମଣ, ଟାଇଫଏଡ୍, ହେପାଟାଇଟ୍ସ, ଶ୍ୱାସକ୍ରିୟା ସମସ୍ୟା ଆଦି ଦେଖାଦେବା ଉପୁଜିଥାଏ। ଇତିମଧ୍ୟରେ ବିଓଡିର ଆଉ ଏକ ରିପୋର୍ଟ ବୁଧବାର ସାମ୍ନାକୁ ଆସିଛି। ଏଥିରେ ଦର୍ଶାଯାଇଛି ଯେ, ବିଓଡି ସ୍ତର ଅଧିକ ଥିବାରୁ ଅଧିକ ପରିମାଣରେ ଜୈବିକ ବସ୍ତୁ ନଦୀଜଳରେ ମିଶୁଛି। ୧ ଲିଟର ପାଣିରେ ୩ ମିଲିଗ୍ରାମରୁ କମ୍ ବିଓଡି ରହିଲେ ତାକୁ ସ୍ନାନ ଉପଯୋଗୀ ମନେକରାଯାଇଥାଏ। କିନ୍ତୁ ସଙ୍ଗମସ୍ଥଳ ଜଳରେ ଲିଟର ପିଛା ୫.୦୯ ମିଲିଗ୍ରାମ ବିଓଡି ରହିଥିବା ଜାନୁଆରୀ ୧୬ରେ ସେଠାରୁ ସଂଗୃହୀତ ଜଳ ନମୁନାରୁ ଜଣାପଡ଼ିଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସୂଚନା ଦେଇଛି। ସିପିସିବି ତଥ୍ୟ ଅନୁଯାୟୀ, ଜାନୁଆରୀ ୧୩ରେ ସଙ୍ଗମ ଜଳରେ ଲିଟର ପିଛା ୩.୯୪ ମିଲିଗ୍ରାମ ବିଓଡି ରହିଥିବାବେଳେ ୧୪ ତାରିଖରେ ସେଥିରେ ସୁଧାର ଆସି ଏହା ୨.୨୮ମିଲିଗ୍ରାମକୁ ଖସିଥିଲା। ଏହାପରେ ଏହି ଜଳ ପ୍ରାୟତଃ ସ୍ନାନ ଉପଯୋଗୀ ସ୍ତରରେ ରହିନାହିଁ। କାରଣ ସଙ୍ଗମ ଜଳରେ ଲିଟର ପିଛା ବିଓଡି ଜାନୁଆରୀ ୧୬ରେ ୫.୦୯ ମିଲିଗ୍ରାମ, ୧୮ତାରିଖ(ଅପରାହ୍ନ ୫ଟା)ରେ ୪.୬ ମିଲିଗ୍ରାମ, ୧୯ ତାରିଖ(ସକାଳ ୮ଟା)ରେ ୫.୨୯ ମିଲିଗ୍ରାମ ରହିଥିଲା। ସେହିପରି ଜାନୁଆରୀ ୨୪ରେ ୪.୦୮ ମିଲିଗ୍ରାମ ଏବଂ ଜାନୁଆରୀ ୨୯ ମୌନୀ ଅମାବାସ୍ୟାରେ ସଙ୍ଗମ ଜଳରେ ବିଓଡି ଲିଟର ପିଛା ୩.୨୬ ମିଲିଗ୍ରାମ ରହିଥିଲା। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ଙ୍କୁ ସିପିସିବିଏ ସଂକ୍ରାନ୍ତରେ ଏକ ରିପୋର୍ଟ ଗତ ଫେବୃଆରୀ ୩ରେ ପ୍ରଦାନ କରିଛି। ଅନ୍ୟପକ୍ଷେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହାକୁ ମିଥ୍ୟା, ଭିତ୍ତିହୀନ ଓ ଅପପ୍ରଚାର ବୋଲି ଅଭିହିତ କରିଛନ୍ତି। ଯୋଗୀ କହିଛନ୍ତି, ମହାକୁମ୍ଭ ମେଳା ଚାଲିଥିବାବେଳେ ସଙ୍ଗମ ଜଳର ସ୍ୱଚ୍ଛତାକୁ ନେଇ ଜାଣିଶୁଣି ପ୍ରଶ୍ନ ଉଠାଯାଉଛି। ସଙ୍ଗମସ୍ଥଳର ପାଣି ସମ୍ପୂର୍ଣ୍ଣ ରୂପେ ସ୍ନାନ ଓ ଆଚମନ ଯୋଗ୍ୟ। କୁମ୍ଭକୁ ବଦନାମ କରିବା ପାଇଁ ଏପରି ଅପପ୍ରଚାର କରାଯାଉଛି। ମହାକୁମ୍ଭ କୌଣସି ସରକାର କିମ୍ବା ରାଜନୈତିକ ଦଳର ଆୟୋଜନ ନୁହେଁ। ଏହା ଏକ ଆଧ୍ୟାତ୍ମିକ, ସାମାଜିକ ଓ ସାଂସ୍କୃତିକ ମହୋତ୍ସବ। ସରକାର ଏହାକୁ ସଫଳ କରିବା ପାଇଁ ସବୁ ପ୍ରକାର ସୁବିଧା ଯୋଗାଇ ଦେଉଛନ୍ତି। ଅଦ୍ୟାବଧି ୫୬ କୋଟି ୨୬ ଲକ୍ଷ ଶ୍ରଦ୍ଧାଳୁ ମହାକୁମ୍ଭରେ ବୁଡ଼ ପକାଇସାରିଥିବା ଯୋଗୀ କହିଛନ୍ତି।

## ସିଇସି, ଇସି...

ସେ ନିବେଦନ କରିଥିଲେ। ସିଇସି ଏବଂ ଇସି ନିଯୁକ୍ତି କ୍ଷେତ୍ରରେ ୨୦୨୩ରେ ସାମ୍ବିଧାନିକ ପୀଠ ଦେଇଥିବା ରାୟର ଅନୁପାଳନ କରି ଏ ସମ୍ପର୍କିତ ପ୍ୟାନେଲରେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଏବଂ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ପରିବର୍ତ୍ତେ ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ରଖାଯିବା ଉପରେ ପ୍ରଶାନ୍ତ ଭୂଷଣ ଆଇନଗତ ପ୍ରଶ୍ନ ଉଠାଇଥିଲେ। ତେବେ ଅପରାହ୍ନ ୩ଟାରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ, ଏହାର ଶୁଣାଣି ପାଇଁ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରାଯିବାର ଆବଶ୍ୟକତା ଥିବାରୁ ହୋଲି ଛୁଟି ପରେ ବିଚାର କରାଯିବ। ଅନ୍ୟପକ୍ଷେ ଫେବୃଆରୀ ୧୭ରେ କେନ୍ଦ୍ର ସରକାର ଇସି ଜ୍ଞାନେଶ କୁମାରଙ୍କୁ ପରବର୍ତ୍ତୀ ସିଇସି ନିଯୁକ୍ତ କରିଥିଲେ। ନୂଆ ଆଇନ ଅଧୀନରେ ସିଇସି ନିଯୁକ୍ତ ହେବାରେ ଜ୍ଞାନେଶ ହେଉଛନ୍ତି ପ୍ରଥମ, ଯାହାଙ୍କ କାର୍ଯ୍ୟକାଳ ୨୦୨୯ ଜାନୁଆରୀ ୨୬ରେ ଶେଷ ହେବ। ଏପରି କି ୨୦୨୯ ଲୋକ ସଭା ନିର୍ବାଚନ ମଧ୍ୟ ତାଙ୍କ ତତ୍ତ୍ୱାବଧାନରେ ହୋଇପାରେ। ସେହିପରି ୧୯୮୯ ବ୍ୟାଚ୍ ହରିୟାଣା କ୍ୟାଡର୍‌ର ଆଇଏଏସ୍ ଅଫିସର ବିବେକ ଜୋଷୀଙ୍କୁ ନିର୍ବାଚନ କମିଶନର ନିଯୁକ୍ତ କରାଯାଇଛି। ଜୋଷୀ ଏବଂ ବିବେକ ବୁଧବାର ନିଜ ଦାୟିତ୍ୱ ସମ୍ଭାଳିଛନ୍ତି। ସୁପ୍ରିମକୋର୍ଟ ଏହି ନିଯୁକ୍ତି ସମ୍ପର୍କିତ ଆବେଦନର ଶୁଣାଣି କରିବାକୁ ପୂର୍ବରୁ ସ୍ଥିର ହୋଇଥିବାବେଳେ ସରକାର ଏହା ପୂର୍ବରୁ ଜ୍ଞାନେଶଙ୍କୁ ନିଯୁକ୍ତି ଦେଇଥିବାରୁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହାକୁ ସମାଲୋଚନା କରିଛନ୍ତି। ସେପଟେ ଟିଏମ୍‌ସିର କ୍ରିଷ୍ଣାନଗର ଏମ୍‌ପି ମହୁଆ ମୋଇତ୍ର ୨୦୨୩ର ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଆଇନଜୀବୀ ତଲ୍‌ହା ଅବ୍‌ଦୁଲ ରହମାନ୍‌ଙ୍କ ଜରିଆରେ ସେ ନିଜ ପିଟିଶନ ଦାଖଲ କରିଛନ୍ତି। ଭାରତରେ ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତାକୁ ଏହା ପ୍ରଭାବିତ କରୁଥିବାରୁ ସିଇସି ଏବଂ ଇସିଙ୍କ ନିଯୁକ୍ତି ସମ୍ପର୍କିତ ଆଇନର ସମୀକ୍ଷା କରାଯାଉ ବୋଲି ସେ ଏଥିରେ ଉଲ୍ଲେଖ କରିଛନ୍ତି।

## ବିପର୍ଯ୍ୟୟ ମୁକାବିଲା...

ଅଧୀନରେ ରହିବ। ସେହିପରି ଆନ୍ଧ୍ରପ୍ରଦେଶ ପାଇଁ ୬୦୮.୦୮କୋଟି ଟଙ୍କା, ନାଗାଲାଣ୍ଡ ପାଇଁ ୧୭୦.୯୯କୋଟି ଟଙ୍କା, ତେଲଙ୍ଗାନା ପାଇଁ ୨୩୧.୭୫କୋଟି ଟଙ୍କା ଏବଂ ତ୍ରିପୁରା ପାଇଁ ୨୮୮.୯୩କୋଟି ଟଙ୍କା ରହିଛି। ଏହି ଅତିରିକ୍ତ ସହାୟତା ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସଡିଆରଏଫ)ରୁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ପ୍ରଦାନ କରାଯାଇଥିବା ପାଣ୍ଠିଠାରୁ ଅଧିକ, ଯାହା ପୂର୍ବରୁ ରାଜ୍ୟମାନଙ୍କ ପାଇଁ ଉପଲବ୍ଧ ଅଛି। ୨୦୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏସଡିଆରଏଫରୁ ୨୭ଟିରାଜ୍ୟକୁ ୧୮,୩୨୨.୮୦ କୋଟି ଟଙ୍କା ଏବଂ ଏନଡିଆରଏଫରୁ ୧୮ଟି ରାଜ୍ୟକୁ ୪,୮୦୮.୩୦ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଏମଏଫ)ରୁ ୧୪ଟି ରାଜ୍ୟକୁ ୨,୨୦୮.୫୫ କୋଟି ଟଙ୍କା ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନଡିଏମଏଫ)ରୁ ୮ଟି ରାଜ୍ୟକୁ ୭୧୯.୭୨ କୋଟି ଟଙ୍କା ପ୍ରଦାନ କରିଛନ୍ତି।

## ରେଖା ଗୁପ୍ତା...

ନ ଥିବାବେଳେ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀରେ କ୍ଷମତାସୀନ ହେବାରେ ରେଖା ହେଉଛନ୍ତି ଏକମାତ୍ର ମୁଖ୍ୟମନ୍ତ୍ରୀ। ଏହି ୫୦ ବର୍ଷୀୟ ନେତ୍ରୀ ଶାଲିମାରବାଗ୍ ଆସନରେ ଆପ୍ ପ୍ରାର୍ଥୀ ବନ୍ଦନା କୁମାରଙ୍କୁ ୨୯,୦୦୦ରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ହରାଇଥିଲେ। ସେ ଖୁବ୍‌ଶୀଘ୍ର ଏଲ୍‌ଜି ଭି.କେ. ସାକ୍ସେନାଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇବେ ବୋଲି ଜଣାପଡ଼ିଛି। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ରବିଶଙ୍କର ପ୍ରସାଦ ଏବଂ ଓ.ପି. ଧନକରଙ୍କ ଉପସ୍ଥିତିରେ ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ଭାଜପାର ସମସ୍ତ ୪୮ ନବନିର୍ବାଚିତ ବିଧାୟକ ସାମିଲ ଥିଲେ। ଦଳର ବରିଷ୍ଠ ନେତା ପରଭେଶ ବର୍ମା, ବିଜେନ୍ଦ୍ର ଗୁପ୍ତା ଓ ସତୀଶ ଉପାଧ୍ୟାୟ ମୁଖ୍ୟମନ୍ତ୍ରୀ ପଦ ପାଇଁ ରେଖାଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଫେବୃଆରୀ ୮ରେ ନିର୍ବାଚନ ଫଳ ପ୍ରକାଶ ପାଇଥିଲେ ମଧ୍ୟ ଏହାର ୧୧ ଦିନ ପରେ ମୁଖ୍ୟମନ୍ତ୍ରୀ ଚୟନ କରିବାରେ ବିଳମ୍ବକୁ ନେଇ ଆପ୍ ପକ୍ଷରୁ ସମାଲୋଚନା କରାଯାଇଛି।

## ନେପାଳ ଛାତ୍ରୀଛାତ୍ରଙ୍କୁ...



ନେପାଳ ପ୍ରତିନିଧିଙ୍କ ସହ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଲୋଚନା କରୁଛନ୍ତି।

ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଭରସା ଦେଇଛନ୍ତି। ଏହି ଘଟଣାକୁ ନେଇ ନେପାଳର ଦୁଇ ପ୍ରତିନିଧି ନେପାଳ ବୈଦେଶିକ ବ୍ୟାପାର ବିଭାଗର କାଉନ୍‌ସିଲର ସଞ୍ଜୀବଙ୍କ ସହ ନବୀନ ରାଜ ଅଧିକାରୀ ଓଡ଼ିଶାରେ ପହଞ୍ଚି ରାଜ୍ୟ ସରକାରଙ୍କ ସହ ଆଲୋଚନା କରିଛନ୍ତି। ବୁଧବାର ରାଜ୍ୟ ଅତିଥି ଭବନରେ ସେମାନଙ୍କ ସହିତ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। କିଟ୍‌ରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ସହିତ ଉଚିତ ପଦକ୍ଷେପ ନିଆଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଉଚ୍ଚଶିକ୍ଷା ମନ୍ତ୍ରୀ ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଅର୍‌ଜୁ ରାଣା ଦେଉବାଙ୍କ ସହିତ ଭିଡିଓ କଲ୍ ମାଧ୍ୟମରେ କଥା ହୋଇଥିଲେ। ଘଟଣାର ନିରପେକ୍ଷ ତଦନ୍ତ ସହିତ ନେପାଳ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ସୂର୍ଯ୍ୟବଂଶୀ ନିଜ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରିବା ସହିତ ଓଡ଼ିଶା 'ବସୁଧୈବ କୁଟୁମ୍ବକମ୍' ବିଚାରରେ ବିଶ୍ୱାସ ରଖେ ବୋଲି ଉଲ୍ଲେଖ କରିଛନ୍ତି। ମୃତ ଛାତ୍ରୀଜଣକ କେବଳ ନେପାଳର ଝିଅ ନୁହେଁ, ସେ ଓଡ଼ିଶା ମାଟିର ମଧ୍ୟ ଝିଅ। ଘଟଣାର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ ସହିତ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ସରକାର ତତ୍ପର ଅଛନ୍ତି। ନେପାଳ-ଭାରତ ସୁସମ୍ପର୍କ ଅକ୍ଷୁଣ୍ଣ ରହିବ ବୋଲି ଆମେ ବିଶ୍ୱାସ ଦେଉଛୁ। ଏଥିସହ ଏହି ସମ୍ବେଦନଶୀଳ ମୁହୂର୍ତ୍ତରେ କ୍ୟାମ୍ପସରେ ଶାନ୍ତି ବଜାୟ ରଖିବା ଏବଂ ବୈଦେଶିକ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ସରାକାରଙ୍କ ତ୍ୱରିତ ପଦକ୍ଷେପରେ ନେପାଳର ବୈଦେଶିକ ମନ୍ତ୍ରୀ ତଥା ସରକାର ସନ୍ତୋଷ ବ୍ୟକ୍ତ କରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ବର୍ଷକୁ ୨ଥର ସିବିଏସ୍‌ଇ ୧୦ମ ବୋର୍ଡ ପରୀକ୍ଷା

## ୨୦୨୬-୨୭ ଶିକ୍ଷାବର୍ଷରୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ

**ଭୁବନେଶ୍ୱର,୧୯।୨ (ସୁଚିସ୍ମିତା ସାହୁ)**

ଛାତ୍ରୀଛାତ୍ରଙ୍କ ମନରେ ପରୀକ୍ଷା ଚାପ କମାଇବାକୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ବଡ଼ ପଦକ୍ଷେପ ନେବାକୁ ଯାଉଛି। ବର୍ଷକୁ ଦୁଇଟି ପର୍ଯ୍ୟାୟରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଛି। ଏନେଇ ସିବିଏସ୍‌ଇ ପକ୍ଷରୁ ବୁଧବାର ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ସିବିଏସ୍‌ଇର ଏହି ନୂତନ ବ୍ୟବସ୍ଥା ୨୦୨୬-୨୭ ଶିକ୍ଷାବର୍ଷରୁ ଏକକାଳୀନ ଲାଗୁ କରାଯିବାର ଯୋଜନା ରହିଛି। ଏହାଦ୍ୱାରା ବୋର୍ଡ ପରୀକ୍ଷାରେ ଛାତ୍ରୀଛାତ୍ର ଉତ୍ତମ ପ୍ରଦର୍ଶନ କରିବାକୁ ସୁଯୋଗ ପାଇବେ ଓ ସେମାନଙ୍କ ଦକ୍ଷତାଭିତ୍ତିକ ମୂଲ୍ୟାଙ୍କନ ସମ୍ଭବ ହେବ ବୋଲି କୁହାଯାଇଛି। ଏଥିସହିତ ବିଦେଶରେ ଥିବା ୨୬୦ଟି ସ୍କୁଲ ନିମନ୍ତେ ସିବିଏସ୍‌ଇ ବୈଶ୍ୱିକ ପାଠ୍ୟକ୍ରମ ମଧ୍ୟ ଲାଗୁ କରିବ। ଏହି ନୂତନ ବ୍ୟବସ୍ଥା ଚାପମୁକ୍ତ ଶିକ୍ଷା ପରିବେଶ ସୃଷ୍ଟି ଦିଗରେ ଏକ ପ୍ରମୁଖ ପଦକ୍ଷେପ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଶିକ୍ଷା ମନ୍ତ୍ରାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ସିବିଏସ୍‌ଇ, ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି), କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (କେଭିଏସ୍) ଏବଂ ନବୋଦୟ ବିଦ୍ୟାଳୟ ସମିତି (ଏନ୍‌ଭିଏସ୍)ର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି କେତେକ ପ୍ରସ୍ତାବିତ ଯୋଜନା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ପ୍ରସ୍ତାବିତ ଯୋଜନା ସମ୍ବନ୍ଧରେ ୨୪ ତାରିଖ ସୋମବାର ଜନମତ ଗ୍ରହଣ କରାଯିବାର କାର୍ଯ୍ୟକ୍ରମ ରହିଛି।

ମନ୍ତ୍ରାଳୟର ଜଣେ ଅଧିକାରୀ କହିଛନ୍ତି ଯେ, ୱାନ୍-ଟାଇମ (ବର୍ଷକରେ ଥରେ) ବୋର୍ଡ ପରୀକ୍ଷାକୁ ନେଇ ଛାତ୍ରୀଛାତ୍ର ଅତ୍ୟନ୍ତ ଚାପରେ ରହୁଛନ୍ତି। ଗୋଟିଏ ଥରରେ ସର୍ବାଧିକ ଅଙ୍କ ଲାଭ କରିବା ଜନିତ ପ୍ରବଳ ଚାପରୁ ଛାତ୍ରୀଛାତ୍ରଙ୍କୁ ମୁକ୍ତ କରି ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ନିମନ୍ତେ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ବର୍ଷକୁ ଦୁଇଥରରେ କରାଇବାକୁ ନିଷ୍ପତ୍ତି ହୋଇଛି। ଏକାଧିକ ସୁଯୋଗ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଅଧ୍ୟୟନର ଏକ ସୁବିଧାଜନକ ପରିବେଶ ପ୍ରଦାନ କରିବା ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ ରହିଛି। ପିଲାମାନେ ଅଧିକ ଅଙ୍କ ଲାଭ କରିବା ଆଶାରେ ବାରମ୍ବାର ପଢ଼ି ପାଠ ମୁଖସ୍ଥ କରିବା ପରିବର୍ତ୍ତେ ବିଷୟଗୁଡ଼ିକୁ ବୁଝିବା ପରେ ମନେ ରଖିବେ। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିରେ ପାରମ୍ପରିକ ସାରାଂଶ ଭିତ୍ତିକ ମୂଲ୍ୟାଙ୍କନ ପରିବର୍ତ୍ତେ ଦକ୍ଷତା ଭିତ୍ତିକ ମୂଲ୍ୟାଙ୍କନକୁ ପ୍ରାଧାନ୍ୟ ପୂର୍ବକ ଗଠନମୂଳକ ଶିକ୍ଷା ଓ ଦକ୍ଷତା ବୃଦ୍ଧି ଉପରେ ଦୃଷ୍ଟିନିବଦ୍ଧ କରାଯାଇଛି। ବିଦ୍ୟାର୍ଥୀମାନେ ବୌଦ୍ଧିକ ବିକାଶର ଲକ୍ଷ୍ୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏକାଧିକଥର ପରୀକ୍ଷା ଦେବାର ସୁଯୋଗ ପ୍ରଦାନ ନେଇ ଆମେରିକାରେ ପ୍ରଚଳିତ ଏସ୍‌ଏଟି ବ୍ୟବସ୍ଥା ସହିତ ଏହି ବ୍ୟବସ୍ଥା ପ୍ରାୟ ସମାନ। ପରୀକ୍ଷା ଦେବାର ଏକାଧିକ ସୁଯୋଗ ମିଳିବା ଦ୍ୱାରା ବିଭିନ୍ନ ପୃଷ୍ଠଭୂମିରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ନିଜର ଦକ୍ଷତା ପ୍ରମାଣିତ କରିବାର ଉଚିତ ସୁଯୋଗ ମିଳିପାରିବ। ଏହି ପ୍ରଗତିଶୀଳ ମଲ୍ୟାଙ୍କନ ମଡେଲର ସଫଳ ପ୍ରଣୟନ ନିମନ୍ତେ ସିବିଏସ୍‌ଇ ପକ୍ଷରୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।




# ଏସ୍‌ସିବି ମେଡିକାଲ: ସାଇକେଲରେ ବୁହାହେଲେ ରୋଗୀ

## ମିଳିଲାନି ବ୍ୟାଟେରି ଗାଡ଼ି

**କଟକ,୧୯।୨ (ଶିକ୍ସା ପ୍ରିୟଦର୍ଶିନୀ)**

ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ରୋଗୀଙ୍କୁ ମିଳୁନି ବ୍ୟାଟେରି ଗାଡ଼ି ସୁବିଧା। ଫଳରେ ସାଇକେଲରେ ରୋଗୀଙ୍କୁ ବୁହାଯାଉଛି। ବୁଧବାର ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଘଟଣା ପୁଣି ଏସ୍‌ସିବିରେ ରୋଗୀଙ୍କୁ ସେବା ଯୋଗାଇଦେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନରେ ଢେଙ୍କାନାଳ ଅଞ୍ଚଳର ଜନୈକ ମହିଳାଙ୍କ ପେଟରେ ଯନ୍ତ୍ରଣା ହେବାରୁ ସେ ଏସ୍‌ସିବି ଆସିଥିଲେ। ମେଡିସିନ୍ ବିଭାଗରେ ଦେଖାଇବା ପରେ ଡାକ୍ତରଙ୍କ ପରାମର୍ଶ ମୁତାବକ ଅଲଟ୍ରାସାଉଣ୍ଡ କରାଇବା ପାଇଁ ରଞ୍ଜନରଶ୍ମି ବିଭାଗକୁ ଯାଇଥିଲେ। ସେଠାରେ ଅଲଟ୍ରାସାଉଣ୍ଡ କରାଇବା ପରେ ଆଉ ଗୋଟିଏ ବିଭାଗକୁ ଯିବା ପାଇଁ ମହିଳାଙ୍କ ସମ୍ପର୍କୀୟ ବ୍ୟାଟେରି ଗାଡ଼ିକୁ ଯୋଗାଯୋଗ କରିଥିଲେ ମଧ୍ୟ ଗାଡ଼ି ଆସି ନ ଥିଲା। ଫଳରେ ତାଙ୍କ ପୁଅ ବାଧ୍ୟହୋଇ ତାଙ୍କୁ ସାଇକେଲରେ ବସାଇ ନେଇଥିଲେ। ସମ୍ପୃକ୍ତ ମହିଳାଙ୍କ ପୁଅ ମାନସ ନାୟକ ଅଭିଯୋଗ କରିଛନ୍ତି ଯେ, ଏସ୍‌ସିବିରେ ସମସ୍ତ ସୁବିଧା ମିଳିବା ନେଇ ପ୍ରଚାର କରାଯାଉଛି, କିନ୍ତୁ ପ୍ରକୃତ ପକ୍ଷେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ମେଡିକାଲରେ କୌଣସି ସୁବିଧା ମିଳୁନାହିଁ। ଅନ୍ୟପକ୍ଷରେ ଏ ନେଇ ମେଡିକାଲ କୁଳସଚିବ ସୁବାସ ରାୟଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ଉଲ୍ଲେଖ ଥାଉକି, ଏସ୍‌ସିବି ମେଡିକାଲରେ ପ୍ରଥମେ ୮ଟି ବ୍ୟାଟେରି ଗାଡ଼ି ଥିଲା। ତନ୍ମଧ୍ୟରେ ୫ଟି ଷ୍ଟ୍ରେଚର ବ୍ୟାଟେରି ଗାଡ଼ିରେ ଜଣେ ଡ୍ରାଇଭର ସହ ଦୁଇଜଣ ଆଟେଣ୍ଡାଣ୍ଟ, ୨ଟି ସିଟିଂ ବ୍ୟାଟେରି ଗାଡ଼ିରେ ଜଣେ ଡ୍ରାଇଭର ଓ ଜଣେ ଆଟେଣ୍ଡାଣ୍ଟ ଏବଂ ଗୋଟିଏ ଔଷଧ ଯୋଗାଣ ବ୍ୟାଟେରି ଗାଡ଼ିରେ ଜଣେ ଡ୍ରାଇଭର ସହ ୨ଜଣ ଆଟେଣ୍ଡାଣ୍ଟ କାର୍ଯ୍ୟରତ ରହିଛନ୍ତି। ନାଲ୍‌କୋ ପକ୍ଷରୁ ଏହି ବ୍ୟାଟେରି ଗାଡ଼ି ମେଡିକାଲକୁ ପ୍ରଦାନ କରାଯାଇଥିଲା। ତେବେ ୮ଟି ଗାଡ଼ି ଯଥେଷ୍ଟ ହେଉ ନ ଥିବାରୁ ଉକ୍ତ କମ୍ପାନୀ ମେଡିକାଲକୁ ଆଉ ୪ଟି ଗାଡ଼ି ଗତବର୍ଷ ଜାନୁଆରୀ ପ୍ରଥମ ସପ୍ତାହରେ ଯୋଗାଇଦେଇଛି। ଫଳରେ ମୋଟ ବ୍ୟାଟେରି ଗାଡ଼ି ସଂଖ୍ୟା ୧୨ରେ ପହଞ୍ଚିଛି।

# ପିଡିଏସ୍ ଡାଟାବେସ୍‌ରୁ ୩.୯ ଲକ୍ଷ ଅଯୋଗ୍ୟଙ୍କୁ ହଟାଗଲାଣି: ମନ୍ତ୍ରୀ

## ୩.୨୯ ଲକ୍ଷ ମୃତକଙ୍କ ନାଁରେ ଲୁଟ୍ ହେଉଥିଲା ରାଶନ ସାମଗ୍ରୀ

**ଭୁବନେଶ୍ୱର,୧୯।୨ (ବନ୍ଦନା ସେଠୀ)**

ରାଜ୍ୟର ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ର ଫାଇଦା ଉଠାଇ ଆସୁଛନ୍ତି ଅନେକ ଅଯୋଗ୍ୟ ହିତାଧିକାରୀ। ସେମାନଙ୍କୁ ଚିହ୍ନଟକରି ଏହି ବ୍ୟବସ୍ଥାରୁ ହଟାଇବା ପାଇଁ ରାଜ୍ୟ ସରକାର ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ଚଳାଇଛନ୍ତି। ଅଦ୍ୟାବଧି ୩ ଲକ୍ଷ ୯୦ ହଜାର ୮୧୪ ଜଣ ଅଯୋଗ୍ୟ ହିତାଧିକାରୀଙ୍କୁ ପିଡିଏସ୍ ଡାଟାବେସ୍ ହଟାଇ ଦିଆଯାଇଛି। ସେଥିମଧ୍ୟରେ ୩ ଲକ୍ଷ ୨୮ ହଜାର ୯୩୨ ଜଣ ହିତାଧିକାରୀ ମୃତକ ଥିବାବେଳେ ୬୧ ହଜାର ୮୮୨ଜଣ ଅଯୋଗ୍ୟ ହିତାଧିକାରୀ ରହିଛନ୍ତି। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ଉତ୍ତର ଦେଇଛନ୍ତି। ମନ୍ତ୍ରୀଙ୍କ ଏହି ଉତ୍ତରକୁ ଦେଖିଲେ ପ୍ରାୟ ୩ ଲକ୍ଷ ୨୯ ହଜାର ମୃତକଙ୍କ ନାଁରେ ରାଶନ ସାମଗ୍ରୀ ଲୁଟ୍ ହୋଇ ଆସୁଥିଲା। ଏହାସହ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଆର୍ଥିକ ସହାୟତା ମଧ୍ୟ ହଡ଼ପ କରାଯାଇଥିବା ସ୍ପଷ୍ଟ ହେଉଛି।

ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ନୟାଗଡ଼ ଜିଲାର ୬,୦୦୩ ଅଯୋଗ୍ୟ ହିତାଧିକାରୀଙ୍କୁ ହଟାଯାଇଥିବାବେଳେ କଟକ ଜିଲା ୫,୧୫୪, ବାଲେଶ୍ୱରର ୪,୭୪୮, ମୟୂରଭଞ୍ଜର ୪,୪୦୩, ଖୋର୍ଦ୍ଧାର ୩,୭୮୩ ଏବଂ ପୁରୀ ଜିଲା ୩,୦୦୯ଜଣଙ୍କୁ ଡାଟାବେସ୍‌ରୁ ବାଦ୍ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୨.୯୯ କୋଟି ହିତାଧିକାରୀଙ୍କ ରାଶନ କାର୍ଡ ବାବଦ ଇ-କେୱାଇସି ସମ୍ପୂର୍ଣ୍ଣ ହୋଇଥିବାବେଳେ ଆହୁରି ୩୨ ଲକ୍ଷ ୮୨ ହଜାର ୪୯୧ ଜଣଙ୍କର ବାକି ରହିଥିବା ମନ୍ତ୍ରୀ ଉତ୍ତରରେ ଦର୍ଶାଇଛନ୍ତି।

# ରାଜ୍ୟରେ ୪୮ଲକ୍ଷ ୬୫ହଜାର ୮୫୦ ଚାଷୀ ଅଛନ୍ତି

**ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)**

ରାଜ୍ୟରେ ୪୮ଲକ୍ଷ ୬୫ହଜାର ୮୫୦ଜଣ ଚାଷୀ ଅଛନ୍ତି। ଏଥିସହ ୯ଲକ୍ଷ ୫ହଜାର ୧୮୪ ଭାଗଚାଷୀ, ୮ଲକ୍ଷ ୮୭ହଜାର ୨୭୨ଜଣ କ୍ଷୁଦ୍ର ଚାଷୀ ଓ ୩୬ଲକ୍ଷ ୩୬ହଜାର ୬୫୮ଜଣ ନାମମାତ୍ର ଚାଷୀ ରହିଛନ୍ତି। ରାଜ୍ୟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ଅକ୍ଟୋବର ୨୦୨୪ ସୁଦ୍ଧା ୩୧ଲକ୍ଷ ୫୧ହଜାର ୭୦୦ଚାଷୀ ଉପକୃତ ହୋଇଛନ୍ତି। ଏ ନେଇ ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ ଶକ୍ତିମନ୍ତ୍ରୀ କେଭି ସିଂ ଦେଓ ଲିଖିତ ଉତ୍ତର ରଖିଛନ୍ତି। ସେହିଭଳି ସିଏମ୍ କିଷାନ ଯୋଜନାରେ ୪୫ଲକ୍ଷ ୫୭ହଜାର ୭୩୩ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୩୯ହଜାର ୩୦୩ ଭୂମିହୀନ କୃଷି ପରିବାର ଉପକୃତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀ ଖରିଫ ଋତୁରେ ୧୫ ଲକ୍ଷ ୧୭ ହଜାର ଚାଷୀ ଓ ରବି ଋତୁରେ ୧ ଲକ୍ଷ ୮୩ ହଜାର ଚାଷୀ ପଞ୍ଜୀକରଣ କରିଥିବା ଉପମୁଖ୍ୟମନ୍ତ୍ରୀ ସିଂଦେଓ ସୂଚନା ଦେଇଛନ୍ତି।

# କାର୍‌ରେ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି ରାଧାଗୋବିନ୍ଦ

## ୨୫ ହଜାର କି.ମି. ଅତିକ୍ରମ କରିସାରିଲେଣି

**କଟକ,୧୯।୨ (ଶିକ୍ସା ପ୍ରିୟଦର୍ଶିନୀ)**

ମୁମ୍ବାଇ ବାସିନ୍ଦା ଆଇନଜୀବୀ ରାଧାଗୋବିନ୍ଦ (୩୭) ବିବେକାନନ୍ଦ ଜ୍ଞାନ ଜ୍ୟୋତି ଯାତ୍ରା ଆରମ୍ଭ କରିଛନ୍ତି। ନିଜ ପୁଅ ସାହେଜ ଚିତ୍ତା(୮)ଙ୍କ ସହ ସେ ଗତବର୍ଷ ଅଗଷ୍ଟ ୧୫ରୁ ଦିଲ୍ଲୀରୁ ଏହି ଯାତ୍ରାର ଶୁଭାରମ୍ଭ କରିଥିବାବେଳେ ଏପର୍ଯ୍ୟନ୍ତ ୨୦ଟି ରାଜ୍ୟ ବୁଲି ଲୋକଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରାଇଛନ୍ତି। ଏହି କ୍ରମରେ ବୁଧବାର ଅପରାହ୍ନରେ ରାଧାଗୋବିନ୍ଦ ପୁଅ ସହ କଟକ ଓଡ଼ିଆବଜାରସ୍ଥିତ ନେତାଜୀ ସଂଗ୍ରହାଳୟରେ ପହଞ୍ଚିଥିଲେ। ସଂଗ୍ରହାଳୟ ପରିଦର୍ଶନ କରିବା ପରେ ପୁନର୍ବାର ଯାତ୍ରା ଆରମ୍ଭ କରିଛନ୍ତି। ନିଜର କାର୍ ଯୋଗେ ଅଦ୍ୟାବଧି ସେ ପ୍ରାୟ ୨୫ହଜାର କିଲୋମିଟର ଅତିକ୍ରମ କରିସାରିଲେଣି। ନିଜ କାର୍‌ରେ ସଚେତନତା ବାର୍ତ୍ତା ମଧ୍ୟରେ 'ବେଟି ବଚାଓ ବେଟି ପଢ଼ାଓ', ଜିରୋ ପ୍ଲାଷ୍ଟିକ୍, ସେଭ୍ ନେଚର୍ ଆଣ୍ଡ ଆନିମଲ, ସେଭ୍ ଆର୍ଥ ଭଳି ପ୍ଲାକାର୍ଡ ସମେତ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋ ଲଗାଇଛନ୍ତି। ରାଧାଗୋବିନ୍ଦ କହିଛନ୍ତି, ନିଜ ସଞ୍ଚିତ ଅର୍ଥରୁ ୨୦୨୪ ଅଗଷ୍ଟ ୧୫ରେ ଏହି ସଚେତନତା ଯାତ୍ରା ଆରମ୍ଭ କରିଥିଲି। ୨୦୨୫ ଅଗଷ୍ଟ ୧୫ରେ ଦିଲ୍ଲୀରେ ଯାତ୍ରା ଶେଷ କରିବାକୁ ଲକ୍ଷ୍ୟ ରଖିଛି। ପ୍ରାୟ ୫୦ ହଜାର କିଲୋମିଟର ଅତିକ୍ରମ କରିବାର ଲକ୍ଷ୍ୟ ରହିଛି। ଲୋକଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ସଚେତନ କରାଉଛି। ନେତାଜୀ ସଂଗ୍ରହାଳୟ ପରିଦର୍ଶନ ଅବସରରେ କ୍ୟୁରେଟର ଅରୁନ୍ଧତୀ ମିଶ୍ରଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।




ନେତାଜୀ ସଂଗ୍ରହାଳୟ ପରିଦର୍ଶନ ଅବସରରେ ପୁତ୍ର ସାହେଜ ଚିତ୍ତାଙ୍କ ସହିତ ଆଇନଜୀବୀ ରାଧାଗୋବିନ୍ଦ।

# ଟ୍ରକ୍‌କୁ ପଛପଟୁ ପିଟିଲା ବାଇକ୍: ୨ ମୃତ

**ବୋରିଗୁମ୍ମା,୧୯।୨(ବିଜୟ ସାହୁ):** କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍-ବି.ସିଂହପୁର ଥାନା ମୁଣ୍ଡାଗୁଡା ନିକଟରେ ଟ୍ରକ୍‌କୁ ପଛପଟୁ ବାଇକ୍ ପିଟି ହୋଇ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ରହିଛନ୍ତି। ମୃତକ ହେଲେ ଜାମୁଣ୍ଡା ପଞ୍ଚାୟତ ବଦାଗୁଡାର ଲକ୍ଷଣ ପର୍ଜା ଓ କୁମ୍ଭ ପର୍ଜା। ଦୁର୍ଘଟଣାରେ ଗୁରୁତର ପର୍ଶୁ ପର୍ଜାଙ୍କୁ ବୋରିଗୁମ୍ମା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ୩ ଯୁବକ ବାଇକ୍‌ରେ ବି.ସିଂହପୁର ସମ୍ପର୍କୀୟଙ୍କ ବିବାହ ଭୋଜିରେ ଯୋଗଦେଇ ବଦାଗୁଡାକୁ ଫେରୁଥିବା ବେଳେ ମୁଣ୍ଡାଗୁଡା ନିକଟ ରାସ୍ତା କଡ଼ରେ ବିନା ପାର୍କିଂ ଲାଇଟରେ ଅଟକିଥିବା ଏକ କାଠ ବୋଝେଇ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲେ। ବାଇକ୍‌ରେ ବସିଥିବା ୩ଜଣ ଛିଟିକି ପଡିବାରୁ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା। ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରା ଓ ଜିଲା ପରିଷଦ ସଭ୍ୟ ପ୍ରସାଦ ବିଡ଼ିକା ମୃତକଙ୍କ ପରିବାରକୁ ଭେଟି ରେଡ୍‌କ୍ରସ୍ ପକ୍ଷରୁ ୨୦ହଜାର ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିଛନ୍ତି।

# ଗଛରେ ପିଟିହେଲା ବାଇକ୍, ୨ମୃତ

**ନୂଆଗାଁ,୧୯।୨(ଧନେଶ୍ୱର ସାହୁ):** ନୟାଗଡ଼ ଜିଲା ନୂଆଗାଁ ଥାନା ପଞ୍ଚୁପାଣ୍ଡବ ନିକଟରେ ମଙ୍ଗଳବାର ରାତିରେ ସଡ଼କ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁଧୀର ମଳିକ ଓ ଦେବାଶିଷ ଯାନୀ। ମିଳିଥିବା ସୂଚନା ଅନୁଯାୟୀ, ନୂଆଗାଁ ଥାନା ମାଇଛେଳି ପଞ୍ଚାୟତ କପାଗାଡୁ ଗ୍ରାମର ସୁଧୀର(୩୩) ଏବଂ ଦଶପଲ୍ଲା ଥାନା ଗୁଣ୍ଡାପାଜୁ ଗ୍ରାମର ଦେବାଶିଷ(୨୨) ବାଇକ୍(ନଂ.ଓଡି ୧୨ ବି ୭୮୨୧)ରେ ମଙ୍ଗଳବାର ବିଳମ୍ବିତ ରାତିରେ ନୂଆଗାଁରୁ ମହିପୁର ଅଭିମୁଖେ ଯାଉଥିଲେ। ନୂଆଗାଁ ପଞ୍ଚୁପାଣ୍ଡବ ନିକଟରେ ଚାଳକ ଭାରସାମ୍ୟ ହରାଇବାରୁ ବାଇକ୍‌ଟି ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଉଭୟ ରାସ୍ତାରେ ଛିଟିକି ପଡ଼ିଥିଲେ। ଖବରପାଇ ନୂଆଗାଁ ଅଗ୍ନିଶମ ବାହିନୀ ଏବଂ ପୋଲିସ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ୫ବର୍ଷରେ ୩୬ ସୁନା ବ୍ୟବସାୟୀ ଓଜନ ମାପ ଠକେଇରେ ଧରାପଡିଛନ୍ତି

**ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)**

ଗତ ୫ବର୍ଷରେ ୩୬ଜଣ ସୁନା ବ୍ୟବସାୟୀ ଓଜନ ମାପ ଠକେଇରେ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ୪ଲକ୍ଷ ୯୭ହଜାର ୫୦୦ଟଙ୍କାର ଜରିମାନା ଆଦାୟ ହୋଇଥିବା ଖାଦ୍ୟ ଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବୁଧବାର ବିଧାନସଭାରେ ବିଜେଡି ବିଧାୟକ ପ୍ରଶାନ୍ତ ବେହେରା ପ୍ରଶ୍ନ ରଖିଥିଲେ ଯେ, ଗତ ୫ବର୍ଷରେ କେଉଁ ସୁନା ଗହଣା ଦୋକାନରେ ମାନକ ଓ ମାପକରେ ତ୍ରୁଟି ଧରାଯାଇଛି ଏବଂ ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉତ୍ତରରେ ମନ୍ତ୍ରୀ ପାତ୍ର ଏହି ତଥ୍ୟ ରଖିଥିଲେ। ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ସେ କହିଛନ୍ତି, ୮ଜଣ ବଡ଼ ବ୍ୟବସାୟୀ ନକଲି ହଲ୍‌ମାର୍କରେ ସୁନା ବିକ୍ରି କରୁଥିବା ଅଭିଯୋଗରେ ଧରାପଡିଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ଲାଇସେନ୍ସ ବାତିଲ କରାଯାଇଛି ଓ ଜଣଙ୍କ ବିରୋଧରେ ଠକେଇ ମାମଲା ରୁଜୁ କରାଯାଇଛି।

# ଗୃହ ଚଳାଇ ନ ଦେଲେ କାର୍ଯ୍ୟାନୁଷ୍ଠାନ: ବାଚସ୍ପତି

**ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)**

ବିଧାନସଭା ଅଧିବେଶନ ଆରମ୍ଭ ଦିନଠାରୁ ବିଭିନ୍ନ ପ୍ରସଙ୍ଗରେ ବାରମ୍ବାର ଗୃହ ମୁଲତବୀ ହେଉଛି। ବିରୋଧୀମାନେ ହଟ୍ଟଗୋଳ କରିବା ସହ ବାଚସ୍ପତିଙ୍କ ପୋଡିୟମ୍ ନିକଟକୁ ମାଡି ଆସୁଛନ୍ତି। ବୁଧବାର ମଧ୍ୟ ଗୃହରେ ସମାନ ଅବସ୍ଥା ଦେଖାଦେଇଥିଲା। ତେଣୁ ଏହାକୁ ଗମ୍ଭୀରତାର ସହ ନେଇ ବିରୋଧ ପ୍ରଦର୍ଶନ କରୁଥିବା ସଦସ୍ୟଙ୍କୁ ଚେତାବନୀ ଦେଇଛନ୍ତି ବାଚସ୍ପତି ସୁରମା ପାଢ଼ୀ। ଯଦି ଗୃହ କାର୍ଯ୍ୟକୁ ସମ୍ମାନ ନ ଦେବେ, ତେବେ ମୁଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ ହେବି। ଏପରି କି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବାଚସ୍ପତି କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢିଙ୍କି ପେଟ ତଳେ ଗାତ,**
**ଧରିଥିଲି ସୁନା ଫୁଲିଆ ହାତ;**
**ଟେକା ପାଣି ଟେକା ଭାତ।**

ବାହାସାହା ହୋଇ ଘରକୁ ଆଣିଥିବା ଘରଣୀ ଆଦୌ କର୍ମ କୁଶଳତା ନୁହେଁ। ଭଲକୁ ଆଶରା କରି ଭେଲ। ଘରକୁ ଘରଣୀ ଆସିଲେ ମନ ଜାଣି ରାନ୍ଧି ବାଢ଼ି ପରଷି ଦେବ ବୋଲି ଆଶା ରଖିଥିବା ସ୍ୱାମୀ ନିଜର ଆଶା ଆଶାରେ ରହିଯାଉଥିବା ଦେଖି ମନ ଊଣା କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢିଙ୍କିଶାଳରେ ଢେଙ୍କାନାଳ ଚିନ୍ତା।**

ସ୍ଥାନ ଦେଖି କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯିବା ହିଁ ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ଏପରିସ୍ଥିତିରେ ଅସ୍ଥାନ ଓ ଅସମୟରେ ଅପ୍ରାସଙ୍ଗିକ ବିଷୟ ଆଲୋଚନା କରାଯିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ବିଜୁଳି, ଘଡ଼ଘଡ଼ି: କୁଆପଥର ବର୍ଷା

## କାଳବୈଶାଖୀ ନେଇ ୨୫ ତାରିଖ ଯାଏ ସତର୍କତା

**ଭୁବନେଶ୍ୱର,୧୯।୨ (ଅନୁରାଧା ମହାରଣା)**

ରାଜ୍ୟର ବିଭିନ୍ନ ଜିଲାରେ ବୁଧବାର ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆରମ୍ଭ ହୋଇଛି। କିଛି ସ୍ଥାନରେ ୪୦ରୁ ୫୦କି.ମି. ବେଗରେ ପବନ ବହିବା ସହ କୁଆପଥର ବର୍ଷା ହୋଇଛି। ବାଲେଶ୍ୱରରେ ସର୍ବାଧିକ ୧୭.୬ ମି.ମି. ବର୍ଷା ରେକର୍ଡ ହୋଇଥିବାବେଳେ ଏହା ତଳକୁ ମୟୂରଭଞ୍ଜ ଜିଲାର ବାରିପଦାରେ ୩.୮ ମି.ମି. ବର୍ଷା ହୋଇଛି। ଏଥିସହ ମୟୂରଭଞ୍ଜର ବିଭିନ୍ନ ସ୍ଥାନ ସମେତ କେନ୍ଦୁଝର, କଟକ, କେନ୍ଦ୍ରାପଡ଼ା, ଗଞ୍ଜାମ, ସମ୍ବଲପୁର, ଯାଜପୁର, ଭଦ୍ରକ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଜିଲାରେ ମଧ୍ୟ ପ୍ରବଳ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଛି। ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକାରୁ ତେଲଙ୍ଗାନା ଯାଏ ସମୁଦ୍ର ପତନଠାରୁ ବାୟୁମଣ୍ଡଳର ୦.୯ କିମି ଉଚ୍ଚରେ ସୃଷ୍ଟି ନିମ୍ନଚାପରେଖା ପ୍ରଭାବରେ ୨୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ କାଳବୈଶାଖୀ ଭୟ ରହିଥିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଜାରି କରିଛି। ଗୁରୁବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଆଦି ଜିଲାରେ ବିଜୁଳି ଘଡ଼ଘଡ଼ି ସହ ୪୦ରୁ ୫୦ କି.ମି. ବେଗରେ ପବନ ବହିବାର ଆଶଙ୍କା ରହିଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଢେଙ୍କାନାଳ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ କଟକ ଆଦି ଜିଲାର କିଛି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଥିବାରୁ ୟେଲୋ ୱାର୍ନିଂ ଦିଆଯାଇଛି। ୨୧ ତାରିଖ ବେଳକୁ ବର୍ଷା ଓ ଘଡ଼ଘଡ଼ିର ପ୍ରଭାବ ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି।

# ଆଲୋଜେନିକ୍ ପଦ୍ଧତିରେ ଅଲିଜାଙ୍କ ଅସ୍ଥିମଜ୍ଜା ପ୍ରତିରୋପଣ ସଫଳ

- ଏସ୍‌ସିବି ମେଡିକାଲ: ଶିଶୁରୋଗୀଙ୍କ କ୍ଷେତ୍ରରେ ପ୍ରଥମ
- ସାନ ପାଇଁ ବଡ଼ଭଉଣୀ ଦାନ କଲେ ଷ୍ଟେମ୍‌ସେଲ୍

**କଟକ,୧୯।୨ (ଶିକ୍ସା ପ୍ରିୟଦର୍ଶିନୀ)**

ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ସଫଳତା ଇତିହାସରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ରକ୍ତକର୍କଟ ପୀଡ଼ିତା ୨ବର୍ଷୀୟା ଅଲିଜା ନାଜ୍‌ଙ୍କ ଶରୀରରେ ଆଲୋଜେନିକ୍ ପଦ୍ଧତିରେ ସଫଳତାର ସହ ଅସ୍ଥିମଜ୍ଜା ପ୍ରତିରୋପଣ କରାଯାଇଛି। ଝାଡଖଣ୍ଡ ଧାନ୍‌ବାଦ ଅଞ୍ଚଳର ଶାହରୁଖ ଅଂଶାରୀଙ୍କ ଝିଅ ଅଲିଜାଙ୍କ ଅସ୍ଥିମଜ୍ଜା ପ୍ରତିରୋପଣ କରାଯାଇଥିବାବେଳେ ବଡ଼ ଭଉଣୀ ୪ବର୍ଷୀୟା ଆତିଫା ନାଜ୍ ତାଙ୍କୁ ଷ୍ଟେମ୍‌ସେଲ୍ ଦାନ କରିଥିଲେ। ପ୍ରତିରୋପଣ ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଆଗାମୀ ୭ଦିନ ମଧ୍ୟରେ ସେମାନଙ୍କୁ ଡିସ୍‌ଚାର୍ଜ କରାଯିବ ବୋଲି ବୁଧବାର ମେଡିକାଲ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଅଲିଜା ଗତବର୍ଷ ଜୁଲାଇ ୩ରେ ଜାମସେଦ୍‌ପୁରସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ସମସ୍ତ ପରୀକ୍ଷାନିରୀକ୍ଷା ପରେ ଅଲିଜା ଆକ୍ୟୁଟ୍ ମାଇଲଏଡ୍ ଲ୍ୟୁକୋମିଆ ବା ଏକପ୍ରକାର ରକ୍ତ କର୍କଟ ରୋଗରେ ପୀଡ଼ିତ ଥିବାବେଳେ ତାହା ହାଇରିସ୍କ କାଟାଗୋରିରେ ଥିବା ନେଇ ଡାକ୍ତର କହିଥିଲେ। ଅଲିଜାଙ୍କ ପରିବାର ଲୋକଙ୍କୁ ଆଲୋଜେନିକ୍ ପଦ୍ଧତିରେ ଅସ୍ଥିମଜ୍ଜା ପ୍ରତିରୋପଣ କରାଇବାକୁ ଡାକ୍ତର ପରାମର୍ଶ ଦେବା ସହ ଉପଯୁକ୍ତ ଷ୍ଟେମ୍‌ସେଲ ଦାତା ଚିହ୍ନଟ କରିବାକୁ କହିଥିଲେ। ପରେ ଅଲିଜାଙ୍କ ବଡ଼ଭଉଣୀ ଆତିଫାଙ୍କ ଷ୍ଟେମ୍‌ସେଲ୍ ଦେବାକୁ ପରିବାର ଲୋକେ ସମ୍ମତି ପ୍ରକାଶ କରିଥିଲେ। ଟାଟା ମେମୋରିଆଲ ହସ୍ପିଟାଲରେ ଆତିଫା ଏବଂ ଅଲିଜାଙ୍କ ହ୍ୟୁମାନ୍ ଲିକୋସାଇଟିକ୍ ଆଣ୍ଟିଜେନ (ଏଚ୍‌ଏଲ୍‌ଏ) ପରୀକ୍ଷା କରାଯାଇଥିବା ବେଳେ ତାହା ୧୦୦ ପ୍ରତିଶତ ମେଳ ଖାଇଥିଲା। ତେବେ ସେଠାରେ ପ୍ରତିରୋପଣ ପାଇଁ ପ୍ରାୟ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ମେଡିକାଲ ପକ୍ଷରୁ କୁହାଯାଇଥିଲା। ଶାହରୁଖଙ୍କ ଆର୍ଥିକ ସ୍ଥିତି ଠିକ୍ ନ ଥିବାରୁ ସେ ଏତେ ପରିମାଣର ଚିକିତ୍ସା ଖର୍ଚ୍ଚ ବହନ କରିପାରିବେ ନାହିଁ ବୋଲି ଜଣାଇଥିଲେ। ଏସ୍‌ସିବି ମେଡିକାଲର ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍‌ରେ ଏହି ପ୍ରତିରୋପଣ ନିଃଶୁଳ୍କ ଭାବେ କରାଯାଉଥିବାରୁ ଟାଟା ମେମୋରିଆଲ କର୍ତ୍ତୃପକ୍ଷ ଅଲିଜାଙ୍କୁ ଏସ୍‌ସିବିକୁ ସ୍ଥାନାନ୍ତର କରିଥିଲେ। ଅଲିଜା ଚଳିତବର୍ଷ ଜାନୁଆରୀ ୭ରେ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ସମସ୍ତ ପରୀକ୍ଷାନିରୀକ୍ଷା ପରେ ୨୭ ତାରିଖରୁ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ସେହିପରି ଜାନୁଆରୀ ୨୮ରେ ଆତିଫାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ଆନୁଷଙ୍ଗିକ ପରୀକ୍ଷା ସରିବା ପରେ ଆଲୋଜେନିକ୍ ପଦ୍ଧତିରେ ଅସ୍ଥିମଜ୍ଜା ପ୍ରତିରୋପଣ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଡା. ଆର୍.କେ. ଜେନାଙ୍କ ନେତୃତ୍ୱରେ ଡା. ସୁଧା ସେଠୀ, ପ୍ରଫେସର ଡା. ଗୀତା ସେଠୀ, ଡା. ଅନ୍ୱେଷା ଦାଶ, ଡା. ମନମୋହନ ବିଶ୍ୱାଳ, ଡା. ପ୍ରାଚୀ ପ୍ରତୀଚୀ ଦାସ ପ୍ରମୁଖ ଆତିଫାଙ୍କଠାରୁ ସଂଗୃହୀତ ଷ୍ଟେମସେଲ୍ ଦ୍ୱାରା ଅଲିଜାଙ୍କ ଶରୀରରେ ଅସ୍ଥିମଜ୍ଜା ପ୍ରତିରୋପଣ କରିଥିଲେ। ଏହାପରେ ଉଭୟଙ୍କୁ ଆଇସିୟୁରେ ରଖାଯାଇଛି। ପ୍ରକାଶଥାଉ କି, ରାଜ୍ୟ ସରକାର ୨୦୧୪ରେ ଏସ୍‌ସିବି ହେମାଟୋଲୋଜି ବିଭାଗରେ ରକ୍ତ ଓ ଅସ୍ଥିମଜ୍ଜା ପ୍ରତିରୋପଣ ପାଇଁ ପଦକ୍ଷେପ ନେଇଥିଲେ। ପ୍ରଥମେ ଉକ୍ତବର୍ଷ ଅସ୍ଥିମଜ୍ଜା ପ୍ରତିରୋପଣ ଆରମ୍ଭ ହୋଇଥିଲା। ଅଦ୍ୟାବଧି ୧୭୬ ଜଣ କର୍କଟ ରୋଗୀଙ୍କ ଅସ୍ଥିମଜ୍ଜା ପ୍ରତିରୋପଣ ହୋଇସାରିଲାଣି।



ଅଲିଜା ନାଜ୍

ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ । ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ । କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା । କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ– ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ– କଷ୍ଟଭୋଗୀ ସତ୍ତା । –ଶ୍ରୀଅରବିନ୍ଦ



# କୁମ୍ଭ ପ୍ରଚ୍ଛଦର କାହାଣୀ



ଦେବଦତ୍ତ ପଟ୍ଟନାୟକ

ନିକଟରେ ପ୍ରୟାଗରାଜରେ ଚାଲିଥିବା କୁମ୍ଭମେଳାରେ ଦଳାଚକଟା ଘଟିଲା । ଏଥିରେ ଅନେକଙ୍କ ମୃତ୍ୟୁ ହେଲା, ଯାହା ଏକ ଦୁଃଖଦ ବିଷୟ । କୁମ୍ଭରେ ଅନେକ କୋଟି ଲୋକ ଏକାଠି ହୋଇଥିଲେ । ଭିଆଇପିଙ୍କୁ ପବିତ୍ର ଜଳରେ ବୁଡ଼ ପକାଇବା ପାଇଁ ସ୍ୱତନ୍ତ୍ର ସୁବିଧା ଦିଆଯାଉଛି, ତଥାପି ସେମାନେ କ୍ୱଚିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବାସ୍ତବତା ହେଉଛି, କୁମ୍ଭରେ କେବଳ ସାଧାରଣ ଲୋକ ହିଁ ମୃତ୍ୟୁମୁଖରେ ପଡୁଛନ୍ତି । ଅନେକେ ବି କହିବେ ଏହି ମେଳାରେ ଯେଉଁମାନଙ୍କର ମୃତ୍ୟୁ ଘଟିଲା ସେମାନେ ସିଧା ସ୍ୱର୍ଗ ଗମନ କରିବେ । ଯେଉଁମାନେ ଏହି ମେଳାରେ ଏକତ୍ରିତ ହୋଇଛନ୍ତି ସତ୍ୟଯୁଗରେ ସମୁଦ୍ର ମନ୍ଥନରୁ ବାହାରିଥିବା ଅମୃତ ବିଷୟ ନିଶ୍ଚୟ ସ୍ମରଣ କରୁଥିବେ । ତେବେ କେବଳ ଧର୍ମୀୟ ବିଶ୍ୱାସ ହିଁ ଘଟୁଥିବା ପ୍ରତ୍ୟେକ ଦୁଃଖ ପଛର ଭୁଲ୍‌କୁ ନ ଖୋଜି ଏଡ଼ାଇ ଯାଇପାରେ ।

ଦଳାଚକଟା ଘଟିଥିବା ସପ୍ତାହରେ ଚାଇନାର ବଡ଼ ସଫଳତା ସାମ୍ନାକୁ ଆସିଥିଲା । ଚାଇନାର ଡିପ୍‌ସିକ୍ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଆରମ୍ଭ କରିଥିଲା । ଏହା ବିଶ୍ୱରେ ପ୍ରଯୁକ୍ତି କ୍ଷେତ୍ରରେ ଆମେରିକାର ପ୍ରାଧାନ୍ୟକୁ ଦୋହଲାଇ ଦେଲା । ଅନ୍ୟପଟେ ଏହି ସମୟରେ ଅନେକ ଲକ୍ଷ ଲୋକ ପ୍ରୟାଗର(ଆଲ୍ଲାହାବାଦକୁ ଛାଡ଼ି) ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବା ଲାଗି ସନାତନୀ ସୋସିଆଲ ମିଡିଆ ଦ୍ୱାରା ପ୍ରେରିତ ହୋଇଥିଲେ । କାରଣ ସେଠାରେ ଏକ ବିରଳ ଗ୍ରହ ସଂଯୋଗରେ ନଦୀ ଜଳ ଅମୃତଭଣ୍ଡାରରେ ପରିଣତ ହୋଇଥାଏ ବୋଲି ସେମାନେ ମନେକରନ୍ତି । ଏହି ମେଳାକୁ ନେଇ ସନାତନ ଧର୍ମର ଲୋକମାନେ ଆଧ୍ୟାତ୍ମିକ କ୍ଷେତ୍ରରେ ଭାରତର ପ୍ରାଧାନ୍ୟ ପ୍ରତିଷ୍ଠା କରିବାକୁ ଚେଷ୍ଟା କରନ୍ତି । ଭୌତିକ କ୍ଷେତ୍ରରେ ଥିବା ଭାରତର ଦୋଷ ଦୁର୍ବଳତା ଘୋଡ଼ାଇବାକୁ ଏହା ସେମାନେ କରିଥାନ୍ତି । ପବିତ୍ର ଦିବସରେ ମକ୍କା କିମ୍ବା ଜେରୁଜେଲମ ତୁଳନାରେ ଅଧିକ ଲୋକ ଏହି ସ୍ଥଳରେ ରହିଥିଲେ ବୋଲି ଔପଚାରିକ ଭାବେ ଘୋଷଣା କରାଯାଏ । ଏହା କୌଣସି ଔପଚାରିକ ଆଦେଶର ବାଧ୍ୟବାଧକତାରେ ନୁହେଁ ବରଂ ସ୍ୱେଚ୍ଛାକୃତ ଭାବେ ଲୋକେ ସମବେତ ହୋଇଥାନ୍ତି ବୋଲି କୁହାଯାଏ । ଏହା ହିଁ ହେଉଛି ସନାତନ ଧର୍ମର ଏକ ଅନନ୍ୟ ବୈଶିଷ୍ଟ୍ୟ ।

ଏବେ ଯେଉଁମାନେ ନିଜକୁ ସନାତନୀ ବୋଲି କୁହନ୍ତି, ସେମାନେ ଅନେକ ଶତାବ୍ଦୀ ପୂର୍ବରୁ ତିର୍ଥିକା ଭାବେ ଜଣାଶୁଣା ଥିଲେ । କାରଣ ସେମାନେ ପବିତ୍ର ସ୍ଥଳ( ତୀର୍ଥ)ରେ ସ୍ନାନ କରିବାକୁ ଭଲ ପାଉଥିଲେ । ଏହାର ଉଦ୍ଦେଶ୍ୟ ବିଷୟରେ ଜାଣିବାକୁ ନ ଚାହିଁ କେବଳ କାର୍ଯ୍ୟ କରିବା, ରୀତିନୀତି ପାଳନ କରାଯାଉଛି । କଥା ହେଉଛି ହିନ୍ଦୁ କିମ୍ବା ବୌଦ୍ଧ ଧର୍ମରେ ଜ୍ଞାନୋଦୟ ହେବା ପରଠାରୁ ଏଭଳି ମାନସିକତାକୁ ଜ୍ଞାନ ମାର୍ଗରେ ଦୂର କରିବାକୁ ଚେଷ୍ଟା କରାଯାଇଛି । ଏହା ସତ୍ତ୍ୱେ ଧାର୍ମିକ ଓ ନୈତିକ ଦୃଷ୍ଟିରୁ ଏହାକୁ ଠିକ୍ ମନେକରାଯାଉଛି । ଏଭଳି ବିଚାର ସବୁ ଧର୍ମର ଏକ ମୁଖ୍ୟ ବୈଶିଷ୍ଟ୍ୟ । ଉଦାହରଣ ସ୍ୱରୂପ, ମୁସଲମାନ ହେବା ପାଇଁ ଜଣଙ୍କୁ ହଜ କରିବାକୁ ପଡ଼େ । ସନାତନୀ ହେବାକୁ ହେଲେ ତୁମକୁ ତୀର୍ଥ ସ୍ଥଳ ଭ୍ରମଣ ଓ ଦର୍ଶନ କରିବାକୁ ପଡ଼ିବ । ଏଭଳି ତୀର୍ଥ ୨୦୨୪ରେ ଅଯୋଧ୍ୟା ଏବଂ ୨୦୨୫ରେ ପ୍ରୟାଗରାଜ ବୋଲି ଗୁରୁମାନେ ଅଧିକ ପ୍ରଚାର କଲେ ।



ଏହି ବିରାଟ ସମାବେଶ ବିଷୟରେ ସପ୍ତମରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ଚାଇନାର ବୌଦ୍ଧ ଇତିହାସରେ ପ୍ରଥମେ ସୂଚିତ କରାଯାଇଛି । ଚାଇନାର ବିଦ୍ୱାନ ଜୁଆନଜାଙ୍ଗ ଅନୁଧ୍ୟାନ କରିଥିଲେ ଯେ, ଅମରତ୍ୱ ପିପାସୁ ହିନ୍ଦୁମାନେ ଏକ ବଟବୃକ୍ଷର ଛାଇରେ ମୃତ୍ୟୁବରଣ କରିବାକୁ ଏଠାକୁ ଆସୁଥିଲେ । ଏହି ଗଛକୁ ଅକ୍ଷୟ ବଟ କିମ୍ବା ଅମର ବଟ କୁହାଯାଏ । ଏହା ଏବେ ମଧ୍ୟ ରହିଛି, ଯାହା ଷୋଡ଼ଶ ଶତାବ୍ଦୀରେ ଆକବରଙ୍କ ଦ୍ୱାରା ନିର୍ମିତ ଏକ ଦୁର୍ଗ ମଧ୍ୟରେ ବନ୍ଦ ହୋଇ ରହିଛି । ଏପରି କି ଏହା ପାଖକୁ ଯିବା ଲାଗି ଲୋକଙ୍କୁ ନିଷେଧ କରାଯାଇଛି । କିମ୍ବଦନ୍ତୀ ଅନୁଯାୟୀ, ଆକବର ପୂର୍ବଜନ୍ମରେ ଜଣେ ଯୋଗୀ ଥିଲେ । ସେ ଜଣେ ମ୍ଳେଚ୍ଛ ଭାବେ ଜନ୍ମ ନେବା ଲାଗି ଅଭିଶାପ ପାଇଥିଲେ, କାରଣ ସେ ଅଜାଣତରେ ଗାଈର ଏକ କେଶକୁ ତା'କ୍ଷୀର ସହ ପିଇ ଦେଇଥିଲେ । ପ୍ରାରବ୍ଧ ତାଙ୍କୁ ଏହି ସ୍ଥଳରେ ଏକ ବିଶାଳ ଦୁର୍ଗ ନିର୍ମାଣ କରିବାକୁ ପ୍ରେରିତ କରିଥିଲା । ସେ ଏହି ସହରର ନାମ ଦେଇଥିଲେ ଇଲ୍ଲାହାବାସ, ଯାହାର ଅର୍ଥ ହେଉଛି ଈଶ୍ୱରଙ୍କ ନିବାସ ସ୍ଥଳୀ । ଯୋଗୀ, ସାଧକ ଏବଂ ସନାତନୀ ରୀତିନୀତି ପ୍ରତି ଥିବା ତାଙ୍କ ଭଲପାଇବାକୁ ନେଇ ତାଙ୍କ ଦରବାରରେ ଥିବା ମୁସଲମାନ ରୂଢ଼ୀବାଦୀମାନେ ନାରାଜ ଥିଲେ ।

ପବିତ୍ର ଅକ୍ଷୟ ବଟ ହେଉଛି ସେହି ଜାଗା, ଯେଉଁଠାରେ ଚଳିତ ଯୁଗର ପ୍ରଥମ ଜୈନ ତୀର୍ଥଙ୍କର ରିଷଭ ଦେବ ତାଙ୍କ ପ୍ରଥମ ଦିବ୍ୟ ପ୍ରବଚନ ଏକ ଗୋଲାକାର ଗୃହରେ ପ୍ରଦାନ କରିଥିଲେ । ଅହିଂସା କିଭଳି ଜନ୍ମମୃତ୍ୟୁ ଚକ୍ରକୁ ଶେଷ କରିପାରିବ ସେ ବିଷୟରେ ରିଶଭ ଦେବ କହିଥିଲେ । ଉଲ୍ଲେଖଯୋଗ୍ୟ ଯେ, ପ୍ରତି ୧୨ ବର୍ଷରେ ଯେତେବେଳେ ରିଷଭ ରାଶି ( ବୃଷ ରାଶି)ରେ ବୃହସ୍ପତି ପ୍ରବେଶ କରନ୍ତି ସେତେବେଳେ ତ୍ରିବେଣୀ ସଙ୍ଗମରେ ସ୍ୱତନ୍ତ୍ର ଭାବେ ମାଘ ମେଳା ଅନୁଷ୍ଠିତ ହୋଇଥାଏ । ରାଶିଗୁଡ଼ିକର ନାମ ଓ ତୀର୍ଥଙ୍କର ମଧ୍ୟରେ ଥିବା ସମ୍ପର୍କ ଏକ ସୁଯୋଗ ହୋଇ ନ ପାରେ । କୁମ୍ଭ ରାଶିରେ ବୃହସ୍ପତି ପ୍ରବେଶ କଲେ ହରିଦ୍ୱାରରେ ଧର୍ମୀୟ ସମାବେଶ କରାଗଲା ଏବଂ ସିଂହ ରାଶିରେ ବୃହସ୍ପତି ପ୍ରବେଶ କଲେ ନାସିକ ଓ ଉଜ୍ଜୟିନୀରେ ମେଳା ହେଲା । ଏଣୁ ଏହା ଥିଲା ରଷଭ ମେଳା, କୁମ୍ଭ ମେଳା ଏବଂ ସିଂହସ୍ଥ ମେଳା । ୧୮୫୭ ସିପାହୀ ବିଦ୍ରୋହ ପରେ ସବୁ ମେଳାକୁ କୁମ୍ଭ ଭାବେ ନାମିତ କରାଗଲା ଏବଂ ଏଗୁଡ଼ିକୁ ଅମରତ୍ୱର ସୁଧା (ଅମୃତ ) ସହ ଯୋଡ଼ାଗଲା ।

୧୮୫୭ ବିଦ୍ରୋହ ପରେ ଆଲ୍ଲାହାବାଦରେ ସେତେବେଳେ ମାଘ( ଜାନୁଆରୀ– ଫେବୃଆରୀ) ମାସରେ ପାରମ୍ପରିକ ଭାବେ ହେଉଥିବା ସମାବେଶକୁ କିଛି ବର୍ଷ ପାଇଁ ବନ୍ଦ କରାଯାଇଥିଲା । ଏହାକୁ ପୁନର୍ବାର ୧୮୬୦ ଦଶକରେ ଆରମ୍ଭ କରାଯାଇଥିଲା । ଇଷ୍ଟ ଇଣ୍ଡିଆ କମ୍ପାନୀ ସ୍ଥାନରେ ଶାସନ ଦାୟିତ୍ୱ ନେଇଥିବା ବ୍ରିଟିଶ ସରକାର ଧର୍ମୀୟ ବିଷୟରେ ହସ୍ତକ୍ଷେପ କରିବ ନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ସ୍ଥାନୀୟ ଲୋକମାନେ ଏହି ସମାବେଶ ପାଇଁ ଦାବି କଲେ । କିନ୍ତୁ ଶେଷରେ ତାହାକୁ ବନ୍ଦ କରିଦିଆଗଲା । ପ୍ରତି ୧୨ ବର୍ଷରେ ହେଉଥିବା ମାଘ ମେଳାକୁ କୁମ୍ଭମେଳା ଭାବେ ୧୮୬୮ ପରେ ଘୋଷଣା କରାଗଲା । ୧୮୭୩ରେ ସଙ୍ଗମ ସହ ତ୍ରିବେଣୀ ଶବ୍ଦ ଯୋଡ଼ାଗଲା । ସ୍ପଷ୍ଟ ଭାବେ ଏହା ବୈଦିକ ସରସ୍ୱତୀ ସହ ଯୋଡ଼ାଯାଇଥିଲା । ସେବେଠାରୁ ମେଳା କେବଳ ସନାତନୀ ଆଧ୍ୟାତ୍ମିକତାରେ ସୀମିତ ହୋଇ ରହି ନାହିଁ, ବରଂ ଏହା ସନାତନ ଧର୍ମାବଲମ୍ବୀଙ୍କ ରାଜନୈତିକ ଶକ୍ତିର ଅଭିବ୍ୟକ୍ତି ପାଲଟି ଯାଇଛି ।

ପ୍ରତି ୧୨ ବର୍ଷରେ ହେଉଥିବା ଏଠାକାର ମେଳାରେ ବିଭିନ୍ନ ସମ୍ପ୍ରଦାୟ ଯଥା ଶୈବ, ବୈଷ୍ଣବ, ନାଥ, ଉଦାସୀନ( ଶିଖ୍), କବୀରପନ୍ଥୀର ଯୋଦ୍ଧା ତପସ୍ୱୀ ବା ସାଧକମାନେ ଏକାଠି ହୋଇଥାନ୍ତି । ଏବେ ସମଲିଙ୍ଗୀଙ୍କ ପାଇଁ କିନ୍ନର ଆଖଡ଼ା ରହିଛି । ସନାତନ ଧର୍ମର ଏକ ଅଂଶରେ ସମଲିଙ୍ଗୀଙ୍କ କାହାଣୀ ଯୋଡ଼ିବା ସକାଶେ ଏବେ ଏହାକୁ ସାମ୍ନାକୁ ଅଣାଯାଇଛି । ଏହି ଦର୍ଶନୀୟ ମେଳାକୁ ସମସ୍ତେ ନିମନ୍ତ୍ରିତ ହୋଇଛନ୍ତି । ତୀର୍ଥଯାତ୍ରୀ ପର୍ଯ୍ୟଟନ ଅର୍ଥ ବ୍ୟବସ୍ଥାରୁ ଅର୍ଥ ସଂଗ୍ରହ ପାଇଁ ଏହା ହେଉଛି ଏକ ବଡ଼ ସମାବେଶ । ସନାତନ ଧର୍ମାବଲମ୍ବୀମାନେ ସ୍ୱାସ୍ଥ୍ୟପ୍ରଦ ପରିବର୍ତ୍ତେ ପବିତ୍ର ବୋଲି ଘୋଷଣା କରୁଥିବା ପବିତ୍ର ଜଳରେ ସର୍ବସମ୍ମୁଖରେ ବିଶ୍ୱର ଅତି ଧନୀ ବ୍ୟକ୍ତିବିଶେଷମାନେ ବୁଡ଼ ପକାଇବା ଆମେ ଦେଖିବାକୁ ପାଇପାରିଛୁ । ଏହି ସମୟରେ, ସେମାନେ ବୁଡ଼ରୁ ଫେରିବା ଯାଏ ଗରିବ ଲୋକଙ୍କୁ ଅପେକ୍ଷା କରିବାକୁ ହେବ , ଯାହା ସେମାନେ ସବୁବେଳେ କରିଆସୁଛନ୍ତି । ଧର୍ମୀୟ ବିଶ୍ୱାସ ସାଧାରଣ ଭାରତର ନାଗରିକଙ୍କୁ ଅସୀମ ଧୈର୍ଯ୍ୟ ଦେଇଛି । ସେମାନେ ଅପେକ୍ଷା କରି ମରିବେ, ତଥାପି ଅସନ୍ତୋଷ ପ୍ରକାଶ କରିବେ ନାହିଁ କି ପ୍ରତିବାଦ କରିବେ ନାହିଁ ।

–devduttofficial@gmail.com

# ପାଠାଗାର: ଆଶା ଓ ଆଶଙ୍କା



ସୁନୀଲ କୁମାର ମିଶ୍ର

ପାଠାଗାରଗୁଡ଼ିକର ଭୂମିକା ଅବର୍ଣ୍ଣନୀୟ । ପ୍ରାଚୀନ କାଳରୁ ପାଠକ ନିମନ୍ତେ ପାଠାଗାର ପାଠ୍ୟ ଉପକରଣ ଦ୍ୱାରା ପାଠକର ମନକୁ ଶାନ୍ତ କରିଥାଏ । ପାଠକଟିଏ ପାଠାଗାରରେ ବସି ପୁସ୍ତକ ଖୋଲି ଲୀନହୋଇଯାଏ ଶିକ୍ଷଣ ପ୍ରକ୍ରିୟାରେ । ପ୍ରାଚୀନ ଯୁଗରେ ଶିଷ୍ୟମାନେ ଗୁରୁକୁଳରୁ ଶିକ୍ଷା ଗ୍ରହଣ କରୁଥିଲେ । ଆଧୁନିକ ଯୁଗରେ ଗ୍ରନ୍ଥାଗାରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନିଜ ଉଚ୍ଚ ଅଭିଳାଷକୁ ସାକାର କରିବା ନିମନ୍ତେ ବିଭିନ୍ନ ରାଜ୍ୟ ଓ ଜିଲାରୁ ଅନେକ ବିଦ୍ୟାର୍ଥୀ ପାଠାଗାରକୁ ନିଜର ପୁଞ୍ଜି ବୋଲି ଭାବି ନେଇଥାନ୍ତି । ଅଧାରୁ ଅଧିକ ସମୟ ପାଠାଗାରରେ ଅତିବାହିତ କରିଥାନ୍ତି, ଆଖିରେ ଚାକିରି କରିବାର ଅସୁମାରୀ ଆଶାକୁ ଧରି ସେ କର୍ମପଥରେ ଆଗେଇ ଚାଲିଥାଏ । କେତେକ ଜିଲାରେ ପାଠାଗାର ଅଛି ଓ କେତେକରେ ପାଠାଗାରର ଅଭାବ ମଧ୍ୟ ରହିଛି । ଏହାଦ୍ୱାରା ବିଦ୍ୟାର୍ଥୀମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରନ୍ଥାଗାରଗୁଡ଼ିକରେ ପଦବୀ ଖାଲି ପଡ଼ିଥିବା ସତ୍ତ୍ୱେ ରାଜ୍ୟ ସରକାର ଯୁବପିଢ଼ିମାନଙ୍କୁ ବୃତ୍ତିଗତ ସୁଯୋଗ ଯୋଗାଇବାରେ ବିଫଳ ହୋଇଛନ୍ତି । ବିଡ଼ମ୍ବନାର ବିଷୟ, ଅବସରପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ନିଯୁକ୍ତି ଦିଆଯାଉଥିବାବେଳେ ଯୁବତୀଯୁବକମାନଙ୍କୁ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ନିଯୁକ୍ତି ଦିଆ ନ ଯାଇ ଅଣଦେଖା କରାଯାଉଛି । ଯୁବକଙ୍କ ଆକାଂକ୍ଷାକୁ ଖୋଲା ଅବମାନନା କରାଯାଉଛି । ଗ୍ରନ୍ଥାଗାରିକ ପଦବୀ ପାଇଁ ନିଯୁକ୍ତିର ଅଭାବ ନିମନ୍ତେ ଯୁବକମାନଙ୍କ ବାରମ୍ବାର ଅନୁରୋଧ ଓଡ଼ିଶା ସରକାରଙ୍କ କର୍ଣ୍ଣପାତ ହେଉନାହିଁ ଏବଂ ସରକାରଙ୍କ ନିଷ୍କ୍ରିୟତା କେବଳ ସଙ୍କଟକୁ ଡାକି ଆଣୁଛି । ଓଡ଼ିଶାର ପୂର୍ବ ସରକାର ବିଭିନ୍ନ ବିଭାଗରେ ବିଭିନ୍ନ ପଦବୀ ସୃଷ୍ଟିକରିଥିଲେ । ବର୍ତ୍ତମାନର ସରକାର ଉକ୍ତ ପଦବୀ ପୂରଣ କରିବାରେ ବିଫଳ ହୋଇଛନ୍ତି, ଯାହାକି ଦୁଃଖର ବିଷୟ । ଏହି ବିଭାଗର ଗୁରୁତ୍ୱ ଏବଂ ପୂର୍ଣ୍ଣ ଆବଶ୍ୟକତାକୁ ଅବହେଳାକରି ରାଜ୍ୟର ସାମଗ୍ରିକ ବିକାଶରେ ବାଧା ସୃଷ୍ଟି କରୁଛନ୍ତି । ଆମର ସାମ୍ପ୍ରତିକ ସରକାରଙ୍କ ଉଦ୍ଦେଶ୍ୟ 'ସମସ୍ତଙ୍କୁ ନେଇ,ସମସ୍ତଙ୍କ ପାଇଁ ବିକାଶ' ଇଚ୍ଛାକୃତ ଫଳାଫଳ ଦେଉନାହିଁ । ଓଡ଼ିଶାର ଅଭିବୃଦ୍ଧି ଏବଂ ବିକାଶକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ବା ଦିଗରେ ଉପଯୁକ୍ତ କାର୍ଯ୍ୟ ହେଉନାହିଁ । ବାସ୍ତବତା ଏକ ଭିନ୍ନ କାହାଣୀ ଦର୍ଶାଉଛି ।

କେନ୍ଦ୍ରୀୟ ଏବଂ ରାଜ୍ୟ ସ୍ତରର ଯୁବକମାନଙ୍କ ଆକାଂକ୍ଷା ପୂରଣ କରିବାକୁ ସଂଘର୍ଷ କରୁଛି । ସମସ୍ତଙ୍କ ପାଇଁ ବିକାଶ ଦିଗରେ କାର୍ଯ୍ୟ କରିବାକୁ ସରକାରଙ୍କ ନିକଟରେ ଦାବି କରିବା ସତ୍ତ୍ୱେ ତାହା ପୂରଣ ହୋଇ ନ ଥିବା ପ୍ରତିଶ୍ରୁତି ଅନେକଙ୍କୁ ନିରାଶ କରିଛି । ପୂର୍ବ ସରକାରଙ୍କ ଦୀର୍ଘ ବର୍ଷର ଶାସନ ପରେ ମଧ୍ୟ ପାଠାଗାରର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସକ୍ଷମ ହୋଇ ନ ଥିଲେ ଏବଂ ଖାଲି ଥିବା ପଦବୀଗୁଡ଼ିକ ପୂରଣ ମଧ୍ୟ କରିପାରି ନ ଥିଲେ । ବର୍ତ୍ତମାନର ସରକାରଙ୍କୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ମଧ୍ୟ ସେ ମଧ୍ୟ ପାଠାଗାରକୁ ନେଇ କିଛି ପଦକ୍ଷେପ ଗ୍ରହଣ କରିବାକୁ ଅସମର୍ଥ । କିନ୍ତୁ ଆମର ଆଶା ସରକାର ଖୁବ୍ ଶୀଘ୍ର ଏସବୁ ସମସ୍ୟାର ସମାଧାନ କରିବେ । ଓଡ଼ିଶାର ଗ୍ରନ୍ଥାଗାରଗୁଡ଼ିକରେ ଅନେକ ପଦବୀ ପୂରଣ ହୋଇନାହିଁ । ସରକାରଙ୍କ ନିଷ୍କ୍ରିୟତା ଯୋଗୁ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗର ଅଭାବ ଦେଖାଦେଇଛି । ଜିଲା ପାଠାଗାର,ସମନ୍ୱିତ ପାଠାଗାର,ସ୍ମାରକୀ ପାଠାଗାର, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଉପଯୁକ୍ତ ଭିତ୍ତିଭୂମିର ଅଭାବ ରହିବା ସହ ଖାଲିଥିବା ପଦବୀଗୁଡିକରେ ନିଯୁକ୍ତିର ଅଭାବ । ପାଠାଗାରଗୁଡ଼ିକର ସୁଦୃଢ଼ତା ସମାଜ ନିମନ୍ତେ ଏକ ଉନ୍ନତ ପଦକ୍ଷେପ ରୂପେ ବିବେଚିତ ହେବ । ଚାକିରି କ୍ଷେତ୍ରରେ ଆବେଦନର ବୟସସୀମାକୁ ୪୩ ବର୍ଷକୁ ବୃଦ୍ଧିକରିବା ଉଚିତ । ଫଳରେ ଗ୍ରନ୍ଥାଗାରିକ ଚାକିରି ଆଶାୟୀମାନେ ଆବେଦନ କରିବା ପାଇଁ ସୁଯୋଗ ପାଇପାରିବେ । କାରଣ ପୂର୍ବ ସରକାର ବହୁ କମ୍ ପଦବୀରେ ନିଯୁକ୍ତି କରିଥିଲେ, ଯାହାକି ସମୁଦ୍ରକୁ ଶଙ୍ଖେ ସଦୃଶ ଥିଲା । କାରଣ ସଂସ୍କୃତି ବିଭାଗ ଅଧୀନରେ ଥିବା ଗ୍ରନ୍ଥାଗାରଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ କର୍ମଚାରୀଙ୍କ ଅଭାବ ରହିଛି । ଏସବୁ ସମସ୍ୟା ପ୍ରତି ସରକାର ଦୃଷ୍ଟିଦେଲେ ସମାଜ ଉପକୃତ ହେବା ସହ ଅନେକ ଚାକିରି ଆଶାୟୀ ଆଶ୍ୱସ୍ତି ଅନୁଭବ କରିବେ ।

ମୋ:୯୭୭୬୮୪୨୬୭୨

## ଏଇ ଭାରତରେ

ଶିକ୍ଷାଦାନ ବ୍ୟତୀତ ସ୍କୁଲର ପାରିପାର୍ଶ୍ୱିକ ପରିବେଶରେ ଉନ୍ନତି କରି ଅନ୍ୟମାନଙ୍କ ପାଇଁ ପଥ ପ୍ରଦର୍ଶକ ସାଜିଛନ୍ତି ମଧ୍ୟପ୍ରଦେଶର ଗୋପାଳ ଭାଲୱାଲ । ସେ ରାଜଗଡ଼ର ମୋହନପୁର କଲୋନିରେ ଥିବା ସରକାରୀ ସମନ୍ୱିତ ମଧ୍ୟ ଇଂରାଜୀ ସ୍କୁଲରେ ଶିକ୍ଷକ ଅଛନ୍ତି । ପ୍ରତିଦିନ ସ୍କୁଲରେ ଶିକ୍ଷାଦାନ କରିବା ସହ ସ୍କୁଲର ସାମଗ୍ରିକ ବିକାଶ କରିବାକୁ ସକ୍ଷମ ହୋଇଛନ୍ତି । ୨୦୧୮ରେ ଏହି ସ୍କୁଲ ପ୍ରତିଷ୍ଠା ହୋଇଥିଲା । କିନ୍ତୁ ଏଠାକୁ ଅଧିକ ପିଲା ଆସୁ ନ ଥିଲେ । ସ୍କୁଲରେ ମୋଟ ୨୩ ପିଲା ଥିଲେ । ସ୍କୁଲର ସ୍ଥିତି ମଧ୍ୟ ଅତ୍ୟନ୍ତ ଖରାପ ଥିଲା । ଶ୍ରେଣୀ ଗୃହ ଅନ୍ଧାରିଆ ରହୁଥିଲା । ତେବେ ତାହାକୁ ଆକର୍ଷଣୀୟ କରିବା ସକାଶେ ଭାଲୱାଲ ସରକାରୀ ଅନୁଦାନକୁ ଅପେକ୍ଷା ନ କରି ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରି ସ୍କୁଲରେ ରଙ୍ଗ ଦେଇଛନ୍ତି । ଏହାବ୍ୟତୀତ ଏକ ବଗିଚା କରିବା ସହ ଜଳ ଯୋଗାଣର ବ୍ୟବସ୍ଥା କରିଛନ୍ତି । ସେ ମଧ୍ୟ ଏକ ଲାଇବ୍ରେରି କରିଛନ୍ତି ଓ ଏଥିରେ ୨,୦୦୦ରୁ ଅଧିକ ବହି ଅଛି । ଭାଲୱାଲଙ୍କ ଚେଷ୍ଟାରେ ସ୍କୁଲରେ ଏବେ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇ ୧୦୦ରେ ପହଞ୍ଚିଲାଣି । ଏସବୁ କାର୍ଯ୍ୟ ଶେଷ କରି ବର୍ତ୍ତମାନ ସ୍କୁଲରେ ବିଭିନ୍ନ ଆଧୁନିକ ଶିକ୍ଷା ଉପକରଣ ଆଣିବାକୁ ସେ ଯୋଜନା କରିଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଫେବୃଆରୀ ୧୯୭୬

- ଓଡ଼ିଶା ବିକ୍ରିକର (ସଂଶୋଧନ) ବିଲ୍ ୧୯୭୫କୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ।
- ଫରାକା ଜଳର ବିନିଯୋଗ ସମ୍ପର୍କୀୟ ଆଲୋଚନା ପାଇଁ ବାଂଲାଦେଶର ସର୍ତ୍ତାରୋପ ଉଦ୍ୟମକୁ ଭାରତର ପ୍ରତ୍ୟାଖ୍ୟାନ ।
- ୟୁରୋପୀୟ ସରକାର ବିଦ୍ରୋହୀ କବି ନବରୁଲଙ୍କୁ ସେ ଦେଶର ନାଗରିକତ୍ୱ ଅର୍ପଣ କରିଛି ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | 6 | 1 | | 4 | | | |
| | | 2 | | 6 | | | | 1 |
| 4 | | | | | | | | |
| 3 | | | | 9 | 5 | 7 | | |
| 5 | | | 6 | | | 4 | | |
| | | | 7 | | | | | 6 |
| | | | | | 7 | | | 9 |
| | | 1 | 9 | | | 2 | | 3 |
| | | 5 | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 2 | 1 | 7 | 6 | 3 | 5 | 8 |
| 8 | 3 | 7 | 9 | 4 | 5 | 6 | 2 | 1 |
| 1 | 5 | 6 | 2 | 3 | 8 | 9 | 7 | 4 |
| 7 | 4 | 9 | 6 | 8 | 1 | 5 | 3 | 2 |
| 2 | 1 | 3 | 4 | 5 | 9 | 8 | 6 | 7 |
| 5 | 6 | 8 | 7 | 2 | 3 | 1 | 4 | 9 |
| 9 | 2 | 1 | 5 | 6 | 7 | 4 | 8 | 3 |
| 3 | 7 | 5 | 8 | 1 | 4 | 2 | 9 | 6 |
| 6 | 8 | 4 | 3 | 9 | 2 | 7 | 1 | 5 |

ଗତକାଲିର ଉତ୍ତର

# ନୀରବ ମହାମାରୀ



ରଜତ ବଂଶଲ

ଭାରତ ଏକ ଯୁବ ଦେଶ । ଏହାର ଜନସଂଖ୍ୟାର ମୋଟ ୫୩.୭% ହେଉଛନ୍ତି ଯୁବକ । ତେବେ ଚିନ୍ତାର ବିଷୟ ହେଉଛି, ସେମାନେ ଏବେ ଏକ ନୀରବ ମହାମାରୀର ସମ୍ମୁଖୀନ ହେଉଛନ୍ତି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର 'ଭାରତରେ ଦୁର୍ଘଟଣାଜନିତ ମୃତ୍ୟୁ ଏବଂ ଆତ୍ମହତ୍ୟା ୨୦୨୨' ଶୀର୍ଷକ ରିପୋର୍ଟ ଅନୁଯାୟୀ, ଉକ୍ତ ବର୍ଷ ୧୩ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିଲେ, ଯାହା ସେହି ବର୍ଷର ମୋଟ ଆତ୍ମହତ୍ୟାର ୭.୬% ଥିଲା । ୧୮ ବର୍ଷରୁ କମ୍ ବୟସର ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୧୨୩ ଆତ୍ମହତ୍ୟାର କାରଣ ଥିଲା ପରୀକ୍ଷାରେ ବିଫଳତା, ଯେଉଁଥିରେ ୫୭୮ ଛାତ୍ର ଓ ୫୭୫ ଛାତ୍ରୀ ଶିକାର ହୋଇଥିଲେ ।



୨୦୨୧ ରୁ ୨୦୨୨ ମଧ୍ୟରେ ଛାତ୍ର ଆତ୍ମହତ୍ୟା ୬% ହ୍ରାସ ପାଇଥିବାବେଳେ ଛାତ୍ରୀ ଆତ୍ମହତ୍ୟା ୭% ବୃଦ୍ଧି ପାଇଛି । ୨୦୨୧ରେ ୧୩,୦୮୯ ଶିକ୍ଷାର୍ଥୀ ଆତ୍ମହତ୍ୟା ରିପୋର୍ଟ ହୋଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୮% ବୃଦ୍ଧି ପାଇଛି । ଗତ ୨ ଦଶନ୍ଧି ମଧ୍ୟରେ ଭାରତରେ ଶିକ୍ଷାର୍ଥୀ ଆତ୍ମହତ୍ୟା ବାର୍ଷିକ ୪% ହାରରେ ବୃଦ୍ଧି ପାଇଛି, ଯାହା ମୋଟ ଆତ୍ମହତ୍ୟା ହାରର ୨ଗୁଣ । ଆତ୍ମହତ୍ୟା ହାରରେ ଉଲ୍ଲେଖନୀୟ ବୃଦ୍ଧି ସହ ଓଡ଼ିଶା ମଧ୍ୟ ଶୀର୍ଷ ରାଜ୍ୟଗୁଡ଼ିକ ଭିତରେ ସ୍ଥାନ ପାଇଛି ।

ଶିକ୍ଷାର୍ଥୀ ଆତ୍ମହତ୍ୟା ରୂପକ ନୀରବ ମହାମାରୀ ଦିନକୁ ଦିନ ବଢ଼ିଚାଲିଛି । ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ଯୁବ ମନକୁ କେଉଁ କେଉଁ କାରଣ ପ୍ରବର୍ତ୍ତାଇଥାଏ ? ଉତ୍ତରଟି ସରଳ ନୁହେଁ । କେତେଜଣ ଛାତ୍ରୀଛାତ୍ର ହୁଏତ ନିଜର କିମ୍ବା ପରିବାରର ଆକାଂକ୍ଷା ପୂରଣରେ ବିଫଳ ହୋଇଥାନ୍ତି ; କେତେକେ ହୁଏତ ଆର୍ଥିକ ଅସୁବିଧାର ସମ୍ମୁଖୀନ ହୁଅନ୍ତି,ଆଉ କେତେକେ ବ୍ୟକ୍ତିଗତ କିମ୍ବା ପାରିବାରିକ ସମସ୍ୟା ସହ ଯୁଝିଆଇପାରନ୍ତି ; କେହି କେହି ନିର୍ଯାତନା କିମ୍ବା ଭେଦଭାବର ଶିକାର ହୋଇଥାଇପାରନ୍ତି । ବିଶେଷଜ୍ଞ ତଥା ଏଥିରୁ ବର୍ତ୍ତିଥିବା ଛାତ୍ରୀଛାତ୍ରଙ୍କ ଅନୁଯାୟୀ, ଏହି ମହାମାରୀର କେତେକ କାରଣ ରହିଛି ।

ଆଜିର ପ୍ରତିଯୋଗିତାମୂଳକ ପାଠ୍ୟକ୍ରମରେ ଘଣ୍ଟା ଘଣ୍ଟା ଅଧ୍ୟୟନ ଓ କ୍ରମାଗତ ପରୀକ୍ଷାର ଚାପ ରହୁଛି । ଅଧିକାଂଶ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କୁ ଦକ୍ଷତା ଆଧାରରେ ର୍ୟାଙ୍କିଙ୍ଗ୍ କରନ୍ତି । ଏହା ଭଲ ସ୍କୋର କରି ନ ଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୀନମନ୍ୟତା ସୃଷ୍ଟିକରେ । ଫଳରେ ସେମାନେ ପାଠପଢ଼ାକୁ ନେଇ ଚାପଗ୍ରସ୍ତ ରହନ୍ତି । ଅନେକ ବାପମାଆ ବହୁ ଅର୍ଥ ଖର୍ଚ୍ଚକରି ପିଲାଙ୍କୁ ପଢ଼ାଇଥାନ୍ତି । ସେମାନେ ପିଲାଠାରୁ ଅଧିକ ଆଶାକରନ୍ତି ଓ ଲକ୍ଷ୍ୟ ହାସଲ ପାଇଁ ଚାପ ପକାଇଥାନ୍ତି । କେତେଜଣ ବାପାମାଆ ନିଜ ପିଲାକୁ ଅନ୍ୟ ପିଲା ସହ ତୁଳନା କରନ୍ତି ଏବଂ ଭଲ ପ୍ରଦର୍ଶନ ନ କଲେ ଅପମାନ ଦେଇଥାନ୍ତି । ଏହାଦ୍ୱାରା ସେମାନେ ନିଜକୁ ଅସହାୟ ମନେକରିଥାନ୍ତି ।

ଅଧିକାଂଶ ଛାତ୍ରୀଛାତ୍ର ବାହାରେ ରହି ଅଧ୍ୟୟନ କରିଥାନ୍ତି । ସେମାନଙ୍କୁ ଏକ ନୂତନ ପରିବେଶ ସହ ଖାପ ଖୁଆଇବାକୁ ପଡ଼େ । ହଷ୍ଟେଲରେ ସେମାନେ ପର୍ଯ୍ୟାପ୍ତ ସୁବିଧା କି ଯତ୍ନ ମିଳେନାହିଁ । ଅନେକ ଛାତ୍ରୀଛାତ୍ର ସାଙ୍ଗସାଥୀ କିମ୍ବା ଘର ମାଲିକଙ୍କଠାରୁ ନିର୍ଯାତନା ଅବା ଭେଦଭାବର ଶିକାର ହୁଅନ୍ତି । ଅଧ୍ୟୟନ ଚାପ, ପିତାମାତାଙ୍କ ପ୍ରତ୍ୟାଶା ଓ ସାମାଜିକ ସହଯୋଗ ଅଭାବ ଛାତ୍ରୀଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ । ସେମାନଙ୍କ ମଧ୍ୟରେ ଚିନ୍ତା, ଉଦାସୀନତା, ଅନିଦ୍ରା, ଆତ୍ମସମ୍ମାନ ହାନି କିମ୍ବା ଆତ୍ମହତ୍ୟା ଭାବନା ସୃଷ୍ଟି ହୋଇପାରେ । ତଥାପି ଅନେକ ଛାତ୍ର ଅଜ୍ଞତା ହେତୁ ଆନୁଷ୍ଠାନିକ ସହାୟତା ଲୋଡ଼ନ୍ତିନାହିଁ । ତେଣୁ ସେମାନେ ଗୁଣାତ୍ମକ ମାନସିକ ସ୍ୱାସ୍ଥ୍ୟସେବା ପାଇପାରନ୍ତି ନାହିଁ । ଯଦିଓ ଏହି ନୀରବ ମହାମାରୀର ସହଜ ସମାଧାନ ନାହିଁ, ତେବେ କିଛି ସମ୍ଭାବ୍ୟ ପଦକ୍ଷେପ ନିଆଯାଇପାରେ ।

ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ, ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀ ଓ ସାଙ୍ଗସାଥୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସକାରାତ୍ମକ ପରିବେଶ ସୃଷ୍ଟିକରିବା ଉଚିତ । ନିଜ ଆଗ୍ରହ ଅନୁସାରେ ସହ–ଶୈକ୍ଷିକ କାର୍ଯ୍ୟକଳାପରେ ଅଂଶଗ୍ରହଣ, ନୂଆ ଲୋକଙ୍କ ସହ ବନ୍ଧୁତା ଆଉ ମନୋରଞ୍ଜନ ପାଇଁ ସେମାନଙ୍କୁ ଉତ୍ସାହିତ କରାଯିବା କଥା । ଆବଶ୍ୟକ ହେଲେ ସେମାନଙ୍କୁ ଭାବନାତ୍ମକ ସମର୍ଥନ ଓ ମାର୍ଗଦର୍ଶନ ମଧ୍ୟ ଦେବା ଉଚିତ ।

ପାଠ୍ୟକ୍ରମକୁ ଅଧିକ ନମନୀୟ ଓ ସନ୍ତୁଳିତକରି ଛାତୀଛାତ୍ରଙ୍କ ଉପରେ ଅଧ୍ୟୟନ ଚାପ ହ୍ରାସ କରାଯାଇପାରିବ । କେବଳ ପରୀକ୍ଷାକୁ ଆଧାରକରି ର୍ୟାଙ୍କିଙ୍ଗ୍ କରିବା ପରିବର୍ତ୍ତେ ବ୍ୟକ୍ତିଗତ ପାର୍ଥକ୍ୟ ଓ ଦକ୍ଷତାକୁ ସମ୍ମାନ ଦେବା ଦରକାର । ସେମାନଙ୍କ ଦକ୍ଷତା ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ପରାମର୍ଶ ଦିଆଯିବା ଆବଶ୍ୟକ । ଛାତ୍ରୀଛାତ୍ରଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରାଯିବା ଜରୁରୀ । ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ଲକ୍ଷଣ ଓ ତାହାର ମୁକାବିଲା ସମ୍ପର୍କରେ ଶିକ୍ଷାଦେବା ସହ ଉଦାସୀନତା କିମ୍ବା ଆତ୍ମହତ୍ୟାପ୍ରବଣତା ଦେଖାଦେଲେ ଆନୁଷ୍ଠାନିକ ସହାୟତା ଓ ପରାମର୍ଶ ନେବାକୁ ଉତ୍ସାହିତ କରିବା ଉଚିତ ।

ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମହତ୍ୟା ରୋକିବା ପାଇଁ ପ୍ରତିଷେଧକ ବ୍ୟବସ୍ଥା କରାଯିବା ଆବଶ୍ୟକ । ହଷ୍ଟେଲରେ ସ୍ପ୍ରିଙ୍ଗଯୁକ୍ତ ପଙ୍ଖା ବ୍ୟବହାର ବାଧ୍ୟତାମୂଳକ ହେବା ଜରୁରୀ । ଛାତ୍ରୀଛାତ୍ରଙ୍କ ମାନସିକ ପରୀକ୍ଷା ଓ ପରାମର୍ଶ କେନ୍ଦ୍ର ସ୍ଥାପନକରି ସେମାନଙ୍କ କାର୍ଯ୍ୟକଳାପ ଓ ସ୍ୱାସ୍ଥ୍ୟ ଉପରେ ଦୃଷ୍ଟି ରଖିବା ଉଚିତ । ସେମାନଙ୍କ ମଧ୍ୟରେ କୌଣସି ଅସୁବିଧାର ଲକ୍ଷଣ ଦେଖାଦେଲେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ । ତେବେ ଏହି ନୀରବ ମହାମାରୀର ମୁକାବିଲା ପାଇଁ ଏତକ ପଦକ୍ଷେପ ଯଥେଷ୍ଟ ନୁହେଁ । ଏଥିପାଇଁ ଏକ ସାମଗ୍ରିକ ପାଠ୍ୟକ୍ରମ କାର୍ଯ୍ୟକାରୀ କରାଯିବା ଆବଶ୍ୟକ, ଯାହା କେବଳ ଶୈକ୍ଷିକ ଉତ୍କର୍ଷ ଉପରେ ନୁହେଁ ବରଂ ମାନସିକ ସୁସ୍ଥତା ଉପରେ ମଧ୍ୟ ଧ୍ୟାନ ରଖିବ । ଅଧିକନ୍ତୁ, ପିତାମାତାମାନେ ଫଳାଫଳ ପାଇଁ ଚାପଦେବା ପରିବର୍ତ୍ତେ ପିଲାମାନଙ୍କର ଆକାଂକ୍ଷା ଓ ସୀମିତତା ଉପରେ ଧ୍ୟାନଦେବା ଉଚିତ ।

ଏହି ମହାମାରୀର ବିଲୋପ ପାଇଁ ଶିକ୍ଷା ଓ ସଫଳତା ପ୍ରତି ଆମ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନର ଆବଶ୍ୟକତା ରହିଛି । ଦକ୍ଷତା ଓ ସଫଳତାର ଏକମାତ୍ର ସୂଚକ ଭାବେ ମାର୍କ ଓ ର୍ୟାଙ୍କକୁ ଗୁରୁତ୍ୱ ଦେବା ଅନୁଚିତ । ସେମାନଙ୍କ ଆଗ୍ରହ ଓ ଦକ୍ଷତାକୁ ବିଚାର ନ କରି ପିଲାମାନଙ୍କ ଉପରେ ଆମର ସ୍ୱପ୍ନ ଓ ଅଭିଳାଷକୁ ଲଦିଦେବା ବନ୍ଦ କରିବା ଆବଶ୍ୟକ । ପିଲାଙ୍କୁ ଅନ୍ୟମାନଙ୍କ ସହ ତୁଳନା କି ସେମାନଙ୍କ ମନରେ ହୀନମନ୍ୟତା ସୃଷ୍ଟିକରିବା ଅନୁଚିତ ।

କେବଳ ଶାରୀରିକ ସ୍ୱାସ୍ଥ୍ୟ ଓ ନିରାପତ୍ତା ନୁହେଁ ; ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଯତ୍ନନେବା, ସେମାନଙ୍କର ଭାବନା ଓ ଚିନ୍ତାଧାରାକୁ ବୁଝିବା, ମୁକ୍ତ ଆଲୋଚନା କରିବା ସହ ସେମାନଙ୍କ ନିଷ୍ପତ୍ତିକୁ ସମ୍ମାନଦେବା ଆବଶ୍ୟକ । ପିଲାଙ୍କୁ ନିଃସର୍ତ୍ତ ସ୍ନେହ ଦରକାର, ତେବେ ଯାଇ ସେମାନଙ୍କୁ ଏହି ନୀରବ ମହାମାରୀ କବଳରୁ ରକ୍ଷା କରାଯାଇପାରିବ ।

ବେହେରା, ଧର୍ମଗଡ଼, କଳାହାଣ୍ଡି
ମୋ: ୮୬୩୭୨୯୯୫୯୫

## ପାଠକ ଶ୍ରେଷ୍ଠ ବିଚାରକ

### ଅଧା ବଟିକା ଅସୁବିଧା

ମହାଶୟ,

କେତେକ କ୍ଷେତ୍ରରେ ଡାକ୍ତରମାନେ ରୋଗୀଙ୍କୁ କୌଣସି ବଟିକାର ଅଧା ସେବନ କରିବାକୁ ପରାମର୍ଶ ଦେଇଥାନ୍ତି । କିନ୍ତୁ ଦେଖାଯାଉଛି କେତେକ ବଟିକାରେ ଅଧାରେ କୌଣସି ଚିହ୍ନ ଦିଆଯାଉ ନ ଥିବାରୁ ଏହାକୁ ଆନୁମାନିକ ଅଧାରୁ ଭାଙ୍ଗିବା ବା କଟିବା ଦ୍ୱାରା ଏହା ଛୋଟ ବଡ଼ ହୋଇଯାଇଥାଏ । ପୁନଶ୍ଚ ଅଧିକାଂଶ ବୟସ୍କ ଲୋକଙ୍କ ପକ୍ଷେ ବିଶେଷତଃ ଶୀତଦିନେ ସକାଳେ ଦେହହାତ ଥରୁଥିବାରୁ ଏହାକୁ ଆନୁମାନିକ ଅଧାରୁ ହାତରେ ଭାଙ୍ଗିବା ସମ୍ଭବ ହେଉ ନ ଥିବାରୁ ଏମାନେ ଗୁଆକାତି ବା ଛୁରିରେ ବହୁ କଷ୍ଟରେ କାଟିଥାନ୍ତି । ଏହାଦ୍ୱାରା ଏହା ଛୋଟବଡ଼ ଓ କିଛି ଅଂଶ କ୍ଷୟ ହେବା ସହ କେବେ କେବେ ତେରଛା ଭାବେ କଟିବା ଫଳରେ ଏମାନେ ପ୍ରତ୍ୟହ ସମାନ ଡୋଜ୍‌ର ବଟିକା ସେବନ କରିପାରି ନ ଥାନ୍ତି । ଏଣୁ ଡାକ୍ତରମାନେ ଅଧା ବଟିକା ପ୍ରେସ୍କ୍ରାଇବ କଲାବେଳେ ଅଧା ଚିହ୍ନ ବଟିକା ତଥା ବୟସ୍କଙ୍କ ଅସୁବିଧାକୁ ଚାହିଁ ଆବଶ୍ୟକୀୟ ପୂରା ବଟିକା ପ୍ରେସ୍କ୍ରାଇବ କରିବା ଉଚିତ । ଅଧିକନ୍ତୁ ଔଷଧ କମ୍ପାନୀଗୁଡ଼ିକ ମଧ୍ୟ ବଟିକାରେ ଅଧା ଚିହ୍ନ ପ୍ରତି ଗୁରୁତ୍ୱ ଦେବା ସହ ବଟିକା କାଟିବା ଯନ୍ତ୍ର ବଜାରକୁ ଛାଡ଼ିଲେ ଏ ଅସୁବିଧା ଦୂର ହୋଇପାରନ୍ତା ।

– ରାଜ କୁମାର ସାମଲ, ଅରେଇ, ବିଞ୍ଝାରପୁର, ଯାଜପୁର

## ଚିରନ୍ତନୀ

ପଉଷର ପଞ୍ଚମୀ ଚାଁଦ
ଆକାଶର କୋଣେ ଦେଲା ହସି
ମଧୁମାସ ଆଗମନୀ–ଭାଷା
ଜରା–ହୃଦେ ଯଉବନ–ଆଶା
ପୌଷର ପଞ୍ଚମୀ ଶଶି
ଢାଳି ଦେଲା ଦୂରେ ହସି ହସି ।
–(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭୁବନେଶ୍ୱର ଏମ୍ସରେ ସିବିଆଇ ଚଢ଼ାଉ

## ଜାଲ୍ ପ୍ରମାଣପତ୍ର ଜରିଆରେ ସ୍ଥାୟୀ ଚାକିରି ଅଭିଯୋଗ, ୫ କର୍ମଚାରୀଙ୍କ ସାର୍ଟିଫିକେଟ ଜବତ

ଭୁବନେଶ୍ୱର,୧୯।୨ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ରେ ନିଯୁକ୍ତି ନାଁରେ ଅନିୟମିତତା ଅଭିଯୋଗ। ଜାଲ କାଗଜପତ୍ର ଜରିଆରେ ଚୁକ୍ତିଭିତ୍ତିରେ ଠିକା କର୍ମଚାରୀ ଭାବେ କାମ କରୁଥିବା ୫ଜଣଙ୍କୁ ବିଭିନ୍ନ ପଦପଦବୀରେ ସ୍ଥାୟୀ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିବା ପରେ ଭୁବନେଶ୍ୱର ସିବିଆଇ ଟିମ୍‌ର ୯ଜଣ ସଦସ୍ୟ ବୁଧବାର ଏମ୍ସକୁ ଯାଇ ଏକାଡେମୀ ବ୍ଲକର ତୃତୀୟ ମହଲାରେ ଚଢ଼ାଉ କରି କର୍ମଚାରୀଙ୍କୁ ଜେରା କରିଛି। ଏହାସହ ଅଭିଯୋଗ ହୋଇଥିବା ୫ଜଣ ସ୍ଥାୟୀ କର୍ମଚାରୀଙ୍କ କାଗଜପତ୍ର ଅଫିସରୁ ଜବତ କରିଛି। ଅଙ୍କୁର କର, ରାଜଶ୍ରୀ ପଣ୍ଡା, ସସ୍ମିତ ମିଶ୍ର, ସାଇ ସାଗର କର, ସଂଗ୍ରାମ ମିଶ୍ରଙ୍କ ସାର୍ଟିଫିକେଟ ସିବିଆଇ ଜବତ କରିଥିବା ସୂଚନା ମିଳିଛି । ତେବେ ଏହି କାଗଜପତ୍ର ନକଲି ଜଣାପଡ଼ିଲେ ସିବିଆଇ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂତ୍ରରୁ ସୂଚନା ମିଳିଛି।




ଅନ୍ୟପଟେ ଏହି ମାମଲାରେ ମାଷ୍ଟର ମାଇଣ୍ଡ କୁହାଯାଉଥିବା ଏକ ଠିକା ସଂସ୍ଥା ଏଜେନ୍ସିର ମ୍ୟାନେଜର ସ୍ମୃତି ସାଗର କରଙ୍କୁ ହେପାଜତକୁ ନେଇ ସିବିଆଇ ଅଧିକ ଖୋଳତାଡ଼ ଚଳାଇଛି।

ମିଳିଥିବା ସୂଚନାନୁସାରେ ୨୦୨୩ରେ ବିଭିନ୍ନ ପଦବୀ ପାଇଁ ଏମ୍ସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ପୂର୍ବରୁ ଚୁକ୍ତିଭିତ୍ତିରେ ଠିକା କର୍ମଚାରୀଭାବେ କାମ କରୁଥିବା ୫ଜଣ ପରୀକ୍ଷାରେ ଉପକୃତ ହୋଇ ସ୍ଥାୟୀ ଭାବେ ଚାକିରି କରିଥିଲେ। ହେଲେ ଚାକିରି ବେଳେ ସେମାନେ ଦେଇଥିବା ସାର୍ଟିଫିକେଟ ଉପରେ ସନ୍ଦେହ ହେବାରୁ ସିବିଆରେ ଏନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ସିବିଆଇ ପକ୍ଷରୁ ବୁଧବାର ଚଢାଉ କରାଯାଇଛି।

# ଦୋଷୀ କକାଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

**ସମ୍ପର୍କୀୟ ଝିଅାରୀଙ୍କୁ ବଳାତ୍କାର ମାମଲା**

ବାଲେଶ୍ୱର, ୧୯।୨(ବାଞ୍ଛାନିଧି ଦେ)

ସମ୍ପର୍କୀୟ ଝିଅାରୀଙ୍କୁ ବଳାତ୍କାର ମାମଲାର ଶୁଣାଣି କରି ବୁଧବାର ବାଲେଶ୍ୱର ଆଡହକ୍ ଆଡିଶନାଲ ଜିଲା ଏବଂ ସେସନ୍ସ ଜଜ୍ ଅନୀତା ସାହୁ ଅଭିଯୁକ୍ତ କକାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏଥିସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଲାଗି ଜିଲା ଆଇନସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ତାଳମହୁରି ଗ୍ରାମର ଭରତ ଦାସ ସମ୍ପର୍କୀୟ ଝିଅାରୀଙ୍କୁ ଭଲ ଜାଗାରେ ବିବାହ କରାଇବା ପାଇଁ ପ୍ରଲୋଭନ ଦେଖାଇଥିଲେ। ଏଥିପାଇଁ ପୂଜା ପାଠ ବାହାନାରେ ଏକ ନିରୋଳା ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଏ କଥା କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ଜାଣିବାବେଳକୁ ଯୁବତୀ ଜଣକ ୩ମାସର ଗର୍ଭବତୀ ଥିଲେ। ଏ ସମ୍ପର୍କରେ ଗତ ୨୦୧୮ ସେପ୍ଟେମ୍ବର ୧୫ରେ ପୀଡ଼ିତାଙ୍କ ମା' ଖଇରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୨୨୬।୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ମାମଲାରେ ଜଜ୍ ଅନୀତା ସାହୁ ୧୪ଜଣ ସାକ୍ଷୀ ଓ ୧୬ ଦସ୍ତାବିଜ୍‌କୁ ଆଧାର କରି ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ବରିଷ୍ଠ ସରକାରୀ ଓକିଲ ଦୀପକ କୁମାର ଦାଶ ମାମଲା ପରିଚାଳନା କରୁଥିଲେ।

# ଭିଜିଲାନ୍ସ ଜାଲରେ ଡେପୁଟି କଲେକ୍ଟର

କେନ୍ଦୁଝର,୧୯।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ପ୍ରଦାନ ପାଇଁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କେନ୍ଦୁଝର କଲେକ୍ଟୋରେଟର ଡେପୁଟି କଲେକ୍ଟର (ଭୂମି ଅଧିଗ୍ରହଣ) ଶରତ କୁମାର ଗିରି ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। କେନ୍ଦୁଝର ଭିଜିଲାନ୍ସ ୟୁନିଟ୍ ତାଙ୍କୁ ଗିରଫ କରିଛି। ତାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ପରେ ଭିଜିଲାନ୍ସ ଟିମ୍ ତାଙ୍କ ଅଫିସ ସମେତ ତିନୋଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିବା ସୂଚନା ମିଳିଛି। ତଲାସୀ ଅଭିଯାନ ଜାରି ରହିଥିବା କେନ୍ଦୁଝର ଭିଜିଲାନ୍ସ ୟୁନିଟ୍‌ର ଡେପୁଟି ଅଧୀକ୍ଷକ ସୁଧାଂଶୁ ପୂଜାରୀ କହିଛନ୍ତି।



ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଜଜ୍ କୋର୍ଟ ୨୦୨୪ ସେପ୍ଟେମ୍ବରରେ ଅଭିଯୋଗକାରୀ ଚିତ୍ରସେନ ବ୍ରହ୍ମ ଏବଂ ତାଙ୍କ ଭାଇମାନଙ୍କ ମିଳିତ ଆକାଉଣ୍ଟରେ ୬,୯୬,୬୯୬ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେବେଠାରୁ ଅଭିଯୋଗକାରୀ ଡେପୁଟି କଲେକ୍ଟରଙ୍କ କାର୍ଯ୍ୟାଳୟକୁ ୫ରୁ ୬ ଥର ଯାଇ କ୍ଷତିପୂରଣ ରାଶି ସେମାନଙ୍କ ମିଳିତ ଆକାଉଣ୍ଟକୁ ସ୍ଥାନାନ୍ତର କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ଡେପୁଟି କଲେକ୍ଟର କ୍ଷତିପୂରଣ ରାଶି ସ୍ଥାନାନ୍ତର ପାଇଁ ୫୦ ହଜାର ଟଙ୍କା ଦାବି କରିଥିଲେ।

# ୬ ଯୁବକଙ୍କ ଆକ୍ରମଣରେ ପୋଲିସ କନ୍‌ଷ୍ଟେବଲ ଆହତ

ଯାଜପୁର,୧୯।୨(ହର୍ଷ ବର୍ଦ୍ଧନ ବେହେରା) :ଯାଜପୁର ଜିଲା ବ୍ୟାସ ସରୋବର ମେଳାରେ ନିୟୋଜିତ ଧର୍ମଶାଳା ଥାନାର କାର୍ଯ୍ୟରତ କନ୍‌ଷ୍ଟେବଲ ହରିଶ ସାଣ୍ଡିଲଙ୍କୁ କେତେଜଣ ଯୁବକ ମାଡ ମାରିଛନ୍ତି। ଏନେଇ ସେ ଯାଜପୁର ରୋଡ଼ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ଯାଜପୁର ରୋଡ଼ ଥାନାରେ ଏକ ମାମଲା(ନଂ.୯୦/୨୦୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

ଅଭିଯୋଗ ଅନୁଯାୟୀ, ସୋମବାର ଅପରାହ୍ନ ପ୍ରାୟ ୫ଟା ବେଳେ ଗାୟତ୍ରୀ ବିହାର ନିକଟ ରେଳ ଫାଟକ ପଡିଥିବା ବେଳେ ହରିଶ ଏକ ବୁଲେଟ୍‌ରେ ବ୍ୟାସସରୋବର ମେଳାକୁ ଡ୍ୟୁଟି ପାଇଁ ଯାଉଥିଲେ। ଫାଟକ ଉଠିବା ପରେ ସେଠାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା । ହରିଶ ବାଇକ୍‌ଗୁଡ଼ିକୁ ନିୟନ୍ତ୍ରିତ କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ମାତ୍ର ୨ ବାଇକ୍‌ରେ ଆସିଥିବା ୬ ଯୁବକ ରେଳ ଫାଟକ ଅତିକ୍ରମ କରିବା ପରେ ଗାଡ଼ି କାହିଁକି ଅଟକାଇଲୁ କହି ହରିଶଙ୍କୁ ଅଭଦ୍ର ଭାଷାରେ ଗାଳିକରିବା ସହିତ ଆକ୍ରମଣ କରିଥିଲେ । ସେମାନଙ୍କ ଆକ୍ରମଣରେ ହରିଶ ତଳେ ପଡିଯାଇଥିଲେ । ସେମାନେ ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହିତ ତାଙ୍କ ବେକରୁ ଏକ ସୁନାଚେନ ଛିଣ୍ଡାଇ ନେଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଯାଜପୁର ରୋଡ୍ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, କନ୍‌ଷ୍ଟେବଲ ଅଭିଯୋଗ କରିଛନ୍ତି ଓ ଆମେ ଏହାର ତଦନ୍ତ କରୁଛୁ । ଦୋଷୀମାନଙ୍କୁ ନିଶ୍ଚୟ ଉଚିତ ଦଣ୍ଡ ମିଳିବ ।

# ଜେଲ ଗଲେ ପୂର୍ବତନ ସରପଞ୍ଚ

**ବାଘ ଦାନ୍ତ, ସମ୍ବର ଶିଂଘ ଓ ଶିକାର ଉପକରଣ ଜବତ ଘଟଣା**

**ରେଞ୍ଜରଙ୍କ ନାମରେ ଥାନାରେ ମାମଲା**

ନୟାଗଡ଼/ରଣପୁର,୧୯।୨ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ବାଘ ଦାନ୍ତ, ଶମ୍ବର ଶିଙ୍ଗ ଜବତ ତଥା ଶିକାର କରିବା ଅଭିଯୋଗରେ ଗିରଫ ହୋଇଥିବା ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ ବନ୍ଧମୁଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଜୟ କୁମାର ପ୍ରଧାନଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି । ଏହି ଘଟଣାରେ ବନ ବିଭାଗ ତାଙ୍କ ଘରୁ ୨ଟି ବାଘ ଦାନ୍ତ, ଗୋଟିଏ ଶମ୍ବର ଶିଙ୍ଗ, ୧ ବଣ୍ଡଲ ବିଦ୍ୟୁତ୍ ତାର, ଜିଆଇ ତାର, ଜାଲ, ଏକ ବାଇକ୍, ୬ ଏଟିଏମ୍ କାର୍ଡ , ୬ ମୋବାଇଲ ଫୋନ୍, ୩ ପ୍ଲାଷ୍ଟିକ ବ୍ୟାଗ୍ ସମେତ ଶିକାର ଉପକରଣ ଜବତ କରିଥିଲା। ଅପରପକ୍ଷେ ରଣପୁର ରେଞ୍ଜର ସିନ୍ଧୁ ସିଂଙ୍କ ନାମରେ ରଣପୁର ଥାନାରେ ଏକ ମାମଲା(ନଂ. ୪୯/୨୫)ରୁଜୁ ହୋଇଛି । ପୂର୍ବତନ ସରପଞ୍ଚ ପ୍ରଧାନଙ୍କ ଭାଉଜ ତଥା ବନ୍ଧମୁଣ୍ଡା ପଞ୍ଚାୟତ ସରପଞ୍ଚଙ୍କ ଅଭିଯୋଗରେ ଏହି ମାମଲା ରୁଜୁ ହୋଇଛି । ପୂର୍ବତନ ସରପଞ୍ଚ ପ୍ରଧାନଙ୍କ ଭାଉଜ ଘଟଣା ଦିନ ରଣପୁର ରେଞ୍ଜରଙ୍କ କାର୍ଯ୍ୟାଳୟକୁ ଯାଇ ଦିଅରଙ୍କୁ କାହିଁକି ଗିରଫ କରାଯାଇଛି ବୋଲି ପଚାରିଥିଲେ । ରେଞ୍ଜର ତାଙ୍କୁ ଜାତିଆଣ ଆକ୍ଷେପ କରିଥିବା ସେ ଅଭିଯୋଗରେ ଦର୍ଶାଯାଇଛି ।

ସୂଚନା ଅନୁଯାୟୀ, ପୂର୍ବତନ ସରପଞ୍ଚ ପ୍ରଧାନ ବାଘ ଦାନ୍ତ ଓ ଶମ୍ବର ଶିଙ୍ଗ ବ୍ୟବସାୟ କରିବା ସହିତ ଶିକାର କରୁଥିବା ବିଶେଷ ସୂତ୍ରରୁ ଖବର ପାଇ ବନବିଭାଗ ପକ୍ଷରୁ ମଙ୍ଗଳବାର ମଧ୍ୟାହ୍ନରେ ବନ୍ଧମୁଣ୍ଡା ପଞ୍ଚାୟତର ବ୍ରାହ୍ମଣକୁମାରୀ ଗାଁରେ ଚଢ଼ାଉ କରିଥିଲା । ସେଠାରୁ ବନ ବିଭାଗ ବାଘ ଦାନ୍ତ, ଶମ୍ବର ଶିଙ୍ଗ ସମେତ ଶିକାର ଉପକରଣ ଜବତ କରିଥିଲା । କୋର୍ଟ ଚାଲାଣ କରିବାକୁ ପ୍ରସ୍ତୁତ ଚାଲିଥିବାବେଳେ ବନବିଭାଗ ଆକ୍ରୋଶମୂଳକ ଭାବେ ତାଙ୍କୁ ଗିରଫ କରିଛି ଦର୍ଶାଇ ରଣପୁର ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଅପରାହ୍ନରେ ବିଜେଡି କର୍ମୀ, ଗ୍ରାମବାସୀଙ୍କ ପକ୍ଷରୁ ଧାରଣା ଦିଆଯାଇଥିଲା। ଗିରଫ ଅଭିଯୁକ୍ତଙ୍କୁ ଛାଡ଼ିଦେବା ପାଇଁ ରଣପୁରର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ ସନ୍ଧ୍ୟାରେ ରଣପୁର ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚି ରେଞ୍ଜରଙ୍କୁ ପରାମର୍ଶ ଦେଇଥିଲେ । ହେଲେ ତାଙ୍କ କଥାକୁ କେହି ଗ୍ରହଣ କରି ନ ଥିଲେ । ରାତି ପାୟ ୧୨ଟା ପର୍ଯ୍ୟନ୍ତ ବିଜେଡି ନେତା, କର୍ମୀ, ପୂର୍ବତନ ସରପଞ୍ଚଙ୍କ ସମର୍ଥକମାନେ ଆନ୍ଦୋଳନ କରି ବିଫଳ ହେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ଯୁବତୀଙ୍କୁ ଗଣବଳାତ୍କାର

ବଡବିଲ, ୧୯।୨(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ରୁଗୁଡି ଥାନା ଅଞ୍ଚଳରେ ଏକ ଯୁବତୀଙ୍କୁ ଗଣବଳାତ୍କାର କରାଯାଇଥିବା ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ରୁଗୁଡି ଥାନାରେ ଏନେଇ ଏକ ମାମଲା( ନଂ. ୯/୨୦୨୫) ୧୮ ତାରିଖରେ ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ ଗତ ୧୬ ତାରିଖ ସନ୍ଧ୍ୟାରେ ଜଣେ ଯୁବତୀଙ୍କୁ ଟେକିନେଇ ଝାଡଗାଁ-ରୋଇଡା ରାସ୍ତା କଡ ଜଙ୍ଗଲରେ ୨ ଜଣ ଦୁର୍ବୃତ୍ତ ଗଣବଳାତ୍କାର ପରେ ଅଚେତ ହୋଇଯିବାରୁ ଛାଡି ଫେରାର ହୋଇଯାଇଥିଲେ।

# ଚାକିରିରୁ ବହିଷ୍କୃତ ହେଲେ ଲାଞ୍ଚୁଆ ରାଜସ୍ୱ ନିରୀକ୍ଷକ

ଭବାନୀପାଟଣା,୧୯।୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଆର୍‌ଆଇ ଅଫିସର ପୂର୍ବତନ ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ବରାଡ ୨୦୨୧ ମସିହାରେ ଜମି ଡିମାର୍କେଶନ ରିପୋର୍ଟ ଆବେଦନକାରୀଙ୍କ ସପକ୍ଷରେ କରାଇଦେବା ପାଇଁ ୨ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହି ମାମଲାର ଚୂଡାନ୍ତ ରାୟ ଗତ ଜାନୁଆରୀ ଶେଷରେ ପ୍ରକାଶ ପାଇଥିଲା। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବଦ୍ରି ନାରାୟଣ ନନ୍ଦ ଅଭିଯୁକ୍ତ ରାଜସ୍ୱ ନିରୀକ୍ଷକ ବରାଡ଼ଙ୍କୁ ଦୋଷୀ ସାବ୍ୟସ୍ତ କରି ତିନିବର୍ଷ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଥିଲେ। ଏହି ମାମଲାରେ ବୁଧବାର ଅଭିଯୁକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ସରକାର ଚାକିରିରୁ ବହିଷ୍କାର କରିଛନ୍ତି। ଏ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରକାଶ ଯେ, ଆବେଦନକାରୀ ବିରଞ୍ଚି ଚୌଧୁରୀ ନିଜ ଜମି ଡିମାର୍କେଶନ ନିମନ୍ତେ କର୍ଲାମୁଣ୍ଡା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଡିମାର୍କେଶନ ରିପୋର୍ଟ ସପକ୍ଷରେ କରାଇଦେବା ପାଇଁ ରାଜସ୍ୱ ନିରୀକ୍ଷକ ବରାଡ଼ ୨ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ସମ୍ପର୍କରେ ଆବେଦନକାରୀ ଭିଜିଲାନ୍ସ ବିଭାଗ ସହ ଯୋଗାଯୋଗ କରିଥିଲେ। ଯୋଜନା ମୁତାବକ ୨୦୨୧ ଏପ୍ରିଲ ୨୨ରେ ରାଜସ୍ୱ ନିରୀକ୍ଷକ ବରାଡ଼ ବିରଞ୍ଚିଙ୍କଠାରୁ ୨ ହଜାର ଟଙ୍କା ଗ୍ରହଣ କରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିନେଇଥିଲେ।

# ମା'ଙ୍କୁ ଠେଙ୍ଗାରେ ପିଟି ମାରିଦେଲେ ପୁଅ

**ପାରିବାରିକ କଳହର କରୁଣ ପରିଣତି**

ନୀଳଗିରି, ୧୯।୨(ପ୍ରଶାନ୍ତ ବିଶ୍ୱାଳ)

ସାମାନ୍ୟ କଳହରୁ ହିତାହିତ ଜ୍ଞାନ ଭୁଲିଗଲେ ପୁଅ। ନିଜ ଜନ୍ମକଲା ମା'ଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କରିବାକୁ ପଛାଇଲେ ନାହିଁ। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ନୀଳଗିରି ଥାନା ଜାମୁଡ଼ିହା ପଞ୍ଚାୟତ ବାଘମରା ଗାଁରେ।

ବୁଧବାର ଅପରାହ୍ନ ସମୟରେ କୌଣସି ଘଟଣାକୁ ନେଇ ମା' ଶଙ୍କି ସିଂ ଓ ପୁଅ ଦୁର୍ଗାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ପୁଅ ଉତ୍ତ୍ୟକ୍ତ ହେଇ ମାନସିକ ଭାରସାମ୍ୟ ହରାଇ ଏକ ଠେଙ୍ଗାରେ ମା'ଙ୍କୁ ନିର୍ଘୃମ୍ ପିଟି ଚାଲିଥିଲେ। ଘଟଣାସ୍ଥଳରେ ମା' ଶଙ୍କିଙ୍କ ମୃତ୍ୟୁ ହୋଇଥିଲା। ଗାଁ ଲୋକେ ଏନେଇ ପୋଲିସକୁ ଖବର ଦେଇଥିଲେ। ନୀଳଗିରି ଏସ୍‌ଡ଼ିପିଓ ପ୍ରମୋଦ କୁମାର ମଲ୍ଲିକ, ନୀଳଗିରି ଥାନା ଭାରପ୍ରାପ୍ତ ଆଇଆଇସି ସୁବର୍ଣ୍ଣା ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନୀଳଗିରି ମେଡିକାଲ ପଠାଇଛନ୍ତି। ଏନେଇ ମାମଲା (ନଂ.୬୪/୨୫) ରୁଜୁ କରାଯାଇ ଅଭିଯୁକ୍ତ ପୁଅ ଦୁର୍ଗାଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି।


**କେରଳ କାଜୁ ବୋର୍ଡ ଲିମିଟେଡ୍ (କେସିବି)**

ଟିସି-୨୯/୪୦୧୭, ଓମେନ୍ କଲେଜ୍-ବେକରୀ ଜଙ୍କସନ୍ ରୋଡ୍ ଭାକୁଥାକୋଡ଼, ଥିରୁଭାନନ୍ତପୁରମ୍, କେରଳ, ଭାରତ-୬୯୫୦୧୪

ଟେଲି: ୦୪୭୧ ୨୩୨୦୦୦୯, ଇମେଲ: kcb@keralacashewboard.com Website: www.keralacashewboard.com

କେସିବି/୦୦୧/୧୨୦/୨୦୨୫/ଆଇଏନଡି ତାରିଖ: ୧୭।୦୨।୨୦୨୫

**ଇ-ଟେଣ୍ଡର ନୋଟିସ**

କେରଳ କାଜୁ ବୋର୍ଡ ଲିମିଟେଡ୍ ସମବାୟ ସମିତି/ଏଫ୍‌ପିଓ/ଏଫ୍‌ପିସିଠାରୁ ଭାରତୀୟ ଉତ୍ପତ୍ତିର ୨୦୨୫ ମସିହାର ଫସଲରୁ ଜାତ ୫୦୦-୨୦୦୦ ମେଟ୍ରିକ୍ ଟନ୍ ଗୁଣବତ୍ତାଯୁକ୍ତ ଅଣ-ଶୃଙ୍ଖଳା କଞ୍ଚା କାଜୁ ବାଦାମ କ୍ରୟ ନିମନ୍ତେ ଇ-ପ୍ରୋକ୍ୟୋରମେଣ୍ଟ ପୋର୍ଟାଲ ଜରିଆରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଇ-ଟେଣ୍ଡର ଦାଖଲ ପାଇଁ ଶେଷ ତାରିଖ- ତା୧୮।୦୩।୨୦୨୫ରିଖ ୧୭.୦୦ ଘଟିକା । (ଟେଣ୍ଡର ଆଇଡି: ୨୦୨୫_କେସିବିଏଲ_୭୩୭୭୦୮_୧)

ସମସ୍ତ ବିବରଣୀ ଇ-ପ୍ରୋକ୍ୟୋରମେଣ୍ଟ ପୋର୍ଟାଲ www.etenders.kerala.gov.in ଜରିଆରେ ଦେଖାଯାଇପାରିବ, ଡାଉନଲୋଡ୍ ଏବଂ ଆବେଦନ କରାଯାଇପାରିବ। ସ୍ୱା./-

ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ



**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ**

ନଂ.: ଏସ୍‌ଇଆର/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌ଓଏସ୍‌ଏଲ୍‌ଇ(ଡିଏସ୍‌ପିଏଲ୍‌ଇ)/୪/୨୦୨୪-ଏସ୍‌ଏଲ୍‌ଇ/୫ ତାରିଖ: ୧୮।୦୨।୨୦୨୫

**ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ**

| ମଣ୍ଡଳ | ଅତିରିକ୍ତ ଇ-ନିଲାମ ତାରିଖ |
| --- | --- |
| ଚକ୍ରଧରପୁର ମଣ୍ଡଳ | ତା୨୮।୦୨।୨୦୨୫, ୦୭।୦୩।୨୦୨୫, ୧୭।୦୩।୨୦୨୫, ୨୮।୦୩।୨୦୨୫ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀର ବିବରଣୀ ଏବଂ କାଟାଲଗ୍ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ ।

(PR-1154) ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଗାର୍ଡେନ୍ ରିଚ୍

South Eastern Railway
We serve with a smile



**झारखण्ड सरकार**
**ग्रामीण कार्य विभाग,**
**कार्यपालक अभियंता का कार्यालय,**
**तृतीय तल्ला, नया समाहरणालय भवन,**
**पपरवाटांड़, गिरिडीह, झारखण्ड – 815301**

**शुद्धि पत्र**

ई–अल्पकालीन पुनर्निविदा आमंत्रण संख्या – **29/R1/2024-25/RWD/EE/GIRIDIH** दिनांक 07.02.2025 जिसका **PR No. - 346017** में अपरिहार्य कारणों से निम्नलिखित संशोधित किया जाता है। जिसके अनुरूप ही निविदा की कार्यवाही सुनिश्चित की जायेगी, जो निम्नवत् है :–

1. ई–निविदा प्राप्ति की अंतिम तिथि एवं समय :– **28.02.2025** अपराह्न 05.00 बजे तक।
2. निविदा खोलने की तिथि एवं समय :– **03.03.2025** अपराह्न 03.30 बजे।
3. निविदा की अन्य नियम एवं शर्ते यथावत रहेंगी।

ह0/–
कार्यपालक अभियंता
ग्रामीण कार्य विभाग,कार्य प्रमण्डल, गिरिडीह

PR 346735
REO(24-25).D


# ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ଭୁବନେଶ୍ୱର,୧୯।୨(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ମୈତ୍ରୀବିହାର ଥାନା ଅନ୍ତର୍ଗତ ହାତିଆଣୁଣୀ ପାଣି ଟାଙ୍କି ନିକଟରେ ମଙ୍ଗଳବାର ମଧ୍ୟ ରାତିରେ ଡକାୟତି ପାଇଁ ଯୋଜନା ଚାଲିଥିବା ସମୟରେ ସ୍ଥାନୀୟ ପୋଲିସ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ବାୟାବାବା ବସ୍ତିରେ ରହୁଥିବା ଢେଙ୍କାନାଳ ସଦର ଥାନା ଅଞ୍ଚଳର ରାହୁଲ କୁମାର ସାହୁ(୨୨) ଓ କୃଷ୍ଣ ଚନ୍ଦ୍ର ସାହୁ, କେନ୍ଦୁଝର ଘଟଗାଁ ଥାନା ଅଞ୍ଚଳର ହେମାନନ୍ଦ ମୋଦି(୩୦), କଟକ ଜିଲା ତିଗିରିଆର ବବୁଲ ବେହେରା(୨୦) ଓ ଆଠଗଡ଼ର ରତିକାନ୍ତ ଶତପଥୀ (୩୨)। ସେମାନଙ୍କଠାରୁ ଦୁଇଟି ଦେଶୀ ବନ୍ଧୁକ ଜବତ ହୋଇଛି। ସେହିପରି ଗୋଟିଏ ଲୁହା ରଡ, ୫ଟି ମୋବାଇଲ, ନଗଦ ୨ହଜାର ଟଙ୍କା, ଲଙ୍କା ଗୁଣ୍ଡ, ମଦ ବୋତଲ ଜବତ ହୋଇଛି। ଅଭିଯୁକ୍ତମାନେ ରାସ୍ତା ଦେଇ ଯାଉଥିବା ଲୋକଙ୍କୁ ଟାର୍ଗେଟ କରି ଡକାୟତି କରିବା ପାଇଁ ଯୋଜନା କରୁଥିବା ପୋଲିସ କହିଛି।



ଗିରଫ ଅଭିଯୁକ୍ତ, ଜବତ ବନ୍ଧୁକ, ମଦ


**झारखण्ड सरकार**
**पेयजल एवं स्वच्छता प्रमंडल, सरायकेला**

**"शुद्धि पत्र"**

P.R. No-346656 Water Resource (24-25)* D

एतद द्वारा सर्वसाधारण को सूचित किया जाता है कि ई0 निविदा सूचना संख्या– DWSD/SKL/MVS/29/2024-25 दिनांकः–18.02.2025 को निम्नवत् विवरणी को इस हद तक संशोधित समझा जाय।

| | पूर्व में | संशोधित |
| --- | --- | --- |
| प्राक्कलित राशि | रू0 771.81 लाख | रू0 669.22 लाख |
| अग्रधन की राशि | रू0 7.72 लाख | रू0 6.70 लाख |

पढ़ा जाय। शेष यथावत रहेगी।

कार्यपालक अभियन्ता
पेयजल एवं स्वच्छता प्रमण्डल
सरायकेला

PR 346810 (Drinking Water and Sanitation) 24-25 (D)


# ନକଲି ବିଦେଶୀ ମଦ ତିଆରି କାରଖାନା ଠାବ

ଜୟପାଟଣା,୧୯।୨ (ଓମ୍ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମୁଖିଗୁଡାଠାରେ ସ୍ଥାନୀୟ ଅବକାରୀ ବିଭାଗ ବୁଧବାର ଏକ ନକଲି ବିଦେଶୀ ମଦ ତିଆରି କାରଖାନା ଠାବ କରିଛି। ମୁଖିଗୁଡ଼ା ମାଝୀପଡ଼ାଠାରେ ଖୁସିରାମ ସାହୁ ଓରଫ କ୍ଷମା ସାହୁ ନିଜ ଘରେ ମେଶିନ ବସାଇ ନକଲି ବିଦେଶୀ ମଦ ତିଆରି କରୁଥିବା ନେଇ ଅବକାରୀ ବିଭାଗକୁ ଖବର ମିଳିଥିଲା। ତଦନୁଯାୟୀ ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାଏକଙ୍କ ନିର୍ଦ୍ଦେଶ କ୍ରମେ ଜୟପାଟଣା ଓ ଧର୍ମଗଡ଼ ଅବକାରୀ ବିଭାଗ କର୍ମଚାରୀ ମିଳିତ ଭାବେ ଚଢାଉ କରିଥିଲେ। ଏହି ସମୟରେ ସେଠାରୁ ବିପୁଳ ପରିମାଣର ବିଭିନ୍ନ ବ୍ରାଣ୍ଡର ନକଲି ମଦ, ଲେବଲ, ମଦ ତିଆରି ସାମଗ୍ରୀ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଖୁସିରାମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଦୀର୍ଘଦିନ ହେଲା ଏଠାରେ ମଦ ପ୍ରସ୍ତୁତ ହୋଇ ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଥିବା କୁହାଯାଉଛି। ଏହି ଚଢ଼ାଉରେ ଧର୍ମଗଡ ରେଞ୍ଜ ଇନ୍ସପେକ୍ଟର ସୁଧାଂଶୁ ମୁଣ୍ଡା, ଓଆଇସି ପ୍ରତିମା ବେହେରା, ଜୟପାଟଣା ଅବକାରୀ ଓଆଇସି ନରେନ୍ଦ୍ର ମିଞ୍ଜଙ୍କ ସମେତ ଷ୍ଟାଫ ସାମିଲ ଥିଲେ।


ଜବତ ହୋଇଥିବା ନକଲି ବିଦେଶୀ ମଦ।

# କଲେଜ ଛାତ୍ରଙ୍କ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ବାପା**

ଖଲ୍ଲିକୋଟ,୧୯।୨(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଜଗନ୍ନାଥ ବିହାର ପଛପଟେ ଥିବା ଜୟଦୁର୍ଗା ପାହାଡ଼ ଉପରୁ ବୁଧବାର ଜଣେ କଲେଜ ଛାତ୍ରଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ କବିସୂର୍ଯ୍ୟନଗର ଥାନା ଦେଓଗାଁର ବାଦଲ ପଲେଇ। ବାଦଲ ଖଲ୍ଲିକୋଟ ଆର୍‌ସିଏମ୍ କଲେଜର ଯୁକ୍ତ ୨ ବିଜ୍ଞାନ ପ୍ରଥମ ବର୍ଷରେ ପଢୁଥିଲେ। ସେ ବସ୍‌ରେ ଘରୁ କଲେଜକୁ ଯିବା ଆସିବା କରୁଥିଲେ। ପୁଅକୁ ହତ୍ୟା କରାଯାଇଥିବା ବାଦଲଙ୍କ ବାପା ପିତାମ୍ବର ପଲେଇ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ କରୁଛି।

ବୁଧବାର ଅପରାହ୍ନରେ କେତେଜଣ ବ୍ୟକ୍ତି ଜୟଦୁର୍ଗା ପାହାଡ଼କୁ ଯାଇଥିବା ବେଳେ ଏକ ଗଛ ଡାଳରେ ମୃତଦେହ ଝୁଲୁଥିବା ଓ ତଳେ ବ୍ୟାଗ୍ ଏବଂ ଚପଲ ଥିବା ଦେଖି ଖଲ୍ଲିକୋଟ ଥାନାକୁ ଖବର ଦେଇଥିଲେ। ଥାନାଧିକାରୀ ରମେଶ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଟିମ ସେଠାରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ବ୍ୟାଗ ଭିତରେ ଖାତା, କଲେଜ ଡ୍ରେସ ଓ ମୋବାଇଲ ଫୋନ ଥିଲା। ଖବରପାଇ ଘଟଣା ସ୍ଥଳରେ ପରିବାର ଲୋକେ ପହଞ୍ଚିବା ପରେ ପୁଅକୁ ଚିହ୍ନଟ କରିବା ସହ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ବାଦଲର ଜନ୍ମିତ ମା ନାହିଁ ସାବତ ମାଆ ପାଖରେ ରହୁଥିଲା।




**OFFICE OF THE EXECUTIVE ENGINEER**
**Road Construction Department, Road Division Ranchi.**

**Short Notice- Inviting e-quotation Invitation Notice**
**Notice No. RCD/Ranchi-02/2024-25, (2nd Call), (First PR No.-345813)**

Quotations are invited for "Cast in situ pile of 2.00 m dia boring work as per below details, at Different ROB projects in Ranchi district in the state of Jharkhand."
All charges for executing "bored cast-in-situ M35 grade R.C.C. Pile excluding Reinforcement complete as per Drawing and Technical Specifications and removal of excavated earth with all lifts and lead upto 2000 m. (Piling rig of Bauer BG40 or of equivalent capacity inclusive of mobilization & demobilization of resources, Internal shifting of resource, fuels & lubricants, operator, all accessories tools, tackles, polymer, consumables and workmen)"

Quotatioers should quote their rates for unit mentioned in the table. The quotationer may quote rate for the item/work concerned. The rates should be exclusive of GST and Labour Cess.

1. The quotationer shall furnish Pan, GST registration certificate.
2. The rate quoted by quotationer shall be firm and final.
3. The undersigned reserves the right to accept or reject/cancel any or all quotations without assigning any reason thereof.
4. Quotationer may quote rate for all the Works/Items / any Items for which they are concerned.
5. The quotationer shall quote latest and authentic rate which shall reflect market rate.
6. The quotationer must submit complete rate analysis of all E-quoted items/Work duly signed by the quotationer.
7. The quotationer should have necessary Portal enrolment with their own digital signature Certificate.
8. For any query or clarification you may Contact Executive Engineer RCD, Road Division, Ranchi. Detail requirement for qualifying quotationer and experience can be seen in terms and conditions on jharkhandtenders.gov.in.

नोट :– (1) वेबसाईट में ई–कोटेशन प्रकाशन की तिथि– 20.02.2025 के अपराह्न 12:00 बजे।
(2) वेबसाईट में ई–कोटेशन अपलोड की तिथि– 20.02.2025 के अपराह्न 12:00 बजे।
(3) ई–कोटेशन खोलने की तिथि– 06.03.2025 के अपराह्न 12:30 बजे।
(4) ई–कोटेशन आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, पथ निर्माण विभाग, पथ प्रमंडल, राँची।
(5) ई–कोटेशन प्रकोष्ठ का दूरभाष सं0 :– 0651–2361018
(6) ई–कोटेशन खोलने का स्थान :– मुख्य अभियंता(या0), पथ निर्माण विभाग, झारखण्ड, राँची।
विस्तृत जानकारी के लिए बेवसाईट jharkhandtenders.gov.in में देखा जा सकता है।

**Address for Communication :-**
Executive Engineer, Road Construction Department, Road Division, Ranchi.
Near State Guest House, Mohrabadi, Ranchi-834008.
e- mail ID –eercdranchi-jhr@nic.in, eercdranchi.jhr@gmail.com

Executive Engineer
RCD, Road Division, Ranchi.

PR 346744 Road Construction Dept Road Division Ranchi(24-25)#D

## କଟକ ସଦର ଅଞ୍ଚଳରେ ଘୂର୍ଣ୍ଣିଝଡ଼

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଘୂର୍ଣ୍ଣିଝଡ଼ ତାଣ୍ଡବ ସୃଷ୍ଟି କରିଥିଲା। ପ୍ରାୟ ୨ ଘଣ୍ଟା ଧରି ଝଡ଼ ବର୍ଷା ହେବା ଯୋଗୁ ଅନେକ ସ୍ଥାନରେ ଗଛ ଉପୁଡ଼ି ପଡ଼ିଥିଲା। ଫଳରେ କଟକ-ପାରାଦୀପ ରାସ୍ତାରେ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ରାସ୍ତା ଉପରୁ ଗଛ କାଟି ଯାତାୟାତ ସୁବିଧା କରୁଥିବା ଲକ୍ଷ୍ୟ କରାଯାଇଥିଲା। ଅନେକ ସ୍ଥାନରେ ଘରର ଆଜବେଷ୍ଟସ ଉଡ଼ି ଯାଇଥିବା ବେଳେ ଖଳାରେ ଥିବା ନଡ଼ାଗଦା ବିକ୍ଷିପ୍ତ ହୋଇଯାଇଛି। ସେହିପରି ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଚଳିତ ବର୍ଷର ଏହା ହେଉଛି ପ୍ରଥମ ଝଡ଼ ବର୍ଷା।

### ସଂକ୍ଷେପରେ

## ମହାଶିବରାତ୍ରିରେ ସୁରକ୍ଷିତ ଦର୍ଶନକୁ ଗୁରୁତ୍ୱ

ଭୁବନେଶ୍ୱର,୧୯।୨ (ସୂର୍ଯ୍ୟକାନ୍ତ ବେହେରା)

ଆସନ୍ତା ୨୬ତାରିଖରେ ଜାଗର ଯାତ୍ରା ପାଇଁ ଲିଙ୍ଗରାଜ ମନ୍ଦିର ଚଳଚଞ୍ଚଳ। ଏହାକୁ ଦୃଷ୍ଟିରେ ରଖି ଲିଙ୍ଗରାଜ ମନ୍ଦିରରେ ହେବାକୁ ଥିବା ଜନସମାଗମକୁ ଦୃଷ୍ଟିରେ ରଖି ଆଇନ-ଶୃଙ୍ଖଳା ବ୍ୟବସ୍ଥା ଦୃଢ଼ କରିବା ନିମନ୍ତେ ବୁଧବାର ଅପରାହ୍ନରେ କେଦାରଗୌରୀ ମନ୍ଦିର ନିକଟସ୍ଥ ମା' କଲ୍ୟାଣ ମଣ୍ଡପରେ ଏକ ପ୍ରାକ୍‌ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସିବାକୁ ଥିବା ବହୁସଂଖ୍ୟକ ଶ୍ରଦ୍ଧାଳୁମାନେ କିପରି ଶାନ୍ତିପୂର୍ଣ୍ଣ ଏବଂ ସୁରକ୍ଷିତ ଭାବରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିପାରିବେ, ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଛି। ଏହାସହ ଶ୍ରଦ୍ଧାଳୁ ଏବଂ ସାଧାରଣ ଲୋକମାନଙ୍କ ଯାତାୟାତ ସୁବିଧାରେ ଯେପରି କୌଣସି ବାଧା ନ ଉପୁଜେ, ସେଥିପାଇଁ ଟ୍ରାଫିକ ବ୍ୟବସ୍ଥା ଉପରେ ମଧ୍ୟ ବିଚାର ବିମର୍ଶ କରାଯାଇଥିଲା।

ବୈଠକରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ବିଏମ୍‌ସି ମେୟର ସୁଲୋଚନା ଦାସ, ପୂର୍ବତନ ଜଟଣୀ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ, ଲିଙ୍ଗରାଜ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ, ଟ୍ୱିନ୍‌ସିଟି ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ, ଭୁବନେଶ୍ୱର ଡିସିପି ପିନାକ ମିଶ୍ର, ମନ୍ଦିରର ପୂଜକ ଏବଂ ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ତଥା କର୍ମଚାରୀମାନେ ଯୋଗଦେଇଥିଲେ।

# ଅଂଶୁଘାତ ମୁକାବିଲା: ଏପ୍ରିଲ ୧ରୁ ଜୁନ୍ ୧୫ ଯାଏ କଟକଣା

### ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଶ୍ରମିକଙ୍କ କାର୍ଯ୍ୟ ବନ୍ଦ

ଭୁବନେଶ୍ୱର,୧୯।୨(ସୁଚିସ୍ମିତା ସାହୁ)

ଫେବୃଆରୀରୁ ତାପମାତ୍ରା ୩୭ ଡିଗ୍ରୀ ଛୁଇଁଲାଣି। ଏପରିସ୍ଥିତିରେ ଏପ୍ରିଲରେ ରୌଦ୍ରତାପ ବୃଦ୍ଧି ଯୋଗୁ ଅଂଶୁଘାତ ଆଶଙ୍କା ବଢ଼ିଯାଇଛି। ସମ୍ଭାବ୍ୟ ସ୍ଥିତିର ମୁକାବିଲା ସହ ଶ୍ରମିକମାନଙ୍କୁ ଅଂଶୁଘାତରୁ ରକ୍ଷା କରିବା ନିମନ୍ତେ ବୁଧବାର ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପକ୍ଷରୁ ଏସ୍‌ଓପି ଜାରି କରାଯାଇଛି। ଏପ୍ରିଲ ୧ରୁ ଜୁନ୍ ୧୫ ଯାଏ ଶ୍ରମିକଙ୍କୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରଚଣ୍ଡ ଖରାରେ କାମ କରିବାକୁ ବାରଣ କରାଯାଇଛି। ଏନେଇ ସମସ୍ତ ରାଜସ୍ୱ କମିଶନର, ଜିଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ସରକାରୀ ବିଭାଗ, ବେସରକାରୀ ନିଯୁକ୍ତିଦାତା, ବାଣିଜ୍ୟ ଓ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଏବଂ ଠିକାଦାରଙ୍କ ଅଧୀନରେ କାର୍ଯ୍ୟରତ ଶ୍ରମିକ ଯେପରି ଏହି ସମୟ ମଧ୍ୟରେ କାମ ନ କରିବେ ସେଥିପାଇଁ ବିଧିବଦ୍ଧ ବ୍ୟବସ୍ଥା ଗ୍ରହଣ କରିବେ। ସକାଳ ସମୟ କିମ୍ବା ୩ଟା ପରେ କାର୍ଯ୍ୟରେ ନିୟୋଜିତ କରିବାକୁ କୁହାଯାଇଛି। ଅତ୍ୟନ୍ତ ଜରୁରୀ କିମ୍ବା ଅତ୍ୟାବଶ୍ୟକୀୟ ସେବା ସହ ଜଡ଼ିତ ଥିଲେ ସତର୍କତାରର ସହ କାର୍ଯ୍ୟ କରିବାକୁ କୁହାଯାଇଛି। ଏଥିପାଇଁ ନିଯୁକ୍ତିଦାତାମାନେ ଶ୍ରମିକଙ୍କ ପାଇଁ ଶୀତଳ ପାନୀୟ ଜଳର ସୁବ୍ୟବସ୍ଥା, ଛାୟା ପ୍ରଦାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରୀ ଚିକିତ୍ସାର ବ୍ୟବସ୍ଥା, ପ୍ରତ୍ୟେକ ଶ୍ରମିକ ପାଇଁ ଓଆର୍‌ଏସ ପ୍ୟାକେଟ ପ୍ରଦାନ ଭଳି ସୁବିଧା କରିବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ଜିଲା ଚିକିତ୍ସାଧିକାରୀ (ଏସିଡିଏମଓ) ଓ ପିଏଚ୍‌ସି, ସିଏଚ୍‌ସିଗୁଡ଼ିକର ଚିକିତ୍ସାଧିକାରୀ ତଥା କର୍ମଚାରୀ ରାଜ୍ୟବୀମା ଯୋଜନା ଅଧୀନରେ ଥିବା ଚିକିତ୍ସାଳୟର ଚିକିତ୍ସାଧିକାରୀଙ୍କୁ ସମ୍ଭାବ୍ୟ ସ୍ଥିତିର ମୁକାବିଲା ସହ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ପ୍ରସ୍ତୁତ ରହିବାକୁ ଅନୁରୋଧ କରାଯାଇଛି।

## ନୀତି ଆୟୋଗ ଉପାଧ୍ୟକ୍ଷଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



କୋଣାର୍କ,୧୯।୨(ଜ୍ୟୋତିରାଜ ମହାନ୍ତି)

ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ ବୁଧବାର ଅପରାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିଲେ। ପ୍ରଥମେ ବ୍ୟାଖ୍ୟାନ କେନ୍ଦ୍ର ଓ ପରେ ସୂର୍ଯ୍ୟମନ୍ଦିର ଭିତରକୁ ଯାଇଥିଲେ। ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଭାବ ବିହ୍ୱଳ ହୋଇଥିଲେ। ସ୍ୱୀକୃତିପ୍ରାପ୍ତ ଗାଇଡ୍ ପ୍ରଦୀପ କୁମାର ମଲ୍ଲ ସୂର୍ଯ୍ୟମନ୍ଦିରର ଐତିହାସିକ କାହାଣୀ ସମ୍ପର୍କରେ ବୁଝାଇଥିଲେ। ଏହି ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ନୀଳମାଧବ ଭୋଇ, ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, କୋଣାର୍କ ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## 'ଆତ୍ମହତ୍ୟା ନୁହେଁ, ଜୀବନ ଚାହେଁ'




ଭୁବନେଶ୍ୱର,୧୯।୨(ସୁଚିସ୍ମିତା ସାହୁ)

ରାଜ୍ୟରେ ପ୍ରତିଦିନ କୌଣସି ନା କୌଣସି କାରଣରୁ ଯୁବପିଢ଼ି ଆତ୍ମହତ୍ୟା କରୁଛନ୍ତି। ଏଭଳି ସ୍ପର୍ଶକାତର ଘଟଣା ଦିନକୁ ଦିନ ବଢୁଥିବାରୁ ଯୁବପିଢ଼ି ଓ ଲୋକଙ୍କୁ ସଚେତନ କରିବା ପାଇଁ ବୁଧବାର ମାଷ୍ଟର କ୍ୟାଣ୍ଟିନ ଛକଠାରେ ସ୍ୱେଚ୍ଛାସେବୀ ସେବାକେନ୍ଦ୍ର ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁବଶକ୍ତି ହେଉଛନ୍ତି ଦେଶ ତଥା ରାଷ୍ଟ୍ର ଗଠନର ଉତ୍ସ। ସବୁଦିନ ଗଣମାଧ୍ୟମରେ ଯୁବଗୋଷ୍ଠୀଙ୍କ ଆତ୍ମହତ୍ୟା ଖବର ସାରା ବିଶ୍ୱ ପାଇଁ ଚିନ୍ତାଜନକ ହୋଇପଡ଼ିଛି। ପାରିବାରିକ କଳହ, ପ୍ରେମ ଜନିତ, ପରୀକ୍ଷାରେ ଅକୃତକାର୍ଯ୍ୟ ତଥା ଅନ୍ୟାନ୍ୟ କାରଣରୁ ଯୁବଗୋଷ୍ଠୀ ଆତ୍ମହତ୍ୟା କରିବାକୁ ଠିକ ଭାବୁଛନ୍ତି। ମନୁଷ୍ୟ ଜୀବନ ଏକ ମୂଲ୍ୟବାନ ଜୀବନ। ଯୁବସମାଜ ଏଥିପ୍ରତି ସଚେତନ ନ ହେଲେ ଭବିଷ୍ୟତରେ ଆତ୍ମହତ୍ୟା ଏକ ମହାବ୍ୟାଧିରେ ପରିଣତ ହେବ ବୋଲି ଅତିଥିମାନେ କହିଛନ୍ତି। ଏହି ଅବସରରେ 'ଆତ୍ମହତ୍ୟା ନୁହେଁ, ଜୀବନ ଚାହେଁ' ଆଦି ସ୍ଲୋଗାନ ଦେଇ ସ୍ୱେଚ୍ଛାସେବୀ ସେବାକେନ୍ଦ୍ରର କର୍ମକର୍ତ୍ତା ଓ ଯୁବତୀଯୁବକ ସଚେତନ କରିଥିଲେ। ସାମାଜିକ କର୍ମୀ ମୀର ଅହମ୍ମଦ ଅଲ୍ଲୀ, ବିନ୍ଦୁଜା ଉପାଧ୍ୟାୟ, ବିପିନ ସାହୁ, ହେମନ୍ତ କୁମାର ପାତ୍ର, ସୁଶାନ୍ତ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

## ତୁଷାର ବେଦୀଙ୍କ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ବାସ୍ତବ'ର ମହୁରତ

ଭୁବନେଶ୍ୱର,୧୯।୨ (ସୌମ୍ୟରଞ୍ଜନ ରାଉତ)

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ବାସ୍ତବ'ର ଶୁଭମହୁରତ ବୁଧବାର ସ୍ଥାନୀୟ ଏକ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ବଦ୍ରୀନାଥ ପଟ୍ଟନାୟକ କ୍ଲାପ୍ ଧରି ଚଳଚ୍ଚିତ୍ରର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଚଳଚ୍ଚିତ୍ରର ସମସ୍ତ କଳାକାରଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଯୋଗ ଦେଇଥିଲେ। ବନବାସ ପଟ୍ଟନାୟକ,ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ, ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଡ. ଅଶୋକ ପଣ୍ଡା, ଡ. ଶଶାଙ୍କ ଚୂଡ଼ାମଣି, ଅଞ୍ଜନା ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ରାଓ, ଜ୍ୟୋତିର୍ବିଦ ପ୍ରମୋଦ ପାତ୍ର, ଆଡ଼ଭୋକେଟ ବନ ଜେନା ଏବଂ ଦୁର୍ଗା ସାମନ୍ତରାୟ ଉପସ୍ଥିତ ଥିଲେ। 'ବାସ୍ତବ' ଚଳଚ୍ଚିତ୍ର ଏକ ବାସ୍ତବଧର୍ମୀ କାହାଣୀ ଉପରେ ଆଧାରିତ। ଏହି ଚଳଚ୍ଚିତ୍ରର ପ୍ରଯୋଜକ ଅଛନ୍ତି ଡ. ବଦ୍ରୀନାଥ ପଟ୍ଟନାୟକ। ସହକାରୀ ପ୍ରଯୋଜନାରେ ଅଛନ୍ତି ନିବେଦିତା ପଟ୍ଟନାୟକ। ଏହା ବନଶ୍ରୀ ଟେଲିଭିଜନ ନିବେଦିତ ତୃତୀୟ ଚଳଚ୍ଚିତ୍ର। ଏହାର କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ ଟୁବୁନ। ଅରୁଣ ମନ୍ତ୍ରୀ ଓ ନିହାର ରଞ୍ଜନଙ୍କ ରଚିତ ଗୀତରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅର୍ପିତା ଓ ଅନୁରାଧା। ସଙ୍ଗୀତ ଦେଇଛନ୍ତି ବୈଦ୍ୟନାଥ ଦାଶ। 'ବାସ୍ତବ'ରେ ନାୟକ ଭୂମିକାରେ ବଲିଉଡ୍ ଅଭିନେତା ତୁଷାର ବେଦୀ ରହିଛନ୍ତି। ସେ ଅନେକ ହିନ୍ଦୀ ଧାରାବାହିକରେ ଅଭିନୟ କରିଛନ୍ତି। ଏହା ତାଙ୍କର ପ୍ରଥମ ଓଡ଼ିଆ ସିନେମା ହୋଇଥିବାବେଳେ ନାୟିକା ସାଜିଛନ୍ତି ଅଙ୍କିତା ଦାଶ। ଏହି ଚଳଚ୍ଚିତ୍ର ଆସନ୍ତା ୨୬ ତାରିଖରେ ପ୍ରେକ୍ଷାଳୟକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ହରପ୍ରସାଦ ମହାପାତ୍ର ଏହାର ପ୍ରଚାର ମୁଖ୍ୟ ରହିଛନ୍ତି।

## ଡିଜେଲ ଢାଳି ଦେହରେ ନିଆଁ ଲଗାଇ କଲେଜ ଛାତ୍ର ମୃତ

କଟକ,୧୯।୨(କାର୍ତ୍ତିକ ସାହୁ)

ଜଣେ ଯୁକ୍ତ୨ ନାବାଳକ ଛାତ୍ର ନିଜ ଦେହରେ ଡିଜେଲ ଢାଳି ନିଆଁ ଲଗାଇ ମୃତ୍ୟୁବରଣ କରିଛନ୍ତି। ପୁରୀଘାଟ ଥାନା ଅନ୍ତର୍ଗତ ଗୋପାଳ ଜୀଉ ଲେନ୍ ମଠସାହିରେ ଏହି ଘଟଣା ଘଟିଛି। ମୃତକ ହେଲେ ଗୋପାଳଜୀଉ ମଠସାହିରେ ଭଡ଼ାଘରେ ରହୁଥିବା ପଶ୍ଚିମବଙ୍ଗର ବାସିନ୍ଦା ତନ୍ମୟ ଦତ୍ତଙ୍କ ପୁତ୍ର ଅଙ୍କନ ଦତ୍ତ(୧୭)। ସୂଚନାନୁସାରେ, ମଙ୍ଗଳବାର ରାତି ପ୍ରାୟ ୩ଟା ୫୦ରେ ନାବାଳକ ଜଣକ ଏଭଳି କାଣ୍ଡ କରିଥିଲେ। ଏନେଇ ଖବର ପାଇବା ପରେ କଟକ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅର୍ଦ୍ଧଦଗ୍ଧ ଅବସ୍ଥାରେ ନାବାଳକଙ୍କୁ ଉଦ୍ଧାର କରିଥିଲା। ଅଗ୍ନିଶମ ବାହିନୀ ଏନେଇ ପୁରୀଘାଟ ଥାନା ପୋଲିସକୁ ଜଣାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଜବତ ମୃତଦେହକୁ ଅଗ୍ନିଶମ ବାହିନୀ ପୋଲିସ ଜିମା ଦେଇଥିଲା। ପୋଲିସ ମୃତଦେହ ଜବତ ପରେ ଏସ୍‌ସିବି ମେଡିକାଲକୁ ନେଇ ବ୍ୟବଚ୍ଛେଦ କରାଇଛି। ତେବେ ନାବାଳକ ଜଣକ କ'ଣ ପାଇଁ ଏଭଳି କାଣ୍ଡ ଭିଆଇଲେ ତା'ର କାରଣ ଅସ୍ପଷ୍ଟ ରହିଛି। ପୁରୀଘାଟ ପୋଲିସ ଏହି ମାମଲାର ତଦନ୍ତ ଜାରି ରଖିଛି। ଏନେଇ ପୁରୀଘାଟ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୨୦୨୫) ରୁଜୁ ହୋଇଛି। ତଦନ୍ତକାରୀ ଅଧିକାରୀ ଆଶିଷ କୁମାର ଦାଶ କହିଛନ୍ତି, ଛାତ୍ରମୃତ୍ୟୁର ବିଭିନ୍ନ ଦିଗକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଘଟଣାସ୍ଥଳରୁ ଛାତ୍ର ବ୍ୟବହାର କରୁଥିବା ମୋବାଇଲ ଜବତ କରାଯାଇଛି। ମାତ୍ର ତାହା ଫର୍ମାଟ ହୋଇଥିବାରୁ ସେଥିରୁ କୌଣସି ତଥ୍ୟ ମିଳିପାରୁନାହିଁ। ମୋବାଇଲ୍‌କୁ ଫୋରେନ୍‌ସିକ୍ ଲାବୋରେଟୋରିକୁ ପରୀକ୍ଷା ପାଇଁ ପଠାଯିବ। ଏଥିସହ ଛାତ୍ରଙ୍କ ମୃତ୍ୟୁ ପ୍ରେମଜନିତ କି ନୁହେଁ ତାହାକୁ ମଧ୍ୟ ପୋଲିସ ତର୍ଜମା କରିବ ବୋଲି ଦାଶ କହିଛନ୍ତି।

# 'ତଦନ୍ତ ଶିଥିଳ, କାର୍ଯ୍ୟାନୁଷ୍ଠାନ ହୋଇନାହିଁ'

### ଏଏସ୍‌ଓଙ୍କୁ ପୂର୍ବତନ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣା

- ପୋଲିସର ପଦକ୍ଷେପ ନେଇ ଅସନ୍ତୋଷ ପ୍ରକାଶ କଲେ ପୀଡ଼ିତଙ୍କ ସ୍ତ୍ରୀ
- ଆନ୍ଦୋଳନ ଚେତାବନୀ ଦେଲା ଅଲ୍ ଓଡ଼ିଶା ଭେଟେରାନ୍ ସୋଲ୍‌ଜର୍ ଆସୋସିଏଶନ



ସାୟୋଜା କୁମାରୀ ପ୍ରଧାନ

ପୁରୀ,୧୯।୨ (ଅଜିତ୍ କୁମାର ମହାନ୍ତି)

ଗତବର୍ଷ ରଥଯାତ୍ରା ସମୟରେ ପୁରୀ ରାଜଭବନର ଜଣେ ଏଏସ୍‌ଓଙ୍କୁ ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଲଳିତ କୁମାର ମାଡ଼ ମାରିବା ଘଟଣାକୁ ଇତିମଧ୍ୟରେ ୭ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଲଳିତ କୁମାରଙ୍କ ବିରୋଧରେ ପୁରୀ ପୋଲିସ ପକ୍ଷରୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ସମ୍ପୃକ୍ତ ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କ ସ୍ତ୍ରୀ ସାୟୋଜା କୁମାରୀ ପ୍ରଧାନ ଅଭିଯୋଗ ଆଣି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଘଟଣାରେ ପୋଲିସର ତଦନ୍ତ ଓ ପଦକ୍ଷେପ ସମ୍ପର୍କରେ ବୁଝିବା ପାଇଁ ସାୟୋଜ ବୁଧବାର ପୁରୀ ସମୁଦ୍ରକୂଳ ଥାନାକୁ ଆସିଥିଲେ। ହେଲେ ପୋଲିସ ପକ୍ଷରୁ ସନ୍ତୋଷଜନକ ଉତ୍ତର ମିଳି ନ ଥିବା ସେ ପ୍ରକାଶ କରିଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଚୁପ୍ ବସିବା ଏବଂ ରାଜ୍ୟ ସରକାର କୌଣସି ପଦକ୍ଷେପ ନ ନେବାକୁ ସେ କଡ଼ା ସମାଲୋଚନା କରିଛନ୍ତି। ସରକାରଙ୍କଠାରୁ ନ୍ୟାୟ ନ ମିଳିଲେ ସେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସାୟୋଜା କହିଛନ୍ତି। ସେହିପରି ଅଲ୍ ଓଡ଼ିଶା ଭେଟେରାନ ସୋଲଜୋର୍ ଆସୋସିଏଶନ୍ ମଧ୍ୟ ସମୁଦ୍ରକୂଳ ଥାନାର ଦ୍ୱାରସ୍ଥ ହୋଇଛି। ତୁରନ୍ତ ବୈକୁଣ୍ଠଙ୍କୁ ସରକାର ନ୍ୟାୟ ନ ଦେଲେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘ ଚେତାବନୀ ଦେଇଛି।

ସୂଚନାଯୋଗ୍ୟ, ୨୦୨୪ ଜୁଲାଇ ୭ରେ ପୁରୀ ରାଜଭବନରେ ଲଳିତ କୁମାର ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ଏକ ଲଗ୍‌ଜୁରି ଗାଡ଼ି ବ୍ୟବସ୍ଥା କରିବା ପାଇଁ କହିଥିଲେ। ହେଲେ ସେହିଦିନ ପୁରୀରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପାଇଁ ଲଗ୍‌ଜୁରି ଗାଡ଼ି ଉପଲବ୍ଧ ନ ଥିଲା। ଏହାକୁ ନେଇ ଲଳିତ କୁମାର ଓ ତାଙ୍କର ୬ଜଣ ସାଥୀ ବୈକୁଣ୍ଠଙ୍କୁ ଆକ୍ରମଣ କରିଥିବା ସାୟୋଜା ଅଭିଯୋଗ କରିଥିଲେ। ସାୟୋଜା କହିଛନ୍ତି, ଚଳିତମାସ ୧୬ ତାରିଖରେ ବର୍ତ୍ତମାନର ରାଜ୍ୟପାଳଙ୍କୁ ଭେଟିବାକୁ ଯାଇଥିଲେ ମଧ୍ୟ ଦେଖା କରିପାରି ନ ଥିଲି। ରାଜ୍ୟପାଳଙ୍କ କାର୍ଯ୍ୟାଳୟର ଜଣେ ଅଧିକାରୀ ମୋତେ ଥାନାକୁ ଯାଇ ମାମଲା ଅଗ୍ରଗତି ସମ୍ପର୍କରେ ବୁଝିବାକୁ ପରାମର୍ଶ ଦେଇଥିଲେ। ତେଣୁ ବୁଧବାର ପୁରୀ ସମୁଦ୍ରକୂଳ ଥାନାକୁ ଆସିଥିଲି। ହେଲେ ଏ ନେଇ ମୋତେ କୌଣସି ସୂଚନା ଦିଆଯାଉନାହିଁ। ଥାନାରେ ଲିଖିତ ଅଭିଯୋଗ ସତ୍ତ୍ୱେ କେସ୍ ରୁଜୁ ହୋଇ ନ ଥିଲା। ସେହିପରି ୨୦୨୪ ଜୁଲାଇ ୧୧ରେ ଅନ୍‌ଲାଇନ ମାଧ୍ୟମରେ ସ୍ୱାମୀ ଏତଲା ଦେଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଅଭିଯୁକ୍ତ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ରାଜନୈତିକ ଚାପ ରହୁଛି। ଏଣୁ ପୋଲିସ୍ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରୁନାହିଁ। ପୂର୍ବତନ ରାଜ୍ୟପାଳ ଏହି ଘଟଣାରେ ମୋତେ ନ୍ୟାୟ ଦେବାକୁ ପ୍ରତିଶ୍ରୁତି ଦେଇ ନିରାଶ କରିଥିଲେ। ତେବେ ପୋଲିସ ପକ୍ଷରୁ ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶା ବାନ୍ଧିଛୁ। ଯଦି ଆମକୁ ନ୍ୟାୟ ନ ମିଳେ ଆମେ କୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି ସାୟୋଜା କହିଛନ୍ତି। ସେହିପରି ଅଲ୍ ଓଡ଼ିଶା ଭେଟେରାନ୍ ସୋଲଜର୍ ଆସୋସିଏଶନ୍‌ର ଜେନେରାଲ ସେକ୍ରେଟାରି ଉମେଶ କୁମାର ଚଇନି କହିଛନ୍ତି, ଯାହା ଲାଗୁଛି, ପୋଲିସ୍ ବିଭାଗ ଶୋଇପଡ଼ିଛି। ଦୀର୍ଘ ୭ମାସ ହେଲା ଘଟଣା ବିତିଯାଇଥିଲେ ମଧ୍ୟ ତଦନ୍ତ ହେଉନାହିଁ। ଏଠି ପ୍ରଶ୍ନ ଉଠୁଛି, ଅଭିଯୋଗକାରୀଙ୍କୁ କାହିଁକି ନ୍ୟାୟ ମିଳୁନାହିଁ। ନ୍ୟାୟ ପାଇଁ ଲଢେଇ କରିବୁ। ପୋଲିସ୍ ବିଭାଗକୁ ରାଜନୈତିକ ଚାପରୁ ମୁକ୍ତ ରଖିବାକୁ ସରକାରଙ୍କୁ ଅନୁରୋଧ କରୁଛୁ ବୋଲି ଚଇନି କହିଛନ୍ତି। ସେହିପରି ଅବସରପ୍ରାପ୍ତ ସୁବେଦାର ମେଜର ଭାସ୍କର ପରିଡ଼ା ଘଟଣାକୁ ନିନ୍ଦା କରିବା ସହ ଦୁଃଖଦାୟକ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ପ୍ରକ୍ରିତିଙ୍କ ନାମରେ ମେଧାବୃତ୍ତି ଘୋଷଣା କଲା କିଟ୍

### ବାପା, ମାମୁଙ୍କୁ ମୃତଦେହ ହସ୍ତାନ୍ତର

ଭୁବନେଶ୍ୱର,୧୯।୨(ସୁଚିସ୍ମିତା ସାହୁ)

କିଟ୍ ବିଶ୍ୱବିଦ୍ୟାଳୟରେ ମୃତ ବି. ଟେକ୍ ନେପାଳୀ ଛାତ୍ରୀ ପ୍ରକ୍ରିତିଙ୍କ ମୃତଦେହ ତାଙ୍କ ବାପା ଓ ମାମୁଙ୍କୁ ହସ୍ତାନ୍ତର କରାଯାଇଛି। ଏହି କାର୍ଯ୍ୟ ସରିବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ଭେଟି ଦୁଃଖ ପ୍ରକାଶ କରିବା ସହ ସାନ୍ତ୍ୱନା ଦେଇଥିଲେ। ଏହି ଅବସରରେ ପ୍ରକ୍ରିତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ନାମରେ ଏକ ମେଧାବୃତ୍ତି ପ୍ରଦାନ କରାଯିବ ବୋଲି ସାମନ୍ତ ଘୋଷଣା କରିଛନ୍ତି। ପ୍ରକ୍ରିତିଙ୍କ ବାପାଙ୍କ ପ୍ରସ୍ତାବକ୍ରମେ ଏହି ମେଧାବୃତ୍ତି କିଟ୍‌ରେ ପଢୁଥିବା ନେପାଳର ମେଧାବୀ ଛାତ୍ରୀଙ୍କୁ ପ୍ରଦାନ କରାଯିବ। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଅଚ୍ୟୁତ ନେପାଳ ପ୍ରୋଭିନ୍ସ-୨ର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲବାବୁ ରାଉତଙ୍କ ସହ ଆଲୋଚନା କରିଥିଲେ। ସେହିପରି ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରୀ ଅର୍ଜୁ ରାଣା ଦେଉବା, ଜଳ ଯୋଗାଣ ମନ୍ତ୍ରୀ ପ୍ରଦୀପ ଯାଦବ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି କିଟ୍ ଛାଡ଼ିଥିବା ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏପଟେ ନୂଆଦିଲ୍ଲୀସ୍ଥିତ ନେପାଳ ଦୂତାବାସରୁ ଆସିଥିବା ଦୁଇ ଅଧିକାରୀ କିଟ୍‌ରେ ପଢୁଥିବା ନେପାଳୀ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ପୁନର୍ବାର ଏଭଳି ପରିସ୍ଥିତି ସୃଷ୍ଟି ହେବନାହିଁ ବୋଲି ସେମାନଙ୍କୁ ଆଶ୍ୱାସନା ଦେଇଥିବାବେଳେ କ୍ୟାମ୍ପସ ଫେରି ନ ଥିବା ନେପାଳୀ ଛାତ୍ରୀଛାତ୍ରଙ୍କୁ ଫେରାଇଆଣିବା ପାଇଁ କିଟ୍ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଥିବା ସୂଚନା ଦିଆଯାଇଛି।

## ଜୈବ ବିଜନନ ପ୍ରକ୍ରିୟାରେ ଅପପୁଷ୍ଟି ଦୂରୀକରଣ ସମ୍ଭବ

ଭୁବନେଶ୍ୱର,୧୯।୨ (ସୌମ୍ୟରଞ୍ଜନ ରାଉତ)



ହାରଭେଷ୍ଟ ପ୍ଲସ ଓଡ଼ିଶା ପକ୍ଷରୁ ଆୟୋଜିତ କର୍ମଶାଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ବିଶ୍ୱ ଅଧିକାଂଶ ସ୍ଥାନରେ ଅପପୁଷ୍ଟି ଦୂର ହୋଇପାରି ନାହିଁ। ବର୍ତ୍ତମାନ ପୁଣି ପୋଷଣହୀନତା ଯୋଗୁ ଅନେକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏହାକୁ ରୋକିବା କ୍ଷେତ୍ରରେ ଜୈବ ବିଜନନ ପ୍ରକ୍ରିୟା ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାଦ୍ୱାରା ଖାଦ୍ୟ ଶସ୍ୟରେ ବାୟୋଟେକ୍ନୋଲୋଜି ତଥା ଅନ୍ୟାନ୍ୟ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ କରି ପୋଷକର ବୃଦ୍ଧି କରାଯାଇପାରିବ। ଫଳରେ ଗ୍ରାମୀଣ କ୍ଷେତ୍ରରେ ଅପପୁଷ୍ଟି କମିବା ସହିତ ଉତ୍ତମ ପୋଷକଯୁକ୍ତ ଶସ୍ୟ ମିଳିପାରିବ ବୋଲି ହାରଭେଷ୍ଟ ପ୍ଲସ ଓଡ଼ିଶା ପକ୍ଷରୁ 'ଜୈବ ବିଜନନ ପ୍ରକ୍ରିୟାରେ ଅପପୁଷ୍ଟିର ଦୂରୀକରଣ ଏବଂ ଜୀବିକା ସୃଷ୍ଟି ଦାରା ଓଡ଼ିଶାର ବିକାଶ' ଶୀର୍ଷକ କର୍ମଶାଳାରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ, ଜଳବାୟୁ ପରିବର୍ତ୍ତନ ଯୋଗୁ ଖାଦ୍ୟଶସ୍ୟରେ ପଡୁଥିବା ପ୍ରଭାବ ଏବଂ ଖାଦ୍ୟସୁରକ୍ଷା କ୍ଷେତ୍ରରେ ଆସୁଥିବା ପ୍ରତିବନ୍ଧକ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ତାଲୁକଦାର, ନୀତି ଆୟୋଗ (ଜାତୀୟ ପୁଷ୍ଟି ଓ ସାସ୍ଥ୍ୟ ବୈଷୟିକ ବୋର୍ଡ)ର ସଦସ୍ୟ ରାଜ ଭଣ୍ଡାରି, ପ୍ରତ୍ୟୁଷ କୁମାର ପଣ୍ଡା, ବସନ୍ତ କର ପ୍ରମୁଖ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଯୋଗୁ ଖାଦ୍ୟ ଶସ୍ୟର ଉତ୍ପାଦନରେ ପଡୁଥିବା ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ଜୈବ ବିଜନନ ଓ କୃଷିର ପରିବର୍ତ୍ତନରେ ବିଭିନ୍ନ ଅନୁଷ୍ଠାନଗୁଡ଼ିକର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଜୈବ ବିଜନନର ପ୍ରସାର ପାଇଁ ମହାଶକ୍ତି ଫାଉଣ୍ଡେଶନ ଓ ହାରଭେଷ୍ଟ ପ୍ଲସ ଓଡ଼ିଶା ମଧ୍ୟରେ ଏକ ବୁଝାମଣାପତ୍ର ସାକ୍ଷରିତ ହୋଇଥିଲା। ହାରଭେଷ୍ଟ ପ୍ଲସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅରୁଣ ବରାଳ ଯୋଗଦେଇ ଏହି ପ୍ରକ୍ରିୟା ଫଳରେ କମ୍ ମୂଲ୍ୟରେ ସମସ୍ତଙ୍କୁ ଅଧିକ ପୋଷଣଯୁକ୍ତ ଖାଦ୍ୟ ମିଳି ପାରିବ ବୋଲି କହିଥିଲେ। ଦ୍ୱିତୀୟ ଅଧିବେଶନରେ ବସନ୍ତ କର, ଗୋବିନ୍ଦ ରାଜ, ସି ଏନ ନୀରଜା, ପି ଜେ ମିଶ୍ରଙ୍କ ଭଳି ବହୁ ଗବେଷକ ଯୋଗଦେଇ ଦେଶରେ ଏହି ପ୍ରକ୍ରିୟା ପାଇଁ ଆରମ୍ଭ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ।

## 'ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସାଇବର ଅପରାଧ ରୋକିପାରିବ'

### ଟ୍ରାଇଡେଣ୍ଟରେ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୧୯।୨(ଅନୁରାଧା ମହାରଣା)




'ଶକ୍ତି, ସେମିକଣ୍ଡକ୍ଟର ଏବଂ ସାଇବର ସୁରକ୍ଷା'ଶୀର୍ଷକ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜି ପକ୍ଷରୁ 'ଶକ୍ତି, ସେମିକଣ୍ଡକ୍ଟର ଏବଂ ସାଇବର ସୁରକ୍ଷା' ସମ୍ପର୍କିତ ଦୁଇଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଆର୍‌ଏଫ୍ ସାକ୍ରେଡ୍ ଫାଉଣ୍ଡେଶନ, ଏସ୍‌ପିଏଆରସି, ଭିଏସ୍‌ଆଇ ଏବଂ ଆଇଇଇ ସହଯୋଗରେ ଆୟୋଜିତ ଏହି ସମ୍ମିଳନୀରେ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନର ନିର୍ଦ୍ଦେଶକ ଆଶିଷ ଘୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେ 'ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ଏହାର ପରିବର୍ତ୍ତନଶୀଳ ପ୍ରଭାବ' ଉପରେ ଆଲୋକପାତ କରିଥିଲେ। ଏସ୍‌ପିଏଆର୍‌ସିର ପରିଚାଳନା ନିର୍ଦ୍ଦେଶିକା ଶୁଭଦର୍ଶିନୀ ମିଶ୍ର, ବିସିକେଆଇସି ଫାଉଣ୍ଡେଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନମ୍ରତା ମିଶ୍ର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସାଇବର ଠକେଇ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ହୋଇପାରିବ ବୋଲି କହିଥିଲେ। ଟ୍ୟାଟ୍‌ର ମୁଖ୍ୟ ଡି.ଏନ୍. ପଟ୍ଟନାୟକ ଏବଂ ସମ୍ମିଳନୀର ସଂଯୋଜିକା ଶକୁନ୍ତଳା ମହାପାତ୍ର ଉପସ୍ଥିତ ଥିଲେ। ଏମ୍‌ପି ରବିନାରାୟଣ ବେହେରା ଯୋଗଦେଇ କହିଲେ, ସାଇବର ସୁରକ୍ଷା, ଗୋପନୀୟତା ନିରାପତ୍ତା ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସାଇବର ଅପରାଧକୁ ରୋକାଯାଇପାରିବ। ଉନ୍ନତ ତଥା ସ୍ଥାୟୀ ସେମିକଣ୍ଡକ୍ଟର ଜ୍ଞାନକୌଶଳ କିପରି ଆଗାମୀ ଭବିଷ୍ୟତକୁ ପ୍ରଗତି ଦିଗରେ ଆଗେଇନେବ ସେ ସମ୍ପର୍କରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ସମ୍ରାଟ ଏଲ୍. ସାବତ, ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନର ବିଜୟ ଶଙ୍କର ପଶୁପୁରେଡ୍ଡି, ଆସାମ ଷ୍ଟାର୍ଟଅପର ଓଁକାର ସୁପ୍ରଭାତ ରଥ, ଆର୍‌ଏଫ୍‌ଆଇସି ଟେକ୍ନୋଲୋଜିର ସୁଚିତାଉ ଖଡ଼ାଙ୍ଗା, ଏଆର୍‌ଏଫ୍ ଡିଜାଇନର ତୁହିନାଂଶୁ ପ୍ରଧାନ ମତ ରଖିଥିଲେ। ସମ୍ମିଳନୀର ଦ୍ୱିତୀୟ ପ୍ୟାନେଲ ଆଲୋଚନାରେ ମୁମ୍ବାଇସ୍ଥିତ ଟିପି ରିନେବଲ ମାଇକ୍ରୋଗ୍ରୀଡ୍ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ଗୁପ୍ତା, ଗ୍ରୀଡ୍‌କୋ ଲିମିଟେଡ୍ ଓଡ଼ିଶାର ମହେଶ ଦାସ, ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନର ଚନ୍ଦ୍ରଶେଖର ପେରୁମାଲା, ଆରତି ଷ୍ଟିଲ୍ ଲିମିଟେଡ୍‌ର ବିକାଶ ମହାନ୍ତି, ହ୍ୱାଇଟ୍ ସାର୍କ ଶକ୍ତି ପ୍ରାଇଭେଟ୍ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାର୍ଥକ ଭଗତ, ଟିପିସିଓଡିଏଲ୍‌ର ରାଜେଶ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଚୋରା କରତକଳ ଉପରେ ଚଢ଼ାଉ

ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର): ଦୁର୍ନୀତି ନିବାରଣ ବିଭାଗର ଏକ ସ୍କ୍ୱାଡ୍ ସଦର ଥାନା ଅଧୀନ ଅରଡ଼ିଆପଦାଠାରେ ଥିବା ଏକ ଚୋରା କରତକଳ ଉପରେ ବୁଧବାର ସକାଳେ ଚଢ଼ାଉ କରିଛି। ଚଢ଼ାଉବେଳେ ଚିରଟ ପାଇଁ ଗଚ୍ଛିତ ଥିବା ୪୩ ସିଫ୍ଟ କାଠ ସମେତ ଚିରଟ କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରାଂଶକୁ ଖୋଲି ନିଆଯାଇଛି। ଚଢ଼ାଉରେ ଭିଜିଲାନ୍ସ ଅଧିକାରୀ ରଜନୀକାନ୍ତ ମହାନ୍ତି, ସିଦ୍ଧାର୍ଥ ଶଙ୍କର ସାହୁ, ବବିତା ସୋରେନ, ଫୁଲନଖରା ରେଞ୍ଜ ବନବିଭାଗ ଅଧିକାରୀ ମୌସୁମୀ ବେହେରା ଓ ଶ୍ରୀକାନ୍ତ ବେହେରାଙ୍କ ସମେତ ସଦର ଥାନା ପୋଲିସ ସାମିଲ ଥିଲେ। ସୂଚନାଯୋଗ୍ୟ, ୨୦୨୦ ନଭେମ୍ବର ୨୫ରେ ଏହି କରତକଳ ଉପରେ ବନ ବିଭାଗ କର୍ମଚାରୀ ଚଢ଼ାଉ କରି ବିପୁଳ ପରିମାଣର ମୂଲ୍ୟବାନ କାଠ ଜବତ କରିବା ସହ ଉକ୍ତ କଳକୁ ସିଲ କରିଥିଲେ।

## ସଂକ୍ଷେପରେ

### ବାଲି ଚାଲାଣ ଉପରେ ପୋଲିସର ଚଢ଼ାଉ, ୨ ଟ୍ରାକ୍ଟର ଜବତ

ତ୍ରିଶୂଳିଆ(ତୁଷାରକାନ୍ତ ବେହେରା)

ବାରଙ୍ଗ ତହସିଲ ଅଧୀନ ଗୋଡ଼ିସାହି ଫାଣ୍ଡି ଅଞ୍ଚଳରେ ମଙ୍ଗଳବାର ରାତିଅଧରେ ବେଆଇନ ଭାବେ ରତାଗଡ଼ ନିକଟ ପୁରୀ ମୁଖ୍ୟ କେନାଲ କଡ଼ରୁ ଜେସିବି ସାହାଯ୍ୟରେ ଟ୍ରାକ୍ଟରରେ ବାଲି ଉଠାଇ ଅନ୍ୟତ୍ର ଚାଲାଣ କରୁଥିଲେ। ଖବର ପାଇ ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ଫାଣ୍ଡି ଅଧିକାରୀ ବିଚିତ୍ରା ନନ୍ଦ ପ୍ରଧାନଙ୍କ ସମେତ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲା। ଚଢ଼ାଉରେ ୨ଟି ଟ୍ରାକ୍ଟର (ଓଡି ୦୫ ବିଆର ୦୪୪୬ ଓ ଓଡି ୦୫ ବିଜେ ୪୨୮୭) ସହ ଜେସିବି ଜବତ କରି ଫାଣ୍ଡି ପରିସରକୁ ନିଆଯାଇଛି। ତେବେ ଦିନକୁ ଦିନ ବାରଙ୍ଗରେ ବାଲି ଓ ଖଣି ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି।

### ମଣିଆ ମା' ମଙ୍ଗଳା ମନ୍ଦିର ଚୋରି ଘଟଣାରେ ୩ ଗିରଫ

ମଙ୍ଗୁଳି-ଜଗତପୁର, ୧୯।୨(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉଚ୍ଚପଦା ପଞ୍ଚାୟତ ଅଧୀନ ମଣିଆ ଗ୍ରାମସ୍ଥିତ ମା' ମଙ୍ଗଳାଙ୍କ ମନ୍ଦିର ଚୋରି ଘଟଣାରେ ଟାଙ୍ଗୀ ପୋଲିସ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମଣିଆ ଗ୍ରାମର ସଂଗ୍ରାମ ବାରିକ ଓରଫ ଜଗା(୩୨), ତପନ ମଲିକ ଓରଫ କାଳିଆ(୩୨) ଓ ପ୍ରଶାନ୍ତ ଦେହୁରୀ(୨୬)। ସେମାନଙ୍କ ନିକଟରୁ ପିତଳ ଚୋରି ସାମଗ୍ରୀ ଜବତ ହୋଇଥିବାବେଳେ ମୂଲ୍ୟବାନ ଅଳଙ୍କାର ମିଳିପାରିନାହିଁ। ସୂଚନା ମୁତାବକ, ଏକ ସପ୍ତାହ ତଳେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଉକ୍ତ ମନ୍ଦିରର ତାଲା ଭାଙ୍ଗି ଅଳଙ୍କାର ସହ ପିତଳ ସାମଗ୍ରୀ ଚୋରି କରି ନେଇଯାଇଥିଲେ। ଏନେଇ ପୂଜକଙ୍କ ଥାନାରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ ୩୩/୨୫) ଦଫା ୩୩୧(୪), ୩୧୫, ୩୧୭, ୧୧୧(୨) (ବି)ଓ ୩(୫) ବିଏନ୍ଏସ୍‌ରେ ରୁଜୁ କରିଥିଲା। ମଙ୍ଗଳବାର ଟାଙ୍ଗୀ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ୩ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

### ଗୁଳିକରି ହତ୍ୟା ମାମଲାରେ ଅଭିଯୁକ୍ତ ଗିରଫ

ଚୌଦ୍ୱାର, ୧୯।୨(ଆଶୁତୋଷ ଦାସ)

୨୦୧୯ରେ ହୋଇଥିବା ଏକ ହତ୍ୟା ମାମଲାରେ ଚୌଦ୍ୱାର ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଢେଙ୍କାନାଳ ସଦର ଥାନା କଦମପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକ। ପୋଲିସ ସୂଚନାନୁଯାୟୀ, ପୂର୍ଣ୍ଣଚନ୍ଦ୍ର ଓ ତାଙ୍କର ଆଉ ୩ ଜଣ ସହଯୋଗୀ ଢେଙ୍କାନାଳର ଜଣେ ବ୍ୟବସାୟୀ ଲାଲା ଲଳିତ କୁମାର ସିଂଙ୍କୁ ନୂଆପାଟଣା ମଧୁସେତୁ ଉପରେ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ୩୪୩/୧୯ରେ ଏକ ମାମଲା ରୁଜୁ କରିଥିବାବେଳେ ଅତିରିକ୍ତ ଆଇଆଇସି ସସ୍ମିତା ଖିଲାର ଘଟଣାର ତଦନ୍ତ ଜାରି ରଖିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କୁ ମଙ୍ଗଳବାର ଆଠଗଡ଼ ତିଗିରିଆ ଅଞ୍ଚଳରୁ ଗିରଫ କରାଯାଇଥିବା ଆଇଆଇସି ବିଶ୍ୱରଞ୍ଜନ ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ମାମଲା ପୂର୍ବରୁ ୩ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

### ଜାଭିୟର ସ୍କୁଲ ବାର୍ଷିକୋତ୍ସବ ପାଳିତ

କଟକ ସଦର, ୧୯।୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଧୀନ କନ୍ଦରପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକୋତ୍ସବ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ଖଲିକୁଜ ଜମାନ ଖାଁ ଏଥିରେ ପୌରୋହିତ୍ୟ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. କାହ୍ନୁଚରଣ ଧୀର, ସମ୍ମାନିତ ଅତିଥି ଭାବେ ଜାଭିୟର ସ୍କୁଲ ଓ ରିସର୍ଚ୍ଚ ସେଣ୍ଟର ଅଧ୍ୟକ୍ଷ ହରିୟାକ୍ଷ ପରିଡ଼ା, ଇଂ. ଉମେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ମୂଲ୍ୟବୋଧ ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। ପ୍ରାରମ୍ଭରେ ସ୍କୁଲର ପରିଚାଳନା ନିର୍ଦ୍ଦେଶିକା ବୈଜୟନ୍ତୀ ଜେନା ବିବରଣୀ ପାଠ କରିଥିଲେ। ସମ୍ପାଦକ ନରେଶ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବାର୍ଷିକ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# 'ତ୍ୟାଗର ଅବତାର ଥିଲେ ବିବୁଧେନ୍ଦ୍ର'

କଟକ, ୧୯।୨(କାର୍ତ୍ତିକ ସାହୁ)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଏବଂ ଅନ୍ୟ ଅତିଥିବୃନ୍ଦ।

**ସ୍ୱାଧୀନତା ସଂଗ୍ରାମୀ ବିବୁଧେନ୍ଦ୍ର ମିଶ୍ରଙ୍କ ୧୩ତମ ଶ୍ରାଦ୍ଧ ବାର୍ଷିକ**

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ବିବୁଧେନ୍ଦ୍ର ମିଶ୍ର ମେମୋରିଆଲ ଟ୍ରଷ୍ଟ ସହଯୋଗରେ ସ୍ୱାଧୀନତା ସଂଗ୍ରାମୀ ବିବୁଧେନ୍ଦ୍ର ମିଶ୍ରଙ୍କ ୧୩ତମ ଶ୍ରାଦ୍ଧ ବାର୍ଷିକ ବୁଧବାର ହାଇକୋର୍ଟ ବାର୍ ଆସୋସିଏସନ୍ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଯୋଗଦେଇ କହିଲେ, ତ୍ୟାଗର ଅବତାର ଥିଲେ ବିବୁଧେନ୍ଦ୍ର। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସହ ସେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ ଏନିମି ଏଜେଣ୍ଟ ଅର୍ଡିନାନ୍ସ ଆଇନରେ ଗିରଫ ହୋଇ ଜେଲ ଯାଇଥିଲେ। ସମ୍ମାନିତ ଅତିଥି ଭାବେ ଆଡ୍‌ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଯୋଗଦେଇ କହିଲେ, ଯୁବପିଢ଼ି ପାଇଁ ବିବୁଧେନ୍ଦ୍ର ପ୍ରେରଣାଦାୟକ ଥିଲେ। ୪ ପିଢ଼ିର ଲୋକେ ତାଙ୍କୁ ଆଦରରେ କୁନି ଭାଇନା ବୋଲି ଡାକୁଥିଲେ। ଟ୍ରଷ୍ଟର ଆବାହକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ସ୍ୱାଗତ ଭାଷଣରେ ବିବୁଧେନ୍ଦ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପୁତ୍ର ମାନବେନ୍ଦ୍ର ମିଶ୍ର ପିତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଡଗରପଡ଼ାସ୍ଥିତ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ୫ ମେଧାବୀ ଅନ୍ତେବାସୀ ରମଇ ଟୁଡୁ, ପୂର୍ଣ୍ଣଚନ୍ଦ୍ର ସୋରେନ୍, ଚନ୍ଦ୍ର ହେମ୍ବ୍ରମ, କୁନାଲ ଚଟାର ଓ ସୁରଜ ବିରୁଆଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ହାଇକୋର୍ଟ ବାର୍ ଆସୋସିଏଶନ୍‌ର ସଭାପତି ବିଜୟ କୁମାର ଦାଶ ଅଧ୍ୟକ୍ଷତା ଓ ସମ୍ପାଦକ ରଞ୍ଜନ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ବିଚାରପତି ସାବିତ୍ରୀ ରଥ, ବିଚାରପତି ମୃଗାଙ୍କ ଶେଖର ସାହୁ, ବିଚାରପତି ଭି. ନରସିଂହ, ବିଚାରପତି ମୁରାହରି ଶ୍ରୀରମଣ, ବିଚାରପତି ସଞ୍ଜୟ କୁମାର ମିଶ୍ର, ବିଚାରପତି ଶିବଶଙ୍କର ମିଶ୍ରଙ୍କ ସମେତ ବିଚାର ବିଭାଗୀୟ ଅଧିକାରୀ ଓ ଆଇନଜୀବୀଗଣ ଉପସ୍ଥିତ ଥିଲେ।

# ଡିଜେଲ ଢାଳି ଦେହରେ ନିଆଁ ଲଗାଇ କଲେଜ ଛାତ୍ର ମୃତ

କଟକ, ୧୯।୨(କାର୍ତ୍ତିକ ସାହୁ)

ଜଣେ ଯୁକ୍ତ୨ ନାବାଳକ ଛାତ୍ର ନିଜ ଦେହରେ ଡିଜେଲ ଢାଳି ନିଆଁ ଲଗାଇ ମୃତ୍ୟୁବରଣ କରିଛନ୍ତି। ପୁରୀଘାଟ ଥାନା ଅନ୍ତର୍ଗତ ଗୋପାଳ ଜୀଉ ଲେନ୍ ମଠସାହିରେ ଏହି ଘଟଣା ଘଟିଛି। ମୃତକ ହେଲେ ଗୋପାଳଜୀଉ ମଠସାହିରେ ଭଡ଼ାଘରେ ରହୁଥିବା ପଶ୍ଚିମବଙ୍ଗର ବାସିନ୍ଦା ତନ୍ମୟ ଦତ୍ତଙ୍କ ପୁତ୍ର ଅଙ୍କନ ଦତ୍ତ(୧୭)।

ସୂଚନାନୁସାରେ, ମଙ୍ଗଳବାର ରାତି ପ୍ରାୟ ୩ଟା ୫୦ରେ ନାବାଳକ ଜଣକ ଏଭଳି କାଣ୍ଡ କରିଥିଲେ। ଏନେଇ ଖବର ପାଇବା ପରେ କଟକ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅର୍ଦ୍ଧଦଗ୍ଧ ଅବସ୍ଥାରେ ନାବାଳକଙ୍କୁ ଉଦ୍ଧାର କରିଥିଲା। ଅଗ୍ନିଶମ ବାହିନୀ ଏନେଇ ପୁରୀଘାଟ ଥାନା ପୋଲିସକୁ ଜଣାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଜବତ ମୃତଦେହକୁ ଅଗ୍ନିଶମ ବାହିନୀ ପୋଲିସ ଜିମା ଦେଇଥିଲା। ପୋଲିସ ମୃତଦେହ ଜବତ ପରେ ଏସ୍‌ସିବି ମେଡିକାଲକୁ ନେଇ ବ୍ୟବଚ୍ଛେଦ କରାଇଛି। ତେବେ ନାବାଳକ ଜଣକ କ'ଣ ପାଇଁ ଏଭଳି କାଣ୍ଡ ଭିଆଇଲେ ତା'ର କାରଣ ଅସ୍ପଷ୍ଟ ରହିଛି। ପୁରୀଘାଟ ପୋଲିସ ଏହି ମାମଲାର ତଦନ୍ତ ଜାରି ରଖିଛି। ଏନେଇ ପୁରୀଘାଟ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୨୦୨୫) ରୁଜୁ ହୋଇଛି। ତଦନ୍ତକାରୀ ଅଧିକାରୀ ଆଶିଷ କୁମାର ଦାଶ କହିଛନ୍ତି, ଛାତ୍ରମୃତ୍ୟୁର ବିଭିନ୍ନ ଦିଗକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଘଟଣାସ୍ଥଳରୁ ଛାତ୍ର ବ୍ୟବହାର କରୁଥିବା ମୋବାଇଲ ଜବତ କରାଯାଇଛି। ମାତ୍ର ତାହା ଫର୍ମାଟ ହୋଇଥିବାରୁ ସେଥିରୁ କୌଣସି ତଥ୍ୟ ମିଳିପାରୁନାହିଁ। ମୋବାଇଲ୍‌କୁ ଫୋରେନ୍‌ସିକ୍ ଲାବୋରେଟୋରିକୁ ପରୀକ୍ଷା ପାଇଁ ପଠାଯିବ। ଏଥିସହ ଛାତ୍ରଙ୍କ ମୃତ୍ୟୁ ପ୍ରେମଜନିତ କି ନୁହେଁ ତାହାକୁ ମଧ୍ୟ ପୋଲିସ ତର୍ଜମା କରିବ ବୋଲି ଦାଶ କହିଛନ୍ତି।

# କଟକ ସଦର ଅଞ୍ଚଳରେ ଘୂର୍ଣ୍ଣିଝଡ଼ର ତାଣ୍ଡବ

କଟକ ସଦର, ୧୯।୨(ସୁଶାନ୍ତ କୁମାର ଜେନା)

କଟକ ସଦର ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଘୂର୍ଣ୍ଣିଝଡ଼ ତାଣ୍ଡବ ସୃଷ୍ଟି କରିଥିଲା। ପ୍ରାୟ ୨ ଘଣ୍ଟା ଧରି ଝଡ଼ ବର୍ଷା ହେବା ଯୋଗୁ ଅନେକ ସ୍ଥାନରେ ଗଛ ଉପୁଡ଼ି ପଡ଼ିଥିଲା। ଫଳରେ କଟକ-ପାରାଦୀପ ରାସ୍ତାରେ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ରାସ୍ତା ଉପରୁ ଗଛ କାଟି ଯାତାୟାତ ସୁବିଧା କରୁଥିବା ଲକ୍ଷ୍ୟ କରାଯାଇଥିଲା। ଅନେକ ସ୍ଥାନରେ ଘରର ଆଜବେଷ୍ଟସ ଉଡ଼ି ଯାଇଥିବା ବେଳେ ଖଳାରେ ଥିବା ନଡ଼ାଗଦା ବିକ୍ଷିପ୍ତ ହୋଇଯାଇଛି। ସେହିପରି ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଚଳିତ ବର୍ଷର ଏହା ହେଉଛି ପ୍ରଥମ ଝଡ଼ ବର୍ଷା।

# ମାର୍ଚ୍ଚ ୭ରେ ଜିଲାସ୍ତରୀୟ ନିଯୁକ୍ତିମେଳା

କଟକ, ୧୯।୨(କାର୍ତ୍ତିକ ସାହୁ)

କଟକ ଜିଲାସ୍ତରୀୟ ନିଯୁକ୍ତି ମେଳା ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିଅମଠାରେ ଆସନ୍ତା ମାର୍ଚ୍ଚ ୭ ତାରିଖରେ ଅନୁଷ୍ଠିତ ହେବ। ଜିଲାର ୧୪ଟି ଯାକ ବ୍ଲକର ୧୮ରୁ ୩୫ ବର୍ଷର ଯୁବତୀଯୁବକ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିପାରିବେ। ପଂଚମ ଶ୍ରେଣୀ ଉତୀର୍ଣ୍ଣ ହୋଇଥିବାଠାରୁ ଆରମ୍ଭ କରି ଯୁକ୍ତ ଦୁଇ, ଆଇଟିଆଇ, ଡିପ୍ଲୋମା ଏବଂ ସ୍ନାତକ ପାଶ୍ କରିଥିବା ଯେକୌଣସି ଯୁବତୀଯୁବକ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିପାରିବେ। କୃଷି, ଫାର୍ମାସିଷ୍ଟ, ସିକ୍ୟୁରିଟି ଏଜେନ୍ସି, ସ୍ୱାସ୍ଥ୍ୟ ସେବା, ଅଟୋମୋବାଇଲ୍ ଭଳି ପ୍ରାୟ ୫୦ଟି କ୍ଷେତ୍ର ଅଂଶଗ୍ରହଣ କରିବେ। ବିଭିନ୍ନ କାଉଂଟରରେ ଯୁବତୀଯୁବକମାନେ ପଞ୍ଜିକରଣ କରିପାରିବେ। ସେମାନେ ନିଜ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଉପଲବ୍ଧ କରାଯାଇଥିବା ବିଭିନ୍ନ ସଂସ୍ଥାରେ ନିଯୁକ୍ତି ବା ତାଲିମ ପାଇପାରିବେ। ବିଭିନ୍ନ ବ୍ଲକରୁ ଆସୁଥିବା ଯୁବତୀଯୁବକମାନଙ୍କୁ ଇନ୍‌ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ନେବା ଆଣିବା କରିବା ପାଇଁ କଟକ ନେତାଜୀ ବସ୍ ଟର୍ମିନାଲ ଏବଂ କଟକ ରେଳ ଷ୍ଟେସନଠାରେ ଗାଡ଼ିର ବ୍ୟବସ୍ଥା କରାଯିବ। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ପୁରୁଣା ସଦଭାବନା ଗୃହଠାରେ ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲାସ୍ତରୀୟ ନିଯୁକ୍ତି ମେଳା ପ୍ରସ୍ତୁତି ବୈଠକରେ ଏହି ନିଷ୍ପତି ଗ୍ରହଣ କରାଯାଇଛି। କଟକ ମହାନଗର ନିଗମର ଅତିରିକ୍ତ କମିଶନର କଳ୍ପତରୁ ବେହେରା, ସହକାରୀ ପରିବହନ ଅଧିକାରୀ ଟନା ମୁର୍ମୁ, କଟକ ଶିଳ୍ପ ତାଲିମ କେନ୍ଦ୍ରର ସହକାରୀ ପ୍ରବନ୍ଧକ ଶରତ କୁମାର ମହାଳିକ, ରାସ୍ତା ଓ ଗୃହ ବିଭାଗ ଏସଡିଓ ରମେଶ ଚନ୍ଦ୍ର ସ୍ୱାଇଁ, ୱାଟକୋର ଆସିଷ୍ଟାଂଟ ମ୍ୟାନେଜର ଅରବିନ୍ଦ ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ଶିକ୍ଷାନୁଷ୍ଠାନ ବୋଷ, ବୟନ ଶିଳ୍ପ ପ୍ରତିଷ୍ଠାନ, ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ, ମଧୁସୂଦନ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ଆଦିର ଅଧ୍ୟକ୍ଷଗଣ ଯୋଗ ଦେଇଥିଲେ। ଜିଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଇନ୍ଦିରା ମଲ୍ଲିକ ନିଯୁକ୍ତି ମେଳା ସୁଚାରୁ ରୂପେ ସମ୍ପାଦନା କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ।



ବାରଙ୍ଗ ତହସିଲରେ ଜମି ଦୁର୍ନୀତି ବିରୋଧରେ ବାରଙ୍ଗ ସଂଗ୍ରାମ ସମିତି ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିପାରୁନି ତଥ୍ୟ

କଟକ ସଦର, ୧୬।୨(ସୁଶାନ୍ତ କୁମାର ଜେନା)

**ନର୍ସିଂହୋମ୍‌ରେ ଅଗ୍ନି ନିରାପତ୍ତା ସମ୍ପର୍କିତ ସୂଚନା**

କଟକ ସଦର ବ୍ଲକ ଅଞ୍ଚଳରେ ଅନେକ ନର୍ସିଂହୋମ ଖୋଲାଯାଇ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଏହିସବୁ ନର୍ସିଂହୋମରେ ଅଗ୍ନି ନିରାପତ୍ତା ଓ ବର୍ଜ୍ୟବସ୍ତୁ ପରିଚାଳନା ପ୍ରମାଣପତ୍ର ରହିଛି କି ନାହିଁ ଜାଣିବାକୁ ଜଣେ ସୂଚନା ଅଧିକାର କର୍ମୀ କଟକ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀଙ୍କୁ ତଥ୍ୟ ମାଗିଥିଲେ। ଇତିମଧ୍ୟରେ ୬୦ ଦିନ ବିତି ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ତଥ୍ୟ ଦେବାକୁ ଜଣେ କିରାଣି ଟାଳଟୁଳ ନୀତି ଅବଲମ୍ବନ କରୁଥିବା କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଶନିବାର ଅଭିଯୋଗ ହୋଇଛି। ବିବରଣୀରୁ ପ୍ରକାଶ, ନର୍ସିଂହୋମ ସଂକ୍ରାନ୍ତ ସୂଚନା ଦେବାକୁ ପତ୍ରସଂଖ୍ୟା ୧୬୧୦୩/୧୦।୧୨।୨୦୨୪ରେ କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶନାମା କେବଳ କାଗଜପତ୍ରରେ ସୀମିତ ରହିଯାଇଛି। ଅଭିଯୋଗ ସମ୍ପର୍କରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍ଓ) ଡ. ପ୍ରଶାନ୍ତ କୁମାର ହୋତାଙ୍କୁ ପଚାରିବାରୁ ଅଫିସରୁ ବୁଝି କହିବେ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ କଟକ ଜିଲାର ଅଧିକାଂଶ ସରକାରୀ କାର୍ଯ୍ୟାଳୟ ଆବେଦନକାରୀଙ୍କୁ ଠିକ୍ ସମୟରେ ସୂଚନା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପତ୍ର ସଂଖ୍ୟା ୪୧୪୫୮/୨୩।୧୧।୨୦୨୦ରେ କଟକ ଜିଲାପାଳଙ୍କୁ ଚିଠି ଲେଖି ନିଜ ଜିଲାରେ ଥିବା ସମସ୍ତ ଅଧସ୍ତନ ସରକାରୀ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀଙ୍କୁ ତାଗିଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ, ଜିଲାପାଳଙ୍କ କାର୍ଯ୍ୟାଳୟରୁ ପତ୍ର ସଂଖ୍ୟା ୧୫୮/୫।୨।୨୦୨୧ରେ ସ୍ୱାସ୍ଥ୍ୟ, ଶିକ୍ଷା, ପୂର୍ତ୍ତ ବିଭାଗ ଓ ସମସ୍ତ ତହସିଲ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀଙ୍କୁ ଅବଗତ କରି ଦିଆଯାଇଥିଲା। କାରଣ ଆୟୁକ୍ତଙ୍କ କାର୍ଯ୍ୟାଳୟରେ କଟକ ଜିଲାରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ବନ୍ଧୀୟ ମାମଲା ବଢ଼ି ଚାଲିଥିଲା। ୪ ବର୍ଷ ପରେ ଏହି ନିର୍ଦ୍ଦେଶନାମାକୁ କେହି ଖାତିର କରୁ ନ ଥିବା ଚର୍ଚ୍ଚା ହେଉଛି।

### ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ମଙ୍ଗୁଳି-ଜଗତପୁର, ୧୯।୨(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଭଟିମୁଣ୍ଡାସ୍ଥିତ ଗାଁରବା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପୂର୍ବତନ ପ୍ରଧାନ ଶିକ୍ଷକ ଜୀବନାନନ୍ଦ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସୁଶୀଲ କୁମାର ପୃଷ୍ଟି ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଟାଙ୍ଗୀ-ଚୌଦ୍ୱାର ମଣ୍ଡଳ ଶିକ୍ଷାଧିକାରିଣୀ କୁନ୍ତଳା ଖଟୁଆ, ସମ୍ମାନିତ ଅତିଥି ଭାବେ କଟକ ସଦର ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ସରସ୍ୱତୀ କାନୁନ୍‌ଗୋ, ଶିକ୍ଷାବିତ୍ ଅଜୟ କୁମାର ସାହୁ, ଭଗବାନ ସାହୁ, ଶ୍ୟାମସୁନ୍ଦର ବେହେରା, ଗୋପାଳ ଚରଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଡମ୍ବରୁଧର ପ୍ରଧାନ ଅତିଥି ପରିଚୟ ଓ ଦୀପକ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ଲୁହା ରଡ୍‌ରେ ପିଟି ହତ୍ୟା, ଅଭିଯୁକ୍ତ ଗିରଫ

ଚୌଦ୍ୱାର, ୧୯।୨(ଆଶୁତୋଷ ଦାସ)

ଚୌଦ୍ୱାର ଥାନା ମହିଁଷାଲଣ୍ଡା ପଞ୍ଚାୟତର ଆମ୍ବିଳିଝରି ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ଲୁହା ରଡ୍‌ରେ ପିଟି ହତ୍ୟା କରିବା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସୁବର୍ଣ୍ଣ କଳା (୬୫)। ଏନେଇ ପୋଲିସ ୮୯/୨୫ରେ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ସୁବର୍ଣ୍ଣଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଦ୍ୱିତୀୟ ବିବାହ କରି ସେହି ଗ୍ରାମରେ ରହୁଥିଲେ। ତେବେ ମୃତକ ସନ୍ତୋଷଙ୍କ ସହ ସୁବର୍ଣ୍ଣଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ଶାରୀରିକ ସମ୍ପର୍କ ରହିଥିଲା। ସୁବର୍ଣ୍ଣ ମଙ୍ଗଳବାର ଅପରାହ୍ନରେ ତାଙ୍କ ଦ୍ୱିତୀୟ ସ୍ତ୍ରୀ ଓ ସନ୍ତୋଷଙ୍କୁ ଅସଜଡ଼ିତ ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସେ ଏକ ଲୁହା ରଡ୍‌ରେ ସନ୍ତୋଷଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ଫଳରେ ତାଙ୍କ ମୁଣ୍ଡରୁ ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କଠୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ସୁବର୍ଣ୍ଣଙ୍କୁ ଗ୍ରାମ ମୁଣ୍ଡରେ ଥିବା ଏକ ଘରୁ ଗିରଫ କରିଥିଲା।

# ରାଜ୍ୟ ମାନବାଧିକାର କାଉନସିଲ୍‌ର କାର୍ଯ୍ୟାନୁଷ୍ଠାନ ଦାବି

ଚୌଦ୍ୱାର, ୧୯।୨(ଆଶୁତୋଷ ଦାସ)

**କିଟ୍‌ରେ ଛାତ୍ରୀ ମୃତ୍ୟୁ ଘଟଣା**


ରାଜ୍ୟ ମାନବାଧିକାର କାଉନସିଲ୍ ପକ୍ଷରୁ ଚୌଦ୍ୱାର ଥାନା ଆଇଆଇସିଙ୍କୁ ଦାବିପତ୍ର ଦିଆଯାଉଛି।

ଭୁବନେଶ୍ୱରସ୍ଥିତ କିଟ୍ ୟୁନିଭର୍ସିଟିରେ ଘଟିଥିବା ନେପାଳୀ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ଓ ଏଥିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ମାନବାଧିକାର କାଉନସିଲ୍ ଦାବି କରିଛି। ମାନବାଧିକାର କାଉନସିଲ୍‌ଙ୍କ ଅଭିଯୋଗ ମତେ କିଟ୍‌ରେ ନେପାଳୀ ଛାତ୍ରୀ କୌଣସି ଏକ କାରଣକୁ ନେଇ ଆତ୍ମହତ୍ୟା କରିଥିଲେ। ଏନେଇ ଛାତ୍ରୀଛାତ୍ରଙ୍କ ଭିତରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଘଟଣାରେ ନେପାଳର ବିଦ୍ୟାର୍ଥୀଙ୍କୁ କଲେଜର ମହିଳା ୱାର୍ଡେନ ଓ ଜଏଣ୍ଟ ଡାଇରେକ୍ଟରଙ୍କ ପକ୍ଷରୁ ଧମକ ଦେବା, ଭୟଭୀତ କରାଇବା ଏବଂ ସୁରକ୍ଷାକର୍ମୀ, ଭଡ଼ାଟିଆ ଗୁଣ୍ଡା ଦ୍ୱାରା ବିଦେଶୀ ଛାତ୍ରଙ୍କୁ ମାଡ଼ ମାରିବା ଆଦି ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଏମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚୌଦ୍ୱାର ଥାନା ଆଇଆଇସିଙ୍କ ଜରିଆରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ବୁଧବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଭାପତି ସସ୍ମିତା ଦାସ, ନାରାୟଣ ବିଶ୍ୱାଳ, ସଞ୍ଜିତ ମହାନ୍ତି, ଶିବାୟ ସାହୁ, ରଞ୍ଜନ ବେହେରା, ସବିତା ଦାସ, ସଚ୍ଚିତାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋ ଖବର


ବାଦାମବାଡ଼ି ଜନଗହଳିପୂର୍ଣ୍ଣ ରାସ୍ତାରେ ଟ୍ରାଫିକ୍ ନିୟମ ଉଲଂଘନ କରିଥିବା ବାଇକ୍ ଚାଳକଙ୍କୁ ବୁଧବାର ଟ୍ରାଫିକ୍ ପୋଲିସ ସଚେତନ କରିବା ସହ ଜରିମାନା ଆଦାୟ କରୁଛି।


ଅଦିନିଆ ବର୍ଷା ଯୋଗୁ ବୁଧବାର କଟକ ଚୌଧୁରୀ ବଜାର ଅଞ୍ଚଳ ଜନଗହଳି ଶୂନ୍ୟ ହୋଇପଡ଼ିଛି।

(ଫଟୋ: ରାଜ କିଶୋର ମହାନ୍ତି)

# ରାଶନ କାର୍ଡ କାଟିବା ନିଷ୍ପତ୍ତିର ପୁନର୍ବିଚାର ହେଉ

ଖୋର୍ଦ୍ଧା,୧୯।୨(ପ୍ରଭାତ ପାଣିଗ୍ରାହୀ)

■ ଭିଏଲ୍ଇ ୟୁନିୟନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର
■ ପ୍ରତ୍ୟାହାର ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ 'ଆୟକର ରିଟର୍ନ ଦାଖଲ କରିଥିବା ଗ୍ରାମ୍ୟସ୍ତରୀୟ ଉଦ୍ୟୋଗୀ ତଥା ଭିଏଲ୍ଇଙ୍କ ରାଶନ କାର୍ଡ କାଟିବା ପାଇଁ' ନିଆଯାଇଥିବା ନିଷ୍ପତ୍ତିର ପୁନର୍ବିଚାର ଦାବିରେ ଭିଏଲ୍ଇ ୟୁନିୟନ ଓଡ଼ିଶା ଆହ୍ୱାନକ୍ରମେ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ବୁଧବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ସପ୍ତାହ ମଧ୍ୟରେ ସରକାର ନିଷ୍ପତ୍ତିର ପୁନଃବିଚାର ନ କଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ଭିଏଲ୍ଇ ୟୁନିୟନ ରାଜ୍ୟର ସବୁ ଅଞ୍ଚଳରେ ଜନସାଧାରଣଙ୍କୁ ସମସ୍ତ ପ୍ରକାର ଡିଜିଟାଲ ସେବା ଯୋଗାଇବା ସହିତ ଅନେକ ଜନକଲ୍ୟାଣ କାର୍ଯ୍ୟ କରୁଛି। ରକ୍ତାଭାବ ଦୂର ପାଇଁ ରକ୍ତଦାନ ଶିବିର, ପର୍ଯ୍ୟାବରଣ ସୁରକ୍ଷା ପାଇଁ ସଚେତନତା ଓ ମେଗା ଚାରା ରୋପଣ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ କ୍ଷତିଗ୍ରସ୍ତଙ୍କୁ ସେବା, ସାମୂହିକ ଶ୍ରମଦାନ, ନିଶା ନିବାରଣ ଶିବିର ଆୟୋଜନ କରି ନିରନ୍ତର ସେବା ଯୋଗାଇ ଆସୁଛି। ସରକାରୀ ମାନ୍ୟତାପ୍ରାପ୍ତ ସଂସ୍ଥାଗୁଡ଼ିକଠାରୁ ଅନୁମତିପ୍ରାପ୍ତ କରି ନିଜ ଅଞ୍ଚଳରେ ଗ୍ରାମବାସୀଙ୍କୁ ସମସ୍ତ ଡିଜିଟାଲ ସେବା ଯୋଗାଉଛି। ଏହି ସେବାଗୁଡ଼ିକରେ ସାଧାରଣ ଲୋକଙ୍କ ପ୍ରାୟତଃ ଟଙ୍କା ନେଣଦେଣ, ବିଭିନ୍ନ ଯୋଜନାରେ ଟିଡିଏସ୍ ଟଙ୍କା କଟିଯାଉଛି। ସେହିସବୁ ସ୍ୱଳ୍ପଟଙ୍କା ଫେରସ୍ତ ପାଇବା ପାଇଁ ସଂସ୍ଥାମାନଙ୍କ ନିର୍ଦ୍ଦେଶକ୍ରମେ ପ୍ରତିବର୍ଷ ଆଇଟି ରିଟର୍ନ ଫାଇଲ କରିବାକୁ ପଡୁଛି। ସେହି ରିଟର୍ନ ଫାଇଲ ସମୟରେ ଦର୍ଶାଯାଇଥିବା ଟଙ୍କାର ମୋଟ ପରିମାଣ ଜଣେ ଭିଏଲ୍ଇ ବ୍ୟକ୍ତିର ମୂଳ ରୋଜଗାର ନୁହେଁ ବୋଲି ସରକାର ବୁଝିବା ଆବଶ୍ୟକ। ଦୈନିକ ୧୦ରୁ ୧୨ ଘଣ୍ଟା ପରିଶ୍ରମ ପରେ ବି ପ୍ରତ୍ୟେକ ମାସରେ ୭ରୁ ୮ ହଜାର ଟଙ୍କା ରୋଜଗାର କରିବା କଷ୍ଟସାଧ୍ୟ ହେଉଛି। ଫଳରେ ଭିଏଲ୍ଇ ପରିବାର ପ୍ରତିପୋଷଣ କରିପାରୁ ନାହାନ୍ତି। ବର୍ଦ୍ଧିତ ଦରଦାମ୍ ସହ ପରିବାର ଚଳାଇବାରେ ହଇରାଣ ହେଉଛନ୍ତି। ଆର୍ଥିକ ସ୍ଥିତି ଦେଇ ଗତି କରୁଥିବା ବେଳେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଆୟକର ରିଟର୍ନ ଦାଖଲକାରୀଙ୍କ ରାଶନ କାର୍ଡ କାଟିବା ଏକ ଜନବିରୋଧୀ ନୀତି। ସରକାର ଏହି ନିଷ୍ପତ୍ତିର ପୁନଃବିଚାର କରନ୍ତୁ ବୋଲି ସଂଘ ଦାବି କରିଛି। ରାଜ୍ୟ ସଭାପତି ସଂଗ୍ରାମ କେଶରୀ ସାମନ୍ତରାୟ, ସମ୍ପାଦକ ମନୋରଞ୍ଜନ ଦାସ, କୋଷାଧ୍ୟକ୍ଷ ଶ୍ରୀଧର ମାର୍ଥାଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅରୁଣ ସିଂହ, ନାରାୟଣ ଛୋଟରାୟ, କଲ୍ୟାଣୀ ନାୟକ, ସମ୍ମିମା ବେଗମ, ଗୀତାଞ୍ଜଳି ସାମନ୍ତରାୟ, ସୋମନାଥ ନାୟକ, ଅକ୍ଷୟ ରାଉତ, ନୀଳକଣ୍ଠ ସାମନ୍ତରାୟ, କାଇମୁଦ୍ଦିନ ଖାନ, ଚିତ୍ତରଞ୍ଜନ ମୁଦୁଲି, ରାମଚନ୍ଦ୍ର ଦଳାଇ ପ୍ରମୁଖ ରାଜ୍ୟ ଓ କାର୍ଯ୍ୟକାରିଣୀ ସଦସ୍ୟା ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଭିଏଲ୍ଇ ୟୁନିୟନର କର୍ମକର୍ତ୍ତା।

# ତୃଣମୂଳସ୍ତରରୁ ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ


ବୈଠକରେ ଉପସ୍ଥିତ ଭାଜପା ନେତା ଓ କର୍ମୀମାନେ।

ନିରାକାରପୁର,୧୯।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ରାମେଶ୍ୱର ଛକସ୍ଥିତ ମା' ବଘେଇଙ୍କ ପୀଠରେ ୧୨ ନମ୍ବର ଜୋନ୍‌ର ମଣ୍ଡଳସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ମଣ୍ଡଳ ସଭାପତି ଅଜୟ କୁମାର ପାଇକରାୟ ପୌରୋହିତ୍ୟ କରିଥିଲେ। ତୃଣମୂଳସ୍ତରରୁ ଦଳର ସଙ୍ଗଠନକୁ ମଜଭୁତ କରିବା ପାଇଁ ଆଲୋଚନା ହୋଇଥିଲା। ଏନେଇ ଭୂଷଣ୍ଡପୁର, ସାନରାଉତପଡ଼ା, ନୂଆଗଡ଼, ଡିଆ, ରାମେଶ୍ୱର, ନିରାକାରପୁର, ଲେଣ୍ଡୋ ଆଦି ୭ ପଞ୍ଚାୟତର ପ୍ରମୁଖ ଦଳୀୟ କର୍ମୀଙ୍କୁ ନେଇ ଏକ ଜୋନ୍‌ସ୍ତରୀୟ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ସନାତନ ବାରିକ, ସୌରଭ ଦାସମହାପାତ୍ର, ମନ୍ମଥ ବେହେରା, ମଧୁସୂଦନ ପାଢ଼ଶାଣୀ, ରଘୁନାଥ ମାଝି, ଗୋପାଳ କୃଷ୍ଣ ଜେନା, ରବୀନ୍ଦ୍ର ରାଉତରାୟ, ଚିତ୍ତରଞ୍ଜନ ତ୍ରିପାଠୀ, ପ୍ରଫୁଲ୍ଲ ଚନ୍ଦ୍ର ଜେନା ପ୍ରମୁଖ ମନୋନୀତ ହୋଇଛନ୍ତି। ଶେଷରେ ପ୍ରଦୋଷ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଭାଜପା ନେତା କେଲୁଚରଣ ଜଗଦେବ, ଅଶୋକ ପାତ୍ର, କୈଳାସ ସାହୁ, ସ୍ୱର୍ଣ୍ଣଲତା ମୁଦୁଲି, ପୁଷ୍ପଲତା ବେହେରା, ଭଗବାନ୍ କର ପ୍ରମୁଖ ଉପସ୍ଥିତ ଥିଲେ।

## ଲୁହାରଡ୍ ଚୋରି ଘଟଣାରେ ଜଣେ ଗିରଫ

ଜଟଣୀ,୧୯।୨(ରବୀନ୍ଦ୍ରନାଥ ମହାକୁଡ଼)

ଲୁହାରଡ୍ ଚୋରି ଘଟଣାରେ ଜଟଣୀ ଥାନା ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ



ଏହି ଥାନା ଅଧୀନ ବେଲପଡ଼ା ଗ୍ରାମର ରୋହିତ କୁମାର ଜେନା ଓରଫ ବାପି (୩୨)। ତାଙ୍କ ନିକଟରୁ ଚୋରି ଲୁହାରଡ୍ ଜବତ ହୋଇଛି। ସୂଚନା ମୁତାବକ, ବେଲପଡ଼ାସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ କାର୍ଯ୍ୟ ପାଇଁ ଲୁହାରଡ୍ ରହିଥିଲା। ଗତ ୧୭ ତାରିଖ ସକାଳେ ଉକ୍ତ ସ୍ଥାନରୁ ବହୁ ଲୁହାରଡ୍ ଚୋରି ହୋଇଥିବା ଦେଖିବାକୁ ମିଳିଥିଲା। ଏନେଇ ସାଇଟ୍ ଇଞ୍ଜିନିୟର ରମେଶ ଚନ୍ଦ୍ର ବିଶ୍ୱାଳଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୭୬/୨୫)ରୁଜୁକରି ତଦନ୍ତ ଚଳାଇବା ସହ ଅଭିଯୁକ୍ତ ରୋହିତଙ୍କୁ ଗିରଫ କରିଥିଲା। ପୂର୍ବରୁ ମଧ୍ୟ ଜଟଣୀ ଥାନାରେ ରୋହିତଙ୍କ ନାମରେ ଏକ ମାମଲା ରହିଥିବା ଥାନା ଅଧିକାରୀ ଷ୍ଟାଲିନ୍ ବିଶ୍ୱାଳ କହିଛନ୍ତି।

# ଆଜିଠୁ ଜିଲା ମହୋତ୍ସବ, ପୁସ୍ତକ ଓ ପଲ୍ଲିଶ୍ରୀ ମେଳା

ଖୋର୍ଦ୍ଧା,୧୯।୨(ପ୍ରଭାତ ପାଣିଗ୍ରାହୀ)

■ ମୁଖ୍ୟ ଆକର୍ଷଣ ଖାଦ୍ୟମେଳା
■ ୧୨ ରାଜ୍ୟର ହସ୍ତତନ୍ତ, ୩୦ ଜିଲାର ଗ୍ରାମୀଣ ସାମଗ୍ରୀ ମିଳିବ

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ମହୋତ୍ସବ, ପୁସ୍ତକମେଳା ଓ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ସ୍ଥାନୀୟ ହାବେଳି ପଡ଼ିଆରେ ଗୁରୁବାରଠାରୁ ଆରମ୍ଭ ହେବ। ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମେଳାରେ ଖୋର୍ଦ୍ଧା ସମେତ ଓଡ଼ିଶାର ୩୦ଟି ଜିଲାର ଶୁଦ୍ଧ ଗ୍ରାମୀଣ ପଦାର୍ଥ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ। ଏଥିସହ ଓଡ଼ିଶା ସମେତ ୧୨ଟି ରାଜ୍ୟର ହସ୍ତତନ୍ତ ଏବଂ ହସ୍ତଶିଳ୍ପ କାରିଗର ଅଂଶଗ୍ରହଣ କରି ହାତତିଆରି ବୁଣାବସ୍ତ୍ର ବିକ୍ରି କରିବେ। ରାଜ୍ୟର ୨୫ଟି ପୁସ୍ତକ ବିକ୍ରେତା ଓ ପ୍ରକାଶନୀ ସଂସ୍ଥା ଭାଗନେବେ। ଖୋର୍ଦ୍ଧା ସମେତ ରାୟଗଡ଼ା, ନୂଆପଡ଼ା, କଳାହାଣ୍ଡି, ମୟୂରଭଞ୍ଜ, କେନ୍ଦୁଝର, ପୁରୀ, ଗଞ୍ଜାମ, କନ୍ଧମାଳ, କୋରାପୁଟ, ସମ୍ବଲପୁର, ସୋନପୁର, ବଲାଙ୍ଗୀର ଏବଂ ବରଗଡ଼ ଜିଲାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟସାମଗ୍ରୀ, ପିପିଲି ଚାନ୍ଦୁଆ, ଟେରାକୋଟା ସାମଗ୍ରୀ, ଶୁଖିଲା ମସଲା, ବିଭିନ୍ନ ପ୍ରକାର ଆଚାର, ବଡ଼ି, ପାପଡ଼, କାନ୍ଦୁଲ ଡାଲି, ଦେଶୀ ମୁଗଡାଲି, ପଥର ଖୋଦିତ ମୂର୍ତ୍ତି, ହସ୍ତତନ୍ତ ପୋଷାକ, ରେଶମ ପାଟ ଏବଂ ସୂତା ଶାଢ଼ି, ହାତତିଆରି ସାମଗ୍ରୀ, ଜୈବିକ ପରିବା, ମାଟିତିଆରି ଉପକରଣ, ବାଉଁଶ ତିଆରି ଘରୋଇ ସାଜସଜ୍ଜା ଆଦି ଉପଲବ୍ଧ ହେବ। ଏଥିସହ ଆସାମ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ମଣିପୁର, ରାଜସ୍ଥାନ, ପଞ୍ଜାବ, ଦିଲ୍ଲୀ, ହିମାଚଳ ପ୍ରଦେଶ, ଗୁଜରାଟ, ବିହାର, ଛତିଶଗଡ଼ ଆଦି ରାଜ୍ୟର ପଥର, ପିତ୍ତଳ ମୂର୍ତ୍ତି, ବନାରସୀ ଶାଢ଼ି, ପାରମ୍ପରିକ ହସ୍ତତନ୍ତ, ପଞ୍ଜାବୀ ଜୋତା, ଚିନାମାଟି ଉପକରଣ, ସୂତାତିଆରି ପୋଷାକ, ପାରମ୍ପରିକ ହିମାଚଳ ପଶମ ପୋଷାକ ଓ ଅଳଙ୍କାର ବାନ୍ଧନୀ, ସିଲ୍କ ଶାଢ଼ି, ଆୟୁର୍ବେଦିକ୍ ଜଡ଼ିବୁଟି ଔଷଧ ବ୍ରିକି ହେବ। ଚଳିତ ବର୍ଷର ମୁଖ୍ୟ ଆକର୍ଷଣ ଖାଦ୍ୟମେଳା ରହିଛି। ଏଥିରେ ଛୋଲେ ବଟୁରେ, ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ, ରାଜସ୍ଥାନୀ କଚୋଡ଼ି, ଛତୁ ପକୋଡ଼ା, ଗୁଜୁରାତି ଢୋକଲା, ବ୍ରହ୍ମପୁର ଚାଟ୍, ପତ୍ରପୋଡ଼ା ମାଂସ, ମସଲା ବରା ଏବଂ ପିଠା ରହିଛି ବୋଲି ଜିଲାପାଳ ଚଞ୍ଚଳ ରାଣା ସୂଚନା ଦେଇଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ନିରାକାରପୁର,୧୯।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ରାମେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଖଜୁରିପଡ଼ା ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଚାଲିଥିବା ୨୯ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗ୍ରାମର ମାନସିକଧାରୀ ମହିଳା ପୁରୁଷ ନିକଟ ପୋଖରୀରୁ ପାଣି ଉଠାଇ ଶୋଭାଯାତ୍ରାରେ ଯାଇ ଯଜ୍ଞମଣ୍ଡପ ନିକଟରେ ପହଞ୍ଚି କଳସ ସ୍ଥାପନା କରିଥିଲେ। ପରେ ରୀତିନୀତି ଅନୁସାରେ ଯଜ୍ଞକର୍ମ ସହ ଧେନୁପୂଜା, ସୂର୍ଯ୍ୟପୂଜା ଆଦି ପାରମ୍ପରିକ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ବୁଧବାର ପୂର୍ଣ୍ଣାହୁତି ଅବସରରେ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଆହୁତି ପ୍ରଦାନ କରାଯାଇଥିଲା। ଏଠାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁକୃପା ଲାଭ କରିଥିଲେ। ଭାସ୍କର ପାତ୍ର, ସନାତନ ବାରିକ, କାହ୍ନା ଷଡ଼ଙ୍ଗୀ, ରାଜା ପାତ୍ର, ତପନ ପାତ୍ରଙ୍କ ସମେତ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଯୁକ୍ତ୨ କଳା, ବାଣିଜ୍ୟ ପରୀକ୍ଷା ଦେଲେ ୧୬୫୪ ଛାତ୍ରୀଛାତ୍ର

ବାଣପୁର,୧୯।୨(ଦିଲୀପ କୁମାର ସ୍ୱାଇଁ)

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ରାଜ୍ୟର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆରମ୍ଭ ହୋଇଯାଇଛି। ମଙ୍ଗଳବାର ବିଜ୍ଞାନ ବିଭାଗ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ବୁଧବାର କଳା ଓ ବାଣିଜ୍ୟ ବିଭାଗର ପରୀକ୍ଷା ଆରମ୍ଭ ହୋଇଛି। କଳା ବିଭାଗରେ ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୧୦ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବା ବେଳେ ବାଣିଜ୍ୟରେ ମାତ୍ର ୭ ଜଣ ପରୀକ୍ଷା ଦେଇଛନ୍ତି। ସେହିପରି ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୩୬, ଗମ୍ଭାରୀମୁଣ୍ଡାସ୍ଥିତ ପର୍ଶୁରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୨, ନାରୁଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୭୨, ବାଲୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୪୨, କୁହୁଡ଼ି ଜନତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୪୩, ଆଙ୍କୁଲାଚଟି ପିବିବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୩ ଛାତ୍ରୀଛାତ୍ରଙ୍କ ସହ ଭେଟେଶ୍ୱର ଭେଟିନାଥ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୯୯ ଜଣ ଛାତ୍ରୀଛାତ୍ର କଳା ବିଭାଗରେ ପରୀକ୍ଷା ଦେଇଛନ୍ତି। ତେବେ ମୋଟ୍ ୧୬୭୩ ଛାତ୍ରୀଛାତ୍ର କଳା ବିଭାଗରେ ପରୀକ୍ଷା ଦେବା ପାଇଁ ଆବେଦନ କରିଥିବା ବେଳେ ପ୍ରଥମ ଦିବସରେ ୨୬ଜଣ ଅନୁପସ୍ଥିତ ଥିଲେ।

କୁଶୁପଲ୍ଲା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ଘାଟିକିଆ ଫାଇନାଲରେ


ମ୍ୟାଚ୍ ଆରମ୍ଭ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଓ ଅନ୍ୟମାନେ।

ବେଗୁନିଆ,୧୯।୨
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଧୀନ କୁଶୁପଲ୍ଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ କଟକର ଜେଜେ କ୍ଲବ୍ ଏବଂ ଘାଟିକିଆର ବଜରଙ୍ଗବାଲୀ ଫୁଟ୍‌ବଲ କ୍ଲବ୍ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୪-୨ ଗୋଲରେ ଘାଟିକିଆର ବଜରଙ୍ଗବାଲୀ ଫୁଟ୍‌ବଲ କ୍ଲବ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ପରିଚାଳକ ଦୟାନ ଖାଁଙ୍କ ଅଧ୍ୟକ୍ଷତାରେ ସାଇ କିସ୍‌କୋ ମ୍ୟାଚ ରେଫରି ଦାୟିତ୍ୱ ତୁଲାଇଥିଲେ। ପ୍ରଫୁଲ୍ଲ ବେହେରା, ପ୍ରିୟବ୍ରତ ବାହିନୀପତି ଏବଂ ସଗିର ଅହମ୍ମଦ ଲାଇନରେ ସହଯୋଗ କରିଥିଲେ। ଫୈଜଲ ହୁସେନ ଖାନ୍ ଭାଷ୍ୟକାର ଦାୟିତ୍ୱ ତୁଲାଇଥିବା ବେଳେ ମିହିର ରଞ୍ଜନ ମହାପାତ୍ର, ଅମ୍‌ଜାଦ୍ ଖାନ୍ ଏବଂ ଏସ୍.କେ. ରମ୍‌ଜାନ ତାଙ୍କୁ ସହଯୋଗ କରିଥିଲେ। ବେଗୁନିଆ ପଞ୍ଚାୟତର ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ବିଡିଓ ଲକ୍ଷ୍ମୀଧର ସାହୁ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ବେଗୁନିଆ ଶାଖା ପରିଚାଳକ ସୁବାଶିଷ ରାୟ, ଅଲ୍ ଇଣ୍ଡିଆ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ନୟାଗଡ଼ର ସାଧାରଣ ସମ୍ପାଦକ ଅନୱାର ଅଲ୍ଲୀ ଖାନ୍, ପରିଚାଳନା ସମ୍ପାଦକ ହଜରତ ଅଲ୍ଲୀ ଖାନ୍, ମଦ୍ରାସା ବିଦ୍ୟାଳୟର ଅଧ୍ୟକ୍ଷ ମୌଲାନା ହଜରତ ମୁଜିବୁର ରେହେମନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର ହାଓଡ଼ା ଫୁଟ୍‌ବଲ କ୍ଲବ୍ ଏବଂ ରାଞ୍ଚିସ୍ଥିତ ଆକୱା ଫୁଟ୍‌ବଲ କ୍ଲବ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି।

## ପୃଥକ୍ ଦୁର୍ଘଟଣା: ୨ ଗୁରୁତର

ଯାଁଳା,୧୯।୨(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଯାଁଳା ଓଭରବ୍ରିଜ୍‌ରେ ବୁଧବାର ପୃଥକ ଦୁର୍ଘଟଣାରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ତେବେ ଆହତଙ୍କ ପରିଚୟ ମିଳି ନ ଥିବା ବେଳେ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ରାତି ୯ଟାରେ ଯାଁଳା ପୋଷ୍ଟ ଅଫିସ ଛକ ନିକଟରେ ଜଣେ ବ୍ୟକ୍ତି ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ଅଜଣା ଗାଡ଼ି ଧକ୍କାରେ ସେ ଗୁରୁତର ଆହତ ହୋଇଥିଲେ। ସେହିଭଳି ରାତି ୧୧ଟାରେ ଏକ କଣ୍ଟେନର ପଛରେ ହାଇୱା ଧକ୍କାଦେବାରୁ ଚାଳକ ଜଣଙ୍କ ଚାପି ହୋଇ ଗୁରୁତର ଆହତ ହୋଇଥିଲେ। ଖବରପାଇ ଇନ୍‌ଫୋଭ୍ୟାଲି ଥାନା ପୋଲିସ ଏବଂ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି କଟର ମେଶିନ ସାହାଯ୍ୟରେ ହାଇୱାକୁ କାଟି ଚାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲ ପଠାଇଥିଲେ। ଦୁର୍ଘଟଣା ଫଳରେ ରାଜପଥ ପ୍ରାୟ ଏକ ଘଣ୍ଟା ଜାମ ହୋଇଥିଲା। ପୋଲିସ ଗାଡିକୁ ସାଇଡ କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

କଳାପଥର,୧୯।୨(ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଠଣାପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧଳାପଥର ସରପଞ୍ଚ ନାରାୟଣ ସାହୁ, ସମିତିସଭ୍ୟ ବିଜୟ କୁମାର ସୁବୁଦ୍ଧି, ରତ୍ନାକର ମହାପାତ୍ର, ସମାଜସେବୀ ଭାଗୀରଥି ଦାଶ, ସ୍କୁଲ କମିଟି ସଭାପତି ଚନ୍ଦ୍ରକାନ୍ତ ପ୍ରଧାନ, ସିଆର୍‌ସିସି ପ୍ରକାଶ ମହାପାତ୍ର, ଲୋକନାଥ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ସମାଜରେ ଶିକ୍ଷାର ସ୍ଥିତି, ଲୋକ ଶିକ୍ଷା, ଖେଳନା ତିଆରି ଉପରେ ଗୁରୁତ୍ୱ ଦେବାକୁ ବକ୍ତବ୍ୟ ରଖିଥିଲେ। ପିଲାମାନେ ନୃତ୍ୟ ଗୀତ ପରିବେଷଣ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଅଭିଭାବକମାନେ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ଟାଙ୍ଗୀ,୧୯।୨(ରଘୁନାଥ ସାହୁ)

ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟଙ୍କୁ ନେଇ ଏକ ବୈଠକ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘର ବାର୍ଷିକ ଉତ୍ସବ ଆସନ୍ତା ମାର୍ଚ୍ଚ ୫ରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ସମ୍ପାଦକ ପୂର୍ବ ବୈଠକର ବିବରଣୀ, ଆୟବ୍ୟୟ ସମ୍ପର୍କରେ ଉପସ୍ଥାପନା କରିଥିଲେ। ଉପସଭାପତି ରାଜକିଶୋର ରଣସିଂହ, କୋଷାଧ୍ୟକ୍ଷ ବିଜୟ କୁମାର ରାଉତ, ଦେବଦତ୍ତ ମହାନ୍ତି, ହିମାଂଶୁ ଭୂଷଣ ରଥ, ପଠାଣି ସୁନ୍ଦରାୟ, ଗୋବିନ୍ଦ ଚନ୍ଦ୍ର ସାହୁ, ପରିକ୍ଷିତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଇଗଲ ସ୍ପୋର୍ଟିଂ ମେଣ୍ଟାଶାଳ ସେମିରେ

ଖୋର୍ଦ୍ଧା,୧୯।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦରଠାରେ ଚାଲିଥିବା ୩ୟ ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ ଇଗଲ ସ୍ପୋର୍ଟିଂ ମେଣ୍ଟାଶାଳ ଟିମ୍ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଜାକୋବିନ କ୍ରିକେଟ କ୍ଲବ ଚୌଦ୍ୱାର ଏବଂ ଇଗଲ ସ୍ପୋର୍ଟିଂ ମେଣ୍ଟାଶାଳ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଜାକୋବିନ କ୍ରିକେଟ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୫ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ତୁଷାର ମୁଦୁଲି ୪୯ରନ କରିଥିଲେ। ଜବାବରେ ଇଗଲ ସ୍ପୋର୍ଟିଂ ଟିମ୍ ୧୧.୫ ଓଭରରେ ୧୨୯ରନ ସଂଗ୍ରହ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଇଗଲ ସ୍ପୋର୍ଟିଂ ଟିମ୍‌ର ସୁଜିତ ପରିଡ଼ା ୪୫ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁନେନ୍ଦ୍ର ଚମ୍ପତିରାୟ ଏବଂ ଝଜ କିଶୋର ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ପାଇକରାୟ ଏବଂ ସନ୍ଦିପ ଛୋଟରାୟ ସ୍କୋରର ଏବଂ ଆଦିତ୍ୟ ବଳିୟାରସିଂହ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। ସୁନୀଲ କୁମାର ରାଉତରାୟ, ସନାଉଲ୍ଲା ମିଆଁ ଏବଂ ଶୁଭ୍ରାଂଶୁ ଚମ୍ପତିରାୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ସତ୍ୟପୀର ସ୍ପୋର୍ଟିଂ କାଇପଦର ଓ ହାଜିପୁର ଜଗତସିଂହପୁର ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।


ଅତିଥିଙ୍କଠାରୁ ଜଣେ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ତାପଙ୍ଗ, ରମାବିଲି ଚାମ୍ପିୟନ

ଜନାବ୍ ହାଜି ଇଦ୍ ମହମ୍ମଦ ୨ୟ ରାଜ୍ୟ, ଗ୍ରାମୀଣସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା,୧୯।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବାଜପୁର ଯୁବକ ସଂଘ ପଡ଼ିଆରେ ବାଜପୁର ଯୁବକ ସଂଘ ଓ ବାଜପୁର ଭଲିବଲ ଆସୋସିଏଶନ, ୟୁନାଇଟେଡ୍ ସ୍ପୋର୍ଟିଂ ସଦସ୍ୟଙ୍କ ଉଦ୍ୟମରେ କ୍ରୀଡ଼ା ଶିକ୍ଷକ ସ୍ୱର୍ଗତ ଜନାବ୍ ହାଜି ଇଦ୍ ମହମ୍ମଦଙ୍କ ସ୍ମୃତିରେ ଅନୁଷ୍ଠିତ ଦ୍ୱିତୀୟ ରାଜ୍ୟ ଏବଂ ଗ୍ରାମୀଣସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ କମିଶନରେଟ ପୋଲିସ, ନାଇଜର, ପୁରୀ ଏବଂ ତାପଙ୍ଗ ଭଲିବଲ ଟିମ୍ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ତାପଙ୍ଗ ଭଲିବଲ ଦଳ ଚାମ୍ପିୟନ ହୋଇଥିବା ବେଳେ ପୁରୀ ଭଲିବଲ ଟିମ୍ ରନର୍ସଅପ୍ ହୋଇଛି। ସେହିପରି ଦ୍ୱିତୀୟ ଦିବସରେ ରମାବିଲି, ବାଜପୁର, ତାପଙ୍ଗ ଏବଂ ଯମୁନା ଭଲିବଲ ଟିମ୍ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ରମାବିଲି ଭଲିବଲ ଦଳ ଚାମ୍ପିୟନ ହୋଇଥିବା ବେଳ ବାଜପୁର ଭଲିବଲ ଟିମ୍ ରନର୍ସଅପ୍ ହୋଇଛି। ରେଫରିଭାବେ ସୁବଳ ପଟ୍ଟନାୟକ, ଜଗନ୍ନାଥ ଦାସ, ରତ୍ନାକର ପ୍ରଧାନ, ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ଭାସ୍କର ବଳିୟାରସିଂହ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ବିଭିନ୍ନ ମ୍ୟାଚରେ ଅତିଥିଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ପ୍ରିୟଦର୍ଶିନୀ, ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ସ୍ଥାନୀୟ ସରପଞ୍ଚ କେଦାରେଶ୍ୱର ପୃଷ୍ଟି, ଦ୍ୱାରିକାନାଥ ମହାନ୍ତି, ଭାଜପା ନେତା ଶ୍ରୀରଞ୍ଜନ ମଙ୍ଗରାଜ, ସାମାଜିକ କର୍ମୀ ସଞ୍ଜୟ କୁମାର ପଟ୍ଟନାୟକ, ପ୍ରଫୁଲ୍ଲ ଦଳେଇ, ବିଷ୍ଣୁ ପ୍ରସାଦ ବଳିୟାରସିଂହ, ଲଳିତ ମୋହନ ବ୍ରହ୍ମା, ରାଧାବଲ୍ଲଭ ରାୟ, ଅକ୍ଷୟ ଦାଶ, ବେଣୁଧର ରାୟପ୍ରୀତମ, ଭାଗୀରଥି ମଙ୍ଗରାଜ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମହମ୍ମଦ ଖୁଦୁସ୍, ଗୁଲାମ ମହମ୍ମଦ, ସିତେଶ ରାୟ, ଜୟଦେବ ମିଶ୍ର, ଆକାଶ, ସୁଧାଂଶୁ ଷଡ଼ଙ୍ଗୀ, ପ୍ରଶାନ୍ତ ସାହୁ, ପଞ୍ଚାନନ ସାହୁ, ବିଷ୍ଣୁ ପ୍ରସାଦ ଦାସ, ଶୁଭକାନ୍ତ ପାଇକରାୟ, କୁଶ ପ୍ରଧାନ, ବିଷ୍ଣୁ ପ୍ରସାଦ ପରିଡ଼ା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

**ସିଂହଦ୍ୱାର ନିକଟରୁ ଲୁନା ଚୋରିକରି ଜଣେ ଗିରଫ**

ପୁରୀ,(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିର ସିଂହଦ୍ୱାର ନିକଟରୁ ଲୁନା ଚୋରି କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣଙ୍କୁ ଗିରଫକରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଚନ୍ଦନପୁର ଥାନା ଅଞ୍ଚଳର ବିପିନ ବିଶ୍ୱାଳ(୨୪)। ପୋଲିସ ତାଙ୍କଠାରୁ ଚୋରି ଲୁନାକୁ ଜବତ କରିଛି। ଏନେଇ ସିଂହଦ୍ୱାର ପୋଲିସ ଏକ ମାମଲା (କେସ୍ ନଂ.୧୮/୨୫) ରୁଜୁ କରିଛି। ଗଞ୍ଜାମ ଜିଲାର ଯୁଧିଷ୍ଠିର ସାହୁଙ୍କ ଅଭିଯୋଗ ଅନୁଯାୟୀ, ସେ ଜଗନ୍ନାଥଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସିଥିଲେ। ମନ୍ଦିର ଭିତରକୁ ଯିବା ପୂର୍ବରୁ ଲୁନାକୁ ସିଂହଦ୍ୱାର ସମ୍ମୁଖ ଗାଡ଼ି ପାର୍କିଂରେ ରଖିଥିଲେ। ଆସିବା ପରେ ଗାଡ଼ି ସେଠାରେ ନ ଥିବା ଦେଖିବାକୁ ପାଇଥିଲେ।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯।୨।୨୦୨୫

| | |
|---|---|
| ୪,୯୦,୯୫୭ ଟଙ୍କା | |
| ସୁନା | ୦.୬୮୦ ଗ୍ରାମ୍ |
| ରୁପା | ୨.୪୦୦ ଗ୍ରାମ୍ |

## ସୋଲାର ପାନୀୟ ଜଳ ପ୍ରକଳ୍ପ, ଆଲୋକୀକରଣ ଅଚଳ

- ଗ୍ରୀଷ୍ମ ପ୍ରବାହରେ ଜଳକ୍ଲିଷ୍ଟ
- ଚୋରି, ରାହାଜାନି ବୃଦ୍ଧି ଆଶଙ୍କା

କୋଣାର୍କ,୧୯।୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍ଏସିର ୧୩ଟି ୱାର୍ଡରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନିମନ୍ତେ ସୋଲାର ପାନୀୟ ଜଳ ପ୍ରକଳ୍ପ ଓ ସୋଲାର ଆଲୋକୀକରଣ ବ୍ୟବସ୍ଥା ନିମନ୍ତେ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଅଧୀନ ଓରେଡା ପକ୍ଷରୁ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଯାହା ଏବେ ଅକାମୀ ହୋଇ ପଡ଼ିଥିବା କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହେଉଛି।

ଖବରରୁ ପ୍ରକାଶ, କୋଣାର୍କ ଏନ୍ଏସିର ୧୩ଟି ୱାର୍ଡରେ ସୋଲାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ସହ ଏନ୍ଏସିରେ ଆଲୋକୀକରଣ ଲାଗି ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର ପ୍ରକ୍ରିୟାରେ ୨୦୧୯ ମସିହାରେ ଏକ ଘରୋଇ ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବାରୁ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ଏହି ସମସ୍ୟା ଯୋଗୁ ଗ୍ରୀଷ୍ମପ୍ରବାହ ଆରମ୍ଭରୁ କୋଣାର୍କ ଏନ୍ଏସିବାସୀ ଜଳକ୍ଲିଷ୍ଟଜନିତ ସମସ୍ୟାରେ ଛଟପଟ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଲାଗିଥିବା ସୋଲାର ଆଲୋକୀକରଣ ପ୍ରକଳ୍ପ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବାରୁ ଅଧିକାଂଶ ଲାଇଟ୍ ଜଳୁ ନ ଥିବାବେଳେ ତୀର୍ଥ ପୁଷ୍କରିଣୀରେ ଲାଗିଥିବା ଲାଇଟ୍ ଗାଏବ ହୋଇଯାଇଥିବା ଦେଖିବାକୁ ମିଳିଛି। ଆଲୋକୀକରଣ ବ୍ୟବସ୍ଥା ନ ରହିବା କାରଣରୁ ଅଞ୍ଚଳରେ ଚୋରି, ରାହାଜାନି ଭଳି ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଉଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉ ନ ଥିବାବେଳେ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ମାସିକ ଦରମା ନେବା କେତେଦୂର ସମୀଚୀନ ତାହା ବୁଦ୍ଧିଜୀବୀ ମହଲରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ଉକ୍ତ ପ୍ରକଳ୍ପ ପାଇଁ ଆସିଥିବା କୋଟି କୋଟି ଟଙ୍କା ପାଣିରେ ପଡ଼ିଲା ବୋଲି ଅଞ୍ଚଳର ବୁଦ୍ଧିଜୀବୀ କହିଛନ୍ତି। ଏ ସମ୍ପର୍କରେ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀଙ୍କୁ ପଚାରିବାରେ, ଯଦି ଏପରି କାର୍ଯ୍ୟ କରାଯାଇଥାଏ, ତେବେ ଉକ୍ତ କମ୍ପାନୀ ବିରୋଧରେ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୋଣାର୍କ ଏନ୍ଏସିରେ ଉକ୍ତ ଯୋଜନାରେ ହୋଇଥିବା ବ୍ୟାପକ ଦୁର୍ନୀତି ଓ ଅନିୟମିତତା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ, ଶକ୍ତି ବିଭାଗ ମନ୍ତ୍ରୀ, ବିଭାଗୀୟ ସଚିବ, ନଗର ଉନ୍ନୟନ ମନ୍ତ୍ରୀ, ବିଭାଗୀୟ ସଚିବ, ମୁଖ୍ୟ ଶାସନ ସଚିବ ଓ ପୁରୀ ଜିଲାପାଳଙ୍କୁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ ଓ କୋଣାର୍କ ଅଞ୍ଚଳର ଜନ ସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।





ଅଚଳ ପଡିଥିବା ସୋଲାର ପାନୀୟ ଜଳ ପ୍ରକଳ୍ପ।

## ନୀତି ଆୟୋଗ ଉପାଧ୍ୟକ୍ଷଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

କୋଣାର୍କ,୧୯।୨ (ଜ୍ୟୋତିରାଜ ମହାନ୍ତି)

ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ ବୁଧବାର ଅପରାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିଲେ। ପ୍ରଥମେ ବ୍ୟାଖ୍ୟାନ କେନ୍ଦ୍ର ଓ ପରେ ସୂର୍ଯ୍ୟମନ୍ଦିର ଭିତରକୁ ଯାଇଥିଲେ। ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଭାବ ବିହ୍ୱଳ ହୋଇଥିଲେ। ସ୍ୱୀକୃତିପ୍ରାପ୍ତ ଗାଇଡ୍ ପ୍ରଦୀପ କୁମାର ମଲ୍ଲ ସୂର୍ଯ୍ୟମନ୍ଦିରର ଐତିହାସିକ କାହାଣୀ ସମ୍ପର୍କରେ ବୁଝାଇଥିଲେ। ଏହି ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ନୀଳମାଧବ ଭୋଇ, ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, କୋଣାର୍କ ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ ସୂର୍ଯ୍ୟମନ୍ଦିର ପରିଦର୍ଶନ କରୁଛନ୍ତି।

## ଅଟକିଲା ଭୂ-ଅଧିଗ୍ରହଣ ମାପଚୁପ

**ପ୍ରସ୍ତାବିତ ସାକ୍ଷୀଗୋପାଳ ରେଳ ଓଭରବ୍ରିଜ୍**

ସାକ୍ଷୀଗୋପାଳ,୧୯।୨ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ପୁରୀ ଜିଲା ପ୍ରଶାସନ ପକ୍ଷରୁ ସାକ୍ଷୀଗୋପାଳ ବଜାର ରାସ୍ତା ସମ୍ପ୍ରସାରଣ ଓ ରେଲ୍‌ୱେ ଓଭରବ୍ରିଜ୍ ନିର୍ମାଣ କରାଯିବ। ପୂର୍ବ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଅଧିଗ୍ରହଣ ହେବାକୁ ଥିବା ଭୂସମ୍ପତ୍ତିର ସୀମା ଚିହ୍ନଟ ନିମନ୍ତେ ଭୂଅଧିଗ୍ରହଣ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ଡେପୁଟି କଲେକ୍ଟର ସୁଶାନ୍ତ କୁମାର ପଟ୍ଟନାୟକ, ଆସିଷ୍ଟାଣ୍ଟ କଲେକ୍ଟର ଆଶୁତୋଷ ଦେ ଓ ସତ୍ୟବାଦୀ ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀଙ୍କ ସମେତ ରାଜସ୍ୱ ନିରୀକ୍ଷକ ଓ ଅମିନ ସାକ୍ଷୀଗୋପାଳ ବଜାରରେ ଜମି ମାପଚୁପ କରିଥିଲେ। ମାତ୍ର ସାକ୍ଷୀଗୋପାଳ ବଜାର ବ୍ୟବସାୟୀ ମହାସଂଘ ଓ ସ୍ଥାନୀୟ କେତେଜଣ ଜନସାଧାରଣ ମାପଚୁପକୁ ବିରୋଧ କରିଥିବା ଦେଖାଯାଇଥିଲା। ଫଳରେ ମାପଚୁପ ଅଧାରୁ ଅଟକି ରହିଥିଲା। ବ୍ୟବସାୟୀମାନେ ୮୦ ଫୁଟ ଜମି ଅଧିଗ୍ରହଣ କରିବା ପରିବର୍ତ୍ତେ ୬୦ ଫୁଟ ମଧ୍ୟରେ ଅଧିଗ୍ରହଣ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଏହି ବିବାଦ ସମ୍ପର୍କରେ ଆଲୋଚନା କରାଯିବାକୁ ସେମାନେ ଦାବି କରିଥିଲେ। ଏହି ବିବାଦ ସମାଧାନ ନିମନ୍ତେ ଆସନ୍ତା ରବିବାର ଏକ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ସାକ୍ଷାତକରି ବଜାର କମିଟି ଉପସଭାପତି ଶଙ୍କର୍ଷଣ ପ୍ରଧାନ ଓ ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର, ବ୍ୟବସାୟୀ ପୃଥ୍ୱୀରାଜ ସାହୁ, ପାପୁନି ଦାଶ, ଅମିୟ କୁମାର ସ୍ୱାଇଁ ପ୍ରମୁଖ ସମାଧାନ ପାଇଁ ଅନୁରୋଧ କରିଥିଲେ।

## ଲୋକାର୍ପଣର ୨ ବର୍ଷ ପରେ ବି ଶୌଚାଳୟରେ ତାଲା

ଚାରିଛକ,୧୯।୨(ଶିଶିର ସ୍ୱାଇଁ)

ଚାରିଛକ ଅଞ୍ଚଳରେ ଏକ ଶୌଚାଳୟ ନିର୍ମାଣ ପାଇଁ ବାରମ୍ବାର ବିଭିନ୍ନ ସଙ୍ଗଠନ ତରଫରୁ ଦାବି ହୋଇ ଆସୁଥିଲା। ଭୋଦର ପଞ୍ଚାୟତ ପାଣ୍ଠିରୁ ୭ଲକ୍ଷ ଟଙ୍କା ବ୍ୟୟବରାଦରେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଏକ ସୁଲଭ ଶୌଚାଳୟ ନିର୍ମାଣ କରାଯାଇଥିଲା। ୨୦୨୨ ଜାନୁଆରୀ ୯ ତାରିଖରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଏହାକୁ ଲୋକାର୍ପଣ କରାଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ସେଠାରେ ତାଲା ଝୁଲୁଛି। ଶୌଚାଳୟଟି ଖୋଲା ରହିଲେ ଚାରିଛକ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସହଯୋଗୀଙ୍କ ସମେତ ଏହି ବାଟଦେଇ ଯାତାୟାତ କରୁଥିବା ଯାତ୍ରୀମାନେ ଉପକୃତ ହୋଇପାରନ୍ତେ। ବର୍ତ୍ତମାନ ଏହି ଗୃହଟି ଗଛଲତାରେ ପରିପୂର୍ଣ୍ଣ ହୋଇ ସରୀସୃପଙ୍କ ଆବାସସ୍ଥଳି ପାଲଟିଛି। ଏଠାରେ ନିଶାଡ଼ିଙ୍କ ଯାତାୟାତ ସବୁବେଳେ ଲାଗି ରହୁଛି। ଏ ସମ୍ପର୍କରେ ବାରମ୍ବାର ସ୍ଥାନୀୟ ସରପଞ୍ଚ ଓ ବିଡିଓଙ୍କୁ ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଞ୍ଚଳବାସୀ କହିଛନ୍ତି।

## ଏରବଙ୍ଗ ପଞ୍ଚାୟତରେ ଭାଜପାର ସାଙ୍ଗଠନିକ ବୈଠକ

ଗୋପ,୧୯।୨(ଭାରତୀ ଭୂଷଣ ଉପାଧ୍ୟାୟ)

ନେତା ଓ ନେତୃତ୍ୱ ହେଉଛି ଆମର ପଦ୍ମଫୁଲ। ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ଦ୍ଦେଶରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ କରାଯିବା ସହିତ ସାଧାରଣ ଲୋକଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଗୋପ ବ୍ଲକ ଅନ୍ତର୍ଗତ ଏରବଙ୍ଗ ପଞ୍ଚାୟତ ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ଭାଜପାର ସାଙ୍ଗଠନିକ ବୈଠକରେ ଯୁବ ମୋର୍ଚ୍ଚା ସଭାପତି ଶିବ ପ୍ରସାଦ ସ୍ୱାଇଁ ଉପସ୍ଥିତ ଶତାଧିକ କର୍ମୀଙ୍କୁ ସୂଚନା ଦେଇଛନ୍ତି। ବରିଷ୍ଠ ଭାଜପା କର୍ମୀ ବାବୁଲି ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସାଂଗଠନିକ ବୈଠକରେ ଶତାଧିକ ଯୁବ କର୍ମୀ, ବୁଥ୍ ସଭାପତିଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ କିପରି ଦଳୀୟ ପ୍ରାର୍ଥୀ ବିଜୟୀ ହେବ, ଗ୍ରାମାଞ୍ଚଳରେ ଥିବା ଗରିବ ପରିବାରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ପାଇବେ, ଗାଁ ନଳକୂପ ବସିବା, ପିଇବା ସମସ୍ୟା, ରାସ୍ତାଘାଟ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମତବ୍ୟକ୍ତ କରିଥିଲେ। ବୈଠକରେ ରଶ୍ମିରଞ୍ଜନ ଦଳାଇ, କାଳନ୍ଦୀ ଚରଣ ଜେନା, ବିଜୟ କୁମାର ସ୍ୱାଇଁ, ଯୋଗେନ୍ଦ୍ର ଜେନାଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।



ବୁଧବାର କୋଣାର୍କ ନୃତ୍ୟ ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ପଞ୍ଚଦେବ ସ୍ତୁତି, ଓଡ଼ିଶୀନୃତ୍ୟରେ ବିମୋହିତ ହେଲେ ଦର୍ଶକ

**୩୯ତମ କୋଣାର୍କ ନୃତ୍ୟ, ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ**

କୋଣାର୍କ,୧୯।୨(ଜ୍ୟୋତିରାଜ ମହାନ୍ତି)

ସ୍ୱର୍ଗତ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ମାନସ ସନ୍ତାନ କୋଣାର୍କ ଅର୍କବିହାର ନାଟ୍ୟମଣ୍ଡପଠାରେ ୩୯ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ସମାରୋହରେ ଅତିଥିଭାବେ ଜଗତସିଂହପୁର ଏମ୍‌ପି ଡ. ବିଭୁପ୍ରସାଦ ତରାଇ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ନାଟ୍ୟମଣ୍ଡପ ସମ୍ପାଦକ ଶିବାଶିଷ ପ୍ରଧାନ, ସ୍ୱର୍ଗତ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଧର୍ମପତ୍ନୀ ସୁଲୋଚନା ପ୍ରଧାନ ପ୍ରମୁଖ ଯୋଗଦେଇ ଶୁଭାରମ୍ଭ କରିଥିଲେ।

ପ୍ରଥମେ ଘଣ୍ଟ, ମର୍ଦ୍ଦଳ ଓ ଶଙ୍ଖଧ୍ୱନି ତାଳେତାଳେ ବାବା ବାଲୁଙ୍କେଶ୍ୱର ମହାଦେବଙ୍କ ଆଜ୍ଞାମାଳ ମଞ୍ଚରେ ବିଜେ କରାଯାଇଥିଲା। ପରେ କୋଣାର୍କ ନାଟ୍ୟମଣ୍ଡପ କଳାକାରମାନଙ୍କ ଦ୍ୱାରା ପରିବେଷିତ ପଞ୍ଚଦେବ ସ୍ତୁତି ଦର୍ଶକଙ୍କ ମନ ମୋହିଥିଲା। ନାଟ ମଣ୍ଡପ ଓ ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀ କଳାକାରମାନଙ୍କ ଦ୍ୱାରା ଗୁରୁ ଗଙ୍ଗାଧର ବନ୍ଦନା ପରିବେଷଣ ହୋଇଥିଲା। ଏହା ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ ଓ ବିମୋହିତ କରିଥିଲା। ପରେ ଗୁରୁ ଧନେଶ୍ୱର ସ୍ୱାଇଁଙ୍କ ଦ୍ୱାରା ମର୍ଦ୍ଦଳ ପରିବେଷଣ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କୋଲକାତାର ସଙ୍କଳ୍ପ ନୃତ୍ୟାୟନ କଳାକାରଙ୍କ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ରଘୁରାଜପୁର ଦଶଭୁଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ଗୋଟିପୁଅ ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଓ ବିଭିନ୍ନ ସ୍ଥାନରୁ ସାହିତ୍ୟିକ, କବି କବୟିତ୍ରୀମାନେ ଯୋଗଦାନ କରି ସ୍ୱରଚିତ କବିତାମାନ ପାଠ କରିଥିଲେ। ୩୯ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବରେ ଅର୍ପିତା ସେନ ଓ ନିରଞ୍ଜନ ପାଲତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନାଟ୍ୟମଣ୍ଡପର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ଅସ୍ତରଙ୍ଗ ଓ କାକଟପୁର ବ୍ଲକ୍‌ରେ ୨୪୩୮ ପରୀକ୍ଷାର୍ଥୀ

କାକଟପୁର/ଅସ୍ତରଙ୍ଗ,୧୯।୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଫେବୃଆରୀ ୨୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଚଳିତ ବର୍ଷର ୧୦ମ ଶ୍ରେଣୀ ପରୀକ୍ଷା। ଏଥିପାଇଁ ଅସ୍ତରଙ୍ଗ ବ୍ଲକ୍ ଅଞ୍ଚଳରେ ୫ଟି ପରୀକ୍ଷା କେନ୍ଦ୍ରରେ ୯୨୨ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ୍ ସେଣ୍ଟର କରାଯାଇଛି। ଅପରପକ୍ଷେ ପରୀକ୍ଷା ପରିଚାଳନାରେ କୌଣସି ତ୍ରୁଟି ନ ରୁହେ କଡ଼ା ନଜର ରଖିବାକୁ ବିଡିଓ ଓ ତହସିଲଦାରଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି କାକଟପୁର ଉଚ୍ଚ ବିଦ୍ୟାଳୟକୁ ନୋଡାଲ୍ ସେଣ୍ଟର କରାଯାଇଥିବା ବେଳେ କାକଟପୁର ବ୍ଲକ ଅଞ୍ଚଳର ୬ଟି କେନ୍ଦ୍ରରେ ୧୫୧୬ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପ୍ରତିଦିନ ପରୀକ୍ଷା ପ୍ରଶ୍ନପତ୍ର ନୋଡାଲ୍ ସେଣ୍ଟରରୁ ସେହିଦିନ ପରୀକ୍ଷା କେନ୍ଦ୍ରକୁ ଯିବ।

## ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ସ୍ଥାନାନ୍ତରକୁ ଗ୍ରାହକଙ୍କ ବିରୋଧ

ପୁରୀ,୧୯।୨(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ସ୍ଥାନାନ୍ତରକୁ ନେଇ ବୁଧବାର ଗ୍ରାହକଙ୍କ ପ୍ରତିବାଦ ଦେଖିବାକୁ ମିଳିଛି। ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ନବକଳେବର ଶାଖା ବଡ଼ଶଙ୍ଖ ଗ୍ରାଣ୍ଡ ରୋଡ଼ସ୍ଥିତ ଏଚ୍ଆର୍ ଲଜ୍‌ର ପ୍ରଥମ ମହଲାରେ ଦୀର୍ଘ ବର୍ଷ ଧରି କାର୍ଯ୍ୟକ୍ଷମ ହୋଇଆସୁଛି। ବଡ଼ଶଙ୍ଖ ଅଞ୍ଚଳର ଛୋଟ ବଡ଼ ମଧ୍ୟମ ବ୍ୟବସାୟୀ ଏହି ବ୍ୟାଙ୍କରେ ଖାତା ଖୋଲି ଗ୍ରାହକ ସେବା ପାଇ ଆସୁଥିଲେ। ଏହାସହ ଅବକାଶ ଲେନ, କୁମ୍ଭାରପଡ଼ା, ବଡ଼ଶଙ୍ଖ, ସଂଗ୍ରାମ କ୍ଲବ ଗଳି ସମେତ ଆଖପାଖ ସାହିବାସିନ୍ଦା ଏହି ବ୍ୟାଙ୍କରେ ଟଙ୍କା ଜମା ଓ ଉଠାଣ କରି ଆସୁଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ବ୍ୟାଙ୍କଟିକୁ ସିଂହଦ୍ୱାର ଅଞ୍ଚଳରେ ଖୋଲିବାକୁ ମସୁଧା ଚଳାଇ ଥିବାରୁ ଗ୍ରାହକମାନେ ଏଥିରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଫଳରେ ବ୍ୟାଙ୍କର ଏପରି ନିଷ୍ପତ୍ତିକୁ ବିରୋଧ କରି ବ୍ୟାଙ୍କ ସମ୍ମୁଖରେ ଗ୍ରାହକମାନେ ବିକ୍ଷୋଭ ଓ ପ୍ରତିବାଦ କରିବା ସହ ବ୍ୟାଙ୍କ ପରିଚାଳକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ୟାଙ୍କ ଯଦି ସ୍ଥାନାନ୍ତର କରାଯିବ, ତେବେ ଗ୍ରାହକ ଆନ୍ଦୋଳନର ରାସ୍ତା ଆପଣାଇବେ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ବଡ଼ଶଙ୍ଖ ବ୍ୟବସାୟୀ ସଂଘ ସଭାପତି ହରିହର ପାଢ଼ୀଙ୍କ ନେତୃତ୍ୱରେ ପ୍ରସନ୍ନ କୁମାର ଲେଙ୍କା, ରାଧାଶ୍ୟାମ ସାହୁ, ବସନ୍ତ ପ୍ରଧାନ, ସୁକାନ୍ତ ବେହେରା, ନାରାୟଣ ପ୍ରଧାନ, ପ୍ରଦୀପ ଦାସ, ଭବାନୀ ଶଙ୍କର ସାହୁଙ୍କ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।





ଗ୍ରାମ୍ୟବ୍ୟାଙ୍କ ସ୍ଥାନାନ୍ତର ନେଇ ଗ୍ରାହକମାନେ ପ୍ରତିବାଦ କରୁଛନ୍ତି।

## ୧୭ତମ ଅହୋରାତ୍ର ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ପିପିଲି,୧୯।୨(ଦୁର୍ଗା ମାଧବ ମିଶ୍ର)

ପିପିଲି ବ୍ଲକ ତେଇଶିପୁର ପଞ୍ଚାୟତ ଅନ୍ତର୍ଗତ ପୋଟଳ ପାଟଣାସାହିରେ ଥିବା ମା' କ୍ଷେତ୍ରପାଳୀଙ୍କ ପ୍ରାଙ୍ଗଣରେ ୧୭ତମ ଅହୋରାତ୍ର ଅଷ୍ଟପ୍ରହର ନମଯଜ୍ଞ ଶେଷ ହୋଇଛି। ଶନିବାର ଠାରୁ ଆରମ୍ଭ ହୋଇ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ଆଖପାଖ ଗ୍ରାମରୁ ନାମ ସଂକୀର୍ତ୍ତନ ପରିବେଷଣ କରିବା ପାଇଁ ତାଙ୍କର ସମର୍ଥକମାନେ ଯୋଗ ଦେଇଥିଲେ। ବାବାଜୀ ଲକ୍ଷ୍ମଣ ଦାସଙ୍କ ପୌରହିତ୍ୟରେ ନାମ ସଂକୀର୍ତ୍ତନ ଆରମ୍ଭ କରାଯାଇଥିବା ବେଳେ କୁଳ ପୁରୋହିତ ଭାବେ ବାଉରୀବନ୍ଧୁ ପଣ୍ଡା ନିୟୋଜିତ ଥିଲେ। କୁଶଚନ୍ଦ୍ର ନାୟକ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମାନସ ସାହୁ, ତ୍ରିନାଥ ଭଞ୍ଜ, କାଳନ୍ଦୀ ଚରଣ ଭଞ୍ଜ, ପ୍ରଶାନ୍ତ ଭଞ୍ଜ, ସନ୍ତୋଷ ସାହୁ, କୃଷ୍ଣଚନ୍ଦ୍ର ଭଞ୍ଜ, ଚନ୍ଦନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକଙ୍କ ସହାୟତା ପାଇଁ ପୋଲିସ ସଙ୍କଳ୍ପବଦ୍ଧ



ନିମାପଡ଼ା ଥାନା ପରିସରରେ ଥାନାଧିକାରୀ ଓ ବରିଷ୍ଠ ନାଗରିକମାନେ।

**୩୫ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର**

ନିମାପଡ଼ା,୧୯।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପୋଲିସ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ପରିଚୟ ପ୍ରଦାନ ଶୀର୍ଷକ ଏକ ସମାରୋହ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଆଇଆଇସି ବାମଦେବ ସ୍ୱାଇଁ, ଏସ୍ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ, ନିମାପଡ଼ା ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରମୋଦ ଚନ୍ଦ୍ର ମହାନ୍ତି, ସମ୍ପାଦକ ଦିଗମ୍ବର ନାୟକ, ସହସମ୍ପାଦକ ଦୀନବନ୍ଧୁ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକମାନେ ସମାଜର ଏକ ଅଙ୍ଗ, ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ଭିତ୍ତିରେ ସମସ୍ତ ପ୍ରକାର ସହାୟତା ପାଇଁ ପୋଲିସ ସଙ୍କଳ୍ପବଦ୍ଧ ବୋଲି ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି। ଏହି ସମାରୋହରେ ନିମାପଡ଼ା ଥାନା ପକ୍ଷରୁ ୩୫ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସମାରୋହରେ ନିମାପଡ଼ା ଏସ୍ଆଇ ଦିଲୀପ କୁମାର ପଣ୍ଡା, ଏଏସ୍ଆଇ ଲକ୍ଷ୍ମୀକାନ୍ତ ମହାନ୍ତି, ଏଏସ୍ଆଇ ଶରତ କୁମାର ମଲ୍ଲିକ, ଏଏସ୍ଆଇ ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ସମେତ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା, ସଦସ୍ୟମାନେ ଉପସ୍ଥିତ ଥିଲେ।

## 'ଭୋଗବାଦର ଅନଳ ଭୂମିରେ ଶୀତଳତାକୁ ଖୋଜୁଛି ସାହିତ୍ୟ'

**ପୁରୀ ଲିଟରେଚର୍ ଫେଷ୍ଟିଭାଲ**

ପୁରୀ,୧୯।୨(ଅଜିତ୍ କୁମାର ମହାନ୍ତି)

ପ୍ରକାଶନ ସଂସ୍ଥା 'ଧଉଳି ରିଭ୍ୟୁ ଟ୍ରଷ୍ଟ' ଭୁବନେଶ୍ୱର ଦ୍ୱାରା ଦ୍ୱିତୀୟ ପୁରୀ ଲିଟରେଚର୍ ଫେଷ୍ଟିଭାଲ-୨୦୨୫ ଗତ ଦୁଇଦିନ ଧରି ଆୟୋଜିତ ହୋଇଯାଇଛି। ପ୍ରଥମ ଦିବସ କାର୍ଯ୍ୟକ୍ରମକୁ ସାହିତ୍ୟିକ ଦାଶବେନହୁର ଉଦ୍‌ଘାଟନ କରି ସାମ୍ପ୍ରତିକ ସାହିତ୍ୟ ତ୍ୟାଗର ତପୋବନରୁ ବାହାରି ଭୋଗବାଦର ଅନଳ ଭୂମିରେ ଶୀତଳତାକୁ ଖୋଜି ହେଉଛି ବୋଲି କହିଥିଲେ। ଧଉଳି ରିଭ୍ୟୁ ଟ୍ରଷ୍ଟ ନିର୍ଦ୍ଦେଶକ ତଥା କବି ମନୁ ଦାଶ ଏବଂ ଶିକ୍ଷାବିତ୍ ସତ୍ୟ ମହାନ୍ତି ସେମାନଙ୍କ ଅଭିଭାଷଣ ରଖିଥିଲେ। ଶିକ୍ଷାବିତ୍ ଡ. ପ୍ରସନ୍ନ ସ୍ୱାଇଁଙ୍କ ସଭାପତିତ୍ୱରେ 'ଆଜିର କବିତା' ଶୀର୍ଷକ ଆଲୋଚନାରେ କବି ଡ. ପ୍ରଦୀପ ପଣ୍ଡା, ଭାଗିରଥୀ ମିଶ୍ର, ଡ. ଦିଲୀପ କୁମାର ସ୍ୱାଇଁ ଏବଂ କାମଦେବ ମହାରଣା ଯୋଗଦେଇ ସାମ୍ପ୍ରତିକ କବିତାର ବୈଶିଷ୍ଟ୍ୟ ଓ ପାଠକୀୟ ସ୍ୱୀକୃତି ତଥା ଏହାର ଭବିଷ୍ୟତ ବିଷୟରେ ଆଲୋଚନା କରିଥିଲେ। ସେହିପରି କ୍ଲାସିକ ସାହିତ୍ୟ ବିଷୟରେ ଆଲୋଚନା ତଥା ମନୁ ଦାଶଙ୍କ ଦ୍ୱାରା ସମ୍ପାଦିତ ତଥା ପେଙ୍ଗୁଇନ୍ ର୍‍ୟାମଣ୍ଡମ ହାଉସ୍ ଇଣ୍ଡିଆ ଦ୍ୱାରା ପ୍ରକାଶିତ ପୁସ୍ତକ ଦିବିଗ୍ ଅଫ୍ ଓଡ଼ିଆ ଲିଟେରେଚର ଉପରେ ତଥ୍ୟ ସମ୍ବଳିତ ନିବନ୍ଧ ଅନୁବାଦକ ଡ. ଚିତ୍ତରଞ୍ଜନ ମିଶ୍ର ପାଠ କରିଥିଲେ। ଅପରାହ୍ନରେ ଡ. ଦିଲୀପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ହୋଇଥିଲା। ଦ୍ୱିତୀୟ ଦିବସରେ ଗଳ୍ପ ଆଲୋଚନାରେ ଗାଳ୍ପିକ ପରେଶ ପଟ୍ଟନାୟକ, ସଦାନନ୍ଦ ତ୍ରିପାଠୀ, ସହଦେବ ସାହୁ ଏବଂ ମୌସୁମୀ ଦାସ ଅଂଶଗ୍ରହଣ କରିଥିବାବେଳେ ମହାପ୍ରଭୁଙ୍କ ନବକଳେବର ଆଲୋଚନାରେ ମିହିର କୁମାର ସାହୁ ଓ ଲିପି ପରିଡ଼ା ବକ୍ତବ୍ୟ ରଖିଥିଲେ। ପୁରୀ ଶବ୍ଦାବଳୀ ଏବଂ ଓଡ଼ିଆ ସାହିତ୍ୟ ଅଧିବେଶନରେ ଚିନ୍ମୟ ବିବେକ ଓ ଦେବୀପ୍ରସନ୍ନ ନନ୍ଦ ଏବଂ 'ସାଂସ୍କୃତିକ ନବଜାଗରଣରେ ପୁରୀର ଭୂମିକା' ଶୀର୍ଷକ ଅଧିବେଶନରେ ଅସିତ ମହାନ୍ତି, ଶଙ୍କର ନାରାୟଣ ମଲ୍ଲିକ, ନିହାର ଶତପଥୀ ଓ ରଶ୍ମୀ ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଶେଷ ଅଧିବେଶନରେ ସୁରେଶ ନାୟକଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ହୋଇଥିଲା। ଅଭିନନ୍ଦିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳକ ଦାୟିତ୍ୱ ତୁଲାଇଥିଲେ।



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ଅଭିନେତା ସୋହମ୍ ସିଂଙ୍କୁ ହୃଦ୍‌ଘାତ

ଭୁବନେଶ୍ୱର,୧୯।୨ (ସୌମ୍ୟରଞ୍ଜନ ରାଉତ) – ଅଭିନେତା, ପ୍ରଯୋଜକ ଓ ଗାୟକ ସୋହମ୍ ସିଂ ମଙ୍ଗଳବାର ହୃଦଘାତରେ ଆକ୍ରାନ୍ତ ହୋଇଛନ୍ତି। ସେ ଏକ ଘରୋଇ ହସ୍ପିଟାଲରେ ଆଇସିୟୁରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିରଥିବା ଜଣାପଡ଼ିଛି। ତାଙ୍କ ଅଭିନୀତ ଚଳଚ୍ଚିତ୍ର ଅଜାତଶତ୍ରୁ, ଆଇ ଲଭ ୟୁ ପ୍ରିୟା ଏବଂ ରାଉଡି ରାଜା ଖୁବ୍ ଲୋକପ୍ରିୟତା ହାସଲ କରିଥିଲା। ଆଗକୁ ଏକ ବଡ଼ ବଜେଟର ଆକ୍ସନ ସିନେମା ଆଲ୍ଲୀ ବଜରଙ୍ଗୱାଲିରେ ସୋହମ୍ ଏକ ନିଆରା ଭୂମିକାରେ ନଜର ଆସୁଛନ୍ତି। ଓଲିଉଡ୍‌ର ସମସ୍ତ କଳାକାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ କାମନା ପାଇଁ ପ୍ରାର୍ଥନା କରିଛନ୍ତି।

### ବାଲି ଚାଲାଣ ଉପରେ ପୋଲିସର ଚଢ଼ାଉ, ୨ ଟ୍ରାକ୍ଟର ଜବତ

ତ୍ରିଶୂଳିଆ (ତୁଷାରକାନ୍ତ ବେହେରା): ବାରଙ୍ଗ ତହସିଲ ଅଧୀନ ଗୋଡ଼ିସାହି ଫାଣ୍ଡି ଅଞ୍ଚଳରେ ମଙ୍ଗଳବାର ରାତିଅଧରେ ବେଆଇନ ଭାବେ ରତାଗଡ଼ ନିକଟ ପୁରୀ ମୁଖ୍ୟ କେନାଲ କଡ଼ରୁ ଜେସିବି ସାହାଯ୍ୟରେ ଟ୍ରାକ୍ଟରରେ ବାଲି ଉଠାଇ ଅନ୍ୟତ୍ର ଚାଲାଣ କରୁଥିଲେ। ଖବର ପାଇ ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ଫାଣ୍ଡି ଅଧିକାରୀ ବିଚିତ୍ରା ନନ୍ଦ ପ୍ରଧାନଙ୍କ ସମେତ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲା। ଚଢ଼ାଉରେ ୨ଟି ଟ୍ରାକ୍ଟର (ଓଡି ୦୫ ବିଆର ୦୪୪୬ ଓ ଓଡି ୦୫ ବିଜେ ୪୨୮୭) ସହ ଜେସିବି ଜବତ କରି ଫାଣ୍ଡି ପରିସରକୁ ନିଆଯାଇଛି। ତେବେ ଦିନକୁ ଦିନ ବାରଙ୍ଗରେ ବାଲି ଓ ଖଣି ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି।

### ଗୁଳିକରି ହତ୍ୟା ମାମଲାରେ ଅଭିଯୁକ୍ତ ଗିରଫ

ଚୌଦ୍ୱାର,୧୯।୨ (ଆଶୁତୋଷ ଦାସ)

୨୦୧୯ରେ ହୋଇଥିବା ଏକ ହତ୍ୟା ମାମଲାରେ ଚୌଦ୍ୱାର ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଢେଙ୍କାନାଳ ସଦର ଥାନା କଦମପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକ। ପୋଲିସ ସୂଚନାନୁଯାୟୀ, ପୂର୍ଣ୍ଣଚନ୍ଦ୍ର ଓ ତାଙ୍କର ଆଉ ୩ ଜଣ ସହଯୋଗୀ ଢେଙ୍କାନାଳର ଜଣେ ବ୍ୟବସାୟୀ ଲାଲା ଲଳିତକୁମାର ସିଂଙ୍କୁ ନୂଆପାଟଣା ମଧୁସେତୁ ଉପରେ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ୩୪୩/୧୯ରେ ଏକ ମାମଲା ରୁଜୁ କରିଥିବାବେଳେ ଅତିରିକ୍ତ ଆଇଆଇସି ସସ୍ମିତା ଖିଲାର ଘଟଣାର ତଦନ୍ତ ଜାରି ରଖିଥିଲେ।

# ବିମାନବନ୍ଦରରେ ପାଠାଗାର 'ଫ୍ଲାଏବ୍ରରି'

## ପୁସ୍ତକ ପ୍ରେମୀଙ୍କ ପାଇଁ ନିଆରା ପ୍ରୟାସ

ଭୁବନେଶ୍ୱର,୧୯।୨ (ସୁଚିସ୍ମିତା ସାହୁ)



ପାଠାଗାର 'ଫ୍ଲାଏବ୍ରରି'ରେ ପୁସ୍ତକପ୍ରେମୀମାନେ ପଠନ କରୁଛନ୍ତି।

ବକୁଳ ଫାଉଣ୍ଡେଶନ ଏବଂ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସମ୍ମିଳିତ ଉଦ୍ୟମରେ ଭୁବନେଶ୍ୱର ବିମାନ ବନ୍ଦରରେ ଏକ ପାଠାଗାର ଖୋଲାଯାଇଛି। ଏହାର ନାମ 'ଫ୍ଲାଏବ୍ରରି' ରହିଛି। ବିମାନ ବନ୍ଦରରୁ ଯାତ୍ରା କରୁଥିବା ଯାତ୍ରୀମାନେ ଏହି ପାଠାଗାରରେ ଥିବା ବହି ପଢ଼ିବାର ସୁଯୋଗ ପାଇପାରିବେ। ଯଦି ପଢ଼ିକି ବହିଟି ଶେଷ କରି ନ ପାରିଲେ ତେବେ ଚାହିଁଲେ ସାଙ୍ଗରେ ମଧ୍ୟ ନେଇପାରିବେ। ପୁଣି ଭୁବନେଶ୍ୱର ଆସିଲେ ବହିଟିକୁ ବିମାନବନ୍ଦରରେ ଥିବା ବହି ଥାକରେ ଫେରାଇଦେବେ। ଭାରତରେ ଏଭଳି ପ୍ରୟାସ ପ୍ରଥମ। ଯେଉଁଠାରେ ଯାତ୍ରୀମାନେ ବିନା ଅର୍ଥରେ ମାଗଣାରେ ପଢ଼ିବା ପାଇଁ ବହି ନେଇ ପାରିବେ। ଭାରତରେ କିଛିଟା ବିମାନ ବନ୍ଦରରେ ପାଠାଗାର ସୁବିଧା ରହିଛି। କିନ୍ତୁ ସେଠାରୁ ପୁସ୍ତକ ସାଙ୍ଗରେ ନେବାକୁ ଅନୁମତି ନ ଥାଏ। ସାଙ୍ଗରେ ନେଇଥିବା ପୁସ୍ତକକୁ ବିମାନ ବନ୍ଦରର ଫ୍ଲାଏବ୍ରରୀରେ ରଖିପାରିବେ, ନଚେତ ବକୁଳ ଫାଉଣ୍ଡେଶନକୁ ପଠାଇପାରିବେ। ଏଥିସହ ନିଜର ପୁରୁଣା ବହି ମଧ୍ୟ ଏଠାରେ ରଖିପାରିବେ। ଏଠାରେ ଇଂଲିଶ, ହିନ୍ଦୀ ଏବଂ ଓଡ଼ିଆରେ ପୁସ୍ତକ ଅଛି। ଏଠାରେ କଫି ଟେବୁଲ୍ ବହି, ନ୍ୟାଶନାଲ୍ ଜିଓଗ୍ରାଫିକ୍ ପରି ପତ୍ରିକା, ଉପନ୍ୟାସ, ସ୍ୱୟଂ ସହାୟକ ଏବଂ ପ୍ରେରଣାତ୍ମକ ବହି ରହିଥିବା ବେଳେ ପିଲାଙ୍କ ପୁସ୍ତକ, ଛବି ବହି, ଗଳ୍ପ ବହି ଓ ପତ୍ରିକା ମଧ୍ୟ ରହିଛି। ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର କହିଛନ୍ତି ଯେ, ୧୨ବର୍ଷ ପୂର୍ବେ ଯେତେବେଳେ ବକୁଳର ଜଣେ ଶୁଭଚିନ୍ତକ ବନ୍ଦନା ପଟ୍ଟନାୟକ ଏସ୍ତୋନିଆ ଦେଶର ଟାଲିନ୍ନ ବିମାନବନ୍ଦରରେ ସମାନ ଲାଇବ୍ରେରିର ଫଟୋ ପଠାଇଥିଲେ। ସେତେବେଳେ ଫ୍ଲାଏବରିର ମଞ୍ଜି ରୋପଣ କରାଯାଇଥିଲା। ବିମାନବନ୍ଦରରେ ଏହା ଆମର ପ୍ରଥମ ଲାଇବ୍ରେରି, କିନ୍ତୁ ପୂର୍ବରୁ ଜନସାଧାରଣ ସ୍ଥାନରେ ମାନବହୀନ ପାଠାଗାରର ସମାନ ପରୀକ୍ଷଣ କରିଛୁ ବୋଲି ମହାପାତ୍ର କହିଛନ୍ତି।

ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସହାୟତାରେ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱର ବିମାନ ବନ୍ଦରରେ ଏହି ପାଠାଗାର ପ୍ରତିଷ୍ଠା କରାଯାଇଥିଲା। ଏବେ ଲୋକମାନେ ଖାଲି ବହି ନେଉଛନ୍ତି। ସେଥିପାଇଁ ପ୍ରତ୍ୟେକ ଦିନ ଥାକ ଖାଲି ହୋଇଯାଉଛି । ପ୍ରତିଦିନ ବହି ଥାକ ପୁନଃସ୍ଥାପନ କରିବାକୁ ପଡୁଛି। କିନ୍ତୁ କିଛି ମାସ ପରେ ବହି ଥାକକୁ ପୁନଃସ୍ଥାପନ କରିବାକୁ ପଡ଼ିବ ନାହିଁ। କାରଣ ଲୋକମାନେ ବିମାନବନ୍ଦରରେ ହିଁ ପୁସ୍ତକ ଦେବା ଆରମ୍ଭ କରିବେ। ଲେଖକ ଏବଂ ପ୍ରକାଶକମାନେ ମଧ୍ୟ ସେମାନଙ୍କ ପୁସ୍ତକଗୁଡ଼ିକୁ ବିମାନ ବନ୍ଦରରେ ଯାତ୍ରୀଙ୍କ ପଢ଼ିବା ପାଇଁ ବହି ଦାନ କରିବେ ବୋଲି ମହାପାତ୍ର କହିଛନ୍ତି।

# ଖଣ୍ଡା ବୁଲାଇ ଶୋଭାଯାତ୍ରା


ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀରେ ଖଣ୍ଡା ବୁଲାଇ ଶୋଭାଯାତ୍ରା କରାଯାଉଛି।

ଭୁବନେଶ୍ୱର,୧୯।୨ (ସତ୍ୟଜିତ୍ ରାଉତ)

ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀ ଅବସରରେ ବୁଧବାର ରାମସେନା ଜନସେବା ପକ୍ଷରୁ ଭୁବନେଶ୍ୱର ଜନପଥରେ ଶୋଭାଯାତ୍ରା କରାଯାଇଛି। ଏହି ଶୋଭାଯାତ୍ରାରେ ଆୟୋଜକମାନେ ଖଣ୍ଡା ବୁଲାଇ ଉତ୍ସବ ମନାଇଛନ୍ତି, ଯାହାର ଏକାଧିକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଶୋଭାଯାତ୍ରାବେଳେ ଖଣ୍ଡା ବୁଲାଯିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶହୀଦନଗର ଦୁର୍ଗାପୂଜା ମଣ୍ଡପରୁ ରାମ ମନ୍ଦିର ପର୍ଯ୍ୟନ୍ତ ଅପରାହ୍ନରୁ ଏହି ଶୋଭାଯାତ୍ରା ଆୟୋଜନ କରାଯାଇଥିବାବେଳେ ଶତାଧିକ ଯୁବତୀଯୁବକ ଏଥିରେ ଭାଗ ନେଇଥିଲେ। ଡିଜେ ସହ ରକ୍ତଚରିତ୍ର ଏବଂ ଅନ୍ୟାନ୍ୟ ଗୀତର ତାଳେ ତାଳେ ଯୁବକମାନେ ଖଣ୍ଡା ବୁଲାଇ ନାଚୁଥିବା ଦେଖିବାକୁ ଭିଡିଓରୁ ମିଳିଛି। ତେବେ ଖଣ୍ଡା ବୁଲାଯିବାକୁ ନେଇ ଉକ୍ତ ଅଞ୍ଚଳ ପରିଧିରେ ଯାଉଥିବା ଶହୀଦନଗର ଥାନା କିମ୍ବା ଖାରବେଳନଗର ଥାନାରେ କୌଣସି ଏତଲା ହୋଇନାହିଁ। ଏନେଇ ଶହୀଦନଗର ଥାନା ଅଧିକାରୀ ସୁଚିତ୍ର ଦାସ କହିଛନ୍ତି, ୨୫୦ ଜଣ ସଦସ୍ୟରେ ଶୋଭାଯାତ୍ରା କରାଯିବା ପାଇଁ ସଂଗଠନ ପକ୍ଷରୁ ଅନୁମତି ନିଆଯାଇଥିଲା। ଖଣ୍ଡାବୁଲାଯିବାକୁ ନେଇ ଏଯାଏ କୌଣସି ରିପୋର୍ଟ ହୋଇ ନ ଥିବାବେଳେ ଭିଡିଓ ଆଧାରରେ ପ୍ରାଥମିକ ତଦନ୍ତ ଚାଲିଥିବା ଥାନାଧିକାରୀ ଦାସ କହିଛନ୍ତି।

# ବାବାମାନଙ୍କ ମିଛ ଅଲୌକିକତା ଉପରୁ ବିଶ୍ୱାସ ତୁଟୁନି


ଉତ୍ତର ପୁରୁଷ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ ଉତ୍ସବରେ ବୁଧବାର ସନ୍ଧ୍ୟାରେ ପରିବେଷିତ 'ଉତ୍ତର ଦୟାଦ'ର ଏକ ଦୃଶ୍ୟ।

ଭୁବନେଶ୍ୱର,୧୯।୨ (ସୌମ୍ୟରଞ୍ଜନ ରାଉତ)

ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଅନେକେ ନିଜ ସହ ସମାଜର ଅଭୂତ କ୍ଷତି ଘଟାଇଥାନ୍ତି। ମଣିଷ ଚନ୍ଦ୍ରପୃଷ୍ଠରେ ପାଦ ଦେଇଥିଲେ ମଧ୍ୟ ବାବାମାନଙ୍କର ମିଛ ଅଲୌକିକତା ଉପରୁ ବିଶ୍ୱାସ ତୁଟାଇପାରୁ ନାହାନ୍ତି। ତଥାକଥିତ ଭଣ୍ଡ ବାବାଙ୍କ ଶରଣାପନ୍ନ ହୋଇ ସେମାନଙ୍କ କଳା ସାମ୍ରାଜ୍ୟର ବିସ୍ତାର କରିବାରେ ମୋହର ପାଲଟୁଛନ୍ତି। ସେଇଥିଲାଗି ତ ବାବାମାନେ ଧର୍ମର ଦୁହାଇ ଦେଇ ନିଜ କଳୁଷିତ ଇଚ୍ଛା ପୂରଣ କରିପାରୁଛନ୍ତି। ସନ୍ତାନ ମୋହ, ଧନ ପ୍ରାପ୍ତି, ପଦପଦବୀ ମୋହରେ ଆମେମାନେ ବାବାମାନଙ୍କ ଶରଣ ପଶୁ, ହେଲେ କେବେ କେବେ ସେଇ ଭଣ୍ଡବାବାଙ୍କ କଳାକାରନାମାର ଶିକାର ହୋଇ ସବୁ କିଛି ହରାଇ ଦେଇଥାଉ। ହେଲେ ଏଇ ସୈତାନ ରୂପି ସେହି ରାବଣମାନଙ୍କୁ ଶାସ୍ତି ଦେବାକୁ ମର୍ତ୍ତ୍ୟକୁ ବେଳେବେଳେ ଓହ୍ଲାଇ ଆସନ୍ତି ସୀତାମାନେ। ଉତ୍ତର ପୁରୁଷ ନାଟ୍ୟାନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ ଉତ୍ସବର ବୁଧବାର ତୃତୀୟ ସନ୍ଧ୍ୟାରେ ପରିବେଷିତ ନାଟକ 'ଉତ୍ତର ଦୟାଦ'ରେ ଏପରି କାହାଣୀ ଦେଖିବାକୁ ମିଳିଛି। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ହରେନ୍ ସାହୁଙ୍କୁ 'ଉତ୍ତର ପୁରୁଷ ସମ୍ମାନ' ପ୍ରଦାନ କରାଯାଇଥିଲା। ନାଟ୍ୟକାର ଡ. ନାରାୟଣ ଚନ୍ଦ୍ର ସାହୁଙ୍କ ଏହି ନାଟକର ନିର୍ଦ୍ଦେଶନା ଡ. ପ୍ରସନ୍ନ କୁମାର ମିଶ୍ର ଦେଇଥିବାବେଳେ ରାମଚନ୍ଦ୍ର, ଚନ୍ଦନ, ପ୍ରଦ୍ୟୁମ୍ନ, ଗୌତମ, ଶତାବ୍ଦୀ, ଅନିଲ, ଅଭିଷେକ, ମାମା, ପୂଜା ଓ ଦୀପ୍ତି ପ୍ରମୁଖ କଳାକାର ବେଶ୍ ନିଖୁଣ ଅଭିନୟ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦେବଦତ୍ତ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଯୁବତୀଙ୍କୁ ରାସ୍ତାରେ ଦୁର୍ବ୍ୟବହାର, ଯୁବକ ଗିରଫ

ଭୁବନେଶ୍ୱର,୧୯।୨ (ସୂର୍ଯ୍ୟକାନ୍ତ ବେହେରା)

କର୍ମଜୀବୀ ଯୁବତୀଙ୍କୁ ରାସ୍ତାରେ ହଇରାଣ ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଅଭିଯୋଗରେ ମଞ୍ଚେଶ୍ୱର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ନୟାଗଡ଼ ଅଞ୍ଚଳର ଅଭିଜିତ ପ୍ରଧାନ। ତାଙ୍କଠାରୁ ଗୋଟିଏ ସ୍କୁଟି ଜବତ ହୋଇଛି।

ସୂଚନାଯୋଗ୍ୟ, ଗତ ୧୪ ତାରିଖ ସକାଳେ ପୀଡ଼ିତା ଯୁବତୀ ଭିଏସ୍‌ଏସ୍‌ନଗରସ୍ଥିତ ଛାତ୍ରୀ ନିବାସରୁ ଚାଲିଚାଲି ମଞ୍ଚେଶ୍ୱର ଶିଳ୍ପାଞ୍ଚଳଠାରେ ଥିବା ଏକ ଅନୁଷ୍ଠାନକୁ ଡ୍ୟୁଟି ପାଇଁ ଯାଉଥିବାବେଳେ ଅଭିଜିତ ଏକ ସ୍କୁଟି ଯୋଗେ ଆସି ତାଙ୍କୁ ପଛରେ ବସାଇ ନେବା ଲାଗି ଅନୁରୋଧ କରିଥିଲେ। ପୀଡ଼ିତା ଯୁବତୀ ତାଙ୍କ କଥାରେ ଏକମତ ନ ହେବାରୁ, ଅଭିଯୁକ୍ତ ଅଭିଜିତ୍ ତାଙ୍କ ସହିତ ଜୋରଜବରଦସ୍ତ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ ଏବଂ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଯୁବତୀଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ରେମୁଣା ତହସିଲଦାରଙ୍କୁ ନିଲମ୍ବନ କଲେ ରାଜ୍ୟ ସରକାର

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

ଭୁବନେଶ୍ୱର,୧୯।୨ (ସତ୍ୟଜିତ୍ ରାଉତ)

ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହୋଇଥିବା ବାଲେଶ୍ୱର ଜିଲା ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କୁ ରାଜ୍ୟ ସରକାର ବୁଧବାର ନିଲମ୍ବନ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇ ନିର୍ଦ୍ଦେଶନାମା ଜାରି ହୋଇଛି। ନିଲମ୍ବନ ଆଦେଶ ନ ହଟିବା ପର୍ଯ୍ୟନ୍ତ ବିଦ୍ୟାଧର ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ସ୍ଥିର ହୋଇଛି। ଏହା ସହ ବିନା ଅନୁମତିରେ କୌଣସି ପ୍ରକାର ଛୁଟି ନେଇ ପାରିବେ ନାହିଁ ବୋଲି ନିଲମ୍ବନ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଭିଜିଲାନ୍ସ ପକ୍ଷରୁ ଫେବୃଆରୀ ୧୧ରେ ବିଦ୍ୟାଧରଙ୍କ ଘର ସମେତ ୭ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଦୁଇଦିନର ଯାଞ୍ଚରେ ଭିଜିଲାନ୍ସ ଟିମ୍ ବିଦ୍ୟାଧରଙ୍କ ନିକଟରୁ ବିପୁଳ ସମ୍ପତ୍ତି ଠାବ କରିଥିଲା। ଠାବ ହୋଇଥିବା ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୨୦୪ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଥିଲା। ଏନେଇ ଭିଜିଲାନ୍ସ ସେଲ୍ ଥାନାରେ ଏକ ମାମଲା (ନଂ.୧/୨୦୨୫) ରୁଜୁ କରାଯାଇ ବିଦ୍ୟାଧରଙ୍କୁ ୧୧ ତାରିଖରେ ଗିରଫ କରାଯାଇଥିଲା।



'ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକକୁ ନା କହିବା'ର ବାର୍ତ୍ତା ଦେଇ ୟୁନିଟ୍-୨ କ୍ୟାପିଟାଲ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଆଇଜି ପାର୍କ ରାସ୍ତାରେ ସଚେତନତା ସୃଷ୍ଟି କରୁଛନ୍ତି।

## ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ୮୧ତମ ପ୍ରତିଷ୍ଠା ଦିବସ

# ୧୫ଜଣଙ୍କୁ 'ବିଶ୍ୱକର୍ମା ଗୌରବ ସମ୍ମାନ'

ଭୁବନେଶ୍ୱର,୧୯।୨ (ସୌମ୍ୟରଞ୍ଜନ ରାଉତ)



ଅତିଥିଙ୍କ ଗହଣରେ ସମ୍ମାନିତ ଶିଳ୍ପୀମାନେ।

ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ଭୁବନେଶ୍ୱର ମହାନଗର ଶାଖା ପକ୍ଷରୁ ୮୧ତମ ପ୍ରତିଷ୍ଠା ଦିବସ ସମାରୋହ ବୁଧବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଅନୁଷ୍ଠାନ ପକ୍ଷରୁ ବିଶ୍ୱକର୍ମା ବଂଶଜ ଲୌହଶିଳ୍ପୀ, କାଷ୍ଠଶିଳ୍ପୀ, ଭାସ୍କର୍ଯ୍ୟ ଶିଳ୍ପୀ, ଧାତୁଶିଳ୍ପୀ ଏବଂ ସ୍ୱର୍ଣ୍ଣ କାରିଗରୀ ପେଷା ପାଇଁ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ଶିଳ୍ପୀକାର ବୈଷୟିକ ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯିବାକୁ ଦାବି କରାଯାଇଛି। ଏଥିସହ ଦକ୍ଷ ଶିଳ୍ପୀକାର ଭାବେ ପଞ୍ଜୀକରଣ, ପ୍ରଶିକ୍ଷଣ ଯୁକ୍ତ ଶିଳ୍ପୀକାରମାନଙ୍କୁ ସ୍ୱତନ୍ତ୍ର ଶ୍ରେଣୀ 'ସୁଦକ୍ଷଶିଳ୍ପୀ' ରୂପେ ପରିଗଣିତ କରାଯାଇ ମଜୁରି ବୋର୍ଡ ଦ୍ୱାରା ପ୍ରତ୍ୟେକ ଶ୍ରମ ଦିବସ ପାଇଁ ଅନ୍ୟୁନ୍ୟ ୨ ହଜାର ଟଙ୍କା ମଜୁରି, ଇପିଏଫ୍ ଓ ପେନ୍‌ସନ ସୁବିଧା ଆଦି ୧୨ଟି ଦାବି ରଖାଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ 'ଧର୍ମବନ୍ତ' ସ୍ମରଣୀକା ଉନ୍ମୋଚନ ହେବା ସହ ୧୫ଜଣ ଶିଳ୍ପୀଙ୍କୁ 'ବିଶ୍ୱକର୍ମା ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥିଭାବରେ ଅବସରପ୍ରାପ୍ତ ସଚିବ ସହଦେବ ସାହୁ, ଚିନ୍ତା ଓ ଚେତନା ଅନୁଷ୍ଠାନର ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାସଙ୍କ ସମେତ ଯୁଗଳ କିଶୋର ମହାରଣା, ରାଧାକୃଷ୍ଣ ମହାରଣା, ଲମ୍ବୋଦର ମହାରଣା ପ୍ରମୁଖ ଯୋଗଦେଇଥିଲେ।

# ୨୦ ଜିଲାରେ ହାତୀ, ଅନୁଗୋଳରେ ସର୍ବାଧିକ

ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)

୨୦୨୪ ନଭେମ୍ବରରେ ହୋଇଥିବା ହାତୀ ଗଣନା ଅନୁଯାୟୀ, ଓଡ଼ିଶାର ୨୦ ଜିଲାରେ ୨୧୦୩ଟି ହାତୀ ଅଛନ୍ତି। ଅନୁଗୋଳ ଜିଲାରେ ୨୫୪ଟି ହାତୀ ଥିବାବେଳେ କଟକ ଜିଲାରେ ୧୩୨, ଖୋର୍ଦ୍ଧାରେ ୮୩, ଢେଙ୍କାନାଳରେ ୨୯୧, ନୟାଗଡ଼ରେ ୫୬, ବାଲେଶ୍ୱରରେ ୫୪, କେନ୍ଦୁଝରରେ ୧୯୫, ମୟୂରଭଞ୍ଜରେ ୨୯୫, ଗଞ୍ଜାମରେ ୯୩, ଗଜପତିରେ ୯, କନ୍ଧମାଳରେ ୫୪, ବୌଦ୍ଧରେ ୧୬, ସୁବର୍ଣ୍ଣପୁରରେ ୩, ବଲାଙ୍ଗୀରରେ ୪୨, ସମ୍ବଲପୁରରେ ୧୪୦, କଳାହାଣ୍ଡିରେ ୯୫, ସୁନ୍ଦରଗଡ଼ରେ ୧୭୯, ଝାରସୁଗୁଡ଼ାରେ ୧, ଦେଓଗଡ଼ରେ ୧୦୭, ବରଗଡ଼ରେ ୩ ଏବଂ ରାୟଗଡ଼ା ଜିଲାରେ ୧ଟି ହାତୀ ରହିଛନ୍ତି। ସେହିପରି ୩ବର୍ଷର ରିପୋର୍ଟ ଆଧାରରେ ରାଜ୍ୟରେ ବାର୍ଷିକ ହାରାହାରି ୮୧ଟି ହାତୀଙ୍କ ମୃତ୍ୟୁ ହେଉଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ଆଗତ ଏକ ପ୍ରଶ୍ନର ଉତ୍ତରରେ ଉଲ୍ଲେଖ କରିଛନ୍ତି। ଶିକାର, ବିଦ୍ୟୁତ ଆଘାତ, ରେଳ ଓ ସଡ଼କ ଦୁର୍ଘଟଣା, ରୋଗ, ଲୋକଙ୍କ ପ୍ରତିଶୋଧ ମନୋଭାବ ଏବଂ ଅନ୍ୟାନ୍ୟ ପ୍ରାକୃତିକ କାରଣ ଯଥା: କଳହ, ପାହାଡ଼ରୁ ପଡ଼ି, ଦକିହୋଇ, ବୟସାଧିକ ଆଦି କାରଣରୁ ହାତୀଙ୍କ ମୃତ୍ୟୁ ହୋଇଛି। ମୃତ୍ୟୁ ରୋକିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଜଙ୍ଗଲରେ ହାତୀଙ୍କ ଖାଦ୍ୟ ଉପଯୋଗୀ ବୃକ୍ଷରୋପଣ, ଚାରଣଭୂମିର ବିକାଶ, କୃତ୍ରିମ ଜଳାଶୟ ସୃଷ୍ଟି, ଜଙ୍ଗଲ ନିଆଁରୁ ରକ୍ଷା, ଶିକାର ନିରୋଧକ ଶିବିର, ଜଙ୍ଗଲରେ ପଇଁତରା, ବୈଷୟିକ ଜ୍ଞାନକୌଶଳର ଉପଯୋଗିତା ଦ୍ୱାରା ବନ୍ୟପ୍ରାଣୀ ଓ ଶିକାରୀଙ୍କ ଗତିବିଧି ନିରୀକ୍ଷଣ, ସଚେତନତା ଇତ୍ୟାଦି ବ୍ୟବସ୍ଥା କରାଯାଇଛି। ସେହିପରି ଫସଲ, ଫଳ ଉଦ୍ୟାନ ଏବଂ ଅନ୍ୟାନ୍ୟ ଭିତ୍ତିଭୂମିକୁ ହାତୀ ଉପଦ୍ରବରୁ ରକ୍ଷା କରିବା ପାଇଁ ଅଧିକ ଉପଦ୍ରବ ପ୍ରବଣ ଗ୍ରାମମାନଙ୍କରେ 'ଜନ ସୁରକ୍ଷା ଓ ଗଜ ରକ୍ଷା' ନାମରେ ଏକ ଯୋଜନା ପ୍ରଣୟନ କରାଯାଇଛି। ହାତୀ ନିରୋଧକ ଟ୍ରେଞ୍ଚ ଖୋଳାଯିବା ଭଳି ପଦକ୍ଷେପ ନିଆଯାଇଛି। ବନ ସଂରକ୍ଷଣ ସମିତି (ଭିଏସଏସ୍) ଓ ପରିବେଶ ଉନ୍ନୟନ କମିଟି (ଇଡିସି) ମାଧ୍ୟମରେ ହାତୀ ଉପଦ୍ରବ ଦୃଷ୍ଟିରୁ ସମ୍ବେଦନଶୀଳ ଗ୍ରାମମାନଙ୍କରେ 'ଗଜସାଥୀ' ନାମକ ସ୍ୱେଚ୍ଛାସେବୀମାନ ଚିହ୍ନଟ କରାଯାଇ ସେହି ଗ୍ରାମବାସୀଙ୍କୁ ହାତୀ ଚଳାଚଳ ସମ୍ପର୍କରେ ସତର୍କ ସୂଚନା ପ୍ରଦାନ କରାଯାଉଛି। ହାତୀ ଉପଦ୍ରବ ଜନିତ କ୍ଷୟକ୍ଷତି ପାଇଁ ସରକାରଙ୍କ ଧାର୍ଯ୍ୟ ନିୟମାବଳୀ ଅନୁଯାୟୀ ଅନୁକମ୍ପା ରାଶି ପ୍ରଦାନ କରାଯାଉଛି। ସହାୟତା ରାଶି ତ୍ୱରିତ ପ୍ରଦାନ ପାଇଁ 'ଅନୁକମ୍ପା' ନାମକ ସହଜ ବ୍ୟବହାରକାରୀ ପୋର୍ଟାଲର ପ୍ରଚଳନ କରାଯାଇଥିବା ମନ୍ତ୍ରୀ କହିଛନ୍ତି।

ଇଣ୍ଡିୟନ ବୈଂକ Indian Bank
ଇଲାହାବାଦ ALLAHABAD

**ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭**

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
***ଏତଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଜଗତସିଂହପୁର ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ |
|---|---|---|---|---|
| **ଋଣଗ୍ରହୀତା : ଶ୍ରୀ ମହମ୍ମଦ ଜାମିଲ୍,** ପିତା : ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର, ପିନ୍- ୭୫୪୧୦୩, **ସହ-ଋଣଗ୍ରହୀତା : ଶ୍ରୀମତୀ ଫିର୍ଦସ ମହାଜବିନ୍ ।** | **ଶ୍ରୀ ମହମ୍ମଦ ଜାମିଲ୍‌**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୧୪/୮୮୩, ଖାତା ନଂ.୪୮/୧୩୫, ମୌଜା : ଜୟବାଡ, ପୋ./ଜିଲ୍ଲା : ଜଗତସିଂହପୁର, ଓଡିଶା, ଏରିଆ : ଏ୦.୦୪ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ : ଉତ୍ତର- ରାସ୍ତା, ଦକ୍ଷିଣ- ନଜିବ୍ ଇସ୍ତିଆକ୍ ଆଲାମ ଖାନ୍, ପୂର୍ବ- ନଜିବ୍ ଇସ୍ତିଆକ୍ ଆଲାମ ଖାନ୍, ପଶ୍ଚିମ- ପ୍ଲଟ ନଂ.୨୧୪ । | ୧୦.୧୧.୨୦୨୪ | ୧୪.୦୨.୨୦୨୫ | ଟ.୧୫,୦୭,୨୫୯/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| **ଋଣଗ୍ରହୀତା : (୧)ମେସର୍ସ ଓର୍ଚିଡ ରିଟେଲ୍ (ପାର୍ଟନରସିପ୍ ଫାର୍ମ),** ସେଣ୍ଟ୍ରାଲ ମାର୍କେଟ, ପୋ./ଜିଲ୍ଲା : ଜଗତସିଂହପୁର, ପିନ୍- ୭୫୪୧୦୩, **(୨)ଶ୍ରୀ ମହମ୍ମଦ ଜାମିଲ୍ (ମ୍ୟାନେଜିଂ ପାର୍ଟନର),** ପିତା : ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର, ପିନ୍- ୭୫୪୧୦୩, **(୩) ଶ୍ରୀ ନଜିବ୍ ଇସ୍ତିଆକ୍ ଆଲାମ୍ (ପାର୍ଟନର) ।** | **ଶ୍ରୀ ନଜିବ୍ ଇସ୍ତିଆକ୍ ଆଲାମ୍ ଖାନ୍** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୧୪/୭୬୯, ଖାତା ନଂ.୪୮/୧୦୮, ମୌଜା : ଜୟବାଡ, ଜଗତସିଂହପୁର, ଏରିଆ : ଏ୦.୧୩ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ : ଉତ୍ତର- ରାସ୍ତା, ଦକ୍ଷିଣ-ଅମିର ଇମ୍‌ତିୟାଜ୍ ଆଲାମ୍ ଖାନ୍, ପୂର୍ବ- ଦିଲ୍‌ଦାର ଇଫତିୟାଜ୍ ଆଲାମ୍ ଖାନ୍, ପଶ୍ଚିମ- ଆଲ୍ଲାହା ବକ୍ସ ଏବଂ ଇକ୍‌ରାର ବକ୍ସ । | ୧୦.୧୧.୨୦୨୪ | ୧୪.୦୨.୨୦୨୫ | ଟ.୫୦,୩୦,୨୪୦/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| | **ଶ୍ରୀ ମହମ୍ମଦ ଜାମିଲ୍‌**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୬୪୩, ଖାତା ନଂ.୪୯୪/୧୨୭୧, ମୌଜା : ପାରଙ୍ଗ, ଅନୁଗୁଳ, ଏରିଆ : ଏ୦.୧୨ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ : ଉତ୍ତର- ରାସ୍ତା, ଦକ୍ଷିଣ- ରାଜେନ୍ଦ୍ର କୁମାର ସିଂ, ପୂର୍ବ- ସେଉଳ ପାତ୍ର, ପଶ୍ଚିମ- ପ୍ଲଟ ନଂ.୬୪୨ । | | ୧୭.୦୨.୨୦୨୫ | |

**ସ୍ଥାନ-ଭୁବନେଶ୍ୱର, ତାରିଖ-୧୯.୦୨.୨୦୨୫** **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

## ସଂକ୍ଷେପରେ

### ବାଲି ଚାଲାଣ ଉପରେ ପୋଲିସର ଚଢ଼ାଉ, ୨ ଟ୍ରାକ୍ଟର ଜବତ

ତ୍ରିଶୂଳିଆ(ତୁଷାରକାନ୍ତ ବେହେରା)

ବାରଙ୍ଗ ତହସିଲ ଅଧୀନ ଗୋଡ଼ିସାହି ଫାଣ୍ଡି ଅଞ୍ଚଳରେ ମଙ୍ଗଳବାର ରାତିଅଧରେ ବେଆଇନ ଭାବେ ରତାଗଡ଼ ନିକଟ ପୁରୀ ମୁଖ୍ୟ କେନାଲ କଡ଼ରୁ ଜେସିବି ସାହାଯ୍ୟରେ ଟ୍ରାକ୍ଟରରେ ବାଲି ଉଠାଇ ଅନ୍ୟତ୍ର ଚାଲାଣ କରୁଥିଲେ। ଖବର ପାଇ ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ଫାଣ୍ଡି ଅଧିକାରୀ ବିଚିତ୍ରା ନନ୍ଦ ପ୍ରଧାନଙ୍କ ସମେତ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲା। ଚଢ଼ାଉରେ ୨ଟି ଟ୍ରାକ୍ଟର (ଓଡି ୦୫ ବିଆର ୦୪୪୬ ଓ ଓଡି ୦୫ ବିଜେ ୪୨୮୭) ସହ ଜେସିବି ଜବତ କରି ଫାଣ୍ଡି ପରିସରକୁ ନିଆଯାଇଛି। ତେବେ ଦିନକୁ ଦିନ ବାରଙ୍ଗରେ ବାଲି ଓ ଖଣି ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି।

### ବାଙ୍କୀ ଉପଖଣ୍ଡ ନୂତନ ପୋଲିସ ଅଧିକାରୀଙ୍କ ଯୋଗଦାନ

ବାଙ୍କୀ,୧୯।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

ବାଙ୍କୀରେ ନୂତନ ଭାବେ ବାଳକୃଷ୍ଣ କହଁର ଉପଖଣ୍ଡ ପୋଲିସ ଅଧିକାରୀ ଭାବେ ମଙ୍ଗଳବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେ ପୂର୍ବରୁ ଆଠମଲ୍ଲିକ ଉପଖଣ୍ଡ ପୋଲିସ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ବାଙ୍କୀରେ ଥିବା ପୋଲିସ ଅଧିକାରୀ ବିଜୟ କୁମାର ମହାପାତ୍ର ଘଟଗାଁ ଉପଖଣ୍ଡ ପୋଲିସ ଅଧିକାରୀ ଭାବେ ବଦଳିହୋଇଛନ୍ତି। ବାଙ୍କୀରେ ଆଇନଶୃଙ୍ଖଳା ରକ୍ଷାକରିବା ତାଙ୍କର ପ୍ରାଥମିକ କାର୍ଯ୍ୟ ହେବ ବୋଲି ସେ କହିଛନ୍ତି।

### ଚିକିତ୍ସାଧୀନ ଅବସ୍ଥାରେ ଜଣେ ମୃତ

#### ଗ୍ୟାସ ସିଲିଣ୍ଡର ଦୁର୍ଘଟଣା ଘଟଣା



ମାଣିଆବନ୍ଧ, ୧୯।୨ (ଅଖିଳ କୁମାର ସାହୁ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଅଭିମାନପୁର ଚଷାସାହିରେ ଫେବୃୟାରୀ ୧୫ରେ ରୋଷେଇ ପାଇଁ ଗ୍ୟାସ ସିଲିଣ୍ଡର ସଂଯୋଗ କରୁଥିବା ବେଳେ ନିଆଁ ଲାଗି ଗୋଟିଏ ପରିବାରର ୫ଜଣ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମଞ୍ଜୁଲତା ବେଓ୍ୱା। ଏହି ଅଗ୍ନିକାଣ୍ଡରେ ଗିରିଧାରୀ ସ୍ୱାଇଁଙ୍କ ପରିବାର ମଞ୍ଜୁଲତାଙ୍କ ସମେତ ଉଷାରାଣୀ ସ୍ୱାଇଁ, କାହ୍ନୁ ଚରଣ ସ୍ୱାଇଁ, ରେଣୁବାଳା ସ୍ୱାଇଁ, ଗୀତାଞ୍ଜଳି ସ୍ୱାଇଁ ଗୁରୁତର ହୋଇଥିଲେ। ଗୀତାଞ୍ଜଳୀଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଅଧିକ ଚିକିତ୍ସା ନିମନ୍ତେ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା।

# ୨୦ ଜିଲାରେ ହାତୀ, ଅନୁଗୋଳରେ ସର୍ବାଧିକ

ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ) :

୨୦୨୪ ନଭେମ୍ବରରେ ହୋଇଥିବା ହାତୀ ଗଣନା ଅନୁଯାୟୀ, ଓଡ଼ିଶାର ୨୦ ଜିଲାରେ ୨୧୦୩ଟି ହାତୀ ଅଛନ୍ତି। ଅନୁଗୋଳ ଜିଲାରେ ୨୫୪ଟି ହାତୀ ଥିବାବେଳେ କଟକ ଜିଲାରେ ୧୩୨, ଖୋର୍ଦ୍ଧାରେ ୮୩, ଢେଙ୍କାନାଳରେ ୨୯୧, ନୟାଗଡ଼ରେ ୫୬, ବାଲେଶ୍ୱରରେ ୫୪, କେନ୍ଦୁଝରରେ ୧୯୫, ମୟୂରଭଞ୍ଜରେ ୨୯୫, ଗଞ୍ଜାମରେ ୯୩, ଗଜପତିରେ ୯, କନ୍ଧମାଳରେ ୫୪, ବୌଦ୍ଧରେ ୧୬, ସୁବର୍ଣ୍ଣପୁରରେ ୩, ବଲାଙ୍ଗୀରରେ ୪୨, ସମ୍ବଲପୁରରେ ୧୪୦, କଳାହାଣ୍ଡିରେ ୯୫, ସୁନ୍ଦରଗଡ଼ରେ ୧୭୯, ଝାରସୁଗୁଡ଼ାରେ ୧, ଦେଓଗଡ଼ରେ ୧୦୭, ବରଗଡ଼ରେ ୩ ଏବଂ ରାୟଗଡ଼ା ଜିଲାରେ ୧ଟି ହାତୀ ରହିଛନ୍ତି। ସେହିପରି ୩ବର୍ଷର ରିପୋର୍ଟ ଆଧାରରେ ରାଜ୍ୟରେ ବାର୍ଷିକ ହାରାହାରି ୮୧ଟି ହାତୀଙ୍କ ମୃତ୍ୟୁ ହେଉଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ଆଗତ ଏକ ପ୍ରଶ୍ନର ଉତ୍ତରରେ ଉଲ୍ଲେଖ କରିଛନ୍ତି।

ଶିକାର, ବିଦ୍ୟୁତ ଆଘାତ, ରେଳ ଓ ସଡ଼କ ଦୁର୍ଘଟଣା, ରୋଗ, ଲୋକଙ୍କ ପ୍ରତିଶୋଧ ମନୋଭାବ ଏବଂ ଅନ୍ୟାନ୍ୟ ପ୍ରାକୃତିକ କାରଣ ଯଥା: କଳହ, ପାହାଡ଼ରୁ ପଡ଼ି, ଦଳିହୋଇ, ବୟସାଧିକ ଆଦି କାରଣରୁ ହାତୀଙ୍କ ମୃତ୍ୟୁ ହୋଇଛି। ମୃତ୍ୟୁ ରୋକିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଜଙ୍ଗଲରେ ହାତୀଙ୍କ ଖାଦ୍ୟ ଉପଯୋଗୀ ବୃକ୍ଷରୋପଣ, ଚାରଣଭୂମିର ବିକାଶ, କୃତ୍ରିମ ଜଳାଶୟ ସୃଷ୍ଟି, ଜଙ୍ଗଲ ନିଆଁରୁ ରକ୍ଷା, ଶିକାର ନିରୋଧକ ଶିବିର, ଜଙ୍ଗଲରେ ପଇଁତରା, ବୈଷୟିକ ଜ୍ଞାନକୌଶଳର ଉପଯୋଗିତା ଦ୍ୱାରା ବନ୍ୟପ୍ରାଣୀ ଓ ଶିକାରୀଙ୍କ ଗତିବିଧି ନିରୀକ୍ଷଣ, ସଚେତନତା ଇତ୍ୟାଦି ବ୍ୟବସ୍ଥା କରାଯାଇଛି। ସେହିପରି ଫସଲ, ଫଳ ଉଦ୍ୟାନ ଏବଂ ଅନ୍ୟାନ୍ୟ ଭିତ୍ତିଭୂମିକୁ ହାତୀ ଉପଦ୍ରବରୁ ରକ୍ଷା କରିବା ପାଇଁ ଅଧିକ ଉପଦ୍ରବ ପ୍ରବଣ ଗ୍ରାମମାନଙ୍କରେ 'ଜନ ସୁରକ୍ଷା ଓ ଗଜ ରକ୍ଷା' ନାମରେ ଏକ ଯୋଜନା ପ୍ରଣୟନ କରାଯାଇଛି। ହାତୀ ନିରୋଧକ ଟ୍ରେଞ୍ଚ ଖୋଳାଯିବା ଭଳି ପଦକ୍ଷେପ ନିଆଯାଇଛି। ବନ ସଂରକ୍ଷଣ ସମିତି (ଭିଏସଏସ୍) ଓ ପରିବେଶ ଉନ୍ନୟନ କମିଟି (ଇଡିସି) ମାଧ୍ୟମରେ ହାତୀ ଉପଦ୍ରବ ଦୃଷ୍ଟିରୁ ସମ୍ବେଦନଶୀଳ ଗ୍ରାମମାନଙ୍କରେ 'ଗଜସାଥୀ' ନାମକ ସ୍ୱେଚ୍ଛାସେବୀମାନ ଚିହ୍ନଟ କରାଯାଇ ସେହି ଗ୍ରାମବାସୀଙ୍କୁ ହାତୀ ଚଳାଚଳ ସମ୍ପର୍କରେ ସତର୍କ ସୂଚନା ପ୍ରଦାନ କରାଯାଉଛି। ହାତୀ ଉପଦ୍ରବ ଜନିତ କ୍ଷୟକ୍ଷତି ପାଇଁ ସରକାରଙ୍କ ଧାର୍ଯ୍ୟ ନିୟମାବଳୀ ଅନୁଯାୟୀ ଅନୁକମ୍ପା ରାଶି ପ୍ରଦାନ କରାଯାଉଛି। ସହାୟତା ରାଶି ଦ୍ରୁତ ପ୍ରଦାନ ପାଇଁ 'ଅନୁକମ୍ପା' ନାମକ ସହଜ ବ୍ୟବହାରକାରୀ ପୋର୍ଟାଲର ପ୍ରଚଳନ କରାଯାଇଥିବା ମନ୍ତ୍ରୀ କହିଛନ୍ତି।

## କଳାରେ ୫୦୦, ବାଣିଜ୍ୟରେ ୭୦ ପରୀକ୍ଷାର୍ଥୀ



ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବା ପାଇଁ ଧାଡ଼ିରେ ଛିଡ଼ାହୋଇଛନ୍ତି।

### ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପରୀକ୍ଷା

ବାଙ୍କୀ,୧୯।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଯୁକ୍ତ ୨ କଳାରେ ୫୦୦ ଓ ବାଣିଜ୍ୟରେ ୭୦ଜଣ ଛାତ୍ରୀଛାତ୍ର କଡା ସୁରକ୍ଷାବଳୟ ମଧ୍ୟରେ ପରୀକ୍ଷା ଦେଇଛନ୍ତି। କଲେଜ ପକ୍ଷରୁ ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ନିରଞ୍ଜନ ରାଉତରାୟ, ପ୍ରାଧ୍ୟାପିକା ଗାୟତ୍ରୀ ନାୟକ, ଡ. ସରୋଜ ସାହୁ, ପ୍ରାଧ୍ୟାପିକା ମୀନତି ଧିର, ଅଧ୍ୟାପକ ଆଶିଷ କୁମାର ପାଢୀ, ଅଧ୍ୟାପକ ନରେଶ ବେହେରା ଓ ସହକାରୀ ଶତିସ କୁମାର ମହାପାତ୍ର ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ଯାଞ୍ଚ କରିବା ସହ ପରୀକ୍ଷା ହଲ୍‌କୁ ନେଇଥିଲେ।

# ସମବାୟ ସମିତି ଜରିଆରେ ସଫଳ ମାଛ ଚାଷ




ମତ୍ସ୍ୟ ପ୍ରାଣୀ ସମାବେଶରେ ସମ୍ମାନିତ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର କର୍ମକର୍ତ୍ତା।

ଭୁବନେଶ୍ୱର, ୧୯।୨(ଅନୁରାଧା ମହାରଣା) :

ଆଗାମୀ ଦିନରେ ପ୍ରାଥମିକ ମତ୍ସ୍ୟଜୀବି ସମବାୟ ସମିତି ଜରିଆରେ ରାଜ୍ୟରେ ମାଛ ଉତ୍ପାଦନ ବଢାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ଇତିମଧ୍ୟରେ ରାଜ୍ୟରେ ଥିବା ୭୯୬ଟି ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମତି ମାଧ୍ୟମରେ ୨ ଲକ୍ଷରୁ ଅଧିକ ସଦସ୍ୟାସଦସ୍ୟ ପଞ୍ଜୀକୃତ ହୋଇଛନ୍ତି। ନଦୀ, ନାଳ, ପୋଖରୀ, ଜଳଭଣ୍ଡାର ଓ ସମୁଦ୍ରରୁ ମାଛ ଧରି ରାଜ୍ୟ ମତ୍ସ୍ୟ ଉତ୍ପାଦନ ବୃଦ୍ଧିରେ ଏମାନେ ସହାୟକ ହୋଇଛନ୍ତି। ସମସ୍ତ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମତିର ସଭ୍ୟାସଭ୍ୟ ମତ୍ସ୍ୟ ବିଭାଗର ବିଭିନ୍ନ ଯୋଜନାରୁ ସହାୟତା ପାଇବାର ବ୍ୟବସ୍ଥା ରହିଛି। ମତ୍ସ୍ୟଚାଷୀ, ମତ୍ସ୍ୟଜୀବି, ମତ୍ସ୍ୟ ଉଦ୍ୟୋଗୀ ତଥା ଏଥିସହ ସଂଶ୍ଳିଷ୍ଟ ସମସ୍ତ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅନ୍ତର୍ଗତ ଗୋଷ୍ଠୀ ବୀମା ଯୋଜନାରେ ବୀମାଭୁକ୍ତ କରାଯାଉଛି। ତେବେ ଭୁବନେଶ୍ୱରରେ ନିକଟରେ ଅନୁଷ୍ଠିତ ମତ୍ସ୍ୟ-ପ୍ରାଣୀ ସମାବେଶ-୨୦୨୫ରେ ୩୦ ଜିଲାରୁ ଗୋଟିଏ ଉତ୍ତମ କ୍ରିୟାଶୀଳ ପ୍ରାଥମିକ ମତ୍ସ୍ୟଜୀବି ସମବାୟ ସମତିର ସଭାପତି ଓ ସମ୍ପାଦକଙ୍କୁ ସମ୍ମାନିତ କରାଯାଇଛି। ରାଜ୍ୟ ମତ୍ସ୍ୟ ବିଭାଗରେ କାର୍ଯ୍ୟରତ ସମବାୟ ନୀରିକ୍ଷକ (ମତ୍ସ୍ୟ)ଙ୍କ ମଧ୍ୟରୁ ପୁରୀ ଜିଲାର ସମବାୟ ସମିତି ନିରୀକ୍ଷକ (ମତ୍ସ୍ୟ)କୁ ମଧ୍ୟ ଉକ୍ତ ସମାବେଶରେ ସମ୍ମାନିତ କରୟାଇଥିଲା।

### ପତିତପାବନ ରାଜ୍ୟସ୍ତରୀୟ କ୍ରିକେଟ: ଫାଇନାଲରେ କୁମାରବସ୍ତ

ଟିଗିରିଆ, ୧୯।୨(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ଭୋଗଡା ପଞ୍ଚାୟତ ଖେଳପଡ଼ିଆରେ ଜଗଦୀଶ ୱାରିୟର ତରଫରୁ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ ପତିତପାବନ କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗଦୀଶ ୱାରିୟର ଦଳକୁ ୨୮ ରନ୍‌ରେ ପରାସ୍ତ କରି ରାଇଜିଂଷ୍ଟାର କ୍ରିକେଟ କ୍ଲବ କୁମାରବସ୍ତ (ଖୋର୍ଦ୍ଧା) ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି କୁମାରବସ୍ତ ଦଳ ୨୦ ଓଭରରେ ୭ ଉଇକେଟ୍ ହରାଇ ୩୫୭ ରନ କରିଥିଲା। ଦଳ ତରଫରୁ ମନୋଜ ରାଉତ ୪୦ ବଲ୍‌ରେ ୧୪୪ ରନ, ସୁନୀଲ ସାହୁ ୨୬ ବଲରେ ୬୦ ରନ ଓ ଉତ୍ତମ ମହାନ୍ତି ୧୯ ବଲରେ ସର୍ବାଧିକ ୬୧ ରନ କରିଥିଲେ। ବୋଲିଂରେ ନୂଆପାଟଣା ତରଫରୁ ମିଲନ ସାହୁ ୩ ଓ ଜୁନେଦ ଖାଁ ୪ ଉଇକେଟ ନେଇଥିଲେ। ଜବାବରେ ନୂଆପାଟଣା ଦଳ ୧୯. ୨ ଓଭର ରେ ସମସ୍ତ ଉଇକେଟ ହରାଇ ୩୨୯ ରନ କରି ପରାଜିତ ହୋଇଥିଲା। ଦଳ ତରଫରୁ ପ୍ରକାଶ ବେହେରା ୩୫ ବଲରେ ୧୦୧,ସ୍ମୃତି ରଞ୍ଜନ ୨୦ ବଲରେ ୬୧ ଓ ସଂଗ୍ରାମ କେଶରୀ ୨୩ ବଲରେ ୫୨ ରନ୍ କରିଥିଲେ। କୁମାରବସ୍ତ ଦଳର ମନୋଜ ରାଉତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

## ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କ ଆଶୁଆରୋଗ୍ୟ କାମନା



### ମା'ଚର୍ଚ୍ଚିକାଙ୍କ ପୀଠରେ ଦୀପଦାନ

ବାଙ୍କୀ,୧୯।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଓଡ଼ିଆ ଚଳଚ୍ଚିତ୍ର ଜଗତର କିମ୍ବଦନ୍ତୀ ପୁରୁଷ ତଥା ବିଶିଷ୍ଟ ଅଭିନେତା ଉତ୍ତମ ମହାନ୍ତି କିଛି ଦିନ ହେଲା ଦିଲ୍ଲୀସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ରହିଛନ୍ତି। ତାଙ୍କର ଆଶୁ ଆରୋଗ୍ୟ କାମନା କରି ବାଙ୍କୀର ଇଷ୍ଟଦେବୀ ମା'ଚର୍ଚ୍ଚିକାଙ୍କ ପୀଠରେ ଏକ ସମୂହ ଦୀପଦାନ କରାଯାଇ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କବି ଲଲାଟେନ୍ଦୁ ପଣ୍ଡା, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପ୍ରହରାଜଙ୍କ ସମେତ ଶୁଭେଚ୍ଛୁ ଓ ପ୍ରଶଂସକମାନେ ସାମିଲ ହୋଇଥିଲେ।

## ଅଭିନେତା ସୋହମ୍ ସିଂଙ୍କୁ ହୃଦ୍‌ଘାତ

ଭୁବନେଶ୍ୱର,୧୯।୨(ସୌମ୍ୟରଞ୍ଜନ ରାଉତ) ଅଭିନେତା, ପ୍ରଯୋଜକ ଓ ଗାୟକ ସୋହମ୍ ସିଂ ମଙ୍ଗଳବାର ହୃଦଘାତରେ ଆକ୍ରାନ୍ତ ହୋଇଛନ୍ତି। ସେ ଏକ ଘରୋଇ ହସ୍ପିଟାଲରେ ଆଇସିୟୁରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିରଥିବା ଜଣାପଡ଼ିଛି। ତାଙ୍କ ଅଭିନୀତ ଚଳଚ୍ଚିତ୍ର ଅଜାତଶତ୍ରୁ, ଆଇ ଲଭ ୟୁ ପ୍ରିୟା ଏବଂ ରାଉଡି ରାଜା ଖୁବ୍ ଲୋକପ୍ରିୟତା ହାସଲ କରିଥିଲା। ଆଗକୁ ଏକ ବଡ଼ ବଜେଟର ଆକ୍ସନ ସିନେମା ଆଲ୍ଲୀ ବଜରଙ୍ଗୱାଲିରେ ସୋହମ୍ ଏକ ନିଆରା ଭୂମିକାରେ ନଜର ଆସୁଛନ୍ତି। ଓଲିଉଡ୍‌ର ସମସ୍ତ କଳାକାର ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ମାମଲା ରୁଜୁ କରି ଚୁପ ବସିଛି ପୋଲିସ

### ଦଳିତ ମା'ଝିଅଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣା

ନିଶ୍ଚିନ୍ତକୋଇଲି, ୧୯।୨(ଅଶୋକ ମହାପାତ୍ର)- କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ପଞ୍ଚାୟତର ଦୁଲୁପୁର ଗ୍ରାମରେ ୭ ଦିନ ପୂର୍ବେ ଦଳିତ ମା' ଝିଅଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ କିଶନନଗର ପୋଲିସ ଏକ ମାମଲା ରୁଜୁ କରି ଚୁପ୍ ବସିଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି।
କଟକ ସଦର ନିର୍ବାଚନମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ଦୁଲୁପୁର ଗ୍ରାମରେ ୪୦ ବର୍ଷ ହେଲା ଏକ ଦଳିତ ପରିବାର ବସବାସ କରୁଛନ୍ତି। ତାଙ୍କ ପରିବାରକୁ ସରକାରଙ୍କ ତରଫରୁ ଜମିପଟ୍ଟା ମଧ୍ୟ ପ୍ରଦାନ କରାଯାଇଛି। ଏପରିକି ଆବାସ ଯୋଜନାରେ ଗୃହ ମଧ୍ୟ ପ୍ରଦାନ କରାଯାଇଛି। ପ୍ରାୟ ଏକମାସ ତଳେ ସ୍ଥାନୀୟ ଗ୍ରାମର ବିଚିତ୍ରାନନ୍ଦ ସାମଲଙ୍କ ପରିବାର ସହ ଏହି ଦଳିତ ପରିବାରର କୌଣସି ଏକ ଘଟଣାକୁ ନେଇ ଝଗଡା ହୋଇଥିଲା। ସ୍ଥାନୀୟ ଗ୍ରାମପଞ୍ଚାୟତ ଦ୍ୱାରା ଏହି ବିବାଦର ସମାଧାନ କରାଯାଇଥିଲା। ମାତ୍ର ବିଚିତ୍ରାନନ୍ଦଙ୍କ ପରିବାର ତରଫରୁ ସମ୍ପୃକ୍ତ ଦଳିତ ପରିବାରକୁ ଗାଁ ଛାଡ଼ି ଚାଲିଯିବାକୁ ବାରମ୍ବାର ଧମକ ଦିଆଯିବା ସହ ଗାଁ ରାସ୍ତାରେ ନ ଯିବା ପାଇଁ ଚେତାବନୀ ଦିଆଯାଇଥିଲା। ଗତ ୧୨ତାରିଖ ଦିନ ସୁଧାକର ମଲିକଙ୍କ ସ୍ତ୍ରୀ ସସ୍ମିତା ମଲିକ ଓ ତାଙ୍କ ଝିଅ ଗାଁ ରାସ୍ତାଦେଇ ଯାଉଥିବା ବେଳେ ବିଚିତ୍ରାନନ୍ଦଙ୍କ ପରିବାର ତରଫରୁ ଦଳିତ ମା' ଝିଅଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ମା'ଝିଅ ଗୁରୁତର ହୋଇଥିଲେ। ଚିକିତ୍ସା ନିମନ୍ତେ ସେମାନଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହାପରେ ତାଙ୍କ ଘରକୁ ଭାଙ୍ଗିଦେବା ନିମନ୍ତେ ଧମକ ଦିଆଯାଇଛି। ଏହି ଧମକରେ ତାଙ୍କ ପରିବାର ଭୟଭୀତ ହୋଇପଡିଛନ୍ତି। ଜୀବନ ପ୍ରତି ବିପଦ ଆଶଙ୍କା ଥିବା ଅଭିଯୋଗ କରି ସସ୍ମିତାଙ୍କ ପରିବାର ତରଫରୁ ଫେବୃଆରୀ ୧୩ରେ କିଶନନଗର ଥାନାରେ ଅଭିଯୋଗ କରାଯାଇଥିଲା। ଏହାକୁ ଭିତ୍ତି କରି କିଶନନଗର ଥାନାରେ ମାମଲା (ନଂ ୨୭/୨୫)ରୁଜୁ ହୋଇଛି।

# 'କର୍ପୋରେଟ, ବିଜ୍‌ନେସ' ଉପରେ ଅବଗତ ହୁଅନ୍ତୁ ଛାତ୍ରୀଛାତ୍ର

### ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସେଲ୍ଫ ଫାଇନାନ୍ସ ବିଭାଗର ଆଲୋଚନାଚକ୍ର

ବାଙ୍କୀ,୧୯।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସେଲ୍ଫ ଫାଇନାନ୍ସ ବିଭାଗ ଆନୁକୂଲ୍ୟରେ ବୁଧବାର 'କର୍ପୋରେଟ ଓ ବିଜନେସ' ଉପରେ ଏକ ଆଞ୍ଚଳିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସେଲ୍ଫ ଫାଇନାନ୍ସ ବିଭାଗର ସଂଯୋଜକ ଅଧ୍ୟାପକ ଆଶିଷ କୁମାର ପାଢ଼ୀ ଏଥିରେ ସଭାପତିତ୍ୱ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି ଯୋଗଦେଇ ଉକ୍ତ ବିଷୟ ସମ୍ପର୍କରେ ଛାତ୍ରୀଛାତ୍ରମାନେ ଅବଗତ ହେଲେ ସେମାନଙ୍କର ବାଣିଜ୍ୟ, ଅର୍ଥନୀତି ସୁଦୃଢ଼ ହେବା ସହ ସ୍ୱରୋଜଗାରୀ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ କୃତ୍ରିମ ବୁଦ୍ଧିମତ୍ତା ଓ ଦକ୍ଷତା ବିକାଶ ଉପରେ ଛାତ୍ରୀଛାତ୍ରମାନେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ 'ଦି ବିଜନେସ ସ୍କୁଲ' ଖୋର୍ଦ୍ଧାର ଅର୍ଥନୀତି ବିଭାଗ ପ୍ରଫେସର ସ୍ମୃତିରଞ୍ଜନ ସାହୁ ଯୋଗଦେଇ କର୍ପୋରେଟ ସେକ୍ଟରରେ କିପରି ଛାତ୍ରୀଛାତ୍ରମାନେ ଚାକିରି ପାଇପାରିବେ, ବାଣିଜ୍ୟ କାରବାର, ଅର୍ଥନୀତିକୁ ସୁଦୃଢ଼ କରିବେ ଓ ବଜାରର ନିୟନ୍ତ୍ରଣ ଉପରେ ବହୁ ଉଦାହରଣ କମ୍ପ୍ୟୁଟର ମାଧ୍ୟମରେ ଦେଇଥିଲେ। ଛାତ୍ରୀଛାତ୍ର ସରକାରୀ ଚାକିରି ପଛରେ ନ ଗୋଡ଼ାଇ ବ୍ୟବସାୟରେ କିପରି ସଫଳତା ହାସଲ କରିବେ ସେ ସମ୍ପର୍କରେ ସାହୁ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଶ୍ୟାମଲାଲ ଭୋଏ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ସେଲ୍ଫ ଫାଇନାନ୍ସ ବିଭାଗର ସହ ସଂଯୋଜକ ଭୂପତି ଭୂଷଣ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଜ୍ଞାନଦା ରଣା ଓ ଅଧ୍ୟାପିକା ସିନ୍ଧୁବାଳା ପଣ୍ଡା ପରିଚାଳନା କରିଥିଲେ।

# କୃଷିକ୍ଷେତ୍ରରେ ବୈଷୟିକ ଜ୍ଞାନକୁ ଗୁରୁତ୍ୱ

### ଉପଖଣ୍ଡସ୍ତରୀୟ କୃଷକ ସାଥୀ, କୃଷି କର୍ମଚାରୀଙ୍କ ପ୍ରଶିକ୍ଷଣ ଶିବିର

ଟିଗିରିଆ, ୧୯।୨(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତ କଲ୍ୟାଣ ମଣ୍ଡପଠାରେ ବୁଧବାର ଆଠଗଡ଼ ଉପଖଣ୍ଡସ୍ତରୀୟ କୃଷକ ସାଥୀ ଓ କୃଷି କର୍ମଚାରୀଙ୍କ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୃଷିକ୍ଷେତ୍ରରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଆଠଗଡ କୃଷି ଜିଲା ଅଧିକାରୀ ଶୁଭାଶିଷ ମିଶ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ କଟକ ଜିଲା ମୁଖ୍ୟ କୃଷି ଅଧିକାରୀ ଅଶୋକ କର ଯୋଗଦେଇଥିଲେ। ଅତିଥିମାନେ ଉପସ୍ଥିତ ଆଠଗଡ, ଟିଗିରିଆ, ବଡ଼ମ୍ବା ଓ ନରସିଂହପୁର ବ୍ଲକରୁ ଆସିଥିବା କୃଷକ ସାଥୀ ଏବଂ କୃଷି କର୍ମଚାରୀଙ୍କୁ କୃଷିକ୍ଷେତ୍ରରେ ବୈଷୟିକ ଜ୍ଞାନ ପ୍ରୟୋଗ କରିବା ପାଇଁ ଚାଷୀମାନଙ୍କୁ ସହାୟତା କରିବାକୁ କହିଥିଲେ। ଚାଷ ପାଇଁ ବିହନ ବିଶୋଧନ, ମୃତ୍ତିକା ପରୀକ୍ଷା, ଜୈବିକ ସାର ପ୍ରୟୋଗ ଇତ୍ୟାଦି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା।

ଏହି ପ୍ରଶିକ୍ଷଣ ଶିବିରରେ ବାଙ୍କୀ କୃଷି ଜିଲା ଅଧିକାରୀ ବିଶ୍ୱନାଥ ଦାସ, ସାଲେପୁର କୃଷି ଜିଲା ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ, କୃଷି ବୈଜ୍ଞାନିକ ତୁଷାର ରଞ୍ଜନ ସାହୁ, ମୃତ୍ତିକା ବିଶେଷଜ୍ଞ ସନ୍ତୋଷ କୁମାର ଷଡ଼ଙ୍ଗୀ, କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ ଜେନା, ଆଠଗଡ ବ୍ଲକ କୃଷି ଅଧିକାରୀ ପ୍ରିୟନାଥ ପାତ୍ର, ଟିଗିରିଆ ବ୍ଲକ କୃଷି ଅଧିକାରୀ ସନାତନ ବେହେରା, ଯୋଜନା ଅଧିକାରୀ ଅସୀମା ମିଶ୍ର, ବଡ଼ମ୍ବା ବ୍ଲକ ସହ କୃଷି ଅଧିକାରୀ ସ୍ମରଣିକା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।




ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥିମାନେ।


ଇଣ୍ଡିୟନ ବୈଂକ Indian Bank ଇଲାହାବାଦ ALLAHABAD

ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଜଗତସିଂହପୁର ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ |
|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ମହମ୍ମଦ ଜାମିଲ୍,** ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର, ପିନ୍- ୭୫୪୧୦୩, **ସହ-ଋଣଗ୍ରହୀତା: ଶ୍ରୀମତୀ ଫିର୍ଦସ ମହାଜବିନ୍।** | **ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୧୪/୮୮୩, ଖାତା ନଂ.୪୮/୧୩୫, ମୌଜା: ଜୟବାଡ, ପୋ./ଜିଲ୍ଲା: ଜଗତସିଂହପୁର, ଓଡିଶା, ଏରିଆ: ଏ୦.୦୪ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ନଜିବ୍ ଇସ୍ତିଆକ୍ ଆଲାମ ଖାନ୍, ପୂର୍ବ- ନଜିବ୍ ଇସ୍ତିଆକ୍ ଆଲାମ ଖାନ୍, ପଶ୍ଚିମ- ପ୍ଲଟ ନଂ.୨୧୪। | ୨୦.୧୧.୨୦୨୪ | ୧୪.୦୨.୨୦୨୫ | ଟ.୧୫,୦୭,୨୫୯/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| **ଋଣଗ୍ରହୀତା: (୧)ମେସର୍ସ ଓର୍ଚ୍ଚିଡ ରିଟେଲ୍ (ପାର୍ଟନରସିପ୍ ଫାର୍ମ),** ସେଣ୍ଟ୍ରାଲ ମାର୍କେଟ, ପୋ./ ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୩, **(୨)ଶ୍ରୀ ମହମ୍ମଦ ଜାମିଲ୍ (ମ୍ୟାନେଜିଂ ପାର୍ଟନର),** ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର, ପିନ୍- ୭୫୪୧୦୩, **(୩) ଶ୍ରୀ ନଜିବ୍ ଇସ୍ତିଆକ୍ ଆଲାମ୍ (ପାର୍ଟନର)।** | **ଶ୍ରୀ ନଜିବ୍ ଇସ୍ତିଆକ୍ ଆଲାମ୍ ଖାନ୍** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୧୪/୭୬୯, ଖାତା ନଂ.୪୮/୧୦୮, ମୌଜା: ଜୟବାଡ, ଜଗତସିଂହପୁର, ଏରିଆ: ଏ୦.୧୩ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ-ଅମିର ଇମ୍‌ତିୟାଜ୍ ଆଲାମ୍ ଖାନ୍, ପୂର୍ବ- ଦିଲ୍‌ଦାର ଇଫ୍‌ତିୟାକ୍ ଆଲାମ୍ ଖାନ୍, ପଶ୍ଚିମ- ଆଲ୍ଲାହା ବକ୍ସ ଏବଂ ଇକ୍‌ରାର ବକ୍ସ। | ୨୦.୧୧.୨୦୨୪ | ୧୪.୦୨.୨୦୨୫ | ଟ.୫୦,୩୦,୨୪୦/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| | **ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୬୪୩, ଖାତା ନଂ.୪୯୪/୧୨୭୧, ମୌଜା: ପାରଙ୍ଗ, ଅନୁଗୁଳ, ଏରିଆ: ଏ୦.୧୨ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ରାଜେନ୍ଦ୍ର କୁମାର ସିଂ, ପୂର୍ବ- ସେଉଳ ପାତ୍ର, ପଶ୍ଚିମ- ପ୍ଲଟ ନଂ.୬୪୨। | | ୧୭.୦୨.୨୦୨୫ | |

ସ୍ଥାନ-ଭୁବନେଶ୍ୱର, ତାରିଖ-୧୯.୦୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

## ସଂକ୍ଷେପରେ

### ଡିଜେଲ ଢାଳି ଦେହରେ ନିଆଁ ଲଗାଇ କଲେଜ ଛାତ୍ର ମୃତ

କଟକ,୧୯।୨(କାର୍ତ୍ତିକ ସାହୁ): ଜଣେ ଯୁକ୍ତ ୨ ନାବାଳକ ଛାତ୍ର ନିଜ ଦେହରେ ଡିଜେଲ ଢାଳି ନିଆଁ ଲଗାଇ ମୃତ୍ୟୁବରଣ କରିଛନ୍ତି। ପୁରୀଘାଟ ଥାନା ଅନ୍ତର୍ଗତ ଗୋପାଳ ଜୀଉ ଲେନ୍ ମଠସାହିରେ ଏହି ଘଟଣା ଘଟିଛି। ମୃତକ ହେଲେ ଗୋପାଳଜୀଉ ମଠସାହିରେ ଭଡ଼ାଘରେ ରହୁଥିବା ପଶ୍ଚିମବଙ୍ଗର ବାସିନ୍ଦା ତନ୍ମୟ ଦତ୍ତଙ୍କ ପୁତ୍ର ଅଙ୍କନ ଦତ୍ତ(୧୭)।

ସୂଚନାନୁସାରେ, ମଙ୍ଗଳବାର ରାତି ପ୍ରାୟ ୩ଟା ୫୦ରେ ନାବାଳକ ଜଣକ ଏଭଳି କାଣ୍ଡ କରିଥିଲେ। ଏନେଇ ଖବର ପାଇବା ପରେ କଟକ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅର୍ଦ୍ଧଦଗ୍ଧ ଅବସ୍ଥାରେ ନାବାଳକଙ୍କୁ ଉଦ୍ଧାର କରିଥିଲା। ଅଗ୍ନିଶମ ବାହିନୀ ଏନେଇ ପୁରୀଘାଟ ଥାନା ପୋଲିସକୁ ଜଣାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଜବତ ମୃତଦେହକୁ ଅଗ୍ନିଶମ ବାହିନୀ ପୋଲିସ ଜିମା ଦେଇଥିଲା। ପୋଲିସ ମୃତଦେହ ଜବତ ପରେ ଏସ୍‌ସିବି ମେଡିକାଲକୁ ନେଇ ବ୍ୟବଚ୍ଛେଦ କରାଇଛି। ତେବେ ନାବାଳକ ଜଣକ କ'ଣ ପାଇଁ ଏଭଳି କାଣ୍ଡ ଭିଆଇଲେ ତା'ର କାରଣ ଅସ୍ପଷ୍ଟ ରହିଛି। ପୁରୀଘାଟ ପୋଲିସ ଏହି ମାମଲାର ତଦନ୍ତ ଜାରି ରଖିଛି। ଏନେଇ ପୁରୀଘାଟ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୨୦୨୫) ରୁଜୁ ହୋଇଛି। ତଦନ୍ତକାରୀ ଅଧିକାରୀ ଆଶିଷ କୁମାର ଦାଶ କହିଛନ୍ତି, ଛାତ୍ରମୃତ୍ୟୁର ବିଭିନ୍ନ ଦିଗକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଘଟଣାସ୍ଥଳରୁ ଛାତ୍ର ବ୍ୟବହାର କରୁଥିବା ମୋବାଇଲ ଜବତ କରାଯାଇଛି। ମାତ୍ର ତାହା ଫର୍ମାଟ ହୋଇଥିବାରୁ ସେଥିରୁ କୌଣସି ତଥ୍ୟ ମିଳିପାରୁନାହିଁ। ମୋବାଇଲ୍‌କୁ ଫୋରେନ୍‌ସିକ୍ ଲାବରେଟୋରିକୁ ପରୀକ୍ଷା ପାଇଁ ପଠାଯିବ। ଏଥିସହ ଛାତ୍ରଙ୍କ ମୃତ୍ୟୁ ପ୍ରେମଜନିତ କି ନୁହେଁ ତାହାକୁ ମଧ୍ୟ ପୋଲିସ ତର୍ଜମା କରିବ ବୋଲି ଦାଶ କହିଛନ୍ତି।

### ଦେଶୀମଦ ଜବତ, ୨ ଗିରଫ

ବେଗୁନିଆ,୧୯।୨(ସନ୍ଧ୍ୟାରାଣୀ ମିଶ୍ର): ଖୋର୍ଦ୍ଧା ଜିଲା ଅବକାରୀ ବିଭାଗର ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦୁଇଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବ୍ରାହ୍ମଣୀପୁଟ ଗ୍ରାମର ଯୋଗୀ ଜେନା ଏବଂ ସର୍ବେଶ୍ୱର ନାୟକ। ଏମାନଙ୍କ ନିକଟରୁ ମୋଟ୍ ୪୮ ଲିଟର ଦେଶୀମଦ ଜବତ ହୋଇଛି।

### ଚଢ଼ାଉ: ୨ ଟ୍ରାକ୍ଟର ଜବତ

ତ୍ରିଶୂଳିଆ ୧୯।୨ (ତୁଷାରକାନ୍ତ ବେହେରା): ବାରଙ୍ଗ ତହସିଲ ଅଧୀନ ଗୋଡ଼ିସାହି ଫାଣ୍ଡି ଅଞ୍ଚଳରେ ମଙ୍ଗଳବାର ରାତିଅଧରେ ବେଆଇନ ଭାବେ ରତାଗଡ଼ ନିକଟ ପୁରୀ ମୁଖ୍ୟ କେନାଲ କଡ଼ରୁ ଜେସିବି ସାହାଯ୍ୟରେ ଟ୍ରାକ୍ଟରରେ ବାଲି ଉଠାଇ ଅନ୍ୟତ୍ର ଚାଲାଣ କରୁଥିଲେ। ଖବର ପାଇ ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ଫାଣ୍ଡି ଅଧିକାରୀ ବିଚିତ୍ରା ନନ୍ଦ ପ୍ରଧାନଙ୍କ ସମେତ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲା। ଚଢ଼ାଉରେ ୨ଟି ଟ୍ରାକ୍ଟର (ଓଡି ୦୫ ବିଆର ୦୪୪୬ ଓ ଓଡି ୦୫ ବିଜେ ୪୨୮୭) ସହ ଜେସିବି ଜବତ କରି ଫାଣ୍ଡି ପରିସରକୁ ନିଆଯାଇଛି। ତେବେ ଦିନକୁ ଦିନ ବାରଙ୍ଗରେ ବାଲି ଓ ଖଣି ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି।

# ସୋଲାର ପାନୀୟଜଳ ପ୍ରକଳ୍ପ, ଆଲୋକୀକରଣ ଅଚଳ

- ଗ୍ରୀଷ୍ମ ପ୍ରବାହରେ ଜଳକ୍ଳିଷ୍ଟ
- ଚୋରି, ରାହାଜାନି ବୃଦ୍ଧି ଆଶଙ୍କା

କୋଣାର୍କ,୧୯।୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍‌ଏସିର ୧୩ଟି ୱାର୍ଡରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନିମନ୍ତେ ସୋଲାର ପାନୀୟ ଜଳ ପ୍ରକଳ୍ପ ଓ ସୋଲାର ଆଲୋକୀକରଣ ବ୍ୟବସ୍ଥା ନିମନ୍ତେ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଅଧୀନ ଓରେଡା ପକ୍ଷରୁ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଯାହା ଏବେ ଅକାମୀ ହୋଇ ପଡ଼ିଥିବା କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଖବରରୁ ପ୍ରକାଶ, କୋଣାର୍କ ଏନ୍‌ଏସିର ୧୩ଟି ୱାର୍ଡରେ ସୋଲାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ସହ ଏନ୍‌ଏସିରେ ଆଲୋକୀକରଣ ଲାଗି ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର ପ୍ରକ୍ରିୟାରେ ୨୦୧୯ ମସିହାରେ ଏକ ଘରୋଇ ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବାରୁ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ



ଅଚଳ ହୋଇପଡ଼ିଥିବା ସୋଲାର ପାନୀୟଜଳ ପ୍ରକଳ୍ପ।

ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ଏହି ସମସ୍ୟା ଯୋଗୁ ଗ୍ରୀଷ୍ମପ୍ରବାହ ଆରମ୍ଭରୁ କୋଣାର୍କ ଏନ୍‌ଏସିବାସୀ ଜଳକ୍ଳିଷ୍ଟଜନିତ ସମସ୍ୟାରେ ଛଟପଟ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଲାଗିଥିବା ସୋଲାର ଆଲୋକୀକରଣ ପ୍ରକଳ୍ପ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବାରୁ ଅଧିକାଂଶ ଲାଇଟ୍ ଜଳୁ ନ ଥିବାବେଳେ ତୀର୍ଥ ପୁଷ୍କରିଣୀରେ ଲାଗିଥିବା ଲାଇଟ୍ ଗାଏବ ହୋଇଯାଇଥିବା ଦେଖିବାକୁ ମିଳିଛି। ଆଲୋକୀକରଣ ବ୍ୟବସ୍ଥା ନ ରହିବା କାରଣରୁ ଅଞ୍ଚଳରେ ଚୋରି, ରାହାଜାନି ଭଳି ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଉଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉ ନ ଥିବାବେଳେ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ମାସିକ ଦରମା ନେବା କେତେଦୂର ସମୀଚୀନ ତାହା ବୁଦ୍ଧିଜୀବୀ ମହଲରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ଉକ୍ତ ପ୍ରକଳ୍ପ ପାଇଁ ଆସିଥିବା କୋଟି କୋଟି ଟଙ୍କା ପାଣିରେ ପଡ଼ିଲା ବୋଲି ଅଞ୍ଚଳର ବୁଦ୍ଧିଜୀବୀ କହିଛନ୍ତି। ଏ ସମ୍ପର୍କରେ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀଙ୍କୁ ପଚାରିବାରେ, ଯଦି ଏପରି କାର୍ଯ୍ୟ କରାଯାଇଥାଏ, ତେବେ ଉକ୍ତ କମ୍ପାନୀ ବିରୋଧରେ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୋଣାର୍କ ଏନ୍‌ଏସିରେ ଉକ୍ତ ଯୋଜନାରେ ହୋଇଥିବା ବ୍ୟାପକ ଦୁର୍ନୀତି ଓ ଅନିୟମିତତା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ, ଶକ୍ତି ବିଭାଗ ମନ୍ତ୍ରୀ, ବିଭାଗୀୟ ସଚିବ, ନଗର ଉନ୍ନୟନ ମନ୍ତ୍ରୀ, ବିଭାଗୀୟ ସଚିବ, ମୁଖ୍ୟ ଶାସନ ସଚିବ ଓ ପୁରୀ ଜିଲାପାଳଙ୍କୁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

# ବରିଷ୍ଠ ନାଗରିକଙ୍କ ସହାୟତା ପାଇଁ ପୋଲିସ ସଙ୍କଳ୍ପବଦ୍ଧ



ସମାରୋହରେ ଉପସ୍ଥିତ ବରିଷ୍ଠ ନାଗରିକ ଏବଂ ଅନ୍ୟମାନେ।

## ୩୫ ବରିଷ୍ଠ ନାଗରିକଙ୍କୁ ମିଳିଲା ପରିଚୟପତ୍ର

ନିମାପଡ଼ା,୧୯।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପୋଲିସ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ପରିଚୟ ପ୍ରଦାନ ଶୀର୍ଷକ ଏକ ସମାରୋହ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଆଇଆଇସି ବାମଦେବ ସ୍ୱାଇଁ, ଏସ୍‌ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ, ନିମାପଡ଼ା ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରମୋଦ ଚନ୍ଦ୍ର ମହାନ୍ତି, ସମ୍ପାଦକ ଦିଗମ୍ବର ନାୟକ, ସହସମ୍ପାଦକ ଦୀନବନ୍ଧୁ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକମାନେ ସମାଜର ଏକ ଅଙ୍ଗ, ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ଭିତ୍ତିରେ ସମସ୍ତ ପ୍ରକାର ସହାୟତା ପାଇଁ ପୋଲିସ ସଙ୍କଳ୍ପବଦ୍ଧ ବୋଲି ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି। ଏହି ସମାରୋହରେ ନିମାପଡ଼ା ଥାନା ପକ୍ଷରୁ ୩୫ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସମାରୋହରେ ନିମାପଡ଼ା ଏସ୍‌ଆଇ ଦିଲୀପ କୁମାର ପଣ୍ଡା, ଏଏସ୍‌ଆଇ ଲକ୍ଷ୍ମୀକାନ୍ତ ମହାନ୍ତି, ଏଏସ୍‌ଆଇ ଶରତ କୁମାର ମଲ୍ଲିକ, ଏଏସ୍‌ଆଇ ଜ୍ୟୋସ୍ନାରାଣୀ ସାହୁଙ୍କ ସମେତ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା, ସଦସ୍ୟମାନେ ଉପସ୍ଥିତ ଥିଲେ।

# ଅଟକିଲା ଭୂ-ଅଧିଗ୍ରହଣ ମାପଚୁପ

## ପ୍ରସ୍ତାବିତ ସାକ୍ଷୀଗୋପାଳ ରେଳ ଓଭରବ୍ରିଜ୍

ସାକ୍ଷୀଗୋପାଳ,୧୯।୨ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ପୁରୀ ଜିଲା ପ୍ରଶାସନ ପକ୍ଷରୁ ସାକ୍ଷୀଗୋପାଳ ବଜାର ରାସ୍ତା ସମ୍ପ୍ରସାରଣ ଓ ରେଲ୍‌ୱେ ଓଭରବ୍ରିଜ୍ ନିର୍ମାଣ କରାଯିବ। ପୂର୍ବ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଅଧିଗ୍ରହଣ ହେବାକୁ ଥିବା ଭୂସମ୍ପତ୍ତିର ସୀମା ଚିହ୍ନଟ ନିମନ୍ତେ ଭୂଅଧିଗ୍ରହଣ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ଡେପୁଟି କଲେକ୍ଟର ସୁଶାନ୍ତ କୁମାର ପଟ୍ଟନାୟକ, ଆସିଷ୍ଟାଣ୍ଟ କଲେକ୍ଟର ଆଶୁତୋଷ ଦେ ଓ ସତ୍ୟବାଦୀ ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀଙ୍କ ସମେତ ରାଜସ୍ୱ ନିରୀକ୍ଷକ ଓ ଅମିନ ସାକ୍ଷୀଗୋପାଳ ବଜାରରେ ଜମି ମାପଚୁପ କରିଥିଲେ। ମାତ୍ର ସାକ୍ଷୀଗୋପାଳ ବଜାର ବ୍ୟବସାୟୀ ମହାସଂଘ ଓ ସ୍ଥାନୀୟ କେତେଜଣ ଜନସାଧାରଣ ମାପଚୁପକୁ ବିରୋଧ କରିଥିବା ଦେଖାଯାଇଥିଲା। ଫଳରେ ମାପଚୁପ ଅଧାରୁ ଅଟକି ରହିଥିଲା। ବ୍ୟବସାୟୀମାନେ ୮୦ ଫୁଟ ଜମି ଅଧିଗ୍ରହଣ କରିବା ପରିବର୍ତ୍ତେ ୬୦ ଫୁଟ ମଧ୍ୟରେ ଅଧିଗ୍ରହଣ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଏହି ବିବାଦ ସମ୍ପର୍କରେ ଆଲୋଚନା କରାଯିବାକୁ ସେମାନେ ଦାବି କରିଥିଲେ। ଏହି ବିବାଦ ସମାଧାନ ନିମନ୍ତେ ଆସନ୍ତା ରବିବାର ଏକ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ସାକ୍ଷାତକରି ବଜାର କମିଟି ଉପସଭାପତି ଶଙ୍କର୍ଷଣ ପ୍ରଧାନ ଓ ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର, ବ୍ୟବସାୟୀ ପୃଥ୍ୱୀରାଜ ସାହୁ, ପାପୁନି ଦାଶ, ଅମିୟ କୁମାର ସ୍ୱାଇଁ ପ୍ରମୁଖ ସମାଧାନ ପାଇଁ ଅନୁରୋଧ କରିଥିଲେ।


କୋଣାର୍କ ଅର୍କବିହାର ନାଟ୍ୟମଣ୍ଡପଠାରେ ୩୧ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଘାଟନୀ ଦିବସରେ ବୁଧବାର ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ପଞ୍ଚଦେବ ସ୍ତୁତି, ଓଡ଼ିଶୀନୃତ୍ୟରେ ବିମୋହିତ ହେଲେ ଦର୍ଶକ

## ୩୧ତମ କୋଣାର୍କ ନୃତ୍ୟ, ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ

କୋଣାର୍କ,୧୯।୨(ଜ୍ୟୋତିରାଜ ମହାନ୍ତି)

ସ୍ୱର୍ଗତ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ମାନସ ସନ୍ତାନ କୋଣାର୍କ ଅର୍କବିହାର ନାଟ୍ୟମଣ୍ଡପଠାରେ ୩୧ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ସମାରୋହରେ ଅତିଥିଭାବେ ଜଗତସିଂହପୁର ଏମ୍‌ପି ଡ. ବିଭୁପ୍ରସାଦ ତରାଇ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ନାଟ୍ୟମଣ୍ଡପ ସମ୍ପାଦକ ଶିବାଶିଷ ପ୍ରଧାନ, ସ୍ୱର୍ଗତ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଧର୍ମପତ୍ନୀ ସୁଲୋଚନା ପ୍ରଧାନ ପ୍ରମୁଖ ଯୋଗଦେଇ ଶୁଭାରମ୍ଭ କରିଥିଲେ।

ପ୍ରଥମେ ଘଣ୍ଟ, ମର୍ଦ୍ଦଳ ଓ ଶଙ୍ଖଧ୍ୱନି ତାଳେତାଳେ ବାବା ବାଲୁଙ୍କେଶ୍ୱର ମହାଦେବଙ୍କ ଆଜ୍ଞାମାଳ ମଞ୍ଚରେ ବିଜେ କରାଯାଇଥିଲା। ପରେ କୋଣାର୍କ ନାଟ୍ୟମଣ୍ଡପ କଳାକାରମାନଙ୍କ ଦ୍ୱାରା ପରିବେଷିତ ପଞ୍ଚଦେବ ସ୍ତୁତି ଦର୍ଶକଙ୍କ ମନ ମୋହିଥିଲା। ନାଟ ମଣ୍ଡପ ଓ ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀ କଳାକାରମାନଙ୍କ ଦ୍ୱାରା ଗୁରୁ ଗଙ୍ଗାଧର ବନ୍ଦନା ପରିବେଷଣ ହୋଇଥିଲା। ଏହା ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ ଓ ବିମୋହିତ କରିଥିଲା। କାର୍ଯ୍ୟକ୍ରମରେ ସାହିତ୍ୟିକ, କବି କବୟିତ୍ରୀମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

# ରାଜ୍ୟ ମାନବାଧିକାର କାଉନସିଲ୍‌ର କାର୍ଯ୍ୟାନୁଷ୍ଠାନ ଦାବି

## କିଟ୍‌ରେ ଛାତ୍ରୀ ମୃତ୍ୟୁ ଘଟଣା

ଚୌଦ୍ୱାର,୧୯।୨(ଆଶୁତୋଷ ଦାସ)

ଭୁବନେଶ୍ୱରସ୍ଥିତ କିଟ୍ ୟୁନିଭର୍ସିଟିରେ ଘଟିଥିବା ନେପାଳୀ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ଓ ଏଥିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ମାନବାଧିକାର କାଉନସିଲ୍ ଦାବି କରିଛି। ମାନବାଧିକାର କାଉନସିଲ୍‌ଙ୍କ ଅଭିଯୋଗ ମତେ କିଟ୍‌ରେ ନେପାଳୀ ଛାତ୍ରୀ କୌଣସି ଏକ କାରଣକୁ ନେଇ ଆତ୍ମହତ୍ୟା କରିଥିଲେ। ଏନେଇ ଛାତ୍ରୀଛାତ୍ରଙ୍କ ଭିତରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଘଟଣାରେ ନେପାଳର ବିଦ୍ୟାର୍ଥୀଙ୍କୁ କଲେଜର ମହିଳା ୱାର୍ଡେନ ଓ ଜଏଣ୍ଟ ଡାଇରେକ୍ଟର ପକ୍ଷରୁ ଧମକ ଦେବା, ଭୟଭୀତ କରାଇବା ଏବଂ ସୁରକ୍ଷାକର୍ମୀ, ଭଡ଼ାଟିଆ ଗୁଣ୍ଡା ଦ୍ୱାରା ବିଦେଶୀ ଛାତ୍ରଙ୍କୁ ମାଡ଼ ମାରିବା ଆଦି ଅତ୍ୟନ୍ତ ନିନ୍ଦନୀୟ ଘଟଣା।

# ଅସ୍ତରଙ୍ଗ ଓ କାକଟପୁର ବ୍ଲକ୍‌ରେ ୨୪୩୮ ପରୀକ୍ଷାର୍ଥୀ

## ନିଜ ନିଜ ଅଞ୍ଚଳ ଉପରେ ନଜର ରଖିବେ ବିଡିଓ ଓ ତହସିଲଦାର

କାକଟପୁର/ଅସ୍ତରଙ୍ଗ,୧୯।୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଫେବୃଆରୀ ୨୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଚଳିତ ବର୍ଷର ୧୦ମ ଶ୍ରେଣୀ ପରୀକ୍ଷା। ଏଥିପାଇଁ ଅସ୍ତରଙ୍ଗ ବ୍ଲକ୍ ଅଞ୍ଚଳରେ ୫ଟି ପରୀକ୍ଷା କେନ୍ଦ୍ରରେ ୯୨୨ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ୍ ସେଣ୍ଟର କରାଯାଇଛି। ଅପରପକ୍ଷେ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ ପରୀକ୍ଷାରେ ଯେଭଳି କୌଣସି ତ୍ରୁଟି ନ ରୁହେ ସେ ଉପରେ କଡ଼ା ନଜର ରଖିବାକୁ ନିଜ ଅଞ୍ଚଳର ପରୀକ୍ଷା ପରିଚାଳନା ଦାୟିତ୍ୱ ବିଡିଓ ଓ ତହସିଲଦାର ଦେଖିବେ। ସେହିପରି କାକଟପୁର ଉଚ୍ଚ ବିଦ୍ୟାଳୟକୁ ନୋଡାଲ୍ ସେଣ୍ଟର କରାଯାଇଥିବା ବେଳେ କାକଟପୁର ବ୍ଲକ ଅଞ୍ଚଳର ୬ଟି କେନ୍ଦ୍ରରେ ୧୫୧୬ ପରୀକ୍ଷାର୍ଥୀ ପରୀକ୍ଷା ଦେବେ।

# 'ତ୍ୟାଗର ଅବତାର ଥିଲେ ବିବୁଧେନ୍ଦ୍ର'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କଟକ,୧୯।୨(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ବିବୁଧେନ୍ଦ୍ର ମିଶ୍ର ମେମୋରିଆଲ ଟ୍ରଷ୍ଟ ସହଯୋଗରେ ସ୍ୱାଧୀନତା ସଂଗ୍ରାମୀ ବିବୁଧେନ୍ଦ୍ର ମିଶ୍ରଙ୍କ ୧୩ତମ ଶ୍ରାଦ୍ଧ ବାର୍ଷିକ ହାଇକୋର୍ଟ ବାର୍ ଆସୋସିଏସନ୍ ପରିସରରେ ବୁଧବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା କହିଲେ, ତ୍ୟାଗର ଅବତାର ଥିଲେ ବିବୁଧେନ୍ଦ୍ର। ସୁଭାଷ ବୋଷଙ୍କ ସହ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ ଏନିମି ଏଜେଣ୍ଟ ଅର୍ଡିନାନ୍ସ ଆଇନରେ ଗିରଫ ହୋଇ ଜେଲ ଯାଇଥିଲେ। ସମ୍ମାନିତ ଅତିଥି ଆଡ୍‌ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କହିଲେ, ଯୁବପିଢ଼ି ପାଇଁ ବିବୁଧେନ୍ଦ୍ର ପ୍ରେରଣାଦାୟକ ଥିଲେ। ୪ ପିଢ଼ିର ଲୋକେ ତାଙ୍କୁ ଆଦରରେ କୁନି ଭାଇନା ବୋଲି ଡାକୁଥିଲେ। ଟ୍ରଷ୍ଟର ଆବାହକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ସ୍ୱାଗତ ଭାଷଣରେ ବିବୁଧେନ୍ଦ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସୁପୁତ୍ର ମାନବେନ୍ଦ୍ର ମିଶ୍ର ପିତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଡଗରପଡ଼ାସ୍ଥିତ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ୫ ମେଧାବୀ ଅନ୍ତେବାସୀ ରମଇ ଟୁଡୁ, ପୂର୍ଣ୍ଣ ଚନ୍ଦ୍ର ସୋରେନ୍, ଚନ୍ଦ୍ର ହେମ୍ବ୍ରମ, କୁନାଲ ଚଟାର ଓ ସୁରଜ ବିରୁଆଙ୍କୁ ପୁରସ୍କୃତ କରାଯାଇଥିଲା। ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ବିଜୟ ଦାଶ ଅଧ୍ୟକ୍ଷତା ଓ ସମ୍ପାଦକ ରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ। ବିଚାରପତି ସାବିତ୍ରୀ ରଥ, ବିଚାରପତି ମୃଗାଙ୍କ ଶେଖର ସାହୁ, ବିଚାରପତି ଭି. ନରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# 'ଭୋଗବାଦର ଅନଳ ଭୂମିରେ ଶୀତଳତାକୁ ଖୋଜୁଛି ସାହିତ୍ୟ'


ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

ପୁରୀ,୧୯।୨(ଅଜିତ୍ କୁମାର ମହାନ୍ତି)

ପ୍ରକାଶନ ସଂସ୍ଥା 'ଧଉଳି ରିଭ୍ୟୁ ଟ୍ରଷ୍ଟ' ଭୁବନେଶ୍ୱର ଦ୍ୱାରା ଦ୍ୱିତୀୟ ପୁରୀ ଲିଟରେଚର୍ ଫେଷ୍ଟିଭାଲ-୨୦୨୫ ଗତ ଦୁଇଦିନ ଧରି ଆୟୋଜିତ ହୋଇଯାଇଛି। ପ୍ରଥମ ଦିବସ କାର୍ଯ୍ୟକ୍ରମକୁ ସାହିତ୍ୟିକ ଦାଶବେନହୁର ଉଦ୍‌ଘାଟନ କରି ସାମ୍ପ୍ରତିକ ସାହିତ୍ୟ ତ୍ୟାଗର ତପୋବନରୁ ବାହାରି ଭୋଗବାଦର ଅନଳ ଭୂମିରେ ଶୀତଳତାକୁ ଖୋଜି ହେଉଛି ବୋଲି କହିଥିଲେ। ଧଉଳି ରିଭ୍ୟୁ ଟ୍ରଷ୍ଟ ନିର୍ଦ୍ଦେଶକ ତଥା କବି ମନୁ ଦାଶ ଏବଂ ଶିକ୍ଷାବିତ୍ ସତ୍ୟ ମହାନ୍ତି ସେମାନଙ୍କ ଅଭିଭାଷଣ ରଖିଥିଲେ। ଶିକ୍ଷାବିତ୍ ଡ. ପ୍ରସନ୍ନ ସ୍ୱାଇଁଙ୍କ ସଭାପତିତ୍ୱରେ 'ଆଜିର କବିତା' ଶୀର୍ଷକ ଆଲୋଚନାରେ କବି ଡ. ପ୍ରଦୀପ ପଣ୍ଡା, ଭାଗିରଥୀ ମିଶ୍ର, ଡ. ଦିଲୀପ କୁମାର ସ୍ୱାଇଁ ଏବଂ କାମଦେବ ମହାରଣା ଯୋଗଦେଇ ସାମ୍ପ୍ରତିକ କବିତାର ବୈଶିଷ୍ଟ୍ୟ ଓ ପାଠକୀୟ ସ୍ୱୀକୃତି ତଥା ଏହାର ଭବିଷ୍ୟତ ବିଷୟରେ ଆଲୋଚନା କରିଥିଲେ। ସେହିପରି କ୍ଲାସିକ ସାହିତ୍ୟ ବିଷୟରେ ଆଲୋଚନା ତଥା ମନୁ ଦାଶଙ୍କ ଦ୍ୱାରା ସମ୍ପାଦିତ ତଥା ପେଙ୍ଗୁଇନ୍ ର୍‍ୟାମଣ୍ଡମ ହାଉସ୍ ଇଣ୍ଡିଆ ଦ୍ୱାରା ପ୍ରକାଶିତ ପୁସ୍ତକ ଦି ବିଗ୍ ଅଫ୍ ଓଡ଼ିଆ ଲିଟେଲେଚର ଉପରେ ତଥ୍ୟ ସମ୍ବଳିତ ନିବନ୍ଧ ଅନୁବାଦକ ଡ. ଚିତ୍ତରଞ୍ଜନ ମିଶ୍ର ପାଠ କରିଥିଲେ। ଅପରାହ୍ନରେ ଡ. ଦିଲୀପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ହୋଇଥିଲା। ଦ୍ୱିତୀୟ ଦିବସରେ ଗଳ୍ପ ଆଲୋଚନାରେ ଗାଳ୍ପିକ ପରେଶ ପଟ୍ଟନାୟକ, ସଦାନନ୍ଦ ତ୍ରିପାଠୀ, ସହଦେବ ସାହୁ ଏବଂ ମୌସୁମୀ ଦାସ ଅଂଶଗ୍ରହଣ କରିଥିବାବେଳେ ମହାପ୍ରଭୁଙ୍କ ନବକଳେବର ଆଲୋଚନାରେ ମିହିର ସାହୁ ଓ ଲିପି ପରିଡ଼ା ବକ୍ତବ୍ୟ ରଖିଥିଲେ। ପୁରୀ ଶବ୍ଦାବଳୀ ଏବଂ ଓଡ଼ିଆ ସାହିତ୍ୟ ଅଧିବେଶନରେ ଚିନ୍ମୟ ବିବେକ ଓ ଦେବୀପ୍ରସନ୍ନ ନନ୍ଦ ଏବଂ 'ସାଂସ୍କୃତିକ ନବଜାଗରଣରେ ପୁରୀର ଭୂମିକା' ଶୀର୍ଷକ ଆଲୋଚନା ହୋଇଥିଲା।

ଇଣ୍ଡିୟନ ବୈଂକ Indian Bank
ଇଲାହାବାଦ ALLAHABAD

ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
***ଏତଦ୍ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଜଗତସିଂହପୁର ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ |
|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ମହମ୍ମଦ ଜାମିଲ୍,** ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର, ପିନ୍- ୭୫୪୧୦୩, **ସହ-ଋଣଗ୍ରହୀତା: ଶ୍ରୀମତୀ ଫିର୍ଦସ ମହାଜବିନ୍ ।** | **ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୧୪/୮୮୩, ଖାତା ନଂ.୪୮/୧୩୫, ମୌଜା: ଜୟବାଡ, ପୋ./ଜିଲ୍ଲା: ଜଗତସିଂହପୁର, ଓଡିଶା, ଏରିଆ: ଏ୦.୦୪ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ନଜିବ୍ ଇସ୍ତିଆକ୍ ଆଲାମ ଖାନ୍, ପୂର୍ବ- ନଜିବ୍ ଇସ୍ତିଆକ୍ ଆଲାମ ଖାନ୍, ପଶ୍ଚିମ- ପ୍ଲଟ ନଂ.୨୧୪ । | ୨୦.୧୧.୨୦୨୪ | ୧୪.୦୨.୨୦୨୫ | ଟ.୧୫,୦୭,୨୫୯/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| **ଋଣଗ୍ରହୀତା: (୧)ମେସର୍ସ ଓର୍ଚ୍ଚିଡ ରିଟେଲ (ପାର୍ଟନରସିପ୍ ଫାର୍ମ),** ସେଣ୍ଟ୍ରାଲ ମାର୍କେଟ, ପୋ./ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୩, **(୨)ଶ୍ରୀ ମହମ୍ମଦ ଜାମିଲ୍ (ମ୍ୟାନେଜିଂ ପାର୍ଟନର),** ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର, ପିନ୍- ୭୫୪୧୦୩, **(୩) ଶ୍ରୀ ନଜିବ୍ ଇସ୍ତିଆକ୍ ଆଲାମ୍ (ପାର୍ଟନର) ।** | **ଶ୍ରୀ ନଜିବ୍ ଇସ୍ତିଆକ୍ ଆଲାମ୍ ଖାନ୍** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୧୪/୭୬୯, ଖାତା ନଂ.୪୮/୧୦୮, ମୌଜା: ଜୟବାଡ, ଜଗତସିଂହପୁର, ଏରିଆ: ଏ୦.୧୩ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ-ଅମିର ଇମ୍‌ତିୟାଜ୍ ଆଲାମ୍ ଖାନ୍, ପୂର୍ବ- ଦିଲ୍‌ଦାର ଇଫ୍‌ତିୟାକ୍ ଆଲାମ୍ ଖାନ୍, ପଶ୍ଚିମ- ଆଲ୍ଲାହା ବକ୍ସ ଏବଂ ଇଜ୍‌ରାର ବକ୍ସ । | ୨୦.୧୧.୨୦୨୪ | ୧୪.୦୨.୨୦୨୫ | ଟ.୫୦,୩୦,୨୪୦/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| | **ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୬୪୩, ଖାତା ନଂ.୪୯୪/୧୨୭୧, ମୌଜା: ପାରଙ୍ଗ, ଅନୁଗୁଳ, ଏରିଆ: ଏ୦.୧୨ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ରାଜେନ୍ଦ୍ର କୁମାର ସିଂ, ପୂର୍ବ- ସେଉଳ ପାତ୍ର, ପଶ୍ଚିମ- ପ୍ଲଟ ନଂ.୬୪୨ । | | ୧୭.୦୨.୨୦୨୫ | |

ସ୍ଥାନ-ଭୁବନେଶ୍ୱର, ତାରିଖ-୧୯.୦୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ପୁରୀ,୧୯।୨(ଅଜିତ୍ କୁମାର ମହାନ୍ତି)

ଡକାୟତି ଯୋଜନା କରୁଥିବାବେଳେ ସମୁଦ୍ରକୂଳ ଥାନା ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫକରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସମୁଦ୍ରକୂଳ ଥାନା ଅଧୀନ ତାରେଣୀ ବସ୍ତିର ଏମ୍. ଜଗା(୨୮), ବଳିଆପଣ୍ଡା ଥାନା ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଞ୍ଚଳର ଶିବ ଶଙ୍କର ତ୍ରିପାଠୀ(୪୬), ବାସେଲିସାହି ଥାନା ଅଧୀନ ମିଶ୍ରସାହି ଜଗନ୍ନାଥ ବସ୍ତିର ଚନ୍ଦନ ଦାସ(୨୪), ତାଳବଣିଆ ଥାନା ଅଧୀନ ତାଳବଣିଆ ଅଞ୍ଚଳର ଶୁଭଜିତ୍ ମହାପାତ୍ର (୨୮), କୁମ୍ଭାରପଡ଼ା ଥାନା ଅଧୀନ ନରେନ୍ଦ୍ରକୋଣ ବିଶ୍ୱେଶ୍ୱରୀ ଲେନ୍‌ର ଚିକୁ ଭୋଇ(୨୬)। ସେମାନଙ୍କ ନିକଟରୁ ଲୁହା ବାର, ଛୁରି, ସ୍କ୍ରୁ ଡ୍ରାଇଭର, ହାତୁଡ଼ି ଏବଂ ଲଙ୍କାଗୁଣ୍ଡ ଜବତ ହୋଇଛି। ଏନେଇ ସମୁଦ୍ରକୂଳ ଥାନା ପୋଲିସ ଏକ ମାମଲା (କେସ୍ ନଂ.୪୦/୨୫) ରୁଜୁ କରିଛି। ପେଣ୍ଠକଟାସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସମ୍ମୁଖ ନିକାଞ୍ଚନ ସ୍ଥାନରେ ୫ରୁ ୬ ଜଣ ବିଭିନ୍ନ ମାରଣାସ୍ତ୍ର ଧରି ଡକାୟତି ନିମନ୍ତେ ଯୋଜନା କରୁଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ସେଠାରେ ପହଞ୍ଚି ଚଢ଼ାଉକରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା।

# 'ତଦନ୍ତ ଶିଥିଳ, କାର୍ଯ୍ୟାନୁଷ୍ଠାନ ହୋଇନାହିଁ'

ପୁରୀ,୧୯।୨ (ଅଜିତ୍ କୁମାର ମହାନ୍ତି)

### ଏଏସ୍ଓଙ୍କୁ ପୂର୍ବତନ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣା


ସାୟୋଜା କୁମାରୀ ପ୍ରଧାନ

- ପୋଲିସର ପଦକ୍ଷେପ ନେଇ ଅସନ୍ତୋଷ ପ୍ରକାଶ କଲେ ପୀଡ଼ିତଙ୍କ ସ୍ତ୍ରୀ
- ଆନ୍ଦୋଳନ ଚେତାବନୀ ଦେଲା ଅଲ୍ ଓଡ଼ିଶା ଭେଟେରାନ୍ ସୋଲ୍‌ଜର୍ ଆସୋସିଏଶନ

ଗତବର୍ଷ ରଥଯାତ୍ରା ସମୟରେ ପୁରୀ ରାଜଭବନର ଜଣେ ଏଏସ୍ଓଙ୍କୁ ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଲଳିତ କୁମାର ମାଡ଼ ମାରିବା ଘଟଣାକୁ ଇତିମଧ୍ୟରେ ୭ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଲଳିତ କୁମାରଙ୍କ ବିରୋଧରେ ପୁରୀ ପୋଲିସ ପକ୍ଷରୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ସମ୍ପୃକ୍ତ ଏଏସ୍ଓ ବୈକୁଣ୍ଠ ପ୍ରଧାନଙ୍କ ସ୍ତ୍ରୀ ସାୟୋଜା କୁମାରୀ ପ୍ରଧାନ ଅଭିଯୋଗ ଆଣି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଘଟଣାରେ ପୋଲିସର ତଦନ୍ତ ଓ ପଦକ୍ଷେପ ସମ୍ପର୍କରେ ବୁଝିବା ପାଇଁ ସାୟୋଜ ବୁଧବାର ପୁରୀ ସମୁଦ୍ରକୂଳ ଥାନାକୁ ଆସିଥିଲେ। ହେଲେ ପୋଲିସ ପକ୍ଷରୁ ସନ୍ତୋଷଜନକ ଉତ୍ତର ମିଳି ନ ଥିବା ସେ ପ୍ରକାଶ କରିଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଚୁପ୍ ବସିବା ଏବଂ ରାଜ୍ୟ ସରକାର କୌଣସି ପଦକ୍ଷେପ ନ ନେବାକୁ ସେ କଡ଼ା ସମାଲୋଚନା କରିଛନ୍ତି। ସରକାରଙ୍କଠାରୁ ନ୍ୟାୟ ନ ମିଳିଲେ ସେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସାୟୋଜା କହିଛନ୍ତି। ସେହିପରି ଅଲ୍ ଓଡ଼ିଶା ଭେଟେରାନ ସୋଲଜୋର୍ ଆସୋସିଏଶନ୍ ମଧ୍ୟ ସମୁଦ୍ରକୂଳ ଥାନାର ଦ୍ୱାରସ୍ଥ ହୋଇଛି। ତୁରନ୍ତ ବୈକୁଣ୍ଠଙ୍କୁ ସରକାର ନ୍ୟାୟ ନ ଦେଲେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘ ଚେତାବନୀ ଦେଇଛି।

ସୂଚନାଯୋଗ୍ୟ, ୨୦୨୪ ଜୁଲାଇ ୭ରେ ପୁରୀ ରାଜଭବନରେ ଲଳିତ କୁମାର ଏଏସ୍ଓ ବୈକୁଣ୍ଠ ପ୍ରଧାନଙ୍କୁ ଏକ ଲଗ୍‌ଜୁରି ଗାଡ଼ି ବ୍ୟବସ୍ଥା କରିବା ପାଇଁ କହିଥିଲେ। ହେଲେ ସେହିଦିନ ପୁରୀରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପାଇଁ ଲଗ୍‌ଜୁରି ଗାଡ଼ି ଉପଲବ୍ଧ ନ ଥିଲା। ଏହାକୁ ନେଇ ଲଳିତ କୁମାର ଓ ତାଙ୍କର ୬ଜଣ ସାଥୀ ବୈକୁଣ୍ଠଙ୍କୁ ଆକ୍ରମଣ କରିଥିବା ସାୟୋଜା ଅଭିଯୋଗ କରିଥିଲେ। ସାୟୋଜା କହିଛନ୍ତି, ଚଳିତମାସ ୧୬ ତାରିଖରେ ବର୍ତ୍ତମାନର ରାଜ୍ୟପାଳଙ୍କୁ ଭେଟିବାକୁ ଯାଇଥିଲେ ମଧ୍ୟ ଦେଖା କରିପାରି ନ ଥିଲି। ରାଜ୍ୟପାଳଙ୍କ କାର୍ଯ୍ୟାଳୟର ଜଣେ ଅଧିକାରୀ ମୋତେ ଥାନାକୁ ଯାଇ ମାମଲା ଅଗ୍ରଗତି ସମ୍ପର୍କରେ ବୁଝିବାକୁ ପରାମର୍ଶ ଦେଇଥିଲେ। ତେଣୁ ବୁଧବାର ପୁରୀ ସମୁଦ୍ରକୂଳ ଥାନାକୁ ଆସିଥିଲି। ହେଲେ ଏ ନେଇ ମୋତେ କୌଣସି ସୂଚନା ଦିଆଯାଉନାହିଁ। ଥାନାରେ ଲିଖିତ ଅଭିଯୋଗ ସତ୍ତ୍ୱେ କେସ୍ ରୁଜୁ ହୋଇ ନ ଥିଲା। ସେହିପରି ୨୦୨୪ ଜୁଲାଇ ୧୧ରେ ଅନ୍‌ଲାଇନ ମାଧ୍ୟମରେ ସ୍ୱାମୀ ଏତଲା ଦେଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଅଭିଯୁକ୍ତ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ରାଜନୈତିକ ଚାପ ରହୁଛି। ଏଣୁ ପୋଲିସ୍ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରୁନାହିଁ। ପୂର୍ବତନ ରାଜ୍ୟପାଳ ଏହି ଘଟଣାରେ ମୋତେ ନ୍ୟାୟ ଦେବାକୁ ପ୍ରତିଶ୍ରୁତି ଦେଇ ନିରାଶ କରିଥିଲେ। ତେବେ ପୋଲିସ ପକ୍ଷରୁ ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶା ବାନ୍ଧିଛୁ। ଯଦି ଆମକୁ ନ୍ୟାୟ ନ ମିଳେ ଆମେ କୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି ସାୟୋଜା କହିଛନ୍ତି। ସେହିପରି ଅଲ୍ ଓଡ଼ିଶା ଭେଟେରାନ୍ ସୋଲଜର୍ ଆସୋସିଏଶନ୍‌ର ଜେନେରାଲ ସେକ୍ରେଟାରି ଉମେଶ କୁମାର ଚଇନି କହିଛନ୍ତି, ଯାହା ଲାଗୁଛି, ପୋଲିସ୍ ବିଭାଗ ଶୋଇପଡ଼ିଛି। ଦୀର୍ଘ ୭ମାସ ହେଲା ଘଟଣା ବିତିଯାଇଥିଲେ ମଧ୍ୟ ତଦନ୍ତ ହେଉନାହିଁ। ଏଠି ପ୍ରଶ୍ନ ଉଠୁଛି, ଅଭିଯୋଗକାରୀଙ୍କୁ କାହିଁକି ନ୍ୟାୟ ମିଳୁନାହିଁ। ନ୍ୟାୟ ପାଇଁ ଲଢେଇ କରିବୁ। ପୋଲିସ୍ ବିଭାଗକୁ ରାଜନୈତିକ ଚାପରୁ ମୁକ୍ତ ରଖିବାକୁ ସରକାରଙ୍କୁ ଅନୁରୋଧ କରୁଛୁ ବୋଲି ଚଇନି କହିଛନ୍ତି। ସେହିପରି ଅବସରପ୍ରାପ୍ତ ସୁବେଦାର ମେଜର ଭାସ୍କର ପରିଡା ଘଟଣାକୁ ନିନ୍ଦା କରିବା ସହ ଦୁଃଖଦାୟକ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ସମବାୟ ସମିତି ଜରିଆରେ ସଫଳ ମାଛଚାଷ



ମତ୍ସ୍ୟ-ପ୍ରାଣୀ ସମାବେଶରେ ସମ୍ମାନିତ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି କର୍ମକର୍ତ୍ତା।

ଭୁବନେଶ୍ୱର, ୧୯।୨(ଅନୁରାଧା ମହାରଣା)

ଆଗାମୀ ଦିନରେ ପ୍ରାଥମିକ ମତ୍ସ୍ୟଜୀବି ସମବାୟ ସମିତି ଜରିଆରେ ରାଜ୍ୟରେ ମାଛ ଉତ୍ପାଦନ ବଢାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ଇତିମଧ୍ୟରେ ରାଜ୍ୟରେ ଥିବା ୭୯୬ଟି ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମତି ମାଧ୍ୟମରେ ୨ ଲକ୍ଷରୁ ଅଧିକ ସଦସ୍ୟାସଦସ୍ୟ ପଞ୍ଜୀକୃତ ହୋଇଛନ୍ତି। ନଦୀ, ନାଳ, ପୋଖରୀ, ଜଳଭଣ୍ଡାର ଓ ସମୁଦ୍ରରୁ ମାଛ ଧରି ରାଜ୍ୟ ମତ୍ସ୍ୟ ଉତ୍ପାଦନ ବୃଦ୍ଧିରେ ଏମାନେ ସହାୟକ ହୋଇଛନ୍ତି। ସମସ୍ତ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମତିର ସଭ୍ୟାସଭ୍ୟ ମତ୍ସ୍ୟ ବିଭାଗର ବିଭିନ୍ନ ଯୋଜନାରୁ ସହାୟତା ପାଇବାର ବ୍ୟବସ୍ଥା ରହିଛି। ମତ୍ସ୍ୟଚାଷୀ, ମତ୍ସ୍ୟଜୀବି, ମତ୍ସ୍ୟ ଉଦ୍ୟୋଗୀ ତଥା ଏଥିସହ ସଂଶ୍ଳିଷ୍ଟ ସମସ୍ତ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅନ୍ତର୍ଗତ ଗୋଷ୍ଠୀ ବୀମା ଯୋଜନାରେ ବୀମାଭୁକ୍ତ କରାଯାଉଛି। ତେବେ ଭୁବନେଶ୍ୱରରେ ନିକଟରେ ଅନୁଷ୍ଠିତ ମତ୍ସ୍ୟ-ପ୍ରାଣୀ ସମାବେଶ-୨୦୨୫ରେ ୩୦ ଜିଲାରୁ ଗୋଟିଏ ଉତ୍ତମ କ୍ରିୟାଶୀଳ ପ୍ରାଥମିକ ମତ୍ସ୍ୟଜୀବି ସମବାୟ ସମତିର ସଭାପତି ଓ ସମ୍ପାଦକଙ୍କୁ ସମ୍ମାନିତ କରାଯାଇଛି। ରାଜ୍ୟ ମତ୍ସ୍ୟ ବିଭାଗରେ କାର୍ଯ୍ୟରତ ସମବାୟ ନୀରିକ୍ଷକ (ମତ୍ସ୍ୟ)ଙ୍କ ମଧ୍ୟରୁ ପୁରୀ ଜିଲାର ସମବାୟ ସମିତି ନିରୀକ୍ଷକ (ମତ୍ସ୍ୟ)କୁ ମଧ୍ୟ ଉକ୍ତ ସମାବେଶରେ ସମ୍ମାନିତ କରଯାଇଥିଲା।

# ପିଲାଙ୍କ ଅସତ୍ ପ୍ରବୃତ୍ତିକୁ ଦୂର କରନ୍ତି ଗୁରୁ

### ସେଣ୍ଟ୍ ଜାଭିୟର ସ୍କୁଲର ବାର୍ଷିକ ଉତ୍ସବ

ସାକ୍ଷୀଗୋପାଳ,୧୯।୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାକ୍ଷୀଗୋପାଳ ଉତ୍କଳମଣୀ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟ ଶିବ ସୁନ୍ଦର ମିଶ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡ. ରତ୍ନାକର ବେହେରା, ମୁଖ୍ୟ ବକ୍ତା ଭାବେ ଓୟୁଏଟିର ପୂର୍ବତନ ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ମିଶ୍ର, ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନର ସମ୍ପାଦକ ଡ. ପ୍ରଭାତ କୁମାର ମିଶ୍ର, ସହସମ୍ପାଦକ ଦେବଦତ୍ତ ସାମନ୍ତରାୟ, ଅନୁଷ୍ଠାନର ଅଧ୍ୟକ୍ଷ ଦୀପିକା ରଥ, ଉପାଧ୍ୟକ୍ଷ ସତ୍ୟବାଦୀ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପିଲାମାନଙ୍କ ଅସତ୍ ପ୍ରବୃତ୍ତିକୁ ଗୁରୁମାନେ ଦୂର କରନ୍ତି ବୋଲି ସମ୍ମାନିତ ଅତିଥି ଶିକ୍ଷାବିତ୍ ଡ. ବେହେରା କହିଛନ୍ତି। ଆଗାମୀ ଦିନରେ ଏହି ଅନୁଷ୍ଠାନ ଶିକ୍ଷା କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିବ ବୋଲି ଅନ୍ୟ ଅତିଥିମାନେ କହିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଉପସ୍ଥିତ ଅତିଥିମାନେ ମାନପତ୍ର ଦେଇ ଉତ୍ସାହିତ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ବେହେରା ମଞ୍ଚ ପରିଚାଳନା କରିଥିଲେ।



ଶହୀଦ ହାବିଲଦାର ରଞ୍ଜନ ସରଙ୍ଗୀ କ୍ରିକେଟ୍ ଟୁର୍ନାମେଣ୍ଟରେ ଲୟଲ ଲାୟନ ଦଳକୁ ଅତିଥି ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

# ଲୟଲ ଲାୟନ ଚାମ୍ପିୟନ

### ଶହୀଦ ରଞ୍ଜନ ସରଙ୍ଗୀ କ୍ରିକେଟ ଟୁର୍ନାମେଣ୍ଟ

ପୁରୀ,୧୯।୨(ଅଜିତ୍ କୁମାର ମହାନ୍ତି)

ଶହୀଦ ହାବିଲଦାର ରଞ୍ଜନ ସରଙ୍ଗୀ ଅଷ୍ଟମ ସଂସ୍କରଣ କ୍ରିକେଟ୍ ଟୁର୍ନାମେଣ୍ଟ ବୁଧବାର ଶେଷ ହୋଇଛି। ଫାଇନାଲ ମ୍ୟାଚ୍‌ରେ ବ୍ଲାକ ପାନ୍ଥରକୁ ହରାଇ ଲୟଲ ଲାୟନ ଚାମ୍ପିୟନ ହୋଇଛି। ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ ଯୋଗଦେଇ କରି ଚାମ୍ପିୟନ ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ବ୍ଲାକ ପାନ୍ଥର ଟସ୍ ଜିତି ବୋଲିଂ ପାଇଁ ନିଷ୍ପତି ନେଇଥିଲା। ଲୟଲ ଲାୟନ ୨୦ ଓଭରରେ ୨୨୫ ରନ୍ କରିଥିଲା। ଜବାବରେ ବ୍ଲାକ ପାନ୍ଥର ୨୧୭ ରନ୍ କରି ପରାଜିତ ହୋଇଥିଲା। ଲୟଲ ଲାୟନ ଖେଳାଳି ଶ୍ରୀଧର ପ୍ରଧାନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଇଥିଲା। ଏହି କ୍ରିକେଟ୍ ଟୁର୍ନାମେଣ୍ଟରେ ଚାମ୍ପିୟନ୍ ଟିମ୍ ଲୟଲ ଲାୟନ, ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ସୁଶାନ୍ତ କୁମାର ସ୍ୱାଇଁଙ୍କୁ ଅରେଞ୍ଜ କ୍ୟାପ, ବେଷ୍ଟ ବୋଲର୍ ଭାବେ ଶୁଭଜିତ୍ ବରାଳଙ୍କୁ ପର୍ପଲ କ୍ୟାପ, ସୁଶାନ୍ତ କୁମାର ସ୍ୱାଇଁଙ୍କୁ ମ୍ୟାନ ଅଫ ଦ ସିରିଜ୍, ବେଷ୍ଟ ଉଇକେଟ୍ କିପର ଭାବେ ଦିଲୀପ କୁମାର ଛାଟୋଇ, ବେଷ୍ଟ ଫିଲ୍ଡର ଭାବେ ଆପଲ ରାଜୁ, ବେଷ୍ଟ କ୍ୟାପଟେନ୍ ଭାବେ ଦୁଷ୍ମନ୍ତ ସାହୁ ପ୍ରମୁଖଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ ମିଶ୍ର, ଡିସିପି ତପନ ଦାସ, ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ, ରିଜର୍ଭ ଇନିସପେକ୍ଟର ଚିତରଞ୍ଜନ ମହାନ୍ତି, ସମୀର ସ୍ୱାଇଁ, ବାସୁଦେବ ପଣ୍ଡା ପୋଲିସ ସଂଘ ସଭାପତି ସନ୍ତୋଷ ମହାନ୍ତି, ଉପସଭାପତି ସନ୍ତୋଷ ସାହୁ, ସେକ୍ରେଟାରୀ ସୂର୍ଯ୍ୟତାପ ଜେନା ଉପସ୍ଥିତ ରହି ଖେଳକୁ ସୁଚାରୂପେ ପରିଚାଳନା କରିଥିଲେ। ସୂଚନାଥାଉ କି, ରଞ୍ଜନ ସରଙ୍ଗୀ ବ୍ରହ୍ମଗିରିରେ ବୋମା ନିଷ୍କ୍ରିୟ କରିବାକୁ ଯାଇ ବିସ୍ଫୋରଣରେ ଶହୀଦ ହୋଇଥିଲେ।

# ଚନ୍ଦ୍ରଶେଖର ଏକାଡେମୀର ବାର୍ଷିକ ଉତ୍ସବ

ପୁରୀ,୧୯।୨(ଅଜିତ୍ କୁମାର ମହାନ୍ତି)

ପୁରୀ-କୋଣାର୍କ ମେରାଇନ ଡ୍ରାଇଭରୋଡ୍ ବାଲିଘାଇଛକସ୍ଥିତ ଚନ୍ଦ୍ରଶେଖର ଏକାଡେମୀର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଗୋପ ବ୍ଲକ ଶିକ୍ଷାଧିକାରୀ ସୁଶିଲ୍ କୁମାର ବ୍ରହ୍ମା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ ଏକାଡେମୀ ଏଭଳି ଏକ ଶିକ୍ଷାନୁଷ୍ଠାନ, ଯେଉଁଥିରେ ସିବିଏସ୍ଇ ପାଠ୍ୟକ୍ରମ ବ୍ୟବସ୍ଥା ଥିବା ସତ୍ତ୍ୱେ ମାଗଣାରେ ଜାପାନ ଭାଷା ଶିକ୍ଷାଦାନର ସୁଯୋଗ ରହିଛି। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଫକୀର ମୋହନ ଧଳ, ସମ୍ମାନିତ ଅତିଥି ଭାବେ ଏକାଡେମୀ ଚେୟାରମ୍ୟାନ ଶ୍ରୀମନ୍ତ କୁମାର ଦାଶ, ସମ୍ପାଦକ ସଞ୍ଜୀବ କୁମାର ନାୟକ, ଅଧ୍ୟକ୍ଷ ସମୀର ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଜାପାନ ଭାଷାରେ ସଙ୍ଗୀତ ପରିବେଷଣ କରିଥିଲେ। ଏକାଡେମୀର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# 'ସ୍କନ୍ଦ ପୁରାଣରେ ଶ୍ରୀକ୍ଷେତ୍ରର ମହିମା, ମାହାତ୍ମ୍ୟ'

ପୁରୀ,୧୯।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଚଳିତ ମାସର ବୈଠକ ରବିବାର ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡ. ଶରତ କୁମାର ସାହୁ ସଭାପତିତ୍ୱ କରିଥିବାବେଳେ ଆଲୋଚ୍ୟ ବିଷୟ ଥିଲା 'ସ୍କନ୍ଦ ପୁରାଣରେ ଶ୍ରୀକ୍ଷେତ୍ରର ମହିମା ଓ ମାହାତ୍ମ୍ୟ'। ଅଧାପିକା ବାସନ୍ତୀ ଦେବୀ ଓ ଶ୍ରୀନିବାସ ଆଚାର୍ଯ୍ୟ ଉକ୍ତ ବିଷୟ ଆଧାରିତ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସ୍କନ୍ଦ ପୁରାଣ ଥିଲା ବୃହତ୍ତମ। ପୁରୁଷୋତ୍ତମ କ୍ଷେତ୍ରରେ ଲକ୍ଷ୍ମୀନାରାୟଣ ମାନବୀୟ ଲୀଳାର ପରିପ୍ରକାଶ ପାଇଁ ଦାରୁମୟ କଳେବର ଧାରଣ ପୂର୍ବକ ବିରାଜମାନ କରିଛନ୍ତି। ତୀର୍ଥରାଜ ମହୋଦଧି, କ୍ଷେତ୍ରରାଜ ପୁରୁଷୋତ୍ତମ ଏବଂ ଦେବରାଜ ଶ୍ରୀଜଗନ୍ନାଥଙ୍କ ସମନ୍ୱୟ ହେତୁ ଏହି କ୍ଷେତ୍ର ଅତ୍ୟନ୍ତ ଦୁର୍ଲଭ। ଦେବୀ ଗୌରୀ ଏଠାରେ ଅଷ୍ଟ ପ୍ରକାର ମୂର୍ତ୍ତି ଧାରଣ କରି ଅଷ୍ଟ ଦିଗରେ ରହି ଅନ୍ତଃବେଦିକୁ ରକ୍ଷା କରୁଛନ୍ତି। ସେମାନେ ହେଲେ ମା' ମଙ୍ଗଳା, ବିମଳା, ସର୍ବମଙ୍ଗଳା, ଅର୍ଦ୍ଧାଶିନୀ, ଆଲମ୍ବା, କାଳରାତ୍ରୀ, ମରୀଚିକା ଓ ଚଣ୍ଡରୂପା। ସ୍ୱୟଂ ରୁଦ୍ର ମଧ୍ୟ ଆତ୍ମାକୁ ଅଷ୍ଟଭେଦ କରି ଏଠାରେ ପରମେଶ୍ୱରଙ୍କ ଉପାସନା କରିଥିଲେ। ଅଷ୍ଟ ରୁଦ୍ରଙ୍କୁ କ୍ଷେତ୍ରର ସବୁ ଦିଗରେ ଉପସ୍ଥାପନ କରି ଧାମେଶ୍ୱର ଶ୍ରୀଜଗନ୍ନାଥ ସ୍ୱୟଂ ଅବସ୍ଥାନ କରିଛନ୍ତି। ଅଷ୍ଟରୁଦ୍ର ହେଲେ କପାଳମୋଚନ, କ୍ଷେତ୍ରପାଳ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ଈଶାନେଶ୍ୱର, ବିଶେଶ୍ୱର, ନୀଳକଣ୍ଠ ଓ ବଟମୂଳ ବଟେଶ୍ୱର ମହାଦେବ। ମହାପ୍ରଭୁ ସୁଦର୍ଶନ ଚକ୍ର ଦ୍ୱାରା ମାୟାକୁ ଦୂରେଇ ରଖନ୍ତି। ଏହି କ୍ଷେତ୍ର ସମସ୍ତ ଜୀବଙ୍କୁ ମୁକ୍ତି ପ୍ରଦାନ କରେ ବୋଲି ଆଲୋଚକମାନେ ମତ ରଖିଥିଲେ। ଆଲୋଚନାଚକ୍ରରେ ଡ. ଉମେଶ ଚନ୍ଦ୍ର ଚିନ୍ନରା, ସତ୍ୟନାରାୟଣ ମିଶ୍ର, ଡ. ଭାସ୍କର ମିଶ୍ର, ଅନାମଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ଡ. କଲ୍ୟାଣୀ ଶତପଥୀ, ଡ. ପ୍ରମୋଦ କୁମାର ଦଳେଇ, ଅଶୋକ କୁମାର ଆଢ୍ୟ, ନକୁଳ ଚରଣ ସ୍ୱାଇଁ, ସୌଭାଗ୍ୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମହଲପଡ଼ା ପଞ୍ଚାୟତରେ ପିଇବାପାଣି ସଙ୍କଟ

ଗୋପ,୧୯।୨(ଭାରତୀ ଭୂଷଣ ଉପାଧ୍ୟାୟ)

ଖରା ପ୍ରକୋପ ଆରମ୍ଭରୁ ଗୋପ ବ୍ଲକର ଅନେକ ପଞ୍ଚାୟତରେ ପିଇବା ପାଣି ସଙ୍କଟ ଦେଖାଦେଇଥିବା ବେଳେ ମହଲପଡ଼ା ପଞ୍ଚାୟତରେ ଏପରି ଏକ ପିଇବା ପାଣି ସମସ୍ୟା ଉତ୍କଟ ହୋଇଥିବା ଜଣାପଡ଼ିଛି। ମୁଖ୍ୟତଃ ମହଲପଡ଼ାରେ ଶହ ଶହ ଏକର ଚାଷଜମିରେ ମାଈ, ଅଣ୍ଡିରା ଧାନ ଫସଲ ହେଉଥିବାରୁ ଏଭଳି ପିଇବା ପାଣି ସଙ୍କଟ ଦେଖାଦେଇଛି ବୋଲି ସାଧାରଣ ଲୋକେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ମହଲପଡ଼ାରେ ଥିବା ୨୦ରୁ ଊର୍ଦ୍ଧ୍ୱ ଗାଁରେ ପିଇବା ସମସ୍ୟା ଦେଖା ଦେଇଥିବାବେଳେ ନଳକୂପରୁ ପାଣି ବାହାରୁନାହିଁ। ଏପରିକି ପଞ୍ଚାୟତରେ ଥିବା ଗଡ଼ିଆ ପୋଖରୀରେ ମଧ୍ୟ ପାଣି ନ ଥିବାବେଳେ କେନାଲ ଶୁଖିଲା ପଡ଼ିଛି। ଫଳରେ ଟୋପାଏ ପାଣି ପାଇଁ ସାଧାରଣ ଲୋକେ ଖରାଦିନ ଆରମ୍ଭରୁ ଡହଳବିକଳ ହେଉଛନ୍ତି। କୁଣ୍ଡିଷ, ଓରେଇ, ମହଲପଡ଼ା, ଚିତ୍ରା, ଗିରିମା ଗାଁ ସହିତ ଅନ୍ୟ ଗାଁଗୁଡ଼ିକରେ ଅବସ୍ଥା ସମାନ ରହିଛି। ବସୁଧା ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପଞ୍ଚାୟତରେ ହୋଇଥିବା କେତେକ ଟାଙ୍କି ଅଚଳ ହୋଇ ପଡ଼ିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଥିବା ସରକାରୀ ନଳକୂପର ଅବସ୍ଥା ମଧ୍ୟ ଏକାଭଳି। ଗତ ସରକାରଙ୍କ ପ୍ରତ୍ୟେକ ଘରକୁ ପିଇବା ପାଣି ଯୋଗାଇ ଦେବା ପ୍ରୟାସ ଏବେ ଅଧାରେ ରହିଥିବାବେଳେ ସରକାର ବଦଳିଥିଲେ ମଧ୍ୟ ସମସ୍ୟା ବଦଳି ନାହିଁ ବୋଲି ଅଭିଯୋଗ ହୋଇଛି। ଗଡ଼ିଆ ପୋଖରୀରୁ ମଇଳା ପାଣି ପିଇବାରୁ ଅଧିକାଂଶ ଲୋକ ବିଭିନ୍ନ ପେଟ ରୋଗରେ ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି। ଏପଟେ ଏହି ପଞ୍ଚାୟତରେ ଶହଶହ ଏକର ଚାଷଜମିରେ ମାଈ, ଅଣ୍ଡିରା ଧାନଚାଷ ହେବା ଫଳରେ ଚାଷ ଯୋଗୁ ବସିଥିବା ବୋରିଂ ଜଳସ୍ତର ହ୍ରାସ କରିବାରୁ ପିଇବା ପାଣି ସଙ୍କଟ ଦେଖାଦେଉଛି ବୋଲି ପଞ୍ଚାୟତବାସୀ କହିଛନ୍ତି। ଦୀର୍ଘଦିନ ହେବ ଏପରି ଅବସ୍ଥା ଲାଗି ରହିଥିବାବେଳେ ଏନେଇ ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି କୁଣ୍ଡିଷ ଗ୍ରାମର ମହିଳାମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମହଲପଡ଼ା ସରପଞ୍ଚ ଶୀର୍ଷ ରଞ୍ଜନ ନାୟକଙ୍କୁ ପଚାରିବାରେ, ପିଇବା ପାଣି ସଙ୍କଟ ଦୂର କରିବାକୁ ବ୍ୟବସ୍ଥା କରାଯାଉଛି। ଦରକାର ପଡ଼ିଲେ ପଞ୍ଚାୟତରେ ଟ୍ୟାଙ୍କର ଯୋଗେ ପ୍ରତ୍ୟେକ ଗାଁକୁ ପିଇବା ପାଣି ଦିଆଯିବ ବୋଲି ନାୟକ କହିଛନ୍ତି।


କୁଣ୍ଡିଷ ଗ୍ରାମର ମହିଳାମାନେ ପୋଖରୀରୁ ପିଇବା ପାଣି ଆଣୁଛନ୍ତି।

# ଦାବି ଜୋରଦାର ପାଇଁ କମିଟି ଗଠନକଲା ଉଠାଦୋକାନୀ ସଂଘ

ପୁରୀ,୧୯।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ତଥା ଟ୍ରାଫିକ୍ ସମସ୍ୟା ସମେତ ବିଭିନ୍ନ ଆଳ ଦେଖାଇ ବଡ଼ଦାଣ୍ଡ ସହ ବେଳାଭୂମି ଓ ବିଭିନ୍ନ ସ୍ଥାନର ଉଠା ଦୋକାନୀଙ୍କୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲେ ମଧ୍ୟ ସେମାନଙ୍କୁ ଏପର୍ଯ୍ୟନ୍ତ ଥଇଥାନ କରିନାହିଁ। ଫଳରେ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉଠାଦୋକାନୀ ନିଜର ବ୍ୟବସାୟିକ ସୁରକ୍ଷା ତଥା ଭେଣ୍ଡିଂ ଜୋନ୍ ଆଇନ ଅନୁଯାୟୀ ନିଜର ଜୀବିକା ବଞ୍ଚାଇବା ଉଦ୍ଦେଶ୍ୟରେ ବୁଧବାର ରାସ୍ତାପାର୍ଶ୍ୱ ଦୋକାନୀ ଅଧିକାର ସୁରକ୍ଷା ମଞ୍ଚ ଗଠନ କରିଛନ୍ତି। ବଳଗଣ୍ଡିସ୍ଥିତ ହାତୀଆଖଡ଼ା ମଠ ପରିସରରେ ସହରର ଉଠାଦୋକାନୀ ସଂଘଗୁଡ଼ିକର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀର ବରିଷ୍ଠ ତଥା ଅଭିଜ୍ଞ ସାମାଜିକ କର୍ମୀ ସୂର୍ଯ୍ୟନାରାୟଣ ରଥଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକ ବସିଥିଲା। ଭେଣ୍ଡିଂ ଜୋନ୍ ଆଇନକୁ ପ୍ରଶାସନ ଠିକ୍ ଭାବେ ଲୋକଙ୍କ ସ୍ୱାର୍ଥ ପାଇଁ ଓ ବ୍ୟବସାୟୀଙ୍କ ସୁରକ୍ଷା ନିମନ୍ତେ କାର୍ଯ୍ୟକାରୀ କରୁନାହିଁ ବୋଲି ବୈଠକରେ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ପୁରୀର ଐତିହ୍ୟ ମଠବାଡ଼ି, ଲକ୍ଷ୍ମୀବଜାର, ବଣିଆପଟି, ଖଜାପଟି, ଲୁଗାପଟି, କଂସାରିପଟି, ଚୁଡ଼ାପଟି ଓ ରଘୁନନ୍ଦନ ଲାଇବ୍ରେରୀ ପ୍ରମୁଖ ଲୋପ ପାଇଯାଇଥିବା କଥା ବୈଠରେ ଦୃଢ଼ଭାବରେ ଆଲୋଚନା ହୋଇଥିଲା। ଏହାର ପୁନଃଉଦ୍ଧାର ଓ ଭୁବନେଶ୍ୱର ଭଳି ଆକର୍ଷଣୀୟ ଭେଣ୍ଡିଂ ଜୋନ୍ ନିର୍ମାଣ ପାଇଁ ସରକାରଙ୍କ ପାଖରେ ଦୃଢ ଦାବି ଉପସ୍ଥାପନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏନେଇ ଏକ କମିଟି ଗଠନ କରାଯାଇଥିଲା। କମିଟିରେ ମୁଖ୍ୟ ଆବାହକ ରଥ, ସହଯୋଗୀ ଆବାହକ ଭାବେ ମାନସ ରଥ ଓ ପ୍ରମୋଦ ଜେନାଙ୍କ ସମେତ ପବିତ୍ର ଦଳେଇ, ଜଗନ୍ନାଥ ଦେଓ, ଶ୍ରୀକାନ୍ତ ପରିଜା, ସ୍ୱାଧୀନ ପଣ୍ଡା, ନିରଞ୍ଜନ ସିଂ, କୃଷ୍ଣଚନ୍ଦ୍ର ସାହୁ, ପ୍ରଦୀପ ନାୟକ ଓ ପ୍ରଶାନ୍ତ ନାୟକଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ପର୍ଯ୍ୟଟକଙ୍କ ସୁବିଧା, ଜୀବନ ଜୀବିକା ଓ ବ୍ୟବସାୟିକ ସୁରକ୍ଷା ପାଇଁ ଉକ୍ତ କମିଟି ପ୍ରଶାସନ ଏବଂ ସରକାରଙ୍କ ସହ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନାକରି ଏହାକୁ ସଫଳ କରିବାକୁ ବଦ୍ଧପରିକର ବୋଲି ମୁଖ୍ୟ ଆବାହକ ରଥ ସୂଚନା ଦେଇ କହିଛନ୍ତି।


ବୈଠକରେ ଯୋଗଦେଇଥିବା ଉଠା ଦୋକାନୀ ସଂଘର କର୍ମକର୍ତ୍ତାମାନେ।


इंडियन बैंक Indian Bank
इलाहाबाद ALLAHABAD

ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
***ଏତଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଜଗତସିଂହପୁର ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ |
| --- | --- | --- | --- | --- |
| **ଋଣଗ୍ରହୀତା: ଶ୍ରୀ ମହମ୍ମଦ ଜାମିଲ୍,** ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର, ପିନ୍- ୭୫୪୧୦୩, **ସହ-ଋଣଗ୍ରହୀତା: ଶ୍ରୀମତୀ ଫିର୍ଦସ ମହାଜବିନ୍ ।** | **ଶ୍ରୀ ମହମ୍ମଦ ଜାମିଲ୍‌**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୧୪/୮୮୩, ଖାତା ନଂ.୪୮/୧୩୫, ମୌଜା: ଜୟବାଡ, ପୋ./ଜିଲ୍ଲା: ଜଗତସିଂହପୁର, ଓଡିଶା, ଏରିଆ: ଏ୦.୦୪ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ନଜିବ୍ ଇସ୍ତିଆଜ୍ ଆଲାମ ଖାନ୍, ପୂର୍ବ- ନଜିବ୍ ଇସ୍ତିଆକ୍ ଆଲାମ ଖାନ୍, ପଶ୍ଚିମ- ପ୍ଲଟ ନଂ.୨୧୪ । | ୨୦.୧୧.୨୦୨୪ | ୧୪.୦୨.୨୦୨୫ | ଟ.୧୫,୦୭,୨୫୯/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| **ଋଣଗ୍ରହୀତା: (୧)ମେସର୍ସ ଓର୍ଚିଡ ରିଟେଲ୍ (ପାର୍ଟନରସିପ୍ ଫାର୍ମ),** ସେଣ୍ଟ୍ରାଲ ମାର୍କେଟ, ପୋ./ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୩, **(୨)ଶ୍ରୀ ମହମ୍ମଦ ଜାମିଲ୍ (ମ୍ୟାନେଜିଂ ପାର୍ଟନର),** ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର, ପିନ୍- ୭୫୪୧୦୩, **(୩) ଶ୍ରୀ ନଜିବ୍ ଇସ୍ତିଆକ୍ ଆଲାମ୍ (ପାର୍ଟନର) ।** | **ଶ୍ରୀ ନଜିବ୍ ଇସ୍ତିଆକ୍ ଆଲାମ୍ ଖାନ୍** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୧୪/୭୬୯, ଖାତା ନଂ.୪୮/୧୦୮, ମୌଜା: ଜୟବାଡ, ଜଗତସିଂହପୁର, ଏରିଆ: ଏ୦.୧୩ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ-ଅମିର ଇମ୍‌ତିୟାଜ୍ ଆଲାମ୍ ଖାନ୍, ପୂର୍ବ- ଦିଲ୍‌ଦାର ଇଫ୍‌ତିୟାକ୍ ଆଲାମ୍ ଖାନ୍, ପଶ୍ଚିମ- ଆଲ୍ଲାହା ବକ୍ସ ଏବଂ ଇଜ୍‌ରାର ବକ୍ସ । | ୨୦.୧୧.୨୦୨୪ | ୧୪.୦୨.୨୦୨୫ | ଟ.୫୦,୩୦,୨୪୦/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| | **ଶ୍ରୀ ମହମ୍ମଦ ଜାମିଲ୍‌**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୬୪୩, ଖାତା ନଂ.୪୯୪/୧୨୭୧, ମୌଜା: ପାରଙ୍ଗ, ଅନୁଗୁଳ, ଏରିଆ: ଏ୦.୧୨ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ରାଜେନ୍ଦ୍ର କୁମାର ସିଂ, ପୂର୍ବ- ସେଉଳ ପାତ୍ର, ପଶ୍ଚିମ- ପ୍ଲଟ ନଂ.୬୪୨ । | | ୧୭.୦୨.୨୦୨୫ | |

ସ୍ଥାନ-ଭୁବନେଶ୍ୱର, ତାରିଖ-୧୯.୦୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ପୋଲିସ ନିକଟରେ ହାଜର ହେଲେ ବାଙ୍କେ ବିହାରୀ

## ଶ୍ରୀମନ୍ଦିର ଭିତର ଦୃଶ୍ୟ ଭାଇରାଲକୁ ନେଇ ନୋଟିସ

ପୁରୀ,୧୯।୨(ଅଜିତ୍ କୁମାର ମହାନ୍ତି)

ଗତ ଜାନୁଆରୀ ୧୮ରେ ଶ୍ରୀମନ୍ଦିର ଭିତରବେଢା ସହ ଗରୁଡ଼ ସ୍ତମ୍ଭରୁ ଗର୍ଭଗୃହର ଦୃଶ୍ୟ ଭାଇରାଲ ହୋଇଥିଲା। ବୃନ୍ଦାବନର ଜଣେ ଭକ୍ତ ବାଙ୍କେ ବିହାରୀ ଅନନ୍ତ ଗୋସ୍ୱାମୀ ନିଜ ଇନ୍‌ଷ୍ଟାଗ୍ରାମ୍ ଓ ଫେସ୍‌ବୁକରେ ଭିଡିଓ ଅପ୍‌ଲୋଡ୍ କରିଥିବା ଜଣାପଡ଼ିଥିଲା। ଏହାପରେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ନେଇ ସାଧାରଣରେ ପ୍ରଶ୍ନ ଉଠିବା ସହ ଜଗନ୍ନାଥପ୍ରେମୀ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଉକ୍ତ ଘଟଣାକୁ ପୋଲିସ ପ୍ରଶାସନ ଗୁରୁତ୍ୱର ସହ ନେଇ ବାଙ୍କେ ବିହାରୀଙ୍କୁ ନୋଟିସ ପଠାଯାଇଥିଲା। ସେ ନୋଟିସ୍ ପାଇବା ପରେ ବୁଧବାର ପୁରୀ ପୋଲିସ ପାଖରେ ହାଜର ହୋଇଛନ୍ତି। ପୋଲିସ ତାଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରୁଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ମାସ ୧୮ ତାରିଖ ରାତିରେ ବାଙ୍କେ ବିହାରୀ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଓ ଫେସ୍‌ବୁକ୍‌ରେ ଶ୍ରୀମନ୍ଦିର ଗର୍ଭଗୃହ, ରତ୍ନସିଂହାସନ, ଭିତରବେଢା ସହ ବାଇଶି ପାହାଚ ଆଦି ସ୍ଥାନର ଭିଡିଓ ଉତ୍ତୋଳନ କରାଯାଇ ଅପଲୋଡ୍ କରାଯାଇଥିବା ଜଣାପଡିଥିଲା। ତେବେ ଉକ୍ତ ଭିଡିଓ ଭାଇରାଲ ହେବା ପରେ ୧୯ ତାରିଖରେ ସେ ନିଜ ଇନ୍‌ଷ୍ଟାଗ୍ରାମ ଓ ଫେସ୍‌ବୁକ ଆକାଉଣ୍ଟରୁ ଡିଲିଟ କରିଦେଇଥିଲେ। ମାତ୍ର ଭିଡିଓ ଭାଇରାଲ ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ସାଧାରଣରେ ଦାବି ହୋଇଥିଲା।

# 'ବୁଣାକାରଙ୍କୁ ସଶକ୍ତ କରିବା ବର୍ତ୍ତମାନର ଆହ୍ୱାନ'

## ୨୩ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଆରମ୍ଭ

## ୨୨୫ ଷ୍ଟଲ୍, ୧୫ କୋଟିର ବ୍ୟବସାୟ ଲକ୍ଷ୍ୟ

ଭୁବନେଶ୍ୱର,୧୯।୨ (ଅନୁରାଧା ମହାରଣା)

ଭୁବନେଶ୍ୱର ୟୁନିଟ-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ବୁଧବାର ୨୩ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପ୍ରଦୀପ କହିଛନ୍ତି, ହସ୍ତତନ୍ତ ଆମ ଗରିମାମୟ ଐତିହ୍ୟର ବାର୍ତ୍ତାବହ। ଏହା ଆମ ଅସ୍ମିତାର ନିଦର୍ଶନ। ଏହାର ସଂରକ୍ଷଣ ଓ ପ୍ରଚାର ପ୍ରସାର ସହ ବୁଣାକାର ବନ୍ଧୁମାନଙ୍କୁ ଆର୍ଥିକଭାବେ ସଶକ୍ତ କରିବା ହେଉଛି ବର୍ତ୍ତମାନ ସମୟର ଆହ୍ୱାନ। ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର କହିଲେ, ଉତ୍କୃଷ୍ଟ ବୟନ କଳାକୁ ବଞ୍ଚାଇ ରଖିବା ପାଇଁ ଅଧିକରୁ ଅଧିକ ଗ୍ରାହକ ଆଗେଇ ଆସି ବୁଣାକାରଙ୍କୁ ଉତ୍ସାହିତ କରିବା ଉଚିତ।

ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପ୍ରଯୋଜନାରେ ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିମିଟେଡ (ବୟନିକା) ପକ୍ଷରୁ ଏହି ହସ୍ତତନ୍ତ ମେଳା ଏପ୍ରିଲ ୧ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ପୂର୍ବାହ୍ନ ୧୧ଟା ୩୦ରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ। ଏଠାରୁ ଲୋକମାନେ ବିଶେଷ ରିହାତି ଦରରେ ମନପସନ୍ଦର ହାତତିଆରି ବସ୍ତ୍ର କିଣିପାରିବେ। ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପାରମ୍ପରିକ ଖାଦ୍ୟ ଓ ପିଲାଙ୍କ ପାଇଁ ଖେଳକୁଦର ବ୍ୟବସ୍ଥା କରାଯାଇଛି। ଏବର୍ଷ ମୋଟ ୨୨୫ଟି ଷ୍ଟଲ ଖୋଲାଯାଇଥିବାବେଳେ ୧୫ କୋଟି ଟଙ୍କାର ବ୍ୟବସାୟ ହେବ ବୋଲି ବୟନିକା ଆଶା ରଖିଛି। ଏହି ପ୍ରଦର୍ଶନୀରେ ଓ ବିଭିନ୍ନ ଅଞ୍ଚଳର ଲୋକାଦୃତ ବୟନବସ୍ତ୍ର ସମ୍ବଲପୁରୀ, ସୋନପୁରୀ, ବମକାଇ, ଖଣ୍ଡୁଆପାଟ, ମାଣିଆବନ୍ଧି, ହାବସପୁରୀ ଆଦି ଉପଲବ୍ଧ ହେଉଛି। କରୁଣା ରେଶମ ବସ୍ତ୍ର ଲୋକଙ୍କୁ ଆକୃଷ୍ଟ କରୁଛି। ଏହି ପ୍ରଦର୍ଶନୀରେ ଓଡ଼ିଶା ବାନ୍ଧବସ୍ତ୍ର ସହ ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ, ଜମ୍ମୁ କଶ୍ମୀରର ପଶ୍ମିନା-ସାଲ, ତାମିଲନାଡୁର କାଞ୍ଜିବରମ ପାଟଶାଢ଼ୀ, ଦିଲ୍ଲୀ, ହରିୟାଣାର ଫର୍ନିଶିଙ୍ଗ୍ ବସ୍ତ୍ର, କର୍ଣାଟକର ସିଲ୍କ ଶାଢ଼ି ଆଦି ହସ୍ତତନ୍ତ ବସ୍ତ୍ର ଉପଲବ୍ଧ ହେଉଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ, ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ ଓ ସଭାପତି ପ୍ରକାଶ ଚନ୍ଦ୍ର ମେହେରଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।


ହସ୍ତତନ୍ତ ମେଳାକୁ ଉଦ୍‌ଘାଟନ କରିବା ପରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ସହ ଅନ୍ୟ ଅତିଥିମାନେ ଷ୍ଟଲ୍ ବୁଲି ଦେଖୁଛନ୍ତି।

# ସେଲ୍ଫି କର୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସ୍ୱରାଜ


@ ସରୋଜ


@ ଗୌତମ


@ ନିହାର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୪୬ ଲକ୍ଷ ମହିଳାଙ୍କ ଉପରେ ୨୧, ୭୯୭ କୋଟିର ଋଣ ବକେୟା

ଭୁବନେଶ୍ୱର,୧୯।୨ (ଅନୁରାଧା ମହାରଣା)

ରାଜ୍ୟରେ ୮୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଆର୍ଥିକ ଅନୁଷ୍ଠାନ, ବ୍ୟାଙ୍କ ଓ ଆର୍ଥିକ ପ୍ରତିଷ୍ଠାନ ରହିଛି। ଏସବୁ ଅନୁଷ୍ଠାନ ସମୂହର ୪୬ ଲକ୍ଷ ମହିଳାଙ୍କ ପାଖରେ ୨୧, ୭୯୭ କୋଟି ଟଙ୍କାର ଋଣ ବକେୟା ପଡିଛି। ସେଥିମଧ୍ୟରୁ ୭୧% ମହିଳା କେବଳ ଗ୍ରାମାଞ୍ଚଳ ତଥା ଅପହଞ୍ଚ ଅଞ୍ଚଳରେ ବସବାସ କରୁଛନ୍ତି। ଓସାଫି ପକ୍ଷରୁ ରେଳ ଅଡିଟୋରିୟମରେ ଆୟୋଜିତ ଷଷ୍ଠ ରାଜ୍ୟସ୍ତରୀୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମ୍ମିଳନୀରେ ଉପସ୍ଥିତ ବକ୍ତାମାନେ ଏହି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ଭାରତ ସରକାରଙ୍କ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କର ସାଧାରଣ ପ୍ରବନ୍ଧକ ପ୍ରମୋଦ କୁମାର ଏବଂ ଓସାଫି ସଭାପତି ଦିବ୍ୟଜ୍ୟୋତି ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ ପାଇଁ ରାଜ୍ୟର ସମସ୍ତ ପରିବାର ପାଖରେ ବିବିଧ ଆର୍ଥିକ ସେବା ଯଥେଷ୍ଟ ପରିମାଣରେ ପହଞ୍ଚିବା ଆବଶ୍ୟକ। ଅଧିକ ଶାଖା ନ ଥିବାରୁ ବ୍ୟାଙ୍କସେବା ଗ୍ରାମାଞ୍ଚଳରେ ବିଶେଷଭାବେ ପହଞ୍ଚିପାରୁନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟରେ କ୍ଷୁଦ୍ର ଆର୍ଥିକ ଅନୁଷ୍ଠାନଗୁଡିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତ ରଖିଛନ୍ତି। ଓସାଫିର ମୁଖ୍ୟ କାର୍ଯ୍ୟନିର୍ବାହୀ ନରେନ୍ଦ୍ର ନାୟକ ଅନୁଷ୍ଠାନର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସମ୍ମିଳନୀରେ ଦୁଇଟି ଅଧିବେଶନରେ ଡିଜିଟାଲ ଫାଇନାନ୍ସ, ଦକ୍ଷତା ବିକାଶ, କ୍ଷୁଦ୍ର ଉଦ୍ୟୋଗ ବିକାଶ ବିଷୟରେ ଆଲୋଚନା କରାଯାଇଥିଲା ଓ ୩୦ ଜଣ ସଫଳ ମହିଳା ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଓସାଫିର ବୋର୍ଡ ସଦସ୍ୟ ଆଶିଷ କୁମାର ଦାସ ଓ ଯୁଗଳ କିଶୋର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ'ର ବୁଧବାର ଚତୁର୍ଥ ସନ୍ଧ୍ୟାରେ ପରିବେଷିତ ନାଟକ 'ମାଗୁଣିର ଶଗଡ଼'ର ଏକ ଦୃଶ୍ୟ।

# ଭିତରକନିକାରେ ସର୍ବାଧିକ ଖର୍ଚ୍ଚ ୭୨.୫୪ କୋଟି

କଟକ,୧୯।୨(କାର୍ତ୍ତିକ ସାହୁ)

## ହାଇକୋର୍ଟରେ ଆର୍ଦ୍ରଭୂମି ସୁରକ୍ଷା ମାମଲା

## କେନ୍ଦ୍ର ସରକାରଙ୍କ ସତ୍ୟପାଠ ଦାଖଲ

କେନ୍ଦ୍ର ସରକାର ଆର୍ଦ୍ରଭୂମି ସୁରକ୍ଷା ପାଇଁ ଭିତରକନିକା ହେନ୍ତାଳବନ ନିମନ୍ତେ ୨୦୨୧ରୁ ୨୦୨୩ ମସିହା ପର୍ଯ୍ୟନ୍ତ ଜାତୀୟ ଉପକୂଳ ମିଶନ ଯୋଜନାରେ ସର୍ବାଧିକ ୭୨.୫୪କୋଟି ଟଙ୍କା ପ୍ରଦାନ କରିଛନ୍ତି। ମାତ୍ର ୨୦୧୫-୨୦୨୫ ମଧ୍ୟରେ ହୀରାକୁଦ ସଂରକ୍ଷିତ ଆର୍ଦ୍ରଭୂମି ଓ ତାମ୍ପରା ହ୍ରଦ ନିମନ୍ତେ କୌଣସି ଅର୍ଥ ମଞ୍ଜୁରୀ ହୋଇନାହିଁ। ଅପରପକ୍ଷରେ ଚିଲିକା ହ୍ରଦ ଲାଗି ୧୯୮୯-୨୦୨୪ ପର୍ଯ୍ୟନ୍ତ (ଏନ୍‌ପିସିଏ) ବାର୍ଷିକ ଯୋଜନାରେ ୩୦.୮୭ କୋଟି ଏବଂ ୪.୭ କୋଟି କେନ୍ଦ୍ରୀୟ ସହାୟତା ପ୍ରଦାନ କରାଯାଇଛି। ସେହିପରି ସାତକୋଶିଆ ଅଭୟାରଣ୍ୟ ନିମନ୍ତେ ୨୦୧୫-୨୦୨୫ ମଧ୍ୟରେ ବାର୍ଷିକ ଯୋଜନାରେ ୩୩.୪ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି ମଧୁର ଜଳ ହ୍ରଦ ଅଂଶୁପା ନିମନ୍ତେ ୨୦୦୮ରୁ ୨୦୨୧ ମଧ୍ୟରେ (ଏନ୍‌ପିସିଏ) ଯୋଜନାରେ ୬.୪୪ କୋଟି ଓ କେନ୍ଦ୍ରୀୟ ଯୋଜନାରେ ୧.୬୫ କୋଟି ଟଙ୍କା ମଞ୍ଜୁରୀ ମିଳିଛି। ରାମସାର ଅଞ୍ଚଳରେ ସଂରକ୍ଷିତ ଆର୍ଦ୍ରଭୂମି ସୁରକ୍ଷା ମାମଲାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଦାଖଲ ହୋଇଥିବା ସତ୍ୟପାଠରେ ଏହି ତଥ୍ୟ ପ୍ରଦାନ କରାଯାଇଛି। ହାଇକୋର୍ଟଙ୍କ ଆଦେଶକ୍ରମେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବୈଜ୍ଞାନିକ ଡ. ତିମିର ହରନ୍ ମାହାତୋ ସତ୍ୟପାଠ ପ୍ରଦାନ କରି ରାଜ୍ୟରେ ଆର୍ଦ୍ରଭୂମିର ସୁରକ୍ଷା ପାଇଁ କେନ୍ଦ୍ର ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିବା ଦର୍ଶାଇଛନ୍ତି। ହାଇକୋର୍ଟ ରେଜିଷ୍ଟ୍ରାର ଜୁଡିସିଆଲ ପକ୍ଷରୁ ରୁଜୁ ଆର୍ଦ୍ରଭୂମି ସୁରକ୍ଷା ମାମଲାର ଶୁଣାଣି ବୁଧବାର ହୋଇଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଆର୍ଦ୍ରଭୂମିର ସୁରକ୍ଷା ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରାଯାଇଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୫କୁ ଧାର୍ଯ୍ୟ ହୋଇଛି।

ସୂଚନାନୁସାରେ, ଦେଶର ବିଭିନ୍ନ ଆର୍ଦ୍ରଭୂମି ବିପଦରେ ଥିବା ନେଇ ସୁପ୍ରିମକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଯେଉଁସବୁ ରାଜ୍ୟରେ ଆର୍ଦ୍ରଭୂମି ରହିଛି ଉକ୍ତ ରାଜ୍ୟର ହାଇକୋର୍ଟକୁ ମାମଲା ଶୁଣାଣି ପାଇଁ ସୁପ୍ରିମକୋର୍ଟ ପଠାଇଦେଇଥିଲେ। ଓଡ଼ିଶାରେ ଚିଲିକା, ଭିତରକନିକା ହେନ୍ତାଳବଣ, ସାତକୋଶିଆ, ହୀରାକୁଦ ଜଳଭଣ୍ଡାର ଏବଂ ଅଂଶୁପା ହ୍ରଦକୁ ଆର୍ଦ୍ରଭୂମି ଭାବେ ଘୋଷଣା କରାଯାଇଛି। ପୂର୍ବରୁ ମଧ୍ୟ ସମାନ ମାମଲା ହାଇକୋର୍ଟରେ ଶୁଣାଣି ହୋଇଆସୁଛି। ଏହି ମାମଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ନେଇ ଟାସ୍କଫୋର୍ସର ଚତୁର୍ଥ ବୈଠକ

ଭୁବନେଶ୍ୱର,୧୯।୨(ସୁଚିସ୍ମିତା ସାହୁ)

## ରିପୋର୍ଟ ଉପରେ ୨ଦିନରେ ମତ ରଖିବେ ସଦସ୍ୟ

ରାଜ୍ୟରେ ଉତ୍ତର ଓଡିଶା ବିକାଶ ପରିଷଦ ଗଠନ ପାଇଁ ଗଠିତ ଟାସ୍କଫୋର୍ସର ଚତୁର୍ଥ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ତେଲକୋଇ ବିଧାୟକ ଫକୀରମୋହନ ନାୟକ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, ସରକାରୀ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଉତ୍ତରଓଡିଶା ବିକାଶ ପରିଷଦ ଗଠନ ନେଇ ପ୍ରସ୍ତୁତ ରିପୋର୍ଟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ରିପୋର୍ଟ ଉପରେ ଯଦି କୌଣସି ସଦସ୍ୟଙ୍କ କିଛି ମତାମତ ଦେବାର ଥାଏ ତେବେ ଆସନ୍ତା ୨ଦିନ ଭିତରେ ମତ ଜଣାଇବା ପାଇଁ କୁହାଯାଇଛି। ମତାମତ ମିଳିବା ପରେ ରିପୋର୍ଟକୁ ପୂର୍ଣ୍ଣାଙ୍ଗ ଭାବେ ପ୍ରସ୍ତୁତ କରାଯାଇ ଆସନ୍ତା ୧୦ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବା ସହ କ୍ୟାବିନେଟରେ ଉପସ୍ଥାପନ କରାଯିବ। କ୍ୟାବିନେଟ ମଞ୍ଜୁର ପରେ ବିଧିବଦ୍ଧ ଭାବେ ବିଧାନସଭାରେ ପରିଷଦ ଗଠନ ନେଇ ବିଧେୟକ ଅଣାଯିବାକୁ ନିଷ୍ପତ୍ତି ହୋଇଛି।

# ଅଲ୍ ଇଣ୍ଡିଆ ଜୁଡିସିଆଲ ସର୍ଭିସ୍ ଆସିବା ଜରୁରୀ: ଜଷ୍ଟିସ୍ ଚନ୍ଦ୍ରଚୂଡ଼

ଭୁବନେଶ୍ୱର,୧୯।୨(ବନ୍ଦନା ସେଠୀ

ଓଟିଭିର ବାର୍ଷିକ ଚିନ୍ତନ ଅଧିବେଶନ ଫୋର୍‌ସାଇଟ-ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦେଶ ତଥା ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଯଥା ଦେଶ ଓ ରାଜ୍ୟର ବିକାଶ, ରାଜନୀତି, ଷ୍ଟାର୍ଟଅପ, ସିନେମା ଆଦି ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ ଯୋଗଦେଇ, ଦେଶରେ ସିଭିଲ ସର୍ଭିସ ଢାଞ୍ଚାରେ ଅଲ୍‌ଇଣ୍ଡିଆ ଜୁଡିସିଆଲ ସର୍ଭିସ ବା ଆଇଜେଏସ୍ ଆସିବା ଜରୁରୀ ବୋଲି ମତ ରଖିଥିଲେ। ଦେଶରେ ବିଚାର ବ୍ୟବସ୍ଥାରେ ସଂସ୍କାର ପାଇଁ ଆବଶ୍ୟକତା ଅନୁଯାୟୀ ବିଚାରପତିଙ୍କ ସଂଖ୍ୟା ନଗଣ୍ୟ। ତେଣୁ ବିଚାରପତିଙ୍କ ନିଯୁକ୍ତି, ଜିଲାକୋର୍ଟଠାରୁ ନେଇ ହାଇକୋର୍ଟ ପର୍ଯ୍ୟନ୍ତ ଭିତ୍ତିଭୂମିର ବିକାଶ ଏବଂ ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ଖାଲିଥିବା ସମସ୍ତ ପଦକୁ ଯଥାଶୀଘ୍ର ପୂରଣ କରାଯିବା ଦରକାର। ନ୍ୟାୟପାଳିକା କେବେ ରାଜନୈତିକ ଚାପରେ କାମ କରନ୍ତି ନାହିଁ। ୧୯୪୭ ପରଠାରୁ ଇଂଲିଶରେ ପ୍ରକାଶ ପାଉଥିବା ରାୟଗୁଡ଼ିକୁ ହିନ୍ଦୀରେ ଅନୁବାଦ ସରିଥିବାବେଳେ, ଓଡ଼ିଆ ଏବଂ ସାନ୍ତାଳୀ ଭାଷାରେ ଅନୁବାଦ ପ୍ରକ୍ରିୟା ଚାଲିଥିବା ନେଇ ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ୨୦୩୬ ବିକଶିତ ଓଡ଼ିଶା ପାଇଁ ମୂଳଦୁଆ ପଡ଼ିସାରିଥିବା କହିଥିଲେ। ଡବଲ ଇଞ୍ଜିନ ସରକାର ଯୋଗୁଁ କ୍ଷମତାକୁ ଆସୁଆସୁ 'ସୁଭଦ୍ରା' ଯୋଜନା ଓ ଧାନ ଏମ୍‌ଏସ୍‌ପି ୩୧ଶହ ଟଙ୍କାକୁ ବୃଦ୍ଧି ଭଳି ଅନେକ ନିଷ୍ପତ୍ତି ନିଆଯାଇଛି। ସେହିପରି ବିଜେଡି ବିଧାୟକ ଅରୁଣ ସାହୁ ଡବଲ ଇଞ୍ଜିନ ସରକାରକୁ ସମାଲୋଚନା କରି କୋଲ୍ ରୟାଲିଟି ବୃଦ୍ଧି ଓ ସ୍ପେଶାଲ ପ୍ୟାକେଜ ପାଇଁ ଓଡ଼ଶା ଇଞ୍ଜିନ ଦାବି କରୁ ବୋଲି କହିଥିଲେ। ଅପରପକ୍ଷେ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଗତ ୯ମାସରେ ଓଡ଼ିଶାକୁ କ'ଣ ମିଳିଛି ବୋଲି ପ୍ରଶ୍ନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବହୁ ଯୁବ ଉଦ୍ୟୋଗୀ, ବଲିଉଡ ଅଭିନେତା ଦିଲୀପ ତାହିଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଟିଭିର ଏମ୍‌ଡି ଜଗି ମଙ୍ଗତ ପଣ୍ଡା ସ୍ୱାଗତ ଭାଷଣ ଦେଇ ଓଟିଭି ଫୋରସାଇଟର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ।


ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ

# ପ୍ରସବ ପରେ ଚିକିତ୍ସାଧୀନ ମହିଳାଙ୍କ ମୃତ୍ୟୁ

ଟାଙ୍ଗୀ,୧୯।୨(ରଘୁନାଥ ସାହୁ)

## ଡାକ୍ତରଙ୍କ ଅନୁପସ୍ଥିତିକୁ ଦାୟୀକଲେ ପରିବାର

ପ୍ରସବ ପରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏଥିପାଇଁ ଡାକ୍ତରଙ୍କ ଅନୁପସ୍ଥିତିକୁ ପରିବାର ଲୋକେ ଦାୟୀ କରିଛନ୍ତି। ଏଭଳି ଘଟଣା ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ଏହି ବ୍ଲକ୍ ଅନ୍ତର୍ଗତ କମାଗୁରୁ ପଞ୍ଚାୟତ ଅରିସଲ ଗ୍ରାମର ଜଣେ ଗର୍ଭବତୀ ପ୍ରସବ ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ତେବେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ତଥା ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ସତ୍ୟରଞ୍ଜନ ନନ୍ଦଙ୍କ ଅନୁପସ୍ଥିତିରେ ଉକ୍ତ ସମୟରେ କାର୍ଯ୍ୟରତ ନର୍ସମାନେ ସମ୍ପୃକ୍ତ ମହିଳାଙ୍କ ପ୍ରସବ କରାଇଥିଲେ। ଏହା ପରେ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଡାକ୍ତର ନନ୍ଦଙ୍କ ପରାମର୍ଶକ୍ରମେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଡା. ସତ୍ୟରଞ୍ଜନ କୁହନ୍ତି, ଘଟଣାଦିନ ମୁଁ ଛୁଟିରେ ଥିଲେ। ପ୍ରସବ ପରେ ସମ୍ପୃକ୍ତ ମହିଳାଙ୍କ ରକ୍ତଚାପ କମିଯିବାରୁ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ଆଦ୍ୟାଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗୋପାଳପୁରରେ ହେବ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ

- ବାର୍ଷିକ କ୍ଷମତା ୦.୫ ମେଟ୍ରିକ ଟନ୍
- ସବୁଜ ପାୱାର ବ୍ୟାଙ୍କିଙ୍ଗ୍ ସୁବିଧା ଦେବ ଅଭାଡା ଗ୍ରୀନ୍
- ଗ୍ରୀଡ୍‌କୋ ସହ ବୁଝାମଣାପତ୍ର ସ୍ୱାକ୍ଷରିତ



ଭୁବନେଶ୍ୱର,୧୯।୨ (ଅନୁରାଧା ମହାରଣା)

ଗ୍ରୀଡ୍‌କୋ ବିଦ୍ୟୁତ୍ ନିୟାମକ ଆୟୋଗ ଗ୍ରୀନ୍ ଏନର୍ଜି ଓପନ ଆକ୍ସେସ୍ ରେଗୁଲେଶନ୍ସ, ୨୦୨୩ ଅଧୀନରେ ମେସର୍ସ ଅଭାଡା ଗ୍ରୀନ୍ ଏଚ୍ ୨ ପ୍ରାଇଭେଟ୍ ଲିମିଟେଡ୍ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁସାରେ ୨୫ ବର୍ଷ ପାଇଁ ଗଞ୍ଜାମର ଗୋପାଳପୁରରେ ବାର୍ଷିକ ୦.୫ ମେଟ୍ରିକ ଟନ୍ ବିଶିଷ୍ଟ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ପାଇଁ ୩୦୦ ମେଗାୱାଟର ସବୁଜ ପାୱାର ବ୍ୟାଙ୍କିଙ୍ଗ୍ ସୁବିଧା ପ୍ରଦାନ କରିବ। ଆସନ୍ତା ୨୫ ବର୍ଷ ପାଇଁ ଏହି ଚୁକ୍ତି ବୈଧ ରହିବ। ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ବର୍ତ୍ତମାନ ସୁଦ୍ଧା, ରାଜ୍ୟରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ନିବେଶ ଏବଂ ୨୨,୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସହିତ ୧୪ଟି ସବୁଜ ହାଇଡ୍ରୋଜେନ/ଆମୋନିଆ ପ୍ରକଳ୍ପକୁ ଅନୁମୋଦନ କରିଛୁ। ରାଜ୍ୟରେ ସବୁଜ ହାଇଡ୍ରୋଜେନ ଏବଂ ଆମୋନିଆ ଶିଳ୍ପ ପ୍ରତିଷ୍ଠାରେ ଏହା ଏକ ଐତିହାସିକ ଘଟଣା। ଜଳ ବ୍ୟତୀତ ସବୁଜ ହାଇଡ୍ରୋଜେନ ଏବଂ ଆମୋନିଆ ଉତ୍ପାଦନ ପାଇଁ ନବୀକରଣୀୟ ଶକ୍ତି ହେଉଛି ମୁଖ୍ୟ ଉପାଦାନ। ରାଜ୍ୟରେ ଅକ୍ଷୟ ଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ଓଡ଼ିଶା ସମସ୍ତ ସୁଯୋଗ ଏବଂ ପ୍ରୋତ୍ସାହନ ଯୋଗାଇଦେଉଛି । ଯେହେତୁ ଅକ୍ଷୟ ଶକ୍ତି ବିଦ୍ୟୁତ୍ ଉତ୍ପାଦନ ଅସ୍ଥିର, ଆମେ ସବୁଜ ଶକ୍ତିର ବ୍ୟାଙ୍କିଙ୍ଗ୍ ପାଇଁ ବ୍ୟବସ୍ଥା ସୃଷ୍ଟି କରିଛୁ, ଯାହା ସବୁଜ ହାଇଡ୍ରୋଜେନ ଏବଂ ଆମୋନିଆ ଡେଭଲପରମାନଙ୍କୁ ୨୪ ଘଣ୍ଟା ସବୁଜ ଶକ୍ତି ଯୋଗାଇବ । ସୂଚନା ଥାଉକି, ଗ୍ରୀନ୍ ହାଇଡ୍ରୋଜେନ ଏବଂ ଆମୋନିଆ ବିକାଶ ପାଇଁ ଓଡ଼ିଶା ଭାରତର ଅଗ୍ରଣୀ ରାଜ୍ୟ । ଅନୁକୂଳ ନୀତି, ବିକଶିତ ସାମୁଦ୍ରିକ ବନ୍ଦର ସହିତ ସବୁଜ ଶକ୍ତି ପାଇବା ପାଇଁ ଆବଶ୍ୟକ ଭିତ୍ତିଭୂମି, ସାର, ଇସ୍ପାତ ଏବଂ ଅନ୍ୟାନ୍ୟ ଧାତୁ ଶିଳ୍ପ ଏବଂ ତୈଳ ବିଶୋଧନାଗାରରେ ସବୁଜ ହାଇଡ୍ରୋଜେନ / ଆମୋନିଆର ଆବଶ୍ୟକ ରହିଛି ।



ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ ବିକାଶ ଏବଂ ପ୍ରଶାସନ) ଆଶୁତୋଷ ରଥ ମୁମ୍ବାଇରେ ଅନୁଷ୍ଠିତ 'ବିଶ୍ୱ ମାନବ ସମ୍ବଳ ବିକାଶ କଂଗ୍ରେସ'ରେ 'ଶ୍ରେଷ୍ଠ ମାନବ ସମ୍ବଳ ପ୍ରଭାବକ' ପୁରସ୍କାର ଗ୍ରହଣ କରୁଛନ୍ତି । ବିଶ୍ୱର ବିଭିନ୍ନ ଦେଶରେ ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଏବଂ ଅଭିନବ ପରିବର୍ତ୍ତନ ଆଣିବା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

# ଲକ୍ଷେ ଟପିପାରେ ସୁନା ଦର

ଭୁବନେଶ୍ୱର,୧୯।୨ (ଅନୁରାଧା ମହାରଣା)

କେତେକ ବୈଶ୍ୱିକ କାରଣରୁ ସୁନା ଦର ୧୦ ଗ୍ରାମ୍ ପିଛା ଲକ୍ଷେ ଟଙ୍କା ଟପିବ ବୋଲି ଆଶଙ୍କା କରାଯାଉଛି। ଆମେରିକା ଲଣ୍ଡନର ଥ୍ରେଡ୍ ଷ୍ଟ୍ରିଟ୍ ତଳେ ଥିବା ବିଶ୍ୱର ସର୍ବବୃହତ୍ ସୁନା ରିଜର୍ଭରୁ ଆମେରିକାର ସୁନା ମଗାଇବା ଆରମ୍ଭ କରିଛନ୍ତମି। ଏହି କ୍ରମରେ ଏ ପର୍ଯ୍ୟନ୍ତ ୮୦୦୦ ସୁନାବାର୍ ଆମେରିକାର ନ୍ୟୁୟର୍କ ସୁନା ରିଜର୍ଭରେ ପହଞ୍ଚିଛି। ବ୍ୟାଙ୍କ ଅଫ୍ ଇଂଲଣ୍ଡର ସୁନା ଭଣ୍ଡାରରେ ୨୨ ଲକ୍ଷ କୋଟି ଟଙ୍କାର ସୁନା ଜମାହୋଇ ରହିଛି। ଆଗାମୀ ଦିନରେ ସୁନା ଆମଦାନୀରେ ଶୁଳ୍କ ଲାଗୁହେବା ନେଇ ଆଶଙ୍କା କରାଯାଉଥିବାବେଳେ ସୁନା ଦର ଭାରତରେ ଲକ୍ଷେ ଟଙ୍କା ଟପିପାରେ।


ଜନ୍ମଦିନ ଶୁଭେଚ୍ଛା



ଆଦ୍ୟାଶା ମହାନ୍ତି (ମାମୁନ)

ଆଜି ତୋର ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ସେ ତୋ ଚଲାପଥ କୁସୁମିତ କରିବା ସହିତ ତୋତେ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ

ଜେଜେ, ଜେଜେ ମା, ଅଜା, ଆଇ, ବାବା, ମାମା, ବଡ଼ ବାପା, ବଡ଼ ମା, ସାନ ବଡ଼ ବାପା, ଅପା, ପିଉସା, ଭାଇ, ଭଉଣୀ, ମାମୁଁ, ମାଇଁ ଓ ବନ୍ଧୁପରିଜନ।

D-3000


# ଷ୍ଟାର୍ଟଅପ୍ ଓ ଏମ୍ଏସ୍ଏମ୍ଇ ପାଇଁ ଲୋନ୍ ମେଳା





ଭୁବନେଶ୍ୱର,୧୯।୨(ଅନୁରାଧା ମହାରଣା)

ରାଜ୍ୟ ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗ ସହଯୋଗରେ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପରିଷଦ (ଓସ୍ମେ) ପକ୍ଷରୁ ଷ୍ଟାର୍ଟଅପ୍ ଓ ଏମ୍ଏସ୍ଏମ୍ଇଗୁଡ଼ିକ ପାଇଁ ବୁଧବାର ଏକ ଲୋନ୍ ମେଳା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଣ୍ଟରପ୍ରେନ୍ୟୋରଶିପ ଡେଭେଲପମେଣ୍ଟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦୦୦ରୁ ଅଧିକ ଷ୍ଟାର୍ଟଅପ୍, ଏମ୍ଏସ୍ଏମ୍ଇ ଏବଂ ଆଶାୟୀ ଉଦ୍ୟୋଗୀମାନେ ଅଂଶଗ୍ରହଣ କରିଥିଲେ। ଆର୍ଥିକ ଅନୁଷ୍ଠାନ ଏବଂ ଉଦ୍ୟୋଗୀମାନଙ୍କ ମଧ୍ୟରେ ଥିବା ବ୍ୟବଧାନ ଦୂରକରିବା ପାଇଁ ଏହି ମେଳାର ଆୟୋଜନ କରାଯାଇଥିଲା। ପ୍ରମୁଖ ବ୍ୟାଙ୍କ ଗୁଡ଼ିକ ଆର୍ଥିକ ସେବା ପ୍ରଦାନକାରୀଙ୍କ ସହ ଅଂଶଗ୍ରହଣକରି କ୍ଷୁଦ୍ର ବ୍ୟବସାୟୀ ଏବଂ ଉଦୀୟମାନ ଉଦ୍ୟୋଗଗୁଡ଼ିକର ବିଭିନ୍ନ ଆର୍ଥିକ ସମାଧାନ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଥିଲେ, ଓଡ଼ିଶା ସରକାର ଷ୍ଟାର୍ଟଅପ୍ ଏବଂ ଏମ୍ଏସ୍ଏମ୍ଇଗୁଡ଼ିକର ବ୍ୟବସାୟ ବୃଦ୍ଧି ପାଇଁ ଆବଶ୍ୟକ ଆର୍ଥିକ ସହାୟତା ପ୍ରଦାନକରି ସେମାନଙ୍କୁ ସଶକ୍ତ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଓସ୍ମେର ମହାସଚବ ସାତ୍ୱିକ ସ୍ୱାଇଁ କହିଛନ୍ତି, ଏମ୍ଏସ୍ଏମ୍ଇ ଏବଂ ଷ୍ଟାର୍ଟଅପ୍ ପାଇଁ ଋଣର ସୁବିଧା ପାଇଁ ଆମେ ସିଡ୍‌ବି ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛୁ। ସିଡ୍‌ବି ଡେପୁଟି ଜେନେରାଲ ମ୍ୟାନେଜର ପ୍ରଦ୍ୟୁମ୍ନ ଚୌଧୁରୀ, ୟୁକୋ ବ୍ୟାଙ୍କର ଏସ୍ଏଲ୍‌ବିସି ମୁଖ୍ୟ ତଥା ମହାପ୍ରବନ୍ଧକ ଗୌତମ ପାତ୍ର, ଆଇଇଡିଏସ୍, କଟକ ଏମ୍ଏସ୍ଏମ୍ଇ ଡିଏଫ୍ଓର ଯୁଗ୍ମ ନିର୍ଦ୍ଦେଶକ ପି.କେ. ଗୁପ୍ତା, ଏମ୍ଏସ୍ଏମ୍ଇ ବିଭାଗର ସ୍ୱତନ୍ତ୍ର ସଚିବ ବିଭୁଭୂଷଣ ଦାଶ, ଓଏସ୍ଏମ୍ଇ ମହିଳା ଶାଖା ଅଧକ୍ଷା ଜ୍ୟୋତିର୍ମୟୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍ଇଏଆଇ ପକ୍ଷରୁ ଜାତୀୟ ସମ୍ମିଳନୀ



ଭୁବନେଶ୍ୱର,୧୯।୨(ଅନୁରାଧା ମହାରଣା)

ହାଇଦ୍ରାବାଦସ୍ଥିତ ମାଇନିଂ ଇଞ୍ଜିନିୟର୍ସ ଆସୋସିଏସନ ଅଫ୍ ଇଣ୍ଡିଆ (ଏମ୍ଇଏଆଇ) ପକ୍ଷରୁ 'ଖଣିଜ ଖଣି ଖନନ: ଆତ୍ମନିର୍ଭର ବିକଶିତ ଭାରତ ୨୦୪୭ ଦିଗରେ ଅଗ୍ରଗାମୀ' ଶୀର୍ଷକ ୨ଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ଦ୍ୱିତୀୟ ଦିନରେ ଖଣି କ୍ଷେତ୍ର, ଏହାର ଭବିଷ୍ୟତ ନୀତି ଏବଂ ବୈଷୟିକ ପ୍ରଗତି ସହ ଜଡିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଏନ୍ଏମ୍‌ଡିସି ନିର୍ଦ୍ଦେଶକ (ବାଣିଜ୍ୟିକ) ଭି. ସୁରେଶ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀକୁ ସମ୍ବୋଧିତକରି ସୁରେଶ କହିଛନ୍ତି, ଭାରତର ଖଣି କ୍ଷେତ୍ର ହେଉଛି ଅର୍ଥନୈତିକ ଅଭିବୃଦ୍ଧିର ମେରୁଦଣ୍ଡ ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ହେବ। ସ୍ଥାୟୀ ଖଣି, ବୈଷୟିକ ଉଦ୍ଭାବନ, ଦକ୍ଷତା ବିକାଶ, ନୀତି ସଂସ୍କାର ଏବଂ ବିଶ୍ୱ ଭାଗୀଦାରି ଶିଳ୍ପର ଭବିଷ୍ୟତକୁ ବ୍ୟାଖ୍ୟା କରିବ। ଏସ୍ଓସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଏନ୍.ବଳରାମ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍ଏମ୍‌ଡିସି ଲିମିଟେଡ୍ ଆଇଆର୍‌ଏସ୍‌ଏସ୍, ମୁଖ୍ୟ ଭିଜିଲାନ୍ସ ଅଧିକାରୀ ବି. ବିଶ୍ୱନାଥ, ଏନ୍ଏଲ୍‌ସି ଇଣ୍ଡିଆ ଲିମିଟେଡ୍‌ର ପୂର୍ବତନ ସିଏମ୍‌ଡି ସୁରେନ୍ଦ୍ର ମୋହନ, ଏଚ୍‌ସିଏଲ୍‌ର ପୂର୍ବତନ ସିଏମ୍‌ଡି ଏ.କେ.ଶୁକ୍ଳା, ଏନ୍ଏମ୍‌ଡିସି ଲିମିଟେଡ୍‌ର ପୂର୍ବତନ ନିର୍ଦ୍ଦେଶକ (ଉତ୍ପାଦନ) ପି.କେ. ଶତପଥୀ ପ୍ରମୁଖ ଯୋଗଦେଇ ଖଣି ଉଦ୍ଭାବନ, ସ୍ଥିରତା ଏବଂ ନୀତି ସଂସ୍କାର ଉପରେ ଆଲୋଚନାରେ ସହଯୋଗ କରିଥିଲେ। ବୈଷୟିକ ଅଧିବେଶନଗୁଡିକ ବର୍ଜ୍ୟବସ୍ତୁ କିମ୍ବା ନିମ୍ନ ଗ୍ରେଡ୍ ଖଣିରୁ ମାଙ୍ଗାନିଜ ଏବଂ ବକ୍ସାଇଟ ପୁନରୁଦ୍ଧାର, ନିମ୍ନ ଗ୍ରେଡ୍ ଲୁହାପଥର ଆମୋନିଆ ଲାଭ ଏବଂ ସ୍ଥାୟୀ ଖଣି ଅଭ୍ୟାସରେ ଅଗ୍ରଗତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶିଳ୍ପ ବିଶେଷଜ୍ଞମାନେ ଉଦ୍ଭାବନ ଉପରେ ସେମାନଙ୍କର ମତାମତ ରଖିଥିଲେ। ଏନ୍ଏମ୍‌ଡିସି ଲିମିଟେଡ୍ ନିର୍ଦ୍ଦେଶକ (ବୈଷୟିକ) ବିନୟ କୁମାର ଏକ ବିକଶିତ ଭାରତ ୨୦୪୭ ପାଇଁ ଭାରତର ଖଣି କ୍ଷେତ୍ରର ଭବିଷ୍ୟତ ବିଷୟରେ ଆଲୋଚନା ପାଇଁ ଏକତ୍ରିତ ହୋଇଥିବା କହିଥିଲେ। ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ଶିଳ୍ପସଂସ୍ଥାର ଅଗ୍ରଣୀ ବ୍ୟକ୍ତିତ୍ୱମାନେ ନୀତି ସଂସ୍କାର, ବର୍ଦ୍ଧିତ ଅନୁସନ୍ଧାନ, ସ୍ଥାୟୀ ଖଣି, ଡିକାର୍ବୋନାଇଜେଶନ, ଦକ୍ଷତା ବିକାଶ ଏବଂ ଯୁବପ୍ରତିଭାଙ୍କୁ ଆକର୍ଷିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

# ଲକ୍ଷ୍ନୌରେ ହେବ ପ୍ରଥମ ଆଦାନୀ ଜେମ୍ସ ସ୍କୁଲ ଅଫ୍ ଏକ୍ସିଲେନ୍ସ

ଭୁବନେଶ୍ୱର,୧୯।୨ (ଅନୁରାଧା ମହାରଣା)

ଜେମ୍ସ ଏଜୁକେଶନ ସହଭାଗିତାରେ ଆଦାନୀ ଫାଉଣ୍ଡେଶନ ସମଗ୍ର ଦେଶରେ ଶିକ୍ଷା ମନ୍ଦିର ଗଢ଼ିବାକୁ ସ୍ଥିର କରିଛି। ପ୍ରାରମ୍ଭିକ ଭାବେ ୨୦୦୦ କୋଟି ଟଙ୍କା ଅନୁଦାନରେ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ଗଠନ ପାଇଁ ଆଦାନୀ ଫାଉଣ୍ଡେଶନ ଲକ୍ଷ୍ୟ ରଖିଛି। ଦେଶର ସବୁବର୍ଗଙ୍କ ପାଇଁ ଏହି ସେବା ଉପଲବ୍ଧ ହେବ। ଫାଉଣ୍ଡେଶନ ଚେୟାରମ୍ୟାନ ଗୌତମ ଆଦାନୀଙ୍କ 'ସେବା ସାଧନା, ସେବା ପ୍ରାର୍ଥନା ଓ ସେବା ହିଁ ପରମାତ୍ମା' ଚିନ୍ତାଧାରା ଆଧାରରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୨୦୨୫-୨୬ ଶିକ୍ଷାବର୍ଷରେ ଲକ୍ଷ୍ନୌଠାରେ ପ୍ରଥମ 'ଆଦାନୀ ଜେମ୍ସ ସ୍କୁଲ ଅଫ୍ ଏକ୍ସିଲେନ୍ସ'ର ଶୁଭାରମ୍ଭ କରାଯିବ। ପରବର୍ତ୍ତୀ ୩ ବର୍ଷ ମଧ୍ୟରେ ଏପରି ୨୦ଟି ସ୍କୁଲ ଖୋଲାଯିବ। ମେଟ୍ରୋପଲିଟାନ, ଟାୟାର-୨ ଠାରୁ ଟାୟାର-୪ ସହରରେ ଏହି ସବୁ ସ୍କୁଲ ଖୋଲାଯିବାକୁ ଥିବାବେଳେ ୩୦% ଆସନ ସଂରକ୍ଷିତ ରହିବ। ଏହି ଅବସରରେ ଆଦାନୀ କହିଛନ୍ତି, ଦେଶର ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପ୍ରତି ଫାଉଣ୍ଡେଶନର ପ୍ରତିବଦ୍ଧତାକୁ ଦର୍ଶାଉଛି। ସେହିପରି ଜେମ୍ସର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସନି ବାର୍କି କହିଛନ୍ତି, ସବୁବେଳେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଆମର ଲକ୍ଷ୍ୟ ରହିଥିବାବେଳେ ସାମାଜିକ ଆର୍ଥିକ ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଏପରି ପ୍ରୟାସ କରାଯାଉଛି।


# Classified Everyday

**0674-2580101, 9692975378**



REAL ESTATE

SALE

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

ଫୁଲନଖରା ନିକଟସ୍ଥ **Sum Hospital-2** ଓ **Grand Bazar** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। 6372509299. D-76239

**Gharabari converted plots available near Hitech Square, Sundarpada, Bhubaneswar. For more details Contact: 9040307584, 9437040045.** D-2997

ଆଶ୍ଚର୍ଯ୍ୟଜନକ ଅପ୍ରିୟ ସତ୍ୟ, ଦଶହଜାରରୁ ତିନିଲକ୍ଷ ମଧ୍ୟରେ best investment project- 8917622925. D-2923

Contact for House Construction (Simplex/ Duplex/Apartment) and Interior Design (Modular Kitchen/ TV Unit/ Wardrobe) by experts. 7008550473. D-2995

Outright/ Sharing Lands available for Apartment/ Duplex Projects around Bhubaneswar/ Cuttack. 8984349324/ 9692207504/ 7008521277/ 8599857228/ 7077798353. D-2996



FOR RENT

**2Acre (87000 sqft) NH facing plot near Chandanpur, Puri for any commercial purposes Rent/Lease. 9438400633** D-76236





Positively health benefited SPA by expert female therapist, Jaydevbihar. 8458048909. D-76196

Newly open health benefits SPA by experience lady therapist. 8658088274. D-76197

Positively health benefited SPA by expert female therapist, Bapujinagar. 8018429809. D-76198

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

Affidavit No.-65, date-24.01.25, Before the Notary Public, Bhubaneswar, I Mumtaz Begum, W/o- Taslim Khan, declare that my son Ayat Sheak name has been recorded as Ayat Sheak in his birth Cerificate Vide Regd No.- 7365/2016 dated 10.04.2016. But his name has been recorded as Ayat ali Khan instead of Ayat Sheak in his Aadhaar Card Vide No.- xxxx xxxx 5113. So I hereby declare that Ayat Sheak and Ayat ali Khan is one and same person i.e. my son. My son shall known as Ayat Sheak, S/o- Taslim Khan, At, Plot No.- 1004, Jharpada, P.O.- Budheswari, P.S. Laxmisagar, BBSR, Dist.- Khurdha, Odisha-751006 for all purpose. D-3001

By virtue of an affidavit sworn before the Executive Magistrate, Dharmasala, dated 18.02.2025, I, Sk Khalili, Address: At- Chahata, P.O./ P.S.- Dharmasala, Dist.- Jajpur, Odisha-755008 declare that I have changed my name from Sk Khalli to Sk Khalili. Henceforth, I shall be known as Sk Khalili for all purposes. D-2993

By virtue of an affidavit sworn before the Executive Magistrate, Dharmasala, dated 18.02.2025, I, Sk Riyazuddin, Address: At- Chahata, P.O./ P.S.- Dharmasala, Dist.- Jajpur, Odisha-755008 declare that I have changed my name from Sk Raysden to Sk Riyazuddin. Henceforth, I shall be known as Sk Riyazuddin for all purposes. D-2994

I, Soratun Khatun, W/o- Sk Papu, resident of Khirpada, P.O.- Makhanpur, P.S.-Khaira, Dist.- Balasore, PIN-756047, Odisha declare by this affidavit No.- 839 dated 18.02.2025 that now onwards I shall be known as Soni Bibi for all future purposes. D-2992

By this affidavit CF. No.04 date 19.02.25 in the Court of Executive Magistrate, Sohela, I, Anusuya Mishra, W/o- Raghumani Mishra, Village/P.O.- Baunsenmura, P.S.- Sohela, Dist.- Bargarh, Odisha, PIN. 768033 declare that I have changed my name from Anusaya Mishra to Anusuya Mishra. Henceforth, I shall be known as Anusuya Mishra for all purposes. D-2998

I, Ankita Patra (39 years), W/o- Amaresh Patra, Vill: Gohirapadi, P.O.- Dolapadi, P.S.- Bonth, Dist.- Bhadrak declare that previously I was known as Susmi Ranjita Barik, D/o- Sital Kumar Barik. I have an LIC Policy bearing No.- 596820403 where is my name mentioned Susmi Ranjita Patra. Furthre I declare that Ankita Patra, Susmi Ranjita Barik and Susmi Ranjita Patra is same and one person. D-2999

By virtue of an affidavit sworn before the Notary Public Narendra Ku. Sahoo,BBSR, dt.19.02.2025, I Akshaya Kumar Jethi, of Plot No.-2286, Temple road, Old town, BBSR-2, PS.- Shree Lingaraj, BBSR, Dist.-Khordha, Odisha, declare that I have chaged my daughter's name from Bursali Priyadarsani Jethi', to Barsali Priyadarsani Jethi Henceforth, she shall be known as Barsali Priyadarsani Jethi for all purposes. Akshaya Kumar Jethi D-2958

Your classified advertisement published in Dharitri will be listed free in Dharitri online edition: **dharitriepaper.in**

## ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ. ତୃପ୍ତିମୟୀ ଜେନା

ସ୍ୱା. ପ୍ରଶାନ୍ତ କୁମାର ଜେନା

ଭାଗୀରଥି ବିହାର, ଗୁଡ଼ିଆନାଳୀ, ଢେଙ୍କାନାଳ

ଆବିର୍ଭାବ : ୦୧.୦୪.୧୯୭୪

ତିରୋଧାନ : ୨୦.୦୨.୨୦୨୪

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା, ତୁମର ଅନୁପସ୍ଥିତି ପ୍ରତ୍ୟେକ ମୁହୂର୍ତ୍ତରେ ଅବିସ୍ମରଣୀୟ। ସଂଗ୍ରାମମୟ ସାଂସାରିକ ଜୀବନ ଯାତ୍ରାରେ ତୁମର ସ୍ନେହ, ସମର୍ପଣ, ତ୍ୟାଗ, ଧୈର୍ଯ୍ୟ, ନିଷ୍ଠା ଏବଂ ଭଲପାଇବା ଆମ ହୃଦୟରେ ଅବିସ୍ମରଣୀୟ, ତୁମର ହସ ଓ ଆଦର ଆମେ ଏପର୍ଯ୍ୟନ୍ତ ଅନୁଭବ କରୁଅଛୁ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା।

ଶୋକସନ୍ତପ୍ତ - ହତଭାଗ୍ୟ ସ୍ୱାମୀ, ଝିଅ - ସୋନି, ମୋନି, ଗୁଡୁ ସହିତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

D-2976

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



'ଛାୱା' ଫିଲ୍ମରେ ଭିକି କୌଶଲ–ରଶ୍ମିକା ମାନ୍ଦାନା

# ଛାୱା

ନିକଟରେ ରିଲିଜ ହୋଇଛି ଭିକି କୌଶଲଙ୍କ ଅଭିନୀତ 'ଛାୱା'। ପ୍ରାରମ୍ଭରୁ ଏହି ଚିତ୍ରଟି ବେଶ୍ ଦର୍ଶକାଦୃତ ହେଉଥିବାର ଦେଖିବାକୁ ମିଳିଛି। ଲକ୍ଷ୍ମଣ ଉତେକରଙ୍କ ନିଖୁଣ ନିର୍ଦ୍ଦେଶନା ସହ କଳାକାରଙ୍କ ଅଭିନୟ ଫିଲ୍ମଟିକୁ ହିଟ୍ ପର୍ଯ୍ୟାୟଭୁକ୍ତ କରାଇବାରେ ଯଥେଷ୍ଟ ସାହାଯ୍ୟ କରିଛି। ଏହି ଫିଲ୍ମରେ ଛତ୍ରପତି ଶମ୍ଭାଜୀ ମହାରାଜଙ୍କ ବୀରତ୍ୱକୁ ଚିତ୍ରଣ କରାଯାଇଛି। ଏଥିରେ ତାଙ୍କ ନାମକୁ ଛାୱା (ସିଂହଛୁଆ) ରଖାଯାଇଛି। ଶମ୍ଭାଜୀ ଏବଂ ଔରଙ୍ଗଜେବଙ୍କ ଶାସନକାଳକୁ ଏହି ଫିଲ୍ମରେ ବେଶ୍ ସୁନ୍ଦର ଭାବରେ ଚିତ୍ରଣ କରାଯାଇଛି। ଶିବାଜୀ ସାୱନ୍ତଙ୍କ ଉପନ୍ୟାସ 'ଛାୱା'କୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି। ବିଶେଷଭାବରେ ଏହାର ଟାଇଟଲ ଭୂମିକାରେ ଭିକିଙ୍କ ଅଭିନୟକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ। ତାଙ୍କ ଅଭିନୟ ଜୀବନରେ ଏହା ଆଉ ଏକ ସ୍ମରଣୀୟ ସିନେମା ଭାବରେ ଲିପିବଦ୍ଧ ହୋଇରହିବ। ଏ ନେଇ ଭିକି କହନ୍ତି, 'ଯେତେବେଳେ ଏହି ଭୂମିକା ବିଷୟରେ ମୋତେ ସୂଚନା ଦିଆଗଲା ସେତେବେଳେ ତାହାକୁ ଏକ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କରିଥିଲି। ରୋଲ୍‌ଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡ଼ିଛି। ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିଛନ୍ତି ଆଉ ସେ ନେଇ ସେମାନଙ୍କୁ ମୁଁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ।'' ଏହି ଫିଲ୍ମରେ ରଶ୍ମିକା ମାନ୍ଦାନା, ଅକ୍ଷୟ ଖାନ୍ନା ଏବଂ ଆଶୁତୋଷ ରାଣା ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୩୦ କୋଟି ବଜେଟରେ ପ୍ରସ୍ତୁତ 'ଛାୱା' ବକ୍ସ ଅଫିସରେ ପାଖାପାଖି ୨୦୫ କୋଟି ବିଜ୍‌ନେସ କରିବାରେ ସକ୍ଷମ ହୋଇଛି। ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ଦିନେଶ ଭୈଜାନ। ଏହାର ପ୍ରଚ୍ଛଦପଟ ବ୍ୟାଖ୍ୟା କରିଛନ୍ତି ଅଜୟ ଦେବଗନ। ହିନ୍ଦୀ ଭାଷାରେ ନିର୍ମିତ ଏହି ସିନେମାର ଅବଧି ରହିଛି ୧୬୧ ମିନିଟ୍।

# ଡାଏରୀ କହିବ ମନ କଥା

ବର୍ତ୍ତମାନ ସୋସିଆଲ ମିଡିଆର ଚାହିଦା କାହିଁରେ କେତେ। କେବଳ ବୟସ୍କ ବ୍ୟକ୍ତି ନୁହନ୍ତି ସ୍କୁଲରେ ପଢୁଥିବା ପିଲା, ଯୁବପିଢ଼ି ଏଥିପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ତେବେ ସୋସିଆଲ ମିଡିଆ ଏବଂ ମୋବାଇଲ ବ୍ୟବହାର ଜଣେ ଛାତ୍ର ଜୀବନକୁ କିପରି ପ୍ରଭାବିତ କରୁଛି ଏବଂ ଏହାଦ୍ୱାରା ତାହାର ଜୀବନର ଗତିପଥ ମଧ୍ୟ ବଦଳି ଯାଉଛି। ତା'ପରେ କ'ଣ ହେଉଛି ତାହା ଫିଲ୍ମଟିକୁ ଦେଖିଲେ ହିଁ ଜାଣିପାରିବେ। ଏକ ସାମ୍ପ୍ରତିକ ଘଟଣାକୁ ନେଇ ଶ୍ରୀ ଗଣେଶ ପ୍ରଡକ୍ସନ ବ୍ୟାନରରେ ନିର୍ମାଣ କରାଯାଉଥିବା ଓଡ଼ିଆ ସିନେମାଟିର ଟାଇଟଲ ରହିଛି 'ସ୍କୁଲ ଡାଏରୀ'। ଏହାର କାହାଣୀ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଉଛନ୍ତି ସମ୍ମିତ ବାରିକ। ବର୍ତ୍ତମାନ ଏହାର ଶୁଟିଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଲଗ୍ନା ସ୍ୱାଇଁ ଏବଂ ସମ୍ମିତ ବାରିକ। ଲାଇନ୍ ପ୍ରଯୋଜକ ଅଛନ୍ତି ଗଣେଶ ପଣ୍ଡା ଏବଂ ରବି କୁମାର ଶତପଥୀ। ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଅରୁଣ ମନ୍ତ୍ରୀ ଏବଂ ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରଶାନ୍ତ ପାଢ଼ୀ। ଏହାର ବିଭିନ୍ନ ଭୂମିକାରେ ନବାଗତ ଯୋଡ଼ି ପ୍ରେମ, ଅକ୍‌ସିତା ଏବଂ ବିଦ୍ୟାଙ୍କ ବ୍ୟତୀତ ଚୌଧୁରୀ ଜୟ ପ୍ରକାଶ ଦାସ, ସସ୍ମିତା ପ୍ରଧାନ ଏବଂ ରବି ମିଶ୍ର ପ୍ରମୁଖ କଳାକାର ଅଭିନୟ କରୁଛନ୍ତି।

# ରହସ୍ୟ ଖୋଲିଲେ ପ୍ରିୟଙ୍କା

ଯଶ୍ ଚୋପ୍ରାଙ୍କ 'ମୋହବତେଁ'କୁ ଭୁଲିପାରୁନାହାନ୍ତି ପ୍ରିୟଙ୍କା ଚୋପ୍ରା ଓରଫ ପିସି। କାରଣ କ'ଣ ଜାଣନ୍ତି? ଯେତେବେଳେ ସେ ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ସେତେବେଳେ ତାଙ୍କୁ ଏହି ଅଫର ମିଳିଥିଲା। କିନ୍ତୁ କିଛିଦିନ ଚିନ୍ତା କରିବା ପରେ ଏହି ଅଫରଟିକୁ ସେ ହାତଛଡ଼ା କରିଥିଲେ। ଏ ନେଇ ପ୍ରିୟଙ୍କା କହନ୍ତି, 'ଯଦି ମୁଁ 'ମୋହବତେଁ' ଅଫରଟିକୁ ଗ୍ରହଣ କରିଥାଆନ୍ତି, ତେବେ ତାହା ମୋର ପ୍ରଥମ ହିନ୍ଦୀ ସିନେମା ହୋଇଥାଆନ୍ତା। ହେଲେ ବିଧିର ବିଧାନ ଅଲଗା। ସେତେବେଳେ ମୁଁ ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥାଏ। ତେଣୁ ସେତେବେଳେ ଫିଲ୍ମ ଶୁଟିଂ ପାଇଁ ସମୟ ଦେଇପାରି ନ ଥାନ୍ତି। ତେଣୁ ଏପରି ବଡ଼ ଅଫରଟିକୁ ବାଧ ହୋଇ ହାତଛଡ଼ା କରିଥିଲି। ଏବେ ବି ସେକଥା ମନେପଡ଼ିଲେ ଦୁଃଖ ଲାଗେ।' ପରେ ଏହି ଭୂମିକା ପାଇଁ ଶିଳ୍ପା ସେଟ୍ଟୀଙ୍କ ଭଉଣୀ ସମିତାଙ୍କୁ ସାଇନ୍ କରାଯାଇଥିଲା। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ୨୦୦୨ରେ ପ୍ରିୟଙ୍କା ତାମିଲ ଫିଲ୍ମ 'ଥାମିଜାନ୍'ରେ ବଡ଼ ପରଦାରେ ଏଣ୍ଟ୍ରି କରିଥିଲେ।



ପ୍ରିୟଙ୍କା

# ତାରାଙ୍କ ନୀରବତା

ତାରା ସୁତାରିଆ ଏବେ ଅଧିକାଂଶ ସମୟ ନୀରବ ରହୁଛନ୍ତି। କଥା କ'ଣ କି ନିଜ କ୍ୟାରିୟର କିପରି ଆଗକୁ ବଢ଼ିବ ଏବଂ ତାଙ୍କ ଅଭିନୀତ ସିନେମାଗୁଡ଼ିକ ଦର୍ଶକଙ୍କ ମନକୁ ଛୁଇଁବ ସେଥିପାଇଁ ସେ ନେଇ ବେଶ୍ ସଚେତନ। ଏବେ ତାରା ମାପିଚୁପି କଥା କହୁଛନ୍ତି। ନିଜ ସିନେମାକୁ ଅଯଥାରେ ପ୍ରଶଂସା କରିବା ଫିଲ୍ମଟି ରିଲିଜ୍ ପୂର୍ବରୁ ତାହା ହିଟ୍ ହେବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିବାକୁ ପସନ୍ଦ କରୁନାହାନ୍ତି। କେହି କିଛି ପଚାରିଲେ ଯେତେ ସଂକ୍ଷେପରେ ଉତ୍ତର ଦେଉଛନ୍ତି। କେବଳ ସେତିକି ନୁହେଁ ତାରା ମଧ୍ୟ ଏବେ ଚୁଜି ହେଲେଣି। କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ଭଲ ଭାବରେ ତର୍ଜମା କରୁଛନ୍ତି। ଏପରି ଚିନ୍ତାଧାରା ପାଇଁ ବେଶ୍ କେତୋଟି ଅଫର ତାଙ୍କ ହାତରୁ ଖସି ଯାଇଛି। ହେଲେ ତାହାକୁ ନେଇ ମନଦୁଃଖ କରୁନାହାନ୍ତି ତାରା। ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, ''ଆକ୍ଟିଂ ଏପରି ଏକ ଲାଇନ୍ ଯେଉଁଥିପାଇଁ ବେଶ୍ ସତର୍କ ହେବାକୁ ପଡ଼ିବ। ଏକାଥରେ ପୁଳାଏ ସିନେମାରେ ଅଭିନୟ କରିବା ପୁଣି ସେଗୁଡ଼ିକ ବକ୍ସ ଅଫିସରେ ଫ୍ଲପ୍ ହେବା–କ୍ୟାରିୟର ପାଇଁ ଆଦୌ ଶୁଭପ୍ରଦ ନୁହେଁ। ତେଣୁ ମୁଁ ସ୍ଥିର କରିଛି, ଦେଖିଚାହିଁ ଫିଲ୍ମ ସାଇନ୍ କରିବି।''



ତାରା

# ଅକ୍ଷୟଙ୍କ ପ୍ରଶଂସାରେ କ୍ରିତି



କ୍ରିତି

କ୍ରିତି ସାନନ୍ ଏବେ ଜଣଙ୍କର ପ୍ରଶଂସାରେ ଶତମୁଖ। ଯୁଆଡ଼େ ଗଲେ ତାଙ୍କୁ ଭୂରିଭୂରି ପ୍ରଶଂସା କରୁଛନ୍ତି। ହେଲେ ସେ କାହାର ପ୍ରଶଂସା କରୁଛନ୍ତି ଜାଣିବେନି? ହଁ ସେ ହେଲେ ଖିଲାଡ଼ି ମାଷ୍ଟର ଅକ୍ଷୟ କୁମାର। ଏହା ପଛରେ ସେପରି କାରଣ ମଧ୍ୟ ରହିଛି। ଗୋଟିଏ ପଟେ ଅକ୍ଷୟ ଅଭିନୟ କରିବାକୁ ଯାଉଥିବା ନୂଆ ସିନେମାର ସେ ନାୟିକା ସାଜିବାର ଯୋଜନା ରହିଛି। ଏ ନେଇ କ୍ରିତିଙ୍କୁ ଅଫର ଦିଆଯାଇଛି, ହେଲେ ସେ ସମ୍ପର୍କରେ ନିଷ୍ପତ୍ତି ନେବାକୁ ସେ ଦୁଇ ସପ୍ତାହ ସମୟ ନେଇଛନ୍ତି। ଏ ନେଇ କ୍ରିତି କହନ୍ତି, ''ଯାହା କହନ୍ତୁ ନା କାହିଁକି, ଅକ୍ଷୟ କୁମାରଙ୍କ ପରି ଆକ୍ଟରଙ୍କ ସହ କାମ କରିବାରେ ସ୍ପେଶାଲ ଚାର୍ମ ରହିଛି। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ ପାଇଁ ଏକ ଭିନ୍ନ ଧରଣର । ତେଣୁ ଏ ବିଷୟରେ ନିଷ୍ପତ୍ତି ନେବାକୁ ମୁଁ କିଛିଦିନ ସମୟ ନେଇଛି। ମୋତେ ଯେଉଁ ରୋଲ୍ ମିଳୁନା କାହିଁକି, ତାହା ବଡ଼ ହୋଇଥାଉ କି ଛୋଟ–ସବୁ ଭୂମିକାକୁ ମୁଁ ଗୁରୁତ୍ୱର ସହ ନେଇଥାଏ। ଅକ୍ଷୟଙ୍କ ନିକଟରୁ ଆକ୍ଟିଂ ବିଷୟରେ ଅନେକ କିଛି ଶିଖିବାର ଅଛି। ତାଙ୍କର ପଙ୍କ୍‌ଚୁଆଲିଟି ମୋତେ ସବୁଠାରୁ ବେଶି ପ୍ରଭାବିତ କରିଛି। ଏହାବ୍ୟତୀତ ତାଙ୍କର ଡେଲି ରୁଟିନ୍ ଲାଇଫ୍‌କୁ ମୁଁ ଫଲୋ କରିବାକୁ ଚେଷ୍ଟା କରୁଛି।'' ଯଦି ଏହି ଫିଲ୍ମରେ ଆକ୍ଟିଂ କରିବାକୁ କ୍ରିତି ରାଜି ହୁଅନ୍ତି, ତେବେ ଅକ୍ଷୟଙ୍କ ସହ ତାଙ୍କ ଯୋଡ଼ି ବଡ଼ ପଦରାରେ କି କମାଲ କରିବ ତାହା ଦେଖିବାକୁ ବାକି ରହିଲା।

# ମାତ୍ର ତିନି ସପ୍ତାହ

ପପୁ ପମ୍‌ପମ୍‌ଙ୍କ ଅଭିନୀତ ନୂଆ ଚଳଚ୍ଚିତ୍ର 'ଡଷ୍ଟବିନ'ର ଶୁଟିଂ ମାତ୍ର ତିନି ସପ୍ତାହରେ ଶେଷ ହୋଇଛି। ଏତେ କମ୍ ସମୟ ଭିତରେ ଶୁଟିଂ ଶେଷ ହେବା ପରେ ପପୁ ଏହାକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି। ତେବେ ନିର୍ମାଣ କ୍ଷେତ୍ରରେ କୌଣସିଥିରେ କିଛି ଊଣା କରାଯାଇ ନାହିଁ ବୋଲି ସେ କହିଛନ୍ତି। ପିକେ ଫିଲ୍ମ ବ୍ୟାନରରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର ପ୍ରଯୋଜକ ଅଛନ୍ତି କେ. କେ. ସାହୁ। କାର୍ଯ୍ୟକାରୀ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ପ୍ରଦୀପ୍ତ କୁମାର ସ୍ୱାଇଁ। ମୁଖ୍ୟ ଭୂମିକାରେ ଅଭିନୟ କରିବା ସହ ପପୁ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିଛନ୍ତି। ତା'ସହ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି। ଖାସ୍ କଥା ହେଲା, ଏହାର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି ଏହି ଲୋକପ୍ରିୟ ହାସ୍ୟାଭିନେତା। ସଂଳାପ ରଚନା କରିଛନ୍ତି ଡ. ଦୀପକ ଜେନା। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଶୁଭମ। ପପୁଙ୍କ ବ୍ୟତୀତ ପ୍ରାଚୀ, ସୁକୁମାର ଟୁଡୁ, ଦୀପାନ୍ୱିତ ଦାସ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, ଜୀବନ ପଣ୍ଡା, ଅରବିନ୍ଦ ଷଡ଼ଙ୍ଗୀ, ଟୁକୁନା ଷ୍ଟାଇଲିସ ଓ ମନୋଜ ସ୍ୱାଇଁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।



'ଡଷ୍ଟବିନ୍' ଫିଲ୍ମର ପୋଷ୍ଟର

# ମନେ ରହିବେ ଜ୍ଞାନରଞ୍ଜନ ପ୍ରିୟଦର୍ଶନ

ଶ୍ରଦ୍ଧାଞ୍ଜଳି



ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରଯୋଜକ ଜ୍ଞାନରଞ୍ଜନ ପ୍ରିୟଦର୍ଶନଙ୍କର ହଠାତ୍ ବିୟୋଗ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ମାତ୍ର ଗୋଟିଏ ସିନେମା (ମତେ ବୋହୂ କରି ନେଇଯା)ର ସେ ସିନା ପ୍ରଯୋଜନା କରିଥିଲେ ହେଲେ ସଙ୍ଗୀତ କ୍ଷେତ୍ରରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ଏହି ଫିଲ୍ମର ସମସ୍ତ ଶୁଟିଂ ମାଲେସିଆରେ ହିଁ ହୋଇଥିଲା। ଓଡ଼ିଆ ଆଧୁନିକ ସଙ୍ଗୀତ ମାଧ୍ୟମରେ ନୂଆ ଗାୟକ ଗାୟିକାମାନଙ୍କୁ ସୁଯୋଗ ଦେବା ଲକ୍ଷ୍ୟରେ ସେ ପ୍ରତିଷ୍ଠା କରିଥିଲେ ଦର୍ଶନ ମ୍ୟୁଜିକ।
ପ୍ରଯୋଜନା କ୍ଷେତ୍ରରେ ସେ ଆଗେଇ ପାରି ନ ଥିଲେ– ଏକଥା ସତ, ହେଲେ ଓଡ଼ିଆ ସିନେମାକୁ ଆଗକୁ ନେବାରେ ତାଙ୍କର ସହଯୋଗକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ। ବିଶେଷଭାବରେ ପ୍ରେକ୍ଷାଳୟ ସଂଖ୍ୟା ବୃଦ୍ଧି ଉପରେ ସେ ଗୁରୁତ୍ୱ ଦେଉଥିଲେ। ତା' ସହ ଭଲ ସିନେମାଟିଏ ନିର୍ମାଣ କରିବାକୁ କେଉଁ କେଉଁ ଦିଗ ପ୍ରତି ଜଣେ ପ୍ରଯୋଜକ ଗୁରୁତ୍ୱ ଦେବା ଆବଶ୍ୟକ ତାହା ଉପରେ ତାଙ୍କର ଦିଗ୍‌ଦର୍ଶନ ବେଶ୍ ପ୍ରଶଂସନୀୟ।
ଓଡ଼ିଆ ସଂସ୍କୃତିର ବିକାଶ ପାଇଁ ସେ ନିଜ ଜନ୍ମସ୍ଥାନ ଯାଜପୁରରେ ନିୟମିତ ସମୟ ଅନ୍ତରାଳରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରୁଥିଲେ।
ମୃତ୍ୟୁ ତାଙ୍କୁ ଯେ ଏମିତି ହଠାତ୍ ନେଇଯିବ ତାହାକୁ ବିଶ୍ୱାସ କରିହେଉନି। ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କର ପତ୍ନୀ ବିଳମ୍ବ ନ କରି ତାଙ୍କୁ ହସ୍‌ପିଟାଲ ନେଇ ଯାଇଥିଲେ। ଗାଡ଼ିରେ ପତ୍ନୀଙ୍କ କୋଳରେ ଶୋଇ କହିଥିଲେ 'ମୁଁ ଚାଲିଲି'। ପ୍ରଯୋଜକ ପ୍ରିୟ ଦର୍ଶନଙ୍କ ଏକମାତ୍ର ପୁତ୍ର ସନ୍ତାନ ଲଣ୍ଡନରେ ଶିକ୍ଷାଗ୍ରହଣ କରୁଛନ୍ତି। ଓଡ଼ିଆ ସିନେମାକୁ ଭଲପାଉଥିବା ପ୍ରଯୋଜକ ଜ୍ଞାନ ରଞ୍ଜନ ପ୍ରିୟଦର୍ଶନ ଯେଉଁଠି ରହିଲେ ବି ଭଲରେ ଥାଆନ୍ତୁ। ଓଡ଼ିଆ ଭାବେ ନିଜକୁ ଗର୍ବ ଅନୁଭବ କରି ଆଜି ଅକାଳରେ ସମସ୍ତ ବନ୍ଧୁ ପରିବାରବର୍ଗଙ୍କୁ ଛାଡ଼ି ଚାଲିଯିବା ପାଇଁ ସମସ୍ତେ ଦୁଃଖିତ। ଶ୍ରୀଜଗନ୍ନାଥ ତୁମ ପରିବାରକୁ ସହାୟ ହୁଅନ୍ତୁ ଏହା ହିଁ ଆମର କାମନା।

–ଦିଲ୍ଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୦/୨୦୨୫ Bhubaneswar, Thursday, February 20/ 2025



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ବୁଧବାର ଭାରତ ଓ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# ଜର୍ମାନୀକୁ ହରାଇଲା ଭାରତ

ଭୁବନେଶ୍ୱର, ୧୯।୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୧-୦ ଗୋଲରେ ଜର୍ମାନୀକୁ ପରାସ୍ତ କରିଛି। ମଙ୍ଗଳବାର ମ୍ୟାଚରେ ୧-୪ ଗୋଲରେ ପରାସ୍ତ ହେବା ପରେ ଏହି ବିଜୟ ହାସଲ କରି ଭାରତ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ଆଭିମୁଖ୍ୟ ରଖି ୪ର୍ଥ ମିନିଟରେ ଗୁରଜାନ୍ତ ସିଂ ଏକ ଗୋଲ ସ୍କୋର କରି ଭାରତକୁ ଅଗ୍ରଣୀ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ପୂରା ମ୍ୟାଚରେ ଆଉ ଗୋଲ ଦେଖିବାକୁ ମିଳି ନ ଥିଲା। ଉଭୟ ପକ୍ଷରୁ ଆକ୍ରମଣ ପ୍ରତିଆକ୍ରମଣ ଜୋରଦାର ହୋଇଥିଲେ ହେଁ ଦୃଢ଼ ରକ୍ଷଣଭାଗ ଯୋଗୁ ଗୋଲ ହୋଇପାରି ନ ଥିଲା। ଜର୍ମାନୀ ୭ଟି ଓ ଭାରତ ୨ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଏହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ଚଳିତ ପ୍ରୋ ଲିଗ୍‌ରେ ୪ ମ୍ୟାଚରୁ ଭାରତର ଏହାଥିଲା ଦ୍ୱିତୀୟ ବିଜୟ। ଫଳରେ ୬ ପଏଣ୍ଟ ସହିତ ଭାରତ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ୬ ମ୍ୟାଚରୁ ୪ର୍ଥ ପରାଜୟର ସାମ୍ନା କରିଥିବା ଜର୍ମାନୀ ୭ ପଏଣ୍ଟ ସହିତ ୫ମ ସ୍ଥାନରେ ରହିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ୨୧ ତାରିଖରେ ଆୟର୍ଲାଣ୍ଡ ବିପକ୍ଷରେ ଖେଳିବ।



ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କ ସହ ଦୁଇ ଅତିଥି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ପୋଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ।

# ଭାରତୀୟ ମହିଳା ହକି ଦଳର ତୃତୀୟ ପରାଜୟ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

ଭୁବନେଶ୍ୱର, ୧୯।୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ହକି ଦଳ କ୍ରମାଗତ ତୃତୀୟ ପରାଜୟ ବରଣ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଘରୋଇ ଦଳ ଏକମାତ୍ର ଗୋଲରେ ସ୍ପେନ୍ ନିକଟରୁ ପରାସ୍ତ ହୋଇଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ସ୍ପେନ୍ ଅଧିନାୟିକା ମାର୍ଟା ସେଗୁ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଭାରତ ୪ ମ୍ୟାଚରୁ ୪ ପଏଣ୍ଟ ପାଇ ଟେବୁଲର ୮ମ ସ୍ଥାନରେ ରହିଛି।

## ସ୍ପେନର ତୃତୀୟ ବିଜୟ

ସ୍ପେନ୍ ପୁରୁଷ ଦଳ ମଧ୍ୟ ମଙ୍ଗଳବାର ବିଜୟ ହାସଲ କରିଛି। କଳିଙ୍ଗରେ ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୪-୧ରେ ଇଂଲଣ୍ଡକୁ ପରାସ୍ତ କରିଛି। ୮ ମ୍ୟାଚରୁ ୧୨ ପଏଣ୍ଟ ପାଇ ସ୍ପେନ୍ ପଏଣ୍ଟ ଟେବୁଲର ତୃତୀୟରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ଇଂଲଣ୍ଡ ୬ ମ୍ୟାଚରୁ ପ୍ରଥମ ପରାଜୟ ସ୍ୱାଦ ଚାଖିଛି। ପୂରା ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା ସ୍ପେନ୍। ୯ମ ମିନିଟ୍‌ରେ ଜୋଆକ୍ୱିନ ମେନିନି, ୨୮ତମ ମିନିଟରେ ବୋର୍ଜା ଲାକାଲି, ୩୭ତମ ମିନିଟରେ ପେପେ କୁନିଲ ଓ ୪୯ତମ ମିନିଟରେ ନିକୋଲାସ ଆଲଭାରେଜ ଦଳ ପକ୍ଷରୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୫୦ତମ ମିନିଟରେ ଇଂଲଣ୍ଡର ମାଥ୍ୟୁ ରାମଶାଓ ଗୋଟିଏ ଗୋଲ ପରିଶୋଧ କରିଥିଲେ।



ଭାରତ ଓ ସ୍ପେନ୍ ମହିଳା ହକି ଦଳ ମଧ୍ୟରେ ଅନୁଷ୍ଠିତ ପ୍ରୋ ଲିଗ୍ ମ୍ୟାଚ।

# ଓଡ଼ିଶା ପାଇଁ ୨ ସ୍ୱର୍ଣ୍ଣ ଜିତିଲେ ଜୟନ୍ତୀ



ଜୟନ୍ତୀ ବେହେରା



ପଙ୍କଜ ଭୁଏ



କମଳାକାନ୍ତ ନାୟକ

**ଜାତୀୟ ପାରା ଆଥ୍‌ଲେଟିକ୍ସ**

ଭୁବନେଶ୍ୱର, ୧୯।୨ (ତପନ ସ୍ୱାଇଁ)

ଚେନ୍ନାଇରେ ଚାଲିଥିବା ୨୩ତମ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ପାଇଁ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ତାରକା ସ୍ପ୍ରିଣ୍ଟର ଜୟନ୍ତୀ ବେହେରା। ସେ ମହିଳା ଟି-୪୭ ବର୍ଗର ୧୦୦ ମିଟର ରେସ୍‌ରେ ୧୩.୪୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ୱର୍ଣ୍ଣ ଜିତିଛନ୍ତି। ସେହିପରି ଟି୪୭ ମହିଳା ବର୍ଗର ୪୦୦ ମିଟର ରେସ୍‌ରେ ଜୟନ୍ତୀ ୧:୦୧.୧୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ପୁରୁଷ ଟି୧୩ ଲଙ୍ଗ ଜମ୍ପ ଇଭେଣ୍ଟରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି ଓଡ଼ିଶାର ପଙ୍କଜ ଭୁଏ। ସେ ୫.୯୩ ମିଟର କ୍ଲିୟର କରି ଏହି ସଫଳତା ପାଇଛନ୍ତି। ଓଡ଼ିଶା ପାଇଁ ଦ୍ୱିତୀୟ ରୌପ୍ୟ ପଦକ ଅର୍ଜନ କରିଛନ୍ତି କମଳାକାନ୍ତ ନାୟକ। ସେ ପୁରୁଷ ଏଫ୍-୫୩ ବର୍ଗ ଜାଭେଲିନ୍ ଥ୍ରୋରେ ୧୬.୨୨ ମିଟର କ୍ଲିୟର କରି ଏହି ସଫଳତା ପାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶା ପାଇଁ ବ୍ରୋଞ୍ଜ ପଦକ ଜିତିଥିଲେ ଜାନକୀ ଓରାମ। ସେ ମହିଳା ଟି୧୨ ବର୍ଗ ୧୦୦ ମିଟର ରେସ୍‌ରେ ଏହି ସଫଳତା ପାଇଥିଲେ। ଓଡ଼ିଶାର ପଦକ ବିଜୟୀ ଆଥଲେଟ୍‌ଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଭିନନ୍ଦନ ଜଣାଇଛନ୍ତି।

**ଟେନିସ ବଲ କ୍ରିକେଟ**

# ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୧୯।୨ (ତପନ ସ୍ୱାଇଁ):** ଚଳିତ ମାସ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ତାମିଲନାଡୁରେ ୩୨ ତମ ଜାତୀୟ ଫେଡେରେଶନ କପ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳ ଘୋଷଣା କରାଯାଇଛି। ମନୋନୀତ ଦଳ ବୁଧବାର ତାମିଲନାଡୁ ଯାତ୍ରା କରିଛି। ଓଡିଶା ଟେନିସ ବଲ କ୍ରିକେଟ ସଙ୍ଘର ସଭାପତି ସୁରଜ କୁମାର ମିଶ୍ର, ସମ୍ପାଦକ ସିଥିଲ କୁମାର ପଣ୍ଡା, କୋଷାଧ୍ୟକ୍ଷ ଅଶୋକ ଦାସ, ଭୁବନେଶ୍ୱର ସଙ୍ଘର ସମ୍ପାଦକ ପଙ୍କଜ ଦାସ ଏବଂ ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ମୁଖ୍ୟ କୋଚ୍ ଚକ୍ରଧର ମାଝୀ ଓଡିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଓଡିଶା ଦଳ: ଅମ୍ରିତ କୁମାର ଦାସ, ପ୍ରୀତମ କୁମାର ପ୍ରଧାନ, ବିକାଶ କୁମାର ବାଛା, ରାଜ ସୌରଭ ପରିଡା, ରାଜା ବିଷୋୟୀ, ଉପେନ୍ଦ୍ର କୁମାର କଅଁର, ସୁଦାମ ବେହେରା, ଶରତ କୁମାର କଅଁର, ଭେଙ୍କଟେଶ କୁମାର, ଜଗନ୍ନାଥ କଅଁର, ବାପିନା ନାଥ, ମିର ସାଜିଦ ଅଲ୍ଲୀ, ଅଭିତେଶ ପଣ୍ଡା ଓ ରାଜ ୟାଥାର୍ଥ ପରିଡା। କୋଚ୍ ଓ ମ୍ୟାନେଜର: ସୁନୀଲ କୁମାର ମହାରଣା।

# କରାଚୀରେ ତ୍ରିରଙ୍ଗା ଉଡ଼ିଲା

କରାଚୀ,୧୯।୨

ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ କରାଚୀ ନ୍ୟାଶନାଲ ଷ୍ଟାଡିୟମରେ ଭାରତୀୟ ପତାକାର ଅନୁପସ୍ଥିତିକୁ ନେଇ ବିବାଦ ଦେଖାଦେଇଥିଲା। ଏଥିଯୋଗୁ ସୋସିଆଲ ମିଡିଆରେ କ୍ରିକେଟ ଫ୍ୟାନ୍ସ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ଖୁବ୍ ସମାଲୋଚନା କରିଥିଲେ। କିନ୍ତୁ ଆୟୋଜକ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚ ବେଳେ ଅନ୍ୟ ଅଂଶଗ୍ରହଣକାରୀ ଦେଶର ପତାକା ସହିତ ତ୍ରିରଙ୍ଗାକୁ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ପିସିବିର ଜଣେ ଅଧିକାରୀ କହିଛନ୍ତି, ଭାରତ ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ ଲାଗି ପାକିସ୍ତାନ ଆସୁ ନାହିଁ। ଏଣୁ କରାଚୀସ୍ଥିତ ନ୍ୟାଶନାଲ ଷ୍ଟାଡିୟମ, ରାୱଲପିଣ୍ଡି କ୍ରିକେଟ ଷ୍ଟାଡିୟମ ଓ ଲାହୋରର ଗଦ୍ଦାଫି ଷ୍ଟାଡିୟମରେ ମ୍ୟାଚ ଖେଳିବାକୁ ଥିବା ଦେଶର ପତାକା ଉଡ଼ାଯାଇଥିଲା। ଅନ୍ୟପକ୍ଷରେ ବିସିସିଆଇର ଉପସଭାପତି ରାଜୀବ ଶୁକ୍ଳା କହିଥିଲେ, ପ୍ରଥମତଃ ଭାରତୀୟ ପତାକା ସେଠାରେ ସ୍ଥାନ ପାଇବ କି ନାହିଁ ଏହା ସ୍ପଷ୍ଟ କରାଯିବା ଉଚିତ। ଯଦି ଭାରତୀୟ ପତାକା ସେଠାରେ ରଖାଯାଇନାହିଁ, ତେବେ ତାହା ସେଠାରେ ରଖାଯିବା ଉଚିତ। ଏହା ଆଇସିସି ଟୁର୍ନାମେଣ୍ଟ ହୋଇଥିବାରୁ ସମସ୍ତ ଅଂଶଗ୍ରହଣକାରୀ ଦେଶର ପତାକା ସେଠାରେ ଲଗାଯିବା ଦରକାର।

# ଆଜି ଭାରତ ବନାମ ବାଂଲାଦେଶ

**ଆଇସିସି ଚାମ୍ପିୟନ୍ସ ଟ୍ରଫି**

**(ଆଜିର ମ୍ୟାଚ)**
**ଭାରତ ବନାମ ବାଂଲାଦେଶ**
**ସ୍ଥାନ: ଦୁବାଇ, ସମୟ: ଅପରାହ୍ନ ୨ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ, ସ୍ପୋର୍ଟ୍ସ ୧୮**

ଦୁବାଇ, ୧୯।୨ (ପି.ଟି.)

ଚଳିତ ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଭାରତ ଅଭିଯାନ ଗୁରୁବାରଠାରୁ ଆରମ୍ଭ ହେବ। ଦୁବାଇରେ ଭାରତ ଏହାର ପ୍ରଥମ ମ୍ୟାଚ ବାଂଲାଦେଶ ବିପକ୍ଷରେ ଖେଳିବ। ଟୁର୍ନାମେଣ୍ଟରେ ପ୍ରଥମ ମ୍ୟାଚ ଖେଳିବାକୁ ଯାଉଥିବାରୁ ଭାରତ ପାଇଁ ଏହା ଅନେକ ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟ ପେସ୍ ବୋଲର ଯଶପ୍ରୀତ୍ ବୁମରାଙ୍କ ବିନା ଭାରତୀୟ ବୋଲିଂ ବିଭାଗ କିପରି ପ୍ରଦର୍ଶନ କରୁଛି, ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପରି ତାରକା ସେମାନଙ୍କ ପୂର୍ବ ପ୍ରଦର୍ଶନ ଦୋହରାଇ ପାରୁଛନ୍ତି କି ନାହିଁ, ଶୁବମନ ଗିଲ୍‌ଙ୍କ ପରି ଯୁବ ଖେଳାଳି ଏହି ବହୁ ଦେଶୀୟ ଟୁର୍ନାମେଣ୍ଟରେ କିପରି କ୍ଲିକ୍ କରୁଛନ୍ତି ଆଦି ଅନେକ ପ୍ରଶ୍ନର ଉତ୍ତର ଏହି ମ୍ୟାଚରେ ଦେଖିବାକୁ ମିଳିବ। ଇଂଲଣ୍ଡ ବିପକ୍ଷ ଦିନିକିଆ କ୍ରିକେଟ ସିରିଜରେ ରୋହିତ ଶର୍ମାଙ୍କ ଶତକ, କୋହଲିଙ୍କ ଅର୍ଦ୍ଧଶତକ ହାସଲ କରିବା ଏବଂ ଟି୨୦ ସିରିଜକୁ ୪-୧ ଓ ଦିନିକିଆ ସିରିଜକୁ ୩-୦ରେ ଜିତିବା ଦ୍ୱାରା ଭାରତୀୟ ପ୍ରଶଂସକଙ୍କ ଆଶା ଆକାଂକ୍ଷା ବଢ଼ି ଯାଇଛି। ତେବେ ଚାମ୍ପିୟନ୍ସ ଟ୍ରଫିରେ ଇଂଲଣ୍ଡ ଭିନ୍ନ ଗ୍ରୁପ୍‌ରେ ରହିଛି। ଗ୍ରୁପ୍ 'ଏ'ରେ ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ଚ୍ୟାଲେଞ୍ଜକୁ ପ୍ରତିହତ କରିବାକୁ ପଡ଼ିବ।

ଭାରତୀୟ ଦଳରେ ଚୂଡ଼ାନ୍ତ ଏକାଦଶ ଚୟନ ଏବଂ ବ୍ୟାଟିଂ ଲାଇନ୍‌ଅପ୍‌କୁ ନେଇ ଉତ୍କଣ୍ଠା ରହିବ। ବିଶେଷ କରି ଲୋକେଶ ରାହୁଲ ୫ କିମ୍ବା ୬ ନମ୍ବରରେ ଆସିବେ ତାହା ଦେଖିବାର ଅଛି। ଇଂଲଣ୍ଡ ବିପକ୍ଷ ପ୍ରଥମ ୨ଟି ଦିନିକିଆରେ ତାଙ୍କୁ ୬ ନମ୍ବରରେ ଅଣାଯାଇ ଅକ୍ଷର ପଟେଲଙ୍କୁ ତାଙ୍କ ଉପରେ ସୁଯୋଗ ଦିଆଯାଇଥିଲା। ମାତ୍ର ଅନ୍ତିମ ଦିନିକିଆରେ ରାହୁଲ ୫ ନମ୍ବର ସ୍ଥାନରେ ଆସିଥିଲେ। ଏ କ୍ଷେତ୍ରରେ ଗେମ୍ ସ୍ଥିତିକୁ ନେଇ ଟିମ୍ ମ୍ୟାନେଜମେଣ୍ଟ ଅନ୍ତିମ ନିଷ୍ପତ୍ତି ନେଇପାରେ। ବୁମ୍‌ରା ଆହତ ଥିବାରୁ ଦଳରେ ଉପଯୁକ୍ତ ସନ୍ତୁଳନ ବଜାୟ ରଖିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବ। ଭେଟେରାନ ମହମ୍ମଦ ଶାମିଙ୍କ ସ୍ଥାନରେ ଅର୍ଶଦୀପ ସିଂ ଓ ହର୍ଷିତ ରାଣାଙ୍କ ମଧ୍ୟରୁ ଜଣଙ୍କୁ ନୂଆ ବଲ୍ ପାର୍ଟନରଭାବେ ସୁଯୋଗ ମିଳିବ। ନିକଟ ଅତୀତରେ ରାଣା ନିଜ ବୋଲିଂରେ ପ୍ରଭାବିତ କରିଛନ୍ତି। ତେବେ ବାମହାତୀ ବୋଲର ହୋଇଥିବାରୁ ବୋଲିଂରେ ବିବିଧତା ପାଇଁ ଅର୍ଶଦୀପ ପ୍ରଥମ ପସନ୍ଦ ହୋଇପାରନ୍ତି। ଫାଷ୍ଟ ବୋଲିଂ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ଭାରତ ୩ ସ୍ପିନରଙ୍କୁ ଖେଳାଇପାରେ। ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲଙ୍କ ପରେ ତୃତୀୟ ସ୍ପିନର ପାଇଁ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ହେବ।





ଅଭ୍ୟାସ ଅବସରରେ ବିରାଟ କୋହଲି।

## ଗିଲ୍ ନଂ-୧

ଭାରତର ଶୁବମନ ଗିଲ ପାକିସ୍ତାନର ବାବର ଆଜମଙ୍କୁ ହଟାଇ ଆଇସିସି ଦିନିକିଆ ବ୍ୟାଟର ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜରେ ସେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ୮ ଦଳ ବିଶିଷ୍ଟ ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହେବା ପୂର୍ବରୁ ଆଇସିସି ତରଫରୁ ବୁଧବାର ନୂଆ ର୍‍ୟାଙ୍କିଙ୍ଗ୍ ପ୍ରକାଶ କରାଯାଇଛି।

# ନ୍ୟୁଜିଲାଣ୍ଡ ଜିତିଲା ଉଦ୍‌ଘାଟନୀ ମ୍ୟାଚ

**ପାକିସ୍ତାନ ୬୦ ରନ୍‌ରେ ପରାସ୍ତ**

କରାଚୀ, ୧୯।୨

ନ୍ୟାଶନାଲ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଆଇସିସି ଚାମ୍ପିୟନ୍ସ ଟ୍ରଫିର ଉଦ୍‌ଘାଟନୀ ମ୍ୟାଚରେ ନ୍ୟୁଜିଲାଣ୍ଡ ୬୦ ରନରେ ପାକିସ୍ତାନକୁ ପରାସ୍ତ କରିଛି। ୱିଲ୍ ୟଙ୍ଗ୍ ଓ ଟମ୍ ଲଥାମଙ୍କ ଶତକ ସହାୟତାରେ ନ୍ୟୁଜିଲାଣ୍ଡ ୫୦ ଓଭରରେ ୫ ଉଇକେଟ ହରାଇ ୩୨୦ ରନ କରିଥିଲା। ୩୨୧ ବିଜୟ ଲକ୍ଷ୍ୟରେ ପାକିସ୍ତାନ ୪୭.୨ ଓଭରରେ ୨୬୦ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଖୁସଦିଲ ଶାହା (୬୯) ଓ ବାବର ଆଜମ (୬୪)ଙ୍କ ଅର୍ଦ୍ଧଶତକ ଏବଂ ସଲମାନ ଆଘାଙ୍କ ଦ୍ରୁତ ୪୨ ରନ ପାକିସ୍ତାନ ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ୱିଲିୟମ ଓ'ରୌର୍କ ଏବଂ ଅଧିନାୟକ ମିଚେଲ ସାଣ୍ଟନର ୩ଟି ଲେଖାଏ ଉଇକେଟ ନେଇଥିଲେ। ମ୍ୟାଟ୍ ହେନରିଙ୍କୁ ୨ଟି ଉଇକେଟ ମିଳିଥିଲା। ବିଜୟ ଫଳରେ ନ୍ୟୁଜିଲାଣ୍ଡ ୨ ପଏଣ୍ଟ ସହ ଗ୍ରୁପ୍ 'ଏ' ଟେବୁଲର ଶୀର୍ଷରେ ରହିଛି।

## ୨ ଶତକୀୟ ଭାଗୀଦାରି

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ମାତ୍ର ୪୦ ରନ ମଧ୍ୟରେ ୨ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୭୩ ରନରେ ନ୍ୟୁଜିଲାଣ୍ଡର ତୃତୀୟ ଉଇକେଟ ପତନ ଘଟିଥିଲା। ତେବେ ୟଙ୍ଗ୍ ଓ ଲଥାମ ୪ର୍ଥ ଉଇକେଟରେ ୧୧୮ ରନ ଯୋଗକରି ଦଳର ବଡ଼ ସ୍କୋର ପାଇଁ ପଥ ପ୍ରସ୍ତୁତ କରିଥିଲେ। ୧୧୩ ବଲ୍‌ରୁ ୧୨ ଚୌକା ଓ ୧ ଛକା ସହାୟତାରେ ୧୦୭ ରନ କରି ୟଙ୍ଗ୍ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ପରେ ଲଥାମ ଓ ଗ୍ଲେନ ଫିଲିପ୍ସ ଘରୋଇ ବୋଲରଙ୍କୁ ଧୂଳେଇ କରି ୫ମ ଉଇକେଟରେ ମାତ୍ର ୭୪ ବଲ୍‌ରୁ ୧୨୫ ରନର ଭାଗୀଦାରି ଗଢ଼ିବାରୁ ନ୍ୟୁଜିଲାଣ୍ଡ ସ୍କୋର ୩୦୦ ଅତିକ୍ରମ କରି ଯାଇଥିଲା। ଫିଲିପ୍ସ ୩୯ ବଲ୍‌ରୁ ୩ ଚୌକା ଓ ୪ ଛକା ସହାୟତାରେ ୬୧ ରନକରି ଅନ୍ତିମ ଓଭରରେ ଆଉଟ ହୋଇଥିବାବେଳେ ଲଥାମ ୧୧୮ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ୧୦୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଏହି ଉଇକେଟ କିପର ବ୍ୟାଟର ନିଜ ଇନିଂସ ମଧ୍ୟରେ ୧୦ ଚୌକା ଓ ୩ ଛକା ମାରିଥିଲେ। ପାକିସ୍ତାନ ପକ୍ଷରୁ ନସିମ ଶାହା ଓ ହାରିସ ରୌଫ ୨ଟି ଲେଖାଏ ଏବଂ ଆବ୍ରାର ଅହମଦ ଗୋଟିଏ ଉଇକେଟ ନେଇଥିଲେ। ସ୍ଲୋ ଓଭର ରେଟ୍ ଯୋଗୁ ପାକିସ୍ତାନ ଫିଲ୍ଡିଂ ପେନାଲ୍ଟିର ସମ୍ମୁଖୀନ ହୋଇ ଅନ୍ତିମ ୨ (୪୯ ଓ ୫୦ତମ) ଓଭରରେ ୫ ଜଣଙ୍କ ସ୍ଥାନରେ ମାତ୍ର ୪ ଖେଳାଳିଙ୍କୁ ସର୍କଲ ବାହାରେ ରଖିଥିଲା। ୨୦୧୭ରେ ଭାରତର ୩୧୯/୩ ପରେ ପ୍ରଥମ ଦଳଭାବେ ନ୍ୟୁଜିଲାଣ୍ଡ ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ବିପକ୍ଷରେ ୩୦୦ରୁ ଉର୍ଦ୍ଧ୍ୱ ରନ ସ୍କୋର କରିଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୫୦ ଓଭରରେ ୩୨୦/୫ (ଟମ୍ ଲଥାମ ୧୧୮*, ୱିଲ ୟଙ୍ଗ୍-୧୦୭, ଗ୍ଲେନ୍ ଫିଲିପ୍ସ-୬୧, ନସିମ ଶାହା-୨/୬୩, ହାରିସ ରୌଫ-୨/୮୩, ଆବ୍ରାର ଅହମଦ-୧/୪୭)। ପାକିସ୍ତାନ ୪୭.୨ ଓଭରରେ ୨୬୦/ଅଲ୍‌ଆଉଟ (ଖୁସଦିଲ ଶାହା-୬୯, ବାବର ଆଜମ-୬୪, ସଲମାନ ଆଘା-୪୨, ୱିଲିୟମ ଓ'ରୌର୍କ-୩/୪୭, ମିଚେଲ ସାଣ୍ଟନର-୩/୬୬, ମ୍ୟାଟ୍ ହେନରି-୨/୨୫, ମାଇକେଲ ବ୍ରାସ୍‌ୱେଲ-୧/୩୮, ନାଥାନ ସ୍ମିଥ-୧/୨୦)।







ପ୍ଲେୟର ଅଫ୍ ଦି ମ୍ୟାଚ୍ ଟମ୍ ଲଥାମଙ୍କ ସହ ୱିଲ୍ ୟଙ୍ଗ୍।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ